ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 7/2026 Page 16 ₹ 7.00
୫୨ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 75 ମୂଲ୍ୟ ₹୭/-

# ଇସ୍‌ଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ: ୬୯ ମୃତ



ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ପରେ ଅର୍ଦ୍ଧସାମରିକ ସୁରକ୍ଷାବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛି।

ପାକିସ୍ତାନର ଇସ୍‌ଲାମାବାଦରେ ଶୁକ୍ରବାର ଏକ ଆତ୍ମଘାତୀ ବିସ୍ଫୋରଣରେ ଅନ୍ୟୂନ ୬୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୯ ଆହତ ହୋଇଛନ୍ତି। ରାଜଧାନୀର ଶେହଜାଦ ଟାଉନ୍‌ରେ ଥିବା ତରଲାଇ ଇମାମବରଗାହରେ ସମୂହ ନମାଜ ପାଠ ପାଇଁ ଶିଆ ମୁସଲମାନମାନେ ଏକତ୍ରିତ ହୋଇଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟାଯାଇଥିବା କୁହାଯାଉଛି। କିଛିବର୍ଷ ମଧ୍ୟରେ ଏହାକୁ ପାକିସ୍ତାନରେ ଶିଆଙ୍କ ଉପରେ ଅନ୍ୟତମ ବୃହତ୍ ଘାତକ ବିସ୍ଫୋରଣ ବୋଲି କୁହାଯାଉଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ଆକ୍ରମଣ ପାଇଁ ଭାରତ ଓ ଆଫ୍‌ଗାନିସ୍ତାନକୁ ଦାୟୀ କରିଥିବାବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏହାର ଦୃଢ଼ ନିନ୍ଦା କରିଛନ୍ତି।

## ■ ଶିଆଙ୍କୁ ଟାର୍ଗେଟ୍, ମସ୍‌ଜିଦରେ ବିସ୍ଫୋରଣ: ୧୬୯ ଆହତ
## ■ ଭାରତ, ଆଫ୍‌ଗାନିସ୍ତାନକୁ ଦାୟୀ କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

ଇସ୍‌ଲାମାବାଦ,୬।୨ (ରଏଟର୍ସ/ଡନ୍)

ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନକୁ କଠୋରପନ୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ମହଙ୍ଗା ପଡ଼ିଛି। ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦ ମୁଖ୍ୟ ପ୍ରବେଶପଥରେ ଶୁକ୍ରବାର ଅପରାହ୍ନରେ ଜଣେ ଆତ୍ମଘାତୀ ବମ୍ୱର ନିଜକୁ ଉଡ଼ାଇଦେଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ମସ୍‌ଜିଦ ସମେତ ଆଖପାଖ ଅଞ୍ଚଳର ଅନେକ କୋଠା ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ୬୯ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୬୯ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନାନୁସାରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଇମାମବରଗାହ ମସ୍‌ଜିଦ ଅଞ୍ଚଳରେ ସମୂହ ନମାଜପାଠ ପାଇଁ ଗହଳି ଲାଗିରହିଥିଲା। ମୁଖ୍ୟ ହଲ୍‌ରେ ଶିଆ ସମ୍ପ୍ରଦାୟର ମୁସଲମାନମାନେ ରୁଣ୍ଡ ହୋଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**କଡ଼ା ନିୟମ**

This is an advertisement for information purpose and is not a prospectus announcement.
ICL FINCORP LIMITED
SECURED, REDEEMABLE NON-CONVERTIBLE DEBENTURES NCD
CREDIT RATING CRISIL BBB-/ STABLE
ICL Join ICL, Grow with us
ICL Fincorp
UP TO DOUBLE RETURNS IN 72 MONTHS*
*BASED ON AN EFFECTIVE YIELD OF 12.25% ON CUMULATIVE BASIS UNDER OPTION X, 72 MONTHS, TDS AS APPLICABLE.
ISSUE OPENS ON: FEBRUARY 05, 2026 (THURSDAY)
ISSUE CLOSES ON: FEBRUARY 18, 2026 (WEDNESDAY)*
*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or Debenture Issue Commitee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.
Issue Structure: (For detailed Issue Structure refer Prospectus dated January 29, 2026)

| | |
|---|---|
| Face value : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 72 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE
PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| | OPTION IV | OPTION III | OPTION II | OPTION I |
|---|---|---|---|---|
| COUPON RATE: (MONTHLY OPTIONS) | 11.50*% PER ANNUM 60 MONTHS | 11.00*% PER ANNUM 36 MONTHS | 10.50*% PER ANNUM 24 MONTHS | 10.00*% PER ANNUM 13 MONTHS |

*T&C Apply
*Indicating coupon rates for monthly options only. Refer Prospectus dated January 29, 2026 to view effective yield for monthly, annually and cumulative options.
To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186
Reg. Office: Plot No. C308, Door No. 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal | Goa | Delhi @iclfincorp

13001/38/2526

ଓଡ଼ିଶା ଶାସନ
ଉନ୍ନତ ଓଡ଼ିଶା VIKSIT BHARAT

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଗ୍ରୋଥ୍ ହବ୍ ପଦକ୍ଷେପ ଅଧୀନରେ
ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ପାଇଁ
ବିସିପିପିଇଆର୍ ଅର୍ଥନୈତିକ ଯୋଜନାର
ଶୁଭାରମ୍ଭ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୭ ଫେବୃଆରୀ ୨୦୨୬
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

୮୦+ ପ୍ରସ୍ତାବିତ ପ୍ରକଳ୍ପ
୩୦+ ନୀତିଗତ ପ୍ରସ୍ତାବନା

ବିଶେଷତ୍ୱ
- ବିସିପିପିଇଆର୍ ଅଞ୍ଚଳକୁ ପର୍ଯ୍ୟଟନ-ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବା
- ଜ୍ଞାନ, ନବସୃଜନ ଓ ପ୍ରତିଭା କ୍ଷେତ୍ରରେ ବିସିପିପିଇଆର୍‌କୁ ଜାତୀୟସ୍ତରରେ ହବ୍ ଭାବେ ଗଢ଼ିବା
- ବିସିପିପିଇଆର୍‌କୁ ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର-ଭିତ୍ତିକ ଶିଳ୍ପ ଏବଂ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରିବା
- ପ୍ରାଥମିକସ୍ତରରେ ଥିବା ବିକାଶର ସୁଯୋଗକୁ କାର୍ଯ୍ୟକାରୀ କରିବା




ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR-13001/13001/2/25-26/0038



ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଦାଲ୍ ମଣ୍ଡି ଅଞ୍ଚଳରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ପରୀକ୍ଷାକୁ ଉତ୍ସବ ଭଳି ମନାଅ

## ପରୀକ୍ଷା ପେ' ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୬।୨(ପି.ଟି.)

ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ନବମ ସଂସ୍କରଣ ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେଇଛନ୍ତି। ପ୍ରତ୍ୟେକଙ୍କ ଉପଦେଶ ଶୁଣିବା ସହ ଯେତେବେଳେ ଚାହୁଁଛ ନିଜ ଜୀବନଶୈଳୀ ଢାଞ୍ଚା ବଦଳାଇବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଶିକ୍ଷାକୁ କଦାପି ଏକ ବୋଝ ଭଳି ଅନୁଭବ କରିବା ଉଚିତ ନୁହେଁ। କେବଳ ନମ୍ବର ଉପରେ ଗୁରୁତ୍ୱ ନ ଦେଇ ଜୀବନକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷା ଉତ୍ସବ ଭଳି ଏବଂ ଏହାକୁ ମନାଇବା ଆବଶ୍ୟକ। ଆରାମଦାୟକ ପରିସର ନୁହେଁ ଜୀବନଶୈଳୀ ହିଁ ଜୀବନକୁ ଗଢ଼ିଥାଏ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷାକୁ ବୋଝ ଅନୁଭବ ନ କରି ଏଥିରେ ସମ୍ପୂର୍ଣ୍ଣ ସମ୍ପୃକ୍ତ ହେବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଶିକ୍ଷା ସଫଳତାକୁ ସୁନିଶ୍ଚିତ କରେ ନାହିଁ। ତେଣୁ ମାର୍କ ଉପରେ ଗୁରୁତ୍ୱ ନ ଦେଇ ଜୀବନରେ ସେମାନେ କେଉଁଠାରେ ପହଞ୍ଚିଛନ୍ତି ସେ ବିଷୟରେ ଚିନ୍ତା କରିବା ଉଚିତ। ଆମର ଲକ୍ଷ୍ୟ ଏପରି ହେବା ଉଚିତ ଯେଉଁଠି ଆମେ ପହଞ୍ଚିପାରିବା କିନ୍ତୁ ପାଇବା ସହଜ ହୋଇ ନ ଥିବ। ମନକୁ



କାବୁ କରନ୍ତୁ ଓ ସଂଯୋଗ କରନ୍ତୁ ଏବଂ ପଢ଼ିବା ଆବଶ୍ୟକ ବିଷୟକୁ ରଖନ୍ତୁ। ତାହା ହେଲେ ସବୁବେଳେ ସଫଳତା ପାଇବ ବୋଲି ମୋଦି ଦେଶର ବିଭିନ୍ନ ଭାଗରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ କହିଥିଲେ। ମାର୍କ ଉପରେ ଆସକ୍ତ ନ ହେବାକୁ ସେ ସତର୍କ କରାଇ ଦେଇଛନ୍ତି। ଗତବର୍ଷ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପିଲାଙ୍କ ନାମ କେହି ମନେରଖିଛି କି ବୋଲି ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ନା' କହିଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ କିଛି ସମୟ ପାଇଁ ପ୍ରଶଂସା କରାଯାଏ ଓ ପରେ ଏହାକୁ ସମସ୍ତେ ଭୁଲିଯାଆନ୍ତି। ତେଣୁ ନମ୍ବର ରଖିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଲୋକଙ୍କ ପ୍ରତ୍ୟାଖ୍ୟାନ ସତ୍ତ୍ୱେ ପ୍ରଚାର ଚାହୁଁଛ

## ପ୍ରଶାନ୍ତ କିଶୋରଙ୍କ ଦଳକୁ ପ୍ରଧାନ ବିଚାରପତିଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୬।୨

ଗତବର୍ଷ ବିହାର ବିଧାନସଭା ନିର୍ବାଚନର ଫଳାଫଳକୁ ନିର୍ବାଚନ ରଣନୀତିକାର ତଥା ରାଜନେତା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଜନସୁରାଜ ପାର୍ଟି ୨୩୮ଟି ଆସନରେ ଲଢ଼ିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲା। ଶାସକ ଜେଡିୟୁ ଏବଂ ଭାଜପା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଜନସୁରାଜ ପାର୍ଟି ଆବେଦନ କରିଥିବାବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଆପଣଙ୍କ ଦଳ କେତେଖଣ୍ଡ ଭୋଟ ପାଇଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଲୋକେ ଆପଣମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ସତ୍ତ୍ୱେ ପ୍ରଚାର ପାଇଁ ନ୍ୟାୟିକ ମଞ୍ଚର ଉପଯୋଗ କରୁଛ କି ବୋଲି ସେ ପଚାରିଥିଲେ। ହାଇକୋର୍ଟ ନ ଯାଇ ଏଠାକୁ କାହିଁକି ଆସିଲ ବୋଲି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଜନସୁରାଜ ପାର୍ଟି ଓକିଲଙ୍କୁ ପ୍ରଶ୍ନ କରିଥିଲେ। ବିହାର ହାଇକୋର୍ଟକୁ ଯିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

# ସନ୍ଧି ଉଦ୍ୟମ, ଯୁଦ୍ଧ ପ୍ରସ୍ତୁତି

## ଓମାନ୍ ମଧ୍ୟସ୍ଥତାରେ ଆଣବିକ ଆଲୋଚନା | ଇରାନ୍ ତୈଳରେ ଆମେରିକାର ସାନି କଟକଣା

**ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକା ଓ ତୈଳ ପ୍ରାଚୁର୍ଯ୍ୟ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ମଧ୍ୟରେ ପୁଣି ଛକାପଞ୍ଝା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୋଟିଏପଟେ ଓମାନ୍ ମଧ୍ୟସ୍ଥତାରେ ତେହରାନ୍ ସହ ଆଣବିକ କାର୍ଯ୍ୟକ୍ରମ ଉପରେ ଆଲୋଚନାର ବାଟ ଖୋଲିଦେଇଛନ୍ତି, ଅନ୍ୟପଟେ ଏହାର କ୍ରୁଡ୍ ପରିବହନକାରୀ ୧୪ ଜାହାଜ ଉପରେ ନୂଆ କଟକଣା ଜାରି କରିଛନ୍ତି। ନିଜକୁ 'ଶାନ୍ତିଦୂତ' ବୋଲାଉଥିବା ଟ୍ରମ୍ପ୍ କୂଟନୀତିକୁ ଆୟୁଧ କରୁଥିବାବେଳେ ଆକ୍ରମଣର ହୁଇସିଲ୍ ଫୁଙ୍କିବାକୁ ମଧ୍ୟ ପଛାଉନାହାନ୍ତି, ଯାହାକି ଗତ ବର୍ଷର '୧୨ ଦିନିଆ ଯୁଦ୍ଧ' ପ୍ରମାଣ କରିଥିଲା। ଟ୍ରମ୍ପ୍ ପ୍ରଶାସନ ଶୁକ୍ରବାର ଆମେରିକୀୟମାନଙ୍କୁ ତତ୍କାଳ ଇରାନ୍ ଛାଡ଼ି ଫେରିଯିବାକୁ କଡ଼ା ନିର୍ଦ୍ଦେଶ ଦେବା ପରେ 'ତୈଳ କଟକଣା' ଜାରି କରିଥିବାରୁ ବୁଝାପଡୁଛି ଯେ ଏହି ଦକ୍ଷିଣପନ୍ଥୀ ନେତା ସମ୍ଭବତଃ ମଧ୍ୟପ୍ରାଚ୍ୟରେ ଚରମ ଉତ୍ତେଜନା ସୃଷ୍ଟିକାରୀ ଯୁଦ୍ଧ ପାଇଁ ଅଣ୍ଟା ଭିଡ଼ିସାରିଛନ୍ତି।**

ୱାଶିଂଟନ୍/ମସ୍କାଟ/ତେହରାନ୍, ୬।୨ (ଏପି/ରଏଟର୍ସ)

ତେହରାନ୍‌ର ଆଣବିକ କାର୍ଯ୍ୟକ୍ରମ ଉପରେ ମସ୍କାଟରେ ଶୁକ୍ରବାର ଇରାନ୍ ଓ ଆମେରିକା ମଧ୍ୟରେ ପରୋକ୍ଷ ଆଲୋଚନା ହୋଇଛି। ଇରାନ୍‌ର ୟୁରାନିୟମ୍ ସମ୍ବର୍ଦ୍ଧନ କେନ୍ଦ୍ରକୁ ଆମେରିକା ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯିବାର ଅନେକ ମାସ ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ରରେ ଦେଶବ୍ୟାପୀ ମୁଣ୍ଡ ଟେକିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଦୁଇ ଶତ୍ରୁରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ବୈଠକରେ ଓମାନ୍ ମଧ୍ୟସ୍ଥତା କରିଛି। ଆମେରିକା ପ୍ରଥମ ଥର ପାଇଁ ନିଜ ମିଲିଟାରି କମାଣ୍ଡରଙ୍କୁ ମଧ୍ୟପ୍ରାଚ୍ୟର ଟେବୁଲକୁ ପଠାଇଥିବାବେଳେ ଆଲୋଚନାକୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘ୍‌ଚି 'ଏକ ଶୁଭାରମ୍ଭ' ବୋଲି ଅଭିହିତ କରିଛନ୍ତି। ଓମାନ୍ ବୈଠକରେ ଆମେରିକୀୟ ମିଲିଟାରି ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ତଥା ନୌସେନା ଆଡ୍‌ମିରାଲ ବ୍ରାଡ୍ କୁପରଙ୍କ ଉପସ୍ଥିତି ଆରବ ସାଗର ଉପକୂଳରେ ଅର୍ମଡା ଯୁଦ୍ଧଜାହାଜର ପହରା ଓ ଇରାନ୍ ସୀମାନ୍ତ ଆକାଶରେ ଆବ୍ରାହମ୍ ଲିଙ୍କନ ଏୟାରକ୍ରାଫ୍ଟ ଚକ୍କର କାଟୁଥିବା କଥାକୁ ସ୍ମରଣ କରାଇଦେଇଛି। ଟ୍ରମ୍ପ୍ ବାରମ୍ବାର ଯୁଦ୍ଧ ଧମକ ଦେଇ ତେହେରାନ୍‌କୁ ଧ୍ୱଂସଲୀଳା ଦେଖିବା ପୂର୍ବରୁ ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ 'ସନ୍ଧି' ପାଇଁ ଏକପ୍ରକାର ବାଧ୍ୟ କରିଦେଇଛନ୍ତି। ଟ୍ରମ୍ପ୍ ଯୁଦ୍ଧ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଲେ ଏଭଳି ଏକ ପରିସ୍ଥିତି ସୃଷ୍ଟିହେବ, ଯାହାକି ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ ଯୁଦ୍ଧଭୂମିକୁ ଟାଣିଆଣିବ। କାରଣ ଆମେରିକା ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କଲେ ପଡ଼ୋଶୀ ଦେଶଗୁଡ଼ିକରେ ଥିବା ଆମେରିକୀୟ


ଆୟାତୋଲ୍ଲା ଅଲୀ ଖାମେନେଇ | ଡୋନାଲ୍ଡ ଟ୍ରମ୍ପ୍

ସେନା ଘାଟିଗୁଡ଼ିକୁ ଟାର୍ଗେଟ କରିବାକୁ ସୁପ୍ରିମ ଲିଡର ଆୟୋତୋଲ୍ଲା ଅଲୀ ଖାମେନେଇ ନିର୍ଦ୍ଦେଶ ଦେଇପାରନ୍ତି। ଏହି ପୃଷ୍ଠଭୂମିରେ ଗଲ୍ଫ ଓ ମଧ୍ୟପ୍ରାଚ୍ୟର ସବୁ ରାଷ୍ଟ୍ର ୱାଶିଂଟନ୍-ତେହେରାନ୍ ସାମରିକ ଉତ୍ତେଜନା ଏଡ଼ାଇବାକୁ ଚାହୁଁଛନ୍ତି। ଓମାନ୍ ବୈଠକ ପରେ ଉଭୟ ପକ୍ଷ କିଛିଦିନ ପରେ ପୁଣି ଆଲୋଚନା ହେବ ବୋଲି ସଙ୍କେତ ଦେଇଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଭିତରେ ଆମେରିକା ନିଜ ନାଗରିକମାନଙ୍କୁ ସତର୍କ କରାଇଛି, 'ଲିଭ୍ ଇରାନ୍ ନାଓ'। ଇରାନ୍‌ସ୍ଥିତ ଭର୍ଚୁଆଲ ୟୁଏସ୍ ଆମ୍ବାସି ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ୨୦୨୫ ଡିସେମ୍ବରରୁ ଇରାନ୍ ସାରା ଆନ୍ଦୋଳନଜନିତ ଅଶାନ୍ତି ଯୋଗୁ ସେଠାରେ ଆମେରିକୀୟମାନେ ସୁରକ୍ଷିତ ନୁହନ୍ତି। ତେଣୁ ସେମାନେ ଇରାନ୍ ଛାଡ଼ି ଆର୍ମେନିଆ କିମ୍ବା ତୁର୍କୀକୁ ଯାଆନ୍ତୁ ବୋଲି ଉକ୍ତ ଆଡ୍‌ଭାଇଜରିରେ କୁହାଯାଇଛି। ଏହି ନିର୍ଦ୍ଦେଶନାମାର କିଛି ଘଣ୍ଟା ନ ବିତୁଣୁ ଆମେରିକା ପକ୍ଷରୁ ୧୪ କ୍ରୁଡ୍ ବୋଝେଇ ଜାହାଜ, କାରବାର କରୁଥିବା ୧୫ ସଂସ୍ଥା ଓ ୨ ଜଣ ବ୍ୟକ୍ତିଙ୍କ ସମେତ ତେହରାନ୍‌ର ତୈଳ ରପ୍ତାନି ଉପରେ କଟକଣା ଜାରି କରାଯାଇଛି। ଇରାନୀୟ ତୈଳ ରାଜସ୍ୱର ପାଣ୍ଠିକୁ ହ୍ରାସ କରାଗଲେ ବିଶ୍ୱରେ ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଯାଇପାରିବ ମନେକରି ୱାଶିଂଟନ୍ ଏପରି କରିଥିବା ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ଟମି ପିଗୋଟ୍ କହିଛନ୍ତି। ଘଡ଼ିକେ ଘୋଡ଼ା ଛୁଟୁଥିବାରୁ ଟ୍ରମ୍ପ୍‌ଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ସାରା ବିଶ୍ୱର ନଜର ରହିଛି। କାରଣ ଯୁଦ୍ଧ ହେଉ କି ନ ହେଉ ବିଶ୍ୱ ବଜାରରେ କ୍ରୁଡ୍ ମୂଲ୍ୟରେ ନିଆଁ ଲଗାଇବା ପାଇଁ 'ତୈଳ କଟକଣା' ହିଁ ପର୍ଯ୍ୟାପ୍ତ।

# ଆପ୍ ନେତାଙ୍କୁ ଗୁଳିକରି ହତ୍ୟା

ଚଣ୍ଡିଗଡ଼,୬।୨(ପି.ଟି.)

ଜଳନ୍ଧର ଅନ୍ତର୍ଗତ ମଡେଲ ଟାଉନ୍‌ସ୍ଥିତ ଗୁରୁଦ୍ୱାରା ବାହାରେ ଶୁକ୍ରବାର ପଞ୍ଜାବ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଲକି ଓବେରୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଲକି ସକାଳ ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ନିଜ ଏସ୍‌ୟୁଭିରେ ଗୁରୁଦ୍ୱାରାରୁ ବାହାରୁଥିବାବେଳେ କଳାମୁଖା ପରିହିତ ଆତତାୟୀ ତାଙ୍କ ଗାଡ଼ି ନିକଟରେ ପହଞ୍ଚି ଆଖିବୁଜା ଗୁଳି ଚଳାଇଥିଲେ। କିଛି ଦୂରରେ ସ୍କୁଟରରେ ଅପେକ୍ଷାରତ ଜଣେ ସହଯୋଗୀଙ୍କ ସହ ଆତତାୟୀ ଫେରାର ହୋଇଯାଉଥିବାର ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ବହୁ ଗୁଳିଚୋଟ ବାଜିଥିବା ଲକିଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ


ଲକି ଓବେରୟ

ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିମାଡ଼ରେ ଲକିଙ୍କ ଗାଡ଼ି ସମେତ ସେଠାରେ ଥିବା ଅନ୍ୟ କେତେକ ଗାଡ଼ିର ଝରକା କାଚ ଭାଙ୍ଗିଯାଇଛି। ଲକି ଓରଫ ସତୱିନ୍ଦର ସିଂ ଜଳନ୍ଧର କ୍ୟାଣ୍ଟନମେଣ୍ଟ ଦାୟିତ୍ୱରେ ଥିଲେ।

# ଖାତରେ ପଡ଼ି ବାଇକ୍ ଆରୋହୀଙ୍କ ମୃତ୍ୟୁ

## ରାସ୍ତାରେ ଖୋଳିଥିଲା ଦିଲ୍ଲୀ ଜଳ ବୋର୍ଡ

ନୂଆଦିଲ୍ଲୀ,୬।୨

ଦିଲ୍ଲୀର ଜନକପୁରୀ ଅଞ୍ଚଳରେ ଖୋଳାଯାଇଥିବା ଏକ ଖାତରେ ଜଣେ ବାଇକ୍ ଆରୋହୀ ଖସିପଡ଼ି ପ୍ରାଣ ହରାଇଛନ୍ତି। ଖାତର ନିମ୍ନ ଭାଗରେ ଉକ୍ତ ଯୁବକଙ୍କ ମୃତଦେହ ପାଖରେ ତାଙ୍କ ବାଇକ୍ ପଡ଼ିଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦିଲ୍ଲୀ ଜଳ ବୋର୍ଡ ପକ୍ଷରୁ ନିର୍ମାଣ କାର୍ଯ୍ୟ ଲାଗି ରାସ୍ତାରେ ଖାତ ଖୋଳାଯାଇଥିବାବେଳେ କମଳ ନାମକ ୨୫ ବର୍ଷୀୟ ବାଇକ୍ ଆରୋହୀ ସେଥିରେ ଖସିପଡ଼ିଥିଲେ। ସେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରୋହିଣୀ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ




କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ସେ ଘରକୁ ଫେରୁଥିବାବେଳେ ଖାତରେ ଖସିପଡ଼ିଥିଲେ। ତାଙ୍କ ଫୋନ୍ ରିଙ୍ଗ୍ ହେଉଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। କିଛି ସମୟ ପରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଖାତରେ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ମିଳିଥିଲା। ଦିଲ୍ଲୀ ସହର ବିକାଶ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଜିଲାପାଳ, ଟ୍ରାଫିକ୍ ପୋଲିସ ଯୁଗ୍ମ କମିଶନର, ପୋଲିସ ଉପକମିଶନର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଫିସର ଦୁର୍ଘଟଣାସ୍ଥଳ ଅନୁଧ୍ୟାନକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ଦିଲ୍ଲୀ ଜଳ ବୋର୍ଡ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ତଦନ୍ତ ପାଇଁ କମିଟି ଗଠନ କରିଛି। କୌଣସି ସ୍ଥଳରେ ଅବହେଳା ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଳବୋର୍ଡ କହିଛି। ପ୍ରାଥମିକ ଅନୁଧ୍ୟାନ ପରେ ଜଳ ବୋର୍ଡ ଏହାର ୩ ଜଣ ଅଫିସରଙ୍କୁ ନିଲମ୍ବନ କରିଛି।

# ସହମତ ପ୍ରାପ୍ତବୟସ୍କଙ୍କ ବିବାହ ସାମ୍ବିଧାନିକ ଅଧିକାର

## ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୬।୨(ପି.ଟି.)

ସହମତରେ ପହଞ୍ଚିଥିବା ପ୍ରାପ୍ତବୟସ୍କ ପରସ୍ପରକୁ ବିବାହ କରିବା ଏକ ସାମ୍ବିଧାନିକ ଅଧିକାର। ସେମାନଙ୍କ ନିଷ୍ପତ୍ତି ଉପରେ ନା ସମାଜ, ନା ରାଜ୍ୟ ଶାସନ କଳ କିମ୍ବା ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଝିଅର ପସନ୍ଦକୁ ତାଙ୍କ ବାପା ଗ୍ରହଣ କରୁ ନ ଥିବାର ସୁରକ୍ଷା ପାଇଁ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ପିଟିଶନ୍‌ର ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦମ୍ପତିଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଜଷ୍ଟିସ୍ ସୌରଭ ବାନାର୍ଜୀ ନିର୍ଦ୍ଦେଶ ଦେବା ସହ କହିଛନ୍ତି, ବିବାହ ଅଧିକାର ମାନବୀୟ ସ୍ୱାଧୀନତା ଓ ପସନ୍ଦର ବିଷୟ। ଏହା ସମ୍ବିଧାନର ଅନୁଚ୍ଛେଦ ୨୧ ଏବଂ ମାନବାଧିକାର ସାର୍ବଜନିକ ଘୋଷଣାର ଅବିଚ୍ଛେଦ୍ୟ ଅଙ୍ଗ। ଉଭୟ ଆବେଦନକାରୀ ସାବାଳକ ଏବଂ ପରସ୍ପରକୁ ବିବାହ କରିବା ପାଇଁ ସହମତ ଥିବାରୁ ସେମାନଙ୍କ ନିଷ୍ପତ୍ତିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ଗର୍ଭଧାରଣ ପାଇଁ ବାଧ୍ୟ କରାଯାଇପାରିବ ନାହିଁ

## ୩୦ ସପ୍ତାହର ଗର୍ଭପାତ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୨

ଗର୍ଭଧାରଣ ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ୧୭ ବର୍ଷୀୟା ନାବାଳିକା ୩୦ ସପ୍ତାହ ଧରି ଗର୍ଭବତୀ ରହିଥିଲା ବେଳେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ମିଳି ନ ଥିଲା। କିନ୍ତୁ ମହିଳାଙ୍କ ଇଚ୍ଛା ବିରୋଧରେ ଗର୍ଭଧାରଣ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ବି.ଭି.ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ସମ୍ପୃକ୍ତ ନାବାଳିକାଙ୍କ ମାମଲାର ବିଚାର କରି ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନିଜର ଗର୍ଭଧାରଣ ପାଇଁ ନାବାଳିକା ଜଣଙ୍କର ଅଧିକାର ରହିଛି। କିନ୍ତୁ ଯେଉଁ ପରିସ୍ଥିତିରେ



ସେ ଗର୍ଭବତୀ ହୋଇଛନ୍ତି ଏବଂ ତାଙ୍କର ପାରିପାର୍ଶ୍ୱିକ ସ୍ଥିତି ଯାହା ରହିଛି ତାହାକୁ ବିଚାର କଲେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦିଆଯିବା ଉଚିତ।

ଭାରତୀୟ ଆଇନର 'ମେଡିକାଲ୍ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି(ଏମ୍‌ଟିପି) ଅନୁସାରେ କେବଳ ୨୦ ସପ୍ତାହର ଗର୍ଭକୁ ନଷ୍ଟ କରିବା ଲାଗି ଅନୁମତି ରହିଛି। ଯଦି ଜଣେ ୨୪ ସପ୍ତାହରୁ ଅଧିକ ସମୟ ଧରି ଗର୍ଭବତୀ ହୋଇଥିବେ ଏବଂ ଗର୍ଭପାତ କରିବାକୁ ଚାହୁଁଥିବେ , ତେବେ ଏଥିପାଇଁ ଅଦାଲତଙ୍କ ଅନୁମତି ଦରକାର ପଡ଼ିବ। କିନ୍ତୁ ସମ୍ପୃକ୍ତ ନାବାଳିକା ଜଣକ ଗର୍ଭପାତ ପାଇଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ମାମଲା ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି। ଜନ୍ମ ହୋଇ ନଥିବା ଏକ ଶିଶୁର ଅଧିକାର ଠାରୁ ଜଣେ ମହିଳାଙ୍କ ପ୍ରଜନନ କ୍ଷମତା ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ରୁଷିଆ ସେନା ଗୋଇନ୍ଦା ଉପମୁଖ୍ୟଙ୍କୁ ଗୁଳି

ମସ୍କୋ,୬।୨

ରୁଷିଆ ସେନାର ଗୋଇନ୍ଦା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ୍ ଜେନେରାଲ ଭ୍ଲାଡିମିର୍ ଆଲେକସିଏଭ୍‌ଙ୍କୁ ଗୁଳିମାଡ଼ ହୋଇଛି। ସେ ମସ୍କୋସ୍ଥିତ ବାସଭବନରେ ଥିଲାବେଳେ ଅଜଣା ବନ୍ଧୁକଧାରୀ ଘରେ ପ୍ରବେଶ କରି ତାଙ୍କ ଉପରକୁ ଗୁଳି କରିଥିଲା। ଆଲେକସିଏଭ୍‌ଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି। ଗତ କିଛି ମାସ ମଧ୍ୟରେ ରୁଷିଆ ସେନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ତେବେ ଏହି ଘଟଣା ପଛରେ ୟୁକ୍ରେନ୍‌ର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେ ଲାଭରୋଭ୍ କହିଛନ୍ତି। ୬୪ ବର୍ଷୀୟ ଆଲେକସିଏଭ୍ ରୁଷିଆର


ଭ୍ଲାଡିମିର୍ ଆଲେକସିଏଭ୍

ମୁଖ୍ୟ ଗୋଇନ୍ଦା ଏଜେନ୍ସି 'ଜିଆର୍‌ୟୁ'ର ପ୍ରଥମ ଉପମୁଖ୍ୟ ଥିଲେ। ଆମେରିକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ୟମ ଅଭିଯୋଗରେ ୨୦୧୬ରେ ଜିଆର୍‌ୟୁ ଆଲେକସିଏଭ୍‌ଙ୍କ ସମେତ ଏଜେନ୍ସିର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପରେ କଟକଣା ଜାରି କରିଥିଲା। ୨୦୧୯ରେ ୟୁରୋପୀୟ ୟୁନିୟନ ମଧ୍ୟ ତାଙ୍କ ଉପରେ କଟକଣା ଲଗାଇଥିଲା।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ | Bhubaneswar, Saturday, February 7/2026 | ପୃଷ୍ଠା-୧





**ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଫିଲ୍ମ 'ହାଉସ୍‌ୱାଇଫ'ରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓଙ୍କ ବିପକ୍ଷରେ ଅଭିନୟ କରିବା ନେଇ ଯୋଜନା ଚାଲିଛି। **୦୨**

**୧୪** **ସୂର୍ଯ୍ୟକୁମାର ଆଶାବାଦୀ**

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆଇସିସି ଟି୨୦ ବିଶ୍ୱକପରେ ବିଜୟ ସହ ଅଭିଯାନ ଆରମ୍ଭ କରିବା ନେଇ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଶାବାଦୀ।




# ବୈଭବଙ୍କ ରେକର୍ଡ: ଭାରତ ଚାମ୍ପିୟନ

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

ହରାରେ,୬।୨

ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ଇନିଂସ ସହାୟତାରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୧୦୦ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ ଭାରତ ୬ଷ୍ଠ ଥରଲାଗି ଟାଇଟଲ ବିଜୟୀ ହୋଇଛି। ପୂର୍ବରୁ ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ଚାମ୍ପିୟନ ହୋଇଥିଲା। ବୈଭବଙ୍କ ବିସ୍ଫୋରକ ୧୭୫ ରନର ଇନିଂସ ସହାୟତାରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୪୧୧ ରନ କରିଥିଲା। ଜବାବରେ ଇଂଲଣ୍ଡ କାଲେବ ଫାଲ୍କନରଙ୍କ ଶତକ ସତ୍ତ୍ୱେ ୪୦.୧ ଓଭରରେ ୩୧୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବୈଭବ ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର, ସର୍ବାଧିକ ଛକା, ଦ୍ରୁତତମ ୧୫୦ ଆଦି ଅନେକ ରେକର୍ଡର ଅଧିକାରୀ ହୋଇଥିଲେ।

ରେକର୍ଡ ୪୧୨ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ କେବେହେଲେ ଭାରତ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଟପ୍ ଅର୍ଡରରେ ବେନ୍ ଡକିନ୍ସ ୬୬, ବେନ୍ ମାୟେସ ୪୫ ଓ ଥୋମାସ ରିଉ ୩୧ ରନକରି ଯଦିଓ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ତେବେ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୧୭୭ ରନ ମଧ୍ୟରେ ଦଳ ୭ ଉଇକେଟ ହରାଇ ବଡ଼ ପରାଜୟ ମୁହାଁ ହୋଇଥିବାବେଳେ ୮ମ ଉଇକେଟରେ କାଲେବ ଫାଲ୍କନର ଓ ଜେମ୍ସ ମିଣ୍ଟୋ ୮୦ ବଲ୍‌ରୁ ୯୨ ରନର ଭାଗୀଦାରି ଗଢ଼ି କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ଇଂଲଣ୍ଡ ପରାଜୟ ନିଶ୍ଚିତ ହୋଇଯାଇଥିଲା। ସାହସିକ ଶତକୀୟ ଇନିଂସ ଖେଳିଥିବା ଫାଲ୍କନର ଦଳ ପକ୍ଷରୁ ସର୍ବାଧିକ ୧୧୫ ରନ ସ୍କୋର କରିଥିଲେ। ସେ ୬୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ଆର.ଏସ. ଆମ୍ବ୍ରିସ ୩ଟି, ଦୀପେଶ ଦେବେନ୍ଦ୍ରନ ଓ କନିଷ୍କ ଚୌହାନ ୨ଟି ଲେଖାଏ ଏବଂ ଖିଲାନ ପଟେଲ ଓ ଆୟୁଷ ☞ପୃଷ୍ଠା-୨



ହରାରେଠାରେ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ଶଟ୍ ଖେଳୁଛନ୍ତି ଭାରତର ବୈଭବ ସୂର୍ଯ୍ୟବଂଶୀ।

# ଡିଜିଟାଲ ଠକେଇର ଶିକାର ହେଲେ ୨୫ ହଜାର କ୍ଷତିପୂରଣ

## ଘୋଷଣା କଲେ ଆର୍‌ବିଆଇ ଗଭର୍ନର

ମୁମ୍ବାଇ,୬।୨(ପି.ଟି.)

ଦେଶରେ ଅନ୍‌ଲାଇନ୍ ଠକେଇ ବା ଡିଜିଟାଲ ଫ୍ରଡ୍ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବ୍ୟାଙ୍କ କାରବାରରେ ଏଭଳି ଠକେଇର ଶିକାର ହେଉଥିବା ଗ୍ରାହକଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ୨୫,୦୦୦ ଟଙ୍କା କ୍ଷତିପୂରଣ ଦିଆଯିବ। ଏନେଇ ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ରିଜର୍ଭ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ଜଣେ ଗ୍ରାହକ ଅନ୍‌ଲାଇନ୍ ଠକଙ୍କ ସହ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଶେୟାର କରି ଠକାମିର ଶିକାର ହେଲେ ମଧ୍ୟ ତାଙ୍କୁ ଆର୍‌ବିଆଇ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ୮୫,୦୦୦ କୋଟି ଟଙ୍କାର ଡିପୋଜିଟର୍ସ ଏଜୁକେଶନ୍ ଆଣ୍ଡ ଆୱାରନେସ୍ ଫଣ୍ଡରୁ ଏହି କ୍ଷତିପୂରଣ ସହାୟତା ଦିଆଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ଠକେଇର ଶିକାର ହୋଇଥିବା ଜଣେ ଗ୍ରାହକ ଜୀବନକାଳ ମଧ୍ୟରେ ମାତ୍ର ଥରେ କ୍ଷତିପୂରଣ ପାଇବେ। କ୍ଷତିପୂରଣ ହାସଲ ଲାଗି ସେ ନିଜ ଆଡୁ କୌଣସି ଜାଲିଆତି କରି ନ ଥିବେ ବୋଲି ଜଣାପଡ଼ିବା ପରେ ହିଁ ତାଙ୍କୁ ୨୫,୦୦୦ ଟଙ୍କା ଦିଆଯିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି। କେଉଁ ଆଧାରରେ କ୍ଷତିପୂରଣ ପ୍ରଦାନ କରାଯିବ ସେନେଇ ଏକ ଢାଞ୍ଚାଗତ ଚିଠା ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ।

# ରେପୋ ହାର ଅପରିବର୍ତ୍ତିତ

ମୁମ୍ବାଇ,୬।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାର ୫. ୨୫%ରେ ଅପରିବର୍ତ୍ତିତ ରଖିଛି। ଜାନୁଆରୀ-ଫେବୃଆରୀ ଦ୍ୱିମାସିକ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୀତି ବ୍ୟବସ୍ଥାର ବିଭିନ୍ନ ଦିଗକୁ ସମୀକ୍ଷା କରି ରେପୋ ହାରରେ କୌଣସି ପରିବର୍ତ୍ତନ ନ କରିବାକୁ ଏହି କମିଟି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଫଳରେ ବ୍ୟାବସାୟିକ ବ୍ୟାଙ୍କ ସୁଧ ହାରରେ କୌଣସି ପରିବର୍ତ୍ତନ ହେବ ନାହିଁ କି ସାଧାରଣ ଲୋକ କିମ୍ବା ବଜାର ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଋଣ ସୁଧ ହାର ଏବଂ କିସ୍ତି ମଧ୍ୟ ଅପରିବର୍ତ୍ତିତ ରହିବ। ୨୦୨୫ ଫେବୃଆରୀରେ ରେପୋ ହାର ୬.୫ ପ୍ରତିଶତରୁ ହ୍ରାସ ପାଇ ୬.୨୫ ପ୍ରତିଶତ ରହିଥିଲା। ଏହାପରେ ଏପ୍ରିଲରେ ରେପୋ ହାର ୦.୨୫, ଜୁନ୍‌ରେ ୦.୫୦ ପ୍ରତିଶତ ଏବଂ ୨୦୨୫ ଡିସେମ୍ବରରେ ରେପୋ ହାର ୦.୨୫ ହ୍ରାସ ପାଇ ୫.୨୫ ପ୍ରତିଶତରେ ରହିଥିଲା। ଏହାକୁ ରିଜର୍ଭ ବ୍ୟାଙ୍କ 'ନ୍ୟୁଟ୍ରାଲ ଷ୍ଟାନ୍ସ' ମୋଡ୍‌ରେ ବର୍ତ୍ତମାନ ଅପରିବର୍ତ୍ତିତ ରଖିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୈତିକ ତଥ୍ୟ, ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛନ୍ତି।

# ପ୍ରକଳ୍ପ ବିଳମ୍ବରୁ ବିଦ୍ୟୁତ୍ ମହଙ୍ଗା

## ଇବ୍ ତାପଜ କେନ୍ଦ୍ର ବାରମ୍ବାର ବନ୍ଦ, ୩୪୫୨ କୋଟିର ରାଜସ୍ୱ ହାନି

ଭୁବନେଶ୍ୱର,୬।୨(ରବିନାରାୟଣ ଜେନା)

ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ପ୍ରକଳ୍ପ ଶେଷ ହେଉ ନ ଥିବାରୁ ବିଦ୍ୟୁତ୍ ମହଙ୍ଗା ହେଉଛି ଏବଂ ଉପଭୋକ୍ତାଙ୍କ ଉପରେ ତା'ର ବୋଝ ପଡୁଛି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଶୁକ୍ରବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ର ଜନଶୁଣାଣିରୁ ଜଣାଯାଇଛି। ଜନଶୁଣାଣି ବେଳେ ଅଧ୍ୟକ୍ଷ ପ୍ରଦୀପ ଜେନା କହିଛନ୍ତି, ପ୍ରକଳ୍ପର ଅନୁମୋଦିତ ସମୟଠାରୁ ବହୁବର୍ଷ ବିଳମ୍ବ ହେଉଛି। ଫଳରେ ପ୍ରକଳ୍ପ ମୂଲ୍ୟ ବହୁଗୁଣରେ ବୃଦ୍ଧିପାଇ ବିଦ୍ୟୁତ୍‌ମୂଲ୍ୟ ବୃଦ୍ଧି ଘଟୁଛି। ଏଣିକି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଲେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚ୍‌ପିସି) ନିଜ ଗଚ୍ଛିତ ପୁଞ୍ଜିରୁ ଭରଣା କରିବ ବୋଲି ଅଧ୍ୟକ୍ଷ କହିଛନ୍ତି। ସେହିପରି ଷ୍ଟେଟ୍ ଲୋଡ୍ ଡେସ୍ପାଚ ସେଣ୍ଟର (ଏସ୍‌ଏଲ୍‌ଡିସି) ୨୦୦୩ ଅନୁସାରେ ଏକ ସ୍ୱୟଂଚାଳିତ ସରକାରୀ କମ୍ପାନୀ। ଏହାର କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଏକ କମ୍ପାନୀ ଗଠନ କରିବା ଆବଶ୍ୟକ ଥିବାବେଳେ ସରକାର ଅଦ୍ୟାବଧି ☞ପୃଷ୍ଠା-୨

# ନିବେଶ ଆସୁ, ପରିବେଶ ସୁସ୍ଥ ରହୁ

## ମୁଖ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୬।୨(ରବିନାରାୟଣ ଜେନା)

ରାଜ୍ୟକୁ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି କରିବା ଏବଂ ବିକାଶରେ ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆପ୍ରାଣ ଉଦ୍ୟମ ଚାଲିଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସିଙ୍ଗିଲ ଉଇଣ୍ଡୋ କମିଟି ମାଧ୍ୟମରେ ବୃହତ୍ ଶିଳ୍ପଗୁଡ଼ିକୁ ଅନୁମୋଦନ ପ୍ରଦାନ କରାଯିବା ସହିତ ଶିଳାନ୍ୟାସ କରିବା ପର୍ଯ୍ୟନ୍ତ କଥା ପହଞ୍ଚିଲାଣି। ଇତିମଧ୍ୟରେ ଗତ ୨୦ମାସ ମଧ୍ୟରେ ୨.୫୧ଲକ୍ଷ କୋଟି ଟଙ୍କାର ନିବେଶ ରାଜ୍ୟରେ ସୃଷ୍ଟି ହୋଇଥିବା ବେଳେ ୫୦ ହଜାର ନିଯୁକ୍ତି(ପ୍ରତ୍ୟକ୍ଷ ଓ ପରୋକ୍ଷ) ସୁଯୋଗ ସୃଷ୍ଟି ହୋଇଛି। ହେଲେ ଶିଳ୍ପ ବଢ଼ିଲେ ରାଜ୍ୟରେ ପ୍ରଦୂଷଣ ବଢ଼ିବ। ଏଥିପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ନଚେତ୍ ରାଜ୍ୟରେ ପ୍ରଦୂଷଣ ମାତ୍ରା ବଢ଼ି ଚାଲିବ। ଏହାକୁ କିଭଳି ପ୍ରତିହତ କରାଯାଇ ପାରିବ ସେନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ନିକଟରେ ମୁଖ୍ୟଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ମନ୍ତ୍ରୀ ଖୁଣ୍ଟିଆ, ମୁଖ୍ୟସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ କହିଛନ୍ତି, ଓଡ଼ିଶା ସରକାର ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକମାନଙ୍କୁ ☞ପୃଷ୍ଠା-୨

# ଡଲାର=୯୦.୭୦ ଟଙ୍କା

## ୩୬ ପଇସା ଖସିଲା ଭାରତୀୟ ମୁଦ୍ରା

ମୁମ୍ବାଇ,୬।୨(ପି.ଟି.)

ଭାରତୀୟ ମୁଦ୍ରା ଶୁକ୍ରବାର ୩୬ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୦.୭୦ ଟଙ୍କା ରହିଛି। ଭୂରାଜନୈତିକ ଉତ୍ତେଜନା, ଆମେରିକା-ଇରାନ୍ ଆଲୋଚନାରେ ଅନିଶ୍ଚିତତା ସାଙ୍ଗକୁ ବିଶ୍ୱ ବଜାରରେ କ୍ରୁଡ୍ ଅଏଲ୍‌ର ଦରବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ନେଇ ଘୋଷଣା କରିବା ପରେ ☞ପୃଷ୍ଠା-୨

# 'ଫିନ୍‌ଟେକ୍' ଲୋକଙ୍କ ଜୀବନରେଖା ପାଲଟିଛି: ରାଷ୍ଟ୍ରପତି

## ପ୍ରଥମ ବ୍ଲକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଯାପିତ

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

'ଫିନ୍‌ଟେକ' ଏକ ବୈଷୟିକ ଶବ୍ଦ ନୁହେଁ, ଏହା ଲୋକଙ୍କ ଜୀବନରେଖା ପାଲଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍)ର ସହଭାଗିତାରେ ଭୁବନେଶ୍ୱରରେ ଚାଲିଥିବା ପ୍ରଥମ ବ୍ଲକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ଶୁକ୍ରବାର ଲୋକସେବାଭବନଠାରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି କହିଲେ, ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ଏହି ଦ୍ରୁତ ଅଗ୍ରଗତିଗୁଡ଼ିକ ଗମ୍ଭୀର ଚ୍ୟାଲେଞ୍ଜ ମଧ୍ୟ ଆଣିପାରେ; ଯେଉଁଥିରେ ସାଇବର ସୁରକ୍ଷା ବିପଦ, ଡିପ୍‌ଫେକ୍, ଭୁଲ୍ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ଅନ୍ତର୍ଭୁକ୍ତ। ମାତ୍ର ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ନବସୃଜନ ଏବଂ ଅଭିବୃଦ୍ଧି ଉପରେ ଏକ ବିରାଟ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ବ୍ଲାକ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଓ ଦକ୍ଷତା ମାଧ୍ୟମରେ କ୍ଷମତାକୁ ଆହୁରି ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ପାଇଁ ଅଭିନବ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ। ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିଛି। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଲାଭ ସ୍ଥାନାନ୍ତର ଓ ଡିଜିଟାଲ ପେମେଣ୍ଟ ସିଷ୍ଟମ ଚାଷୀ, ଛୋଟ ଦୋକାନୀ ଏବଂ ମହିଳାଙ୍କ ମଧ୍ୟରେ ବହୁତ ସାଧାରଣ ହୋଇଯାଇଛି। ସେମାନଙ୍କ ପାଇଁ 'ଫିନଟେକ' ଜୀବନରେଖା ପାଲଟିଛି। ଭାରତର ଫିନ୍‌ଟେକ କାହାଣୀକୁ କେବଳ ପ୍ରଯୁକ୍ତିବିଦ୍ୟାର କାହାଣୀ ଭାବରେ ନୁହେଁ, ବରଂ ଲିଙ୍ଗଗତ ନ୍ୟାୟ ଭାବରେ ମଧ୍ୟ ମନେରଖିବା ଉଚିତ। ଫିନ୍‌ଟେକ ଇକୋସିଷ୍ଟମ ମହିଳାମାନଙ୍କୁ କେବଳ ଶେଷ ଉପଭୋକ୍ତା ଭାବରେ ନୁହେଁ, ବରଂ ନେତା, ବୃତ୍ତିଗତ ତଥା ଉଦ୍ୟୋଗୀ ଭାବରେ ଦେଖିବା ଉଚିତ। ଆଦିବାସୀ ଓ ଗ୍ରାମାଞ୍ଚଳରେ ଫିନ୍‌ଟେକ ଅନ୍ତର୍ଭୁକ୍ତୀକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାର ପ୍ରୋତ୍ସାହନର ଏକ ଇଞ୍ଜିନ ହୋଇପାରିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆମେ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକୃତ କରିଛୁ। ଏକକ-ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରିବା ସହ ଆଇଟି, ଇଲେକ୍ଟ୍ରୋନିକ୍ସ, ଫିନ୍‌ଟେକ, ଏଆଇ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ନୀତି ପ୍ରଚଳନ କରିଛୁ। ଏହି ସମ୍ମିଳନୀର ନାମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ଏକ ହଂସ କିମ୍ବା ☞ପୃଷ୍ଠା-୨



ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୋଇତ ଆକୃତିର ତାରକସି କାରୁକାର୍ଯ୍ୟଯୁକ୍ତ ଉପହାର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି।




## ୧୨ ସାଙ୍ଗଠନିକ ଜିଲାର ନୂଆ କମିଟି ଗଠନକଲା ବିଜେଡି

ଭୁବନେଶ୍ୱର, (ସୁନିତ୍ ମିଶ୍ର):ବିଜେଡି ପକ୍ଷରୁ ୧୨ଟି ସାଙ୍ଗଠନିକ ଜିଲାର ନୂତନ କମିଟି ଗଠନ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ୧୨ ଜିଲା ଯଥା ବରଗଡ଼, ରାୟଗଡ଼ା, କୋରାପୁଟ, ନୂଆପଡ଼ା, ଢେଙ୍କାନାଳ, ଜଗତ୍ସିଂହପୁର, ନବରଙ୍ଗପୁର, ବଲାଙ୍ଗୀର, କଟକ, ମୟୂରଭଞ୍ଜ-୧, ମୟୂରଭଞ୍ଜ-୨ ଓ ଯାଜପୁର ଜିଲା ପାଇଁ ନୂଆ କମିଟି ଗଠନ ହୋଇଛି। ପୂର୍ବରୁ ଗତ ଡିସେମ୍ବର ୨୭ ରେ କଳାହାଣ୍ଡି, ଝାରସୁଗୁଡ଼ା, ସୁନ୍ଦରଗଡ଼, ମାଲକାନଗିରି, ଅନୁଗୋଳ, କେନ୍ଦୁଝର, ବୌଦ୍ଧ, ଗଜପତି, ଦେବଗଡ଼, କନ୍ଧମାଳ ଓ ସୁବର୍ଣ୍ଣପୁର ଆଦି ୧୧ ଜିଲା କମିଟି ଗଠନ କରାଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଫେବୃଆରୀ ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସିଟୁଆଇର ପଦଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଜନତା ଅଧିକାର ଓ ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ଓଡ଼ିଶା ସାମାଜିକ କର୍ମୀ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରୋଥ୍ ହବ୍ ଇନିସିଏଟିଭ ଅନ୍ତର୍ଗତ ବିସିପିଆଇଆର ପାଇଁ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ, ସ୍ଥାନ: ସମ୍ମିଳନୀ କକ୍ଷ, ଲୋକ ସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ, ସଂସ୍କୃତି ଓ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଲତା ନାଇଟ୍-୨୦୨୬' କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିସ୍ତୂପ, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୩୦ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭିମତାଙ୍ଗିସ୍ଥିତ ଦୁର୍ଗା ପୂଜା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

### କଟକ
- ଦୁଇଦିନିଆ ବାର୍ଷିକ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ସକାଳ ୮ଟା।
- ଲିଗାଲ ଏଡ୍ କାଉନସିଲ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଅନୁଷ୍ଠାନ ପରିସର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ପିଜି ବିଭାଗ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଆଲୋଚନାଚକ୍ର, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍ଏସ୍ଏସ୍ର ଆଉଟରିଚ୍ କାର୍ଯ୍ୟକ୍ରମ, ସ୍ଥାନ: ଜନ ଶିକ୍ଷଣ ସଂସ୍ଥାନ ପରିସର, ସିଡିଏ ସେକ୍ଟର-୮, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ବାଣିଜ୍ୟ ମେଳାର ଉଦ୍ଯାପନୀ ଦିବସ, ସ୍ଥାନ: ଟେନିସ ପଡ଼ିଆ, ବକ୍ସି, ସମୟ: ଅପରାହ୍ନ ୪ଟା ୩୦।
- ଚତୁର୍ଦ୍ଦଶ ଶିଶିର ମେଳାର ତୃତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ଦ୍ୱିତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବ ଉଦ୍ଘାଟନୀ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

### ପୁରୀ
- ଭାରତୀୟ ମଜ୍ଦୁର ସଂଘ ସମ୍ମିଳନୀ, ସ୍ଥାନ: ବଗଲା ଧର୍ମଶାଳା, ସମୟ: ସକାଳ ୧୦ଟା ୩୦।
- ଜ୍ୟୋତିଷ ସମ୍ମିଳନୀର ଉଦ୍ଯାପନୀ ଉତ୍ସବ, ସ୍ଥାନ: ସଦାଶିବ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ଓକିଲ ସଂଘ ପକ୍ଷରୁ ମ୍ୟୁନିସିପାଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ମ୍ୟୁନିସିପାଲ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ବନବାସୀ ଛାତ୍ରଙ୍କ ଶ୍ରୀଜଗନ୍ନାଥ ଦର୍ଶନ, ସ୍ଥାନ: ସିଂହଦ୍ୱାର, ସମୟ: ଅପରାହ୍ନ ୩ଟା୩୦।
- ଦଶମ ସତ୍ୟବାଦୀ ମହୋତ୍ସବର ୩ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ସାକ୍ଷୀଗୋପାଳ ବକୁଳବନ, ସମୟ: ସନ୍ଧ୍ୟା ୬ଟା।
- ପୁରୀ ଜିଲ୍ଲା ବଡିବିଲ୍ଡିଂ ଚାମ୍ପିଅନଶିପ ପ୍ରତିଯୋଗିତା, ସ୍ଥାନ: ବ୍ୟାୟାମ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା
- ବେଗୁନିଆ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଗୁନିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ୭୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ଅପରାହ୍ନ ୩ଟା।
- ସୋନା ଇଣ୍ଟରନ୍ୟାଶନାଲ ସ୍କୁଲର ୧୦ମ ବାର୍ଷିକ ଉତ୍ସବ, ସ୍ଥାନ: ଝରଣା କଲ୍ୟାଣ ମଣ୍ଡପ, କୁଦିଆରୀ, ଜଟଣୀ, ସମୟ: ଅପରାହ୍ନ ୪ଟା।

### ବାଲେଶ୍ୱର
- ଏସିଡିସି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଅଟଳ ବିହାରୀ ବାଜପାୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୋଡ଼କ ଖେଳପଡ଼ିଆ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦୁଝର
- ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ୪୪ତମ ବାର୍ଷିକ ଉତ୍ସବ ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

### ମୟୂରଭଞ୍ଜ
- ମେଘାସନୀ ମହୋତ୍ସବ,ସ୍ଥାନ: କଲେଜ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ବୁଢ଼ାଖୋଲ ମହୋତ୍ସବ ଆରମ୍ଭ, ସ୍ଥାନ: ବୁଢ଼ାଖୋଲ ମହୋତ୍ସବ ପଡ଼ିଆ ବୁଗୁଡ଼ା, ସମୟ: ସନ୍ଧ୍ୟା ୬ ଟା।

### କନ୍ଧମାଳ
- ଭାରତ ସ୍କାଉଟ ଏବଂ ଗାଇଡ କ୍ୟାମ୍ପୋରୀ ଉଦଯାପନୀ ଉତ୍ସବ,ସ୍ଥାନ: ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ ଟା।

### ଜଗତ୍ସିଂହପୁର
- ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସମ୍ମିଳନୀ କକ୍ଷ, ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବଜେଟ ପରିଚର୍ଚ୍ଚା, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

### ଯାଜପୁର
- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାଏମା କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।

### ନୟାଗଡ଼
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନ, ସ୍ଥାନ: ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତି ୯ଟା।

### କୋରାପୁଟ
- ବିଜେଡିର ଦଳୀୟ ବୈଠକ, ସ୍ଥାନ: ମିନି ଷ୍ଟାଡିୟମ, ପଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- କଳାକାର ମଞ୍ଚ ପକ୍ଷରୁ ସଙ୍ଗୀତଜ୍ଞ ଅଭିଜିତ ମଜୁମଦାରଙ୍କ ସ୍ୱରାଞ୍ଜଳୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ରାତି ୭ଟା।

### ବଲାଙ୍ଗୀର
- ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଧିଆପାଲି ହାଇସ୍କୁଲ, ମାଧିଆପାଲି, ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା
- ଆର୍ଜିଏଚ୍ ଠିକା କର୍ମଚାରୀ ସଂଘର ଖରବଦାତା ସମ୍ମିଳନୀ, ସ୍ଥାନ: ଆର୍ଜିଏଚ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସୁନ୍ଦରଗଡ଼
- ଖୁଏଲ ଯତ୍ରା-୨୦୨୬,ସ୍ଥାନ:ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ରାସ୍ତା,ସମୟ:ସକାଳ ୭ଟା।

### ବରଗଡ଼
- ଜିଲା ପରିଷଦର ଅଗଷ୍ଟ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ, ସମୟ:ପୂର୍ବାହ୍ନ ୧୦ଟା ।

### କଳାହାଣ୍ଡି
- ଏଆଇଏସ୍ଏଫ୍ର ଛାତ୍ର ଅଧିକାର ସମ୍ମେଳନ ଉଦ୍ଯାପନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ଅପରାହ୍ନ ୫ଟା।

### ବୌଦ୍ଧ
- ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

### ସୁବର୍ଣ୍ଣପୁର
- ସୁଭଦ୍ରା ଶକ୍ତି ମେଳାର ଉଦ୍ଯାପନୀ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଖଡିଆଳ ମହୋତ୍ସବ ଉପଲକ୍ଷେ ମାରାଥନ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଯାତ୍ରା, ଆଲୋଚନା, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ ଏବଂ ସରକାରୀ ସାହାଯ୍ୟ ପାଇପାରନ୍ତି। ସାମାଜିକ ସ୍ତରରେ ଶତ୍ରୁତା କାରଣରୁ ସାମୟିକ ଦୁଶ୍ଚିନ୍ତାର ସୂଚନା ରହିଛି।

**ବୃଷ** ଏକାଧିକ ପାପଗ୍ରହ କର୍ମକ୍ଷେତ୍ରରେ ରହିଥିବାରୁ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ତାହା ସମ୍ପନ୍ନ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସତର୍କ ନ ରହିଲେ ଯାତ୍ରାରେ ଜିନିଷ ହଜିଯାଇପାରେ।

**ମିଥୁନ** ଚତୁର୍ଥାଧିପ ବୁଧ ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁ ପରକଥାରେ ପାରିବାରିକ ସମସ୍ୟା ସୃଷ୍ଟି ସୂଚନାକୁ ଏଡି ହେବନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱ ଓ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ।

**କର୍କଟ** ଶତ୍ରୁଭାବାଧିପତି ବୃହସ୍ପତି ମିତ୍ରଭାବରେ ରହି ପ୍ରିୟଜନଙ୍କ ଦ୍ୱାରା ସମସ୍ୟା ଓ ମନସ୍ତାପ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ପରିସ୍ଥିତି ଯେତିକି ଜଟିଳ ହେଲେ ମଧ୍ୟ ଅସୁବିଧା ପ୍ରାୟତଃ ହେବନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି।

**ସିଂହ** ଷଷ୍ଠାଧିପ ଶନି ପ୍ରଭାବରେ କୌଣସି ବନ୍ଧୁ କିମ୍ବା ମହିଳାଙ୍କ ମାଧ୍ୟମରେ ସମସ୍ୟା ସୃଷ୍ଟି ହୋଇପାରେ। ଆର୍ଥିକ ଅନଟନ ମଧ୍ୟରେ ଆଜିର ଆବଶ୍ୟକତା ପୂରଣ ପାଇଁ ଅଣନିଃଶ୍ୱାସୀ ହେବେ। ପ୍ରଶାସନ, ଆଇନ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହେବେ।

**କନ୍ୟା** ଧନାଧିପତି ଉଚ୍ଚାରୋହୀ ଯୋଗୁ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବା କିନ୍ତୁ ଆଜି ପରିସ୍ଥିତିବଶତଃ ଯେତିକି ପାଇବେ ତାହାଠାରୁ ଅଧିକ ବ୍ୟୟ କରିବାକୁ ବାଧ ହେବେ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ତୃତୀୟାଧିପ ବୃହସ୍ପତି ଭାଗ୍ୟସ୍ଥାନରେ ବନ୍ଧୁଙ୍କ ମାଧ୍ୟମରେ ଆର୍ଥିକ ଉନ୍ନତି ଘଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ । ପୂର୍ବ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଭାଗ୍ୟାଧିପ ଚନ୍ଦ୍ର ଏକାଦଶସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି ହେବ। ଅନ୍ୟମାନେ ଈର୍ଷାପରାୟଣ ହୋଇ ପ୍ରଗତିର ପଥରୋଧ କରିବାକୁ ଚେଷ୍ଟାକଲେ ମଧ୍ୟ କିଛି କରିପାରିବେ ନାହିଁ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହେବ।

**ଧନୁ** କର୍ମାଧିପ ଧନ ସ୍ଥାନରେ ରହି କର୍ମକ୍ଷେତ୍ରରୁ ସାହାଯ୍ୟ, ସହଯୋଗ ସାଙ୍ଗକୁ ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରିପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କ କଥାରେ ଅସ୍ଥିର ମନ ସ୍ଥିର ହୋଇଯିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ତୃତୀୟଭାବସ୍ଥ ସ୍ୱସ୍ଥାନପାଳ ଶନି ନିକଟ ସମ୍ପର୍କୀୟଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେବ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର ହୋଇଯିବ।

**କୁମ୍ଭ** ଉଚ୍ଚଭାବସ୍ଥ ମଙ୍ଗଳ ପ୍ରଭାବରୁ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ନ ହେଲେ ମଧ୍ୟ ଆବଶ୍ୟକତାରୁ ସାମାନ୍ୟ ଅଧିକ ରହିବ। ଆଲୋଚନା କାଳରେ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ।

**ମୀନ** ରାଶ୍ୟାଧିପ କେନ୍ଦ୍ରସ୍ଥାନରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ରହିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୭ ତାରିଖ, ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ, ଶନିବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୧।୨୨ ମି. ଗତେ ତୁଳା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬. ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଶ୍ୱ, ଅସ୍ତ୍ର, ଅବଳା**
**ଉଧାର ନ ଦେବୁରେ ବଳା ।**

ଅଶ୍ୱ ବା ବାହନ, ନିଜ ବ୍ୟବହୃତ ଅସ୍ତ୍ର ଓ ନିଜର ସ୍ତ୍ରୀ, ଏମାନେ ସମସ୍ତେ ଏକାନ୍ତ ଭାବେ ନିଜର ସମ୍ପତ୍ତି ହୋଇଥାନ୍ତି। ସେ ସବୁର ବ୍ୟବହାର ତଥା କୌଶଳ ନିଜକୁ ଭଲଭାବେ ଜଣା ହୋଇଥିବାବେଳେ ଏମାନଙ୍କୁ ଅନ୍ୟର ବ୍ୟବହାର ପାଇଁ ଦିଆଯିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଜଗରକୁ ସୀତାରାମ**
**ମୁଖେ ବୋଲେ ରାମ ରାମ ।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖଭାବ ପ୍ରଦର୍ଶନ କରିଥାନ୍ତି। କାମ ନ କରିବା ଲାଗି ନାନା ପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଇସ୍‌ଲାମାବାଦରେ ଆତ୍ମଘାତୀ ...

ଏହିସମୟରେ ଆତଙ୍କବାଦୀ ଜଣକ ମସ୍‌ଜିଦ ଭିତରକୁ ଯାଉଥିବାବେଳେ ମୁଖ୍ୟ ପ୍ରବେଶପଥ ନିକଟରେ ମୁତୟନ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇଥିଲେ। ତେବେ ସେ ତତ୍‌କ୍ଷଣାତ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ, ଯାହାକି ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ବିସ୍ଫୋରଣର ପ୍ରଭାବରେ ମୁଖ୍ୟ ଗେଟ୍ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯାଇଥିବାବେଳେ ନିକଟସ୍ଥ ବିଲ୍ଡିଂଗୁଡ଼ିକର କବାଟ ଝରକା ଭାଙ୍ଗିରୁଜି ଚୂର୍ମାର ହୋଇଯାଇଛି। ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ିହୋଇ ପଡ଼ିଛି। ବିସ୍ଫୋରଣ ପରେ ଇସ୍‌ଲାମାବାଦ ପୋଲିସ ଆଇଜି ସହରବ୍ୟାପୀ ଏମର୍ଜେନ୍ସି ଘୋଷଣା କରିଛନ୍ତି। ରେସ୍କ୍ୟୁ ଓ ଆଇନ ପ୍ରବର୍ତ୍ତନକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା 'ଦି ଟାଇମ୍ସ ଅଫ୍ ଇସ୍‌ଲାମାବାଦ' ରିପୋର୍ଟ କରିଛି। ଆହତମାନଙ୍କୁ ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ପିଆଇଏମ୍ଏସ୍) ଏବଂ ପଲିକ୍ଲିନିକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଳମ୍ବିତ ରାତିରେ ରିପୋର୍ଟ ପ୍ରସ୍ତୁତି ବେଳକୁ ବିଭିନ୍ନ ଗଣମାଧ୍ୟମରେ ମୃତ୍ୟୁସଂଖ୍ୟା ପୃଥକ୍ ଦର୍ଶାଯାଇଥିଲେ ମଧ୍ୟ ଅଧିକାଂଶ ସୂତ୍ରରୁ ୬୯ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂସ୍ଥା ନିଜକୁ ଦାୟୀ କରିନାହିଁ। ତେବେ ଆତଙ୍କବାଦୀ ଜଣେ ବିଦେଶୀ ନାଗରିକ ଥିଲେ ଏବଂ ଫିତ୍‌ନା ଅଲ୍ ଖ୍ୱାରାଜି ନାମରେ ପରିଚିତ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ସହ ତାଙ୍କ ସମ୍ପୃକ୍ତି ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ Xରେ ଆକ୍ରମଣ ପାଇଁ ଭାରତ ଓ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଭାରତ ଓ ଆଫ୍‌ଗାନିସ୍ତାନର ସମ୍ପୃକ୍ତି ପ୍ରଘଟ ହୋଇଥିବା ସେ ଉକ୍ତ ପୋଷ୍ଟରେ ଦର୍ଶାଇଛନ୍ତି। ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶଭକତ୍ ମିର୍ଜିୟୋୟେଭ୍ ୨ ଦିନିଆ ପାକିସ୍ତାନ ଗସ୍ତରେ ଥିବାବେଳେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଛି। ପ୍ରକାଶ ଯେ ୨୦୨୫ ନଭେମ୍ବର ୧୧ରେ ମଧ୍ୟ ଇସ୍‌ଲାମାବାଦର ଏକ ଜିଲା ଓ ଦୌରା କୋର୍ଟ ବାହାରେ ଅନୁରୂପ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏଥିରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା।

### ନିବେଶ ଆସୁ...

ଓଡ଼ିଶା ପ୍ରତି ଆକୃଷ୍ଟ କରୁଛନ୍ତି। ଏଥିପାଇଁ ନିବେଶକଙ୍କ ସୁବିଧା ଲାଗି ଆବେଦନପତ୍ରର ଟ୍ରାକିଂ କରିବା ଏବଂ ପାରଦର୍ଶିତା ସହ ସମୟସୀମାଭିତ୍ତିକ ଅନୁମୋଦନ ପାଇଁ ଗୋ ସୁଇଫ୍ଟ, ଗୋ-ପ୍ଲସ୍, ଗୋ ସ୍ମାଇଲ ପରି ଅନଲାଇନ୍ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ୍ ଉନ୍ନତ କରାଯାଇଛି। ଶିଳ୍ପ ସ୍ଥାପନ ସମ୍ବନ୍ଧୀୟ ଆବେଦନଗୁଡ଼ିକୁ ପ୍ରଥମେ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଯାଞ୍ଚ ଓ ଅନୁମୋଦନ କରାଯାଉଛି ଏବଂ ପରେ ହାଇ ଲେଭଲ୍ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦନ ମିଳୁଛି। ହେଲେ ଦେଖାଯାଉଛି, ଅଧିକାଂଶ ଶିଳ୍ପ ପ୍ରଦୂଷଣକାରୀ ସ୍ୱଭାବର, ଯାହା କାର୍ବନ ନିର୍ଗମନ ବଢ଼ାଇବା ସହ ଫ୍ଲାଏ ଆଶ୍ ଉତ୍ପାଦନ କରୁଛି, ଯାହା ପରିବେଶ, ମାନବ ଏବଂ ପଶୁଜୀବନ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରୁଛି। ଯେତେବେଳେ ବିଶ୍ୱ ୨୦୭୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନର ଲକ୍ଷ୍ୟ ହାସଲ କରିବାପାଇଁ ଦୌଡୁଛି, ସେତେବେଳେ ଏପରି ଉଚ୍ଚ କାର୍ବନ ନିର୍ଗମନକାରୀ ଶିଳ୍ପଗୁଡ଼ିକୁ ଅନୁମତି ଦେବା ଦ୍ୱାରା ଲକ୍ଷ୍ୟ ହାସଲରେ ଆହ୍ୱାନ ସୃଷ୍ଟି କରିବ। ଏପରି ଶିଳ୍ପଗୁଡ଼ିକର ଆବେଦନକୁ କାର୍ବନ ନିର୍ଗମନ ଓ ଅନ୍ୟାନ୍ୟ ପ୍ରଦୂଷଣର ପରିମାଣର ଠିକଣା ଭାବେ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରଦୂଷଣକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ଏହାର ବିସ୍ତୃତ ଆଲୋଚନା, ମୂଲ୍ୟାଙ୍କନ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ସମ୍ମୁଖରେ ରଖାଯିବା ଆବଶ୍ୟକ ; ଯାହାଦ୍ୱାରା କମିଟି ସେସବୁକୁ ବୁଝି ଅନୁମତି ପ୍ରଦାନ କଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ପ୍ରଦୂଷଣ ପାଇଁ ଚିନ୍ତାର କାରଣ ହେବନାହିଁ ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ଏହାକୁ ନେଇ ସରକାରୀସ୍ତରରେ ଏବେ ନିବେଶ ସାଙ୍ଗକୁ ପରିବେଶ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ 'ଉତ୍କର୍ଷ ଓଡ଼ିଶା' ସହିତ ହାଇଦ୍ରାବାଦ୍, କୋଲକାତା, ବେଙ୍ଗାଲୁରୁ ପ୍ରଭୃତି ସ୍ଥାନରେ ରୋଡ୍-ଶୋ' କରାଯାଇ ପ୍ରାୟ ୧୬ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହାପୂର୍ବରୁ ବିଜେଡି ସରକାର ମଧ୍ୟ ତିନିଥର 'ମେକ୍ ଇନ୍ ଓଡ଼ିଶା' ଆୟୋଜନ କରି ରାଜ୍ୟକୁ ପ୍ରାୟ ୧୫ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା। ସରକାରଙ୍କ ପକ୍ଷରୁ ଯଦି ଏହିସବୁ ଶିଳ୍ପସଂସ୍ଥା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ବେଳେ ପ୍ରଦୂଷଣ ଦିଗକୁ ଗୁରୁତ୍ୱ ଦିଅନ୍ତେ ତେବେ ରାଜ୍ୟରେ ଏକ ସୁସ୍ଥ ପରିବେଶ ସମ୍ଭବ ହୋଇପାରନ୍ତା ବୋଲି କୁହାଯାଉଛି।

### ପ୍ରକଳ୍ପ ବିଳମ୍ବରୁ...

କରିନାହାନ୍ତି। ଆସନ୍ତା ୩ମାସ ମଧ୍ୟରେ କମ୍ପାନୀ ଗଠନ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଓଏଚ୍‌ପିସି ପରିଚାଳନାରେ ଥିବା ଜଳଭଣ୍ଡାରଗୁଡ଼ିକର ସର୍ବୋତ୍ତମ ବ୍ୟବହାର ହେଉନାହିଁ। ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ସ୍ତର ୫୯୫ ଫୁଟ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ପାଇଁ ସରକାରଙ୍କ ଅନୁମୋଦନ ଥିବାବେଳେ ଗତ ୧୦ ବର୍ଷଧରି ଓଏଚ୍‌ପିସି ମାତ୍ର ୫୯୯ ଫୁଟ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ କରୁଛି। ଫଳରେ ପିକ୍ ମାସ ମେ' ଓ ଜୁନ୍‌ରେ ବିଦ୍ୟୁତ ସମସ୍ୟା ବୃଦ୍ଧି ପାଉଥିବା ଜନଶୁଣାଣିରୁ ଜଣାଯାଇଛି।

ଝାରସୁଗୁଡ଼ାସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ବାରମ୍ବାର ବନ୍ଦ ହେବା ଏବଂ ଏଥିଯୋଗୁ ରାଜସ୍ୱ କ୍ଷତିକୁ ନେଇ ଅଧ୍ୟକ୍ଷ ଜେନା ଗୁରୁବାର ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ଉପରେ ବର୍ଷିଥିଲେ। ଇବ୍ ଶକ୍ତିକେନ୍ଦ୍ର ବାରମ୍ବାର ବନ୍ଦ ରହିବା ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ପ୍ରବଳ ବାଧାପ୍ରାପ୍ତ ହେଉଛି ଏବଂ ସେଥିପାଇଁ ରାଜ୍ୟ ଶସ୍ତା ବିଦ୍ୟୁତ୍ ହରାଉଛି। ତାହାକୁ ଭରଣା କରିବା ପାଇଁ ଗ୍ରୀଡ୍‌କୋ ଚଢ଼ା ଦରରେ କେନ୍ଦ୍ରୀୟ ସଂସ୍ଥାଠାରୁ ବିଦ୍ୟୁତ୍ କ୍ରୟ କରୁଛି, ଯାହାର କୁପ୍ରଭାବରେ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ଅଯଥାରେ ବୃଦ୍ଧି ପାଉଛି। ଓପିଜିସିର ଏପରି କାର୍ଯ୍ୟକାରିତାକୁ ନେଇ ଅଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ ତାହାର ସମାଧାନ ପାଇଁ ଶକ୍ତି ବିଭାଗ ତରଫରୁ ଉପସ୍ଥିତ ଥିବା ସୋନାଲୀ ପଟ୍ଟନାୟକଙ୍କୁ ୭ ଦିନ ଭିତରେ ଏକ ସତ୍ୟପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ବେଳେ ଆଭାସି ମାଧ୍ୟମରେ ଆପତ୍ତିକର୍ତ୍ତା ବାସୁଦେବ ଭଟ୍ଟ କେନ୍ଦ୍ରୀୟ ନୀତି ଅନୁସାରେ ଓପିଜିସି କାର୍ଯ୍ୟ କରିବାକୁ ଯୁକ୍ତି ବାଢ଼ିଥିଲେ। ଶକ୍ତିକେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବା ଉପରେ ମତ ରଖିଥିଲେ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର, ଇବ୍ ଶକ୍ତିକେନ୍ଦ୍ର ଓଡ଼ିଶାର ଏକ-ତୃତୀୟାଂଶ ବିଦ୍ୟୁତ୍ ଚାହିଦା ପୂରଣ କରୁଥିବା ବେଳେ ପ୍ଲାଣ୍ଟକୁ ବାରମ୍ବାର ବନ୍ଦ କରିବା ଦ୍ୱାରା ପ୍ରବଳ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏପ୍ରିଲ ୨୦୨୦ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ୬୬ ମାସ ମଧ୍ୟରେ ଇବ୍ ଶକ୍ତିକେନ୍ଦ୍ରର ୪ଟି ଟର୍ବାଇନ୍ ଜେନେରେଟର ୨୨୦ ଥର ବନ୍ଦ ହୋଇଛି। ଏଥିପାଇଁ ବିଦ୍ୟୁତ୍ ଉତ୍ପାଦନ ଗତ ୬୬ ମାସରେ ୯୮୬୫ ନିୟୁତ ୟୁନିଟ ହ୍ରାସ ପାଇ ୩୪୫୨ କୋଟି ଟଙ୍କା ରାଜସ୍ୱ ହରାଇଛି ବୋଲି କହିଥିଲେ।

### ବୈଭବଙ୍କ ରେକର୍ଡ...

ମାହାତ୍ରେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ମାତ୍ର ୨୦ ରନରେ ଓପନର ଆରୋନ ଜର୍ଜ (୯)ଙ୍କ ଉଇକେଟ ହରାଇ ଯଦିଓ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ଦ୍ୱିତୀୟ ଉଇକେଟରେ ବୈଭବ ସୂର୍ଯ୍ୟବଂଶୀ ଓ ଅଧିନାୟକ ଆୟୁଷ ମାହାତ୍ରେଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଦୁହେଁ ଦ୍ୱିତୀୟ ଉଇକେଟରେ ୯୦ ବଲ୍‌ରୁ ୧୪୨ ରନ ଯୋଗ କରିବାପରେ ଯୋଡ଼ି ଭାଙ୍ଗିଥିଲା। ମାହାତ୍ରେ ୫୧ ବଲ୍‌ରୁ ୫୩ ରନକରି ଆଉଟ ହୋଇଥିଲେ। ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ ବିସ୍ଫୋରକ ବୈଭବ। ସେ ମାତ୍ର ୮୦ ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ୧୭୫ ରନ ସ୍କୋର କରି ଏକାଧିକ ରେକର୍ଡର ଅଧିକାରୀ ହୋଇଯାଇଥିଲେ। ମିଡିଲ ଅର୍ଡରରେ ବେଦାନ୍ତ ତ୍ରିବେଦୀ ୩୨, ଭିହାନ ମାଲହୋତ୍ରା ୩୦, ଅଭିଜ୍ଞାନ କୁଣ୍ଡୁ ୪୦ ଓ କନିଷ୍କ ଚୌହାନ ଅପରାଜିତ ୩୭ ରନ ସ୍କୋର କରିବାରୁ ଭାରତ ସ୍କୋର ୪୦୦ ଅତିକ୍ରମ କରିଯାଇଥିଲା। ୧୪ ବର୍ଷୀୟ ବୈଭବ ମାତ୍ର ୫୫ ବଲ୍‌ରୁ ଶତକ ପୂରଣ କରିଥିଲେ, ଯାହାକି ଦ୍ୱିତୀୟ ଶ୍ରେଷ୍ଠ। ଟୁର୍ନାମେଣ୍ଟ ଇତିହାସରେ ସର୍ବକନିଷ୍ଠ ଶତକ ହାସଲକାରୀ ରେକର୍ଡର ଅଧିକାରୀ ଥିବା ବୈଭବ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଫାଇନାଲରେ ସର୍ବାଧିକ ରନ ସ୍କୋର କରିବାରୁ ଭାରତୀୟ ସ୍କୋର ମଧ୍ୟ ସର୍ବୋଚ୍ଚ (୪୧୧) ହୋଇଯାଇଥିଲା। କେବଳ ବାଉଣ୍ଡରିରୁ ସେ ୧୫୦ ରନ ସଂଗ୍ରହ କରିଥିଲେ ; ଯାହା କି ଏକ ରେକର୍ଡ। ସେ ମାତ୍ର ୭୧ ବଲ୍‌ରୁ ଦ୍ରୁତତମ ୧୫୦ ରନ ପୂରଣ କରିବାରେ ସକ୍ଷମ ହୋଇଥିଲେ। ଏହି ବିଶ୍ୱକପ୍‌ରେ ସୂର୍ଯ୍ୟବଂଶୀ ରେକର୍ଡ ୨୨ଟି ଛକା ମାରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକାର ଡେୱାଲ୍ଡ ବ୍ରେଭିସ ୨୦୨୨ରେ ୧୮ ଛକା ସହ ରେକର୍ଡର ଅଧିକାରୀ ଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମ୍ସ ମିଣ୍ଟୋ ୩ଟି, ସେବାଷ୍ଟିଆନ ମୋର୍ଗାନ ଓ ଆଲେକ୍ସ ଗ୍ରୀନ୍ ୨ଟି ଲେଖାଏ ଏବଂ ମାନି ଲୁମ୍ସଡେନ ଗୋଟିଏ ଉଇକେଟ ନେଇଥିଲେ।

### ଡଲାର=୯୦.୭୦...

ସେସନ୍ ପ୍ରଥମାର୍ଦ୍ଧରେ ଟଙ୍କା କିଛିମାତ୍ରାରେ ସବଳ ହୋଇଥିଲା। ତେବେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଭାରତୀୟ ପୁଞ୍ଜିବଜାରରୁ ମୁହଁ ଫେରାଇବା ଆରମ୍ଭ କରିବାରୁ ଟଙ୍କା ଚାପଗ୍ରସ୍ତ ହୋଇ ତାକୁ ଖସିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ଖୋଲିବା ମାତ୍ରେ ଟଙ୍କା ୯୦.୨୮ରେ କାରବାର କରିଥିଲା। ପରେ ଏହା ୯୦.୧୮କୁ ଉଠି ପରବର୍ତ୍ତୀ ସମୟରେ ୯୦.୮୩ ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ୯୦.୭୦ରେ ଏହାର ବିନିମୟ ମୂଲ୍ୟ ସ୍ଥିର ରହିଥିଲା। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ସମ୍ପନ୍ନହେବା ପରେ ଏଫ୍ଆଇଆଇମାନେ ପୁଣି ଭାରତୀୟ ପୁଞ୍ଜିବଜାରକୁ ଫେରିପାରନ୍ତି। ଏପରି ହେଲେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ କିଛି ସୁଧାର ଆସିପାରେ ବୋଲି କେତେଜଣ ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

### 'ଫିନ୍‌ଟେକ୍' ଲୋକଙ୍କ...

ରାଜହଂସ ଧଳା ରଙ୍ଗର। ମାତ୍ର ଏକ କଳା ହଂସ ବା ବ୍ଲାକ୍ ସ୍ୱାନ୍ ଅତ୍ୟନ୍ତ ବିରଳ। ତେଣୁ ଅର୍ଥନୈତିକ ବଜାର କିମ୍ବା ଆର୍ଥିକ ବ୍ୟବସ୍ଥାରେ ଯେତେବେଳେ ଏକ ବିରଳ ଏବଂ ଅପ୍ରତ୍ୟାଶିତ ଘଟଣା ଘଟେ, ଏହାକୁ 'ବ୍ଲାକ୍ ସ୍ୱାନ ଇଭେଣ୍ଟ' କୁହାଯିବାର ଯଥାର୍ଥତା ରହିଛି। ଗତବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେବେଠାରୁ ୨.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିସାରିଛୁ। ଆର୍ଥିକ ସଶକ୍ତୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ 'ସୁଭଦ୍ରା' ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଭଳି ପଦକ୍ଷେପ ଦ୍ୱାରା ସମର୍ଥିତ ଏହି ଅଗ୍ରଗତିରେ ମହିଳାଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟପାଳ ହରିବାବୁ କମ୍ଭମପାଟି ରାଜ୍ୟରେ ଡିଜିଟାଲ କ୍ଷେତ୍ରରେ ଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଏଫ୍‌ଟିଏନ୍‌ର ସିଇଓ ରବି ମେନନ କହିଲେ, ଭାରତ ଦ୍ରୁତତମ ବିକାଶଶୀଳ ଦେଶ ହୋଇଥିଲେ ମଧ୍ୟ ଲୋକମାନେ ଦାରିଦ୍ର୍ୟ ଜୀବନ କାଟୁଛନ୍ତି। ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଦୂରତା କମାଯାଇପାରିଲେ ଏହି ଦାରିଦ୍ର୍ୟ ସମସ୍ୟାରେ ସମାଧାନ ହୋଇପାରେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଥିଲେ। ଏହି ଅବସରରେ ସର୍ବମ ଏଆଇର କାର୍ଯ୍ୟକାରିତା ନେଇ କମ୍ପାନୀର ସିଇଓ ପ୍ରତ୍ୟୁଷ କୁମାର ଓ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଲ କୁମାର ଦେବଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା।

## ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବେ ଏକ ନୂଆ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଦୃଶ୍ୟମ୍ ୨'ର ସଫଳ ନିର୍ଦ୍ଦେଶକ ଅଭିଷେକ ପାଠକଙ୍କ ଆଗାମୀ ଚଳଚ୍ଚିତ୍ର 'ହାଉସ୍‌ୱାଇଫ'ରେ ଆଲିଆ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହି ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓ ନଜର ଆସିବାର ସମ୍ଭାବନା ରହିଛି। ଯଦି ଏହା ଚୂଡ଼ାନ୍ତ ହୁଏ, ତେବେ ପରଦାରେ ପ୍ରଥମ ଥର ପାଇଁ ଏହି ଦୁଇ ଦକ୍ଷ କଳାକାରଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରଟି ଏକ ପାରିବାରିକ ଡ୍ରାମା, ଯେଉଁଥିରେ ସାମ୍ପ୍ରତିକ ସମାଜରେ ଜଣେ ବିବାହିତ ମହିଳାଙ୍କ ଭୂମିକା ଏବଂ ଦାମ୍ପତ୍ୟ ଜୀବନର ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଆଲିଆ ଏଥିରେ ଜଣେ ଗୃହିଣୀଙ୍କ ଚରିତ୍ରରେ ଅଭିନୟ କରିବେ। ଅଭିନୟ ସହିତ ଆଲିଆ ନିଜର ପ୍ରଡକ୍ସନ ହାଉସ 'ଇଟର୍ନାଲ ସନ୍‌ସାଇନ୍ ପ୍ରଡକ୍ସନ୍ସ' ମାଧ୍ୟମରେ ଏହି ଚଳଚ୍ଚିତ୍ରର ସହ-ନିର୍ମାତା ମଧ୍ୟ ରହିବେ। ନିର୍ଦ୍ଦେଶକ ଅଭିଷେକ ପାଠକ 'ଦୃଶ୍ୟମ୍ ୩'ର କାର୍ଯ୍ୟ ଶେଷ ପରେ ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବରରୁ 'ହାଉସ୍‌ୱାଇଫ'ର ଶୁଟିଂ ଆରମ୍ଭ କରିବେ। ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟ ଭାବପୂର୍ଣ୍ଣ, ଯାହା ଆଧୁନିକ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଲିଆ ଆଶାବ୍ୟକ୍ତ କରିଛନ୍ତି।





# ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ଏମ୍‌ପି

## ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକ ନିଖୋଜ ଘଟଣା



ଏମ୍‌ପି ଅଭିମନ୍ୟୁ ସେଠୀ ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟୁଛନ୍ତି।

**ଭଦ୍ରକ,୬।୨(ସନାତନ ରାଉତ)**

ଓଡ଼ିଶାର ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ଭଦ୍ରକ ବ୍ଲକ କେଶପୁରର ସାର୍ଥକ ମହାପାତ୍ର ଗତ ୩ ତାରିଖରେ ଜାହାଜରେ ମରିସସ୍‌ରୁ ଚାଇନା ଫେରିବା ବେଳେ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ମା' ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ପୁଅଙ୍କୁ ଖୋଜି ଆଣିବା ପାଇଁ ନିବେଦନ କରିଥିଲେ। ଏହି ଘଟଣା ଜାଣିବା ପରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଶୁକ୍ରବାର ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଘଟଣାକୁ ଗୁରୁତ୍ୱ ଦେଇଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଛନ୍ତି ବୋଲି ଏମ୍‌ପି ତାଙ୍କ 'X' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ସାର୍ଥକ ମୁମ୍ବାଇର ଏକ ଘରୋଇ ଶିପିଂ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଜାହାଜରେ ସେ ଚାଇନାରୁ ମରିସସ୍ ଯାଇଥିଲେ। ମରିସସ୍‌ରୁ ଚାଇନା ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ତାଙ୍କ ମା' ରଶ୍ମି ମହାପାତ୍ର କହିଛନ୍ତି। ୨ ତାରିଖରେ ଶେଷଥର ପାଇଁ ସେ ମା'ଙ୍କ ସହ କଥା ହୋଇଥିଲେ।

# ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ ପାଇଁ ମେଳି

## ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

**ଅନୁଗୋଳ,୬।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଆସନ୍ତା ୧୮ ତାରିଖରେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ହେଲେ ଏହାକୁ ପାରିପାର୍ଶ୍ୱିକ ଅଞ୍ଚଳ କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଇବାକୁ ଯାଉଥିବା ଲୋକମାନେ ତୀବ୍ର ବିରୋଧ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ନିକଟସ୍ଥ ପଡ଼ିଆରେ ଏହି ୩ ଗ୍ରାମବାସୀ ମେଳି କରିବା ସହ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ପ୍ରଦାନ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ବିରୋଧ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି।

ଅଞ୍ଚଳବାସୀ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, ନାଲ୍‌କୋ କାରଖାନା ସ୍ଥାପନ ପାଇଁ ବହୁ ଲୋକ ଜମି ହରାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକେ ଏଯାଏ ଚାକିରି ପାଇନାହାନ୍ତି। ବର୍ତ୍ତମାନ କମ୍ପାନୀ ପୁଣିଥରେ ଲୋକଙ୍କ ଜମି ଅଧିଗ୍ରହଣ କରିବାକୁ ଯାଉଛି। ଅଧିଗ୍ରହଣ ହେବାକୁ ଥିବା ଜମିର ଉଚିତ ମୂଲ୍ୟ ଓ କ୍ଷତିଗ୍ରସ୍ତଙ୍କ ପରିବାରକୁ ସ୍ଥାୟୀ ଚାକିରି ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋର କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଚେତାବନୀ ଦେଇଛନ୍ତି। ସେହିପରି ଜମି ହରାଇବାକୁ ଯାଉଥିବା ବିପ୍ଳବ ଜେନା କହିଛନ୍ତି, ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ଓ ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ସର୍ଭେ ସମ୍ପୂର୍ଣ୍ଣ କରାଯାଇଥିଲା। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଲିଖିତ ଆଲୋଚନା ହୋଇଥିବା ବେଳେ ବର୍ତ୍ତମାନ ପ୍ରଶାସନ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ପ୍ରତିଜମିହରା ପରିବାରକୁ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ନ ମିଳିଲେ ବିରୋଧ କରାଯିବ। ଅଞ୍ଚଳବାସୀ ପ୍ରତିଜ୍ଞା ପଣ୍ଡା କହିଛନ୍ତି, ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ ଥିବା ସମସ୍ତ ୧୮ ବର୍ଷରୁ ଅଧିକ ପ୍ରାୟ ୬୩୫ ଜଣ ନିଜର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୬ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ନନ୍‌ଟେକ୍ନିକାଲ। ବର୍ତ୍ତମାନ ପ୍ରଶାସନ କହୁଛି କେବଳ ଟେକ୍ନିକାଲ ପିଲାଙ୍କୁ ନାଲ୍‌କୋ ଚାକିରି ଦେବ। ରାଜେଶ କୁମାର ତ୍ରିପାଠୀ କହିଛନ୍ତି, ପ୍ରତିଦିନ ପ୍ରଶାସନ ମତ ବଦଳାଉଥିବାରୁ ନାଲ୍‌କୋ ଓ ଜିଲା ପ୍ରଶାସନ ଉପରେ ଲୋକଙ୍କ ଭରସା ରହୁନି। ତେଣୁ ପ୍ରଥମେ ଲିଖିତ ପ୍ରତିଶ୍ରୁତି ଦିଆଗଲେ ଜମି ପ୍ରଦାନ କରାଯିବ। ନଚେତ ପରିବେଶ ମଞ୍ଜୁରି ଜନଶୁଣାଣିକୁ ତୀବ୍ର ବିରୋଧ କରାଯିବ ବୋଲି ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇଙ୍କ ସମେତ ୩ ମୌଜାର ଲୋକେ ବୈଠକରେ ନିଷ୍ପତ୍ତି ନେଇଛନ୍ତି।



ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବାକୁ ୩ ଗ୍ରାମବାସୀ ମେଳି କରିଛନ୍ତି।

# ୪ ଜିଲା କୋର୍ଟକୁ ବୋମା ଧମକ

## ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଟକ,୬।୨(କାର୍ତ୍ତିକ ସାହୁ)**

କିଛି ଦିନ ପରେ ପୁଣି ୪ ଜିଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଇମେଲ୍‌ରେ ଧମକ ମିଳିଛି। କଟକ ଜିଲା ଜଜ୍ କୋର୍ଟ ସମେତ ଫୁଲବାଣୀ, ପୁରୀ ଓ ଯାଜପୁର ଜିଲା କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିବା ପରେ କୋର୍ଟ ପରିସରରେ ଶୁକ୍ରବାର ସକାଳୁ ସୁରକ୍ଷା ବ୍ୟବସ୍ଥାକୁ ପୋଲିସ କଡ଼ାକଡ଼ି କରିଛି। ଅପରପକ୍ଷେ ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ମଧ୍ୟ ପୋଲିସ ଛାଉଣି କରାଯାଇଥିଲା।

ସୂଚନାନୁସାରେ, ଶୁକ୍ରବାର ସକାଳୁ ଜିଲା କୋର୍ଟ ପୂର୍ବ ଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଆଇନଜୀବୀଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଥିଲା। ମାତ୍ର ହଠାତ୍ ପୋଲିସ ପକ୍ଷରୁ ଜାଗା ଖାଲି କରିବାକୁ କୁହାଯାଇଥିଲା। କାର୍ଯ୍ୟ ବନ୍ଦ ସହ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ। ବିଚାରପତି, ଆଇନଜୀବୀ ଓ ଲୋକେ କୋର୍ଟ ପରିସରରୁ ବାହାରି ଆସିଥିଲେ। ତେବେ ପୋଲିସର କଡ଼ା ଯାଞ୍ଚ ପରେ କୋର୍ଟପରିସରରେ ବୋମାର ସନ୍ଧାନ ମିଳି ନ ଥିଲା। ଅଧଘଣ୍ଟା ଭିତରେ ପୂରା କୋର୍ଟ ପରିସର ଖାଲି ହୋଇଯାଇଥିଲା। ପୋଲିସ ଆଣ୍ଟି ବମସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ କାର୍ଯ୍ୟ କରିଥିଲା। ବୋମା ନିଷ୍କ୍ରିୟକାରୀ ସନ୍ଦେହଜନକ ସ୍ଥାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ କୋର୍ଟ ପରିସରରେ ପହଞ୍ଚି କଡ଼ାକଡ଼ି ଯାଞ୍ଚ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଯାଞ୍ଚ କରାଯିବା ପରେ ମଧ୍ୟ ବୋମା ସନ୍ଧାନ ମିଳି ନ ଥିଲା। ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ନ୍ୟାୟାଳୟର ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପର ଅଛନ୍ତି। ଏଭଳି ଧମକପୂର୍ଣ୍ଣ ମେଲ୍ ଆତଙ୍କ ଖେଳାଇବା ପାଇଁ କରିଥାନ୍ତି, ତାର ଅର୍ଥ ନୁହେଁ ସରକାର ଏହାକୁ ହାଲୁକା ଭାବେ ନେବେ। ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏଭଳି ଧମକପୂର୍ଣ୍ଣ ମେଲ ସଂକ୍ରାନ୍ତରେ ସାଇବର ଟିମ୍ ସହ ଆଲୋଚନା ହୋଇଛି। ଏହା ଏକ ଡାର୍କ ୱେବ ବୋଲି କୁହାଯାଏ। ପ୍ରତ୍ୟେକ ମୁହୂର୍ତ୍ତରେ ଆଇଡିକୁ ବଦଳିଥାଏ। ଭାରତ ସରକାରଙ୍କ ସହଯୋଗରେ ଏହି ମେଲ୍‌ର ଉତ୍ସ କ'ଣ ଓ କେଉଁ ଅଜଣା ବ୍ୟକ୍ତି ଭୟ ସୃଷ୍ଟି କରିବାକୁ ଧମକପୂର୍ଣ୍ଣ ମେଲ ଛାଡୁଛନ୍ତି, ତା'ର ବର୍ତ୍ତମାନ ତଦନ୍ତ ଜାରି ରହିଛି। ଏହାଛଡ଼ା ହାଇକୋର୍ଟ ସିକ୍ୟୁରିଟି କମିଟି ସହ ପ୍ରାୟ ଦୁଇ ଘଣ୍ଟା ଧରି ସରକାରଙ୍କ ପକ୍ଷରୁ ଆଲୋଚନା ହୋଇଥିଲା। ଏଥିରେ କୌଣସି ଆତଙ୍କିତ ହେବାର ନାହିଁ ବୋଲି ପୀତାମ୍ବର କହିଛନ୍ତି।

# ଅଗ୍ନି ୩ର ସଫଳ ପରୀକ୍ଷଣ



ଅଗ୍ନି ୩ ପରୀକ୍ଷଣ

**ବାଲେଶ୍ୱର, ୬।୨(ବାଞ୍ଛାନିଧି ଦେ)**

ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଶୁକ୍ରବାର ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ୩,୫୦୦ କିଲୋମିଟର ଦୂରରେ ଅବସ୍ଥିତ ଶତ୍ରୁମାନଙ୍କୁ ଟାର୍ଗେଟ କରିବାରେ ସକ୍ଷମ। ଅଗ୍ନି-୩ କ୍ଷେପଣାସ୍ତ୍ରକୁ ପୂର୍ବରୁ ସେନାରେ ସାମିଲ କରାଯାଇଛି। ଏହା ୧୭ ମିଟର ଲମ୍ବ, ୨ ମିଟର ବ୍ୟାସ ଏବଂ ପ୍ରାୟ ୫୦ ଟନ୍ ଓଜନର। ଏହା ୧.୫ ଟନ୍ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ ଅଟେ। ୨୦୧୯ରେ ପ୍ରଥମ ଥର ପାଇଁ ଏହାର ସଫଳ ପରୀକ୍ଷଣ କରାଯାଇଥିଲା। ଏହାକୁ ପୁଣି ଥରେ ସଫଳ ପରୀକ୍ଷଣ କରାଯାଇଛି। ଅଗ୍ନି-୩ ଏକ ଦୂରଗାମୀ, ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। କେବଳ ପାକିସ୍ତାନ ନୁହେଁ, ଚୀନ ମଧ୍ୟ ଅଗ୍ନି-୩ କ୍ଷେପଣାସ୍ତ୍ରକୁ ଭୟ କରେ। ଏହା ସିରିଏଲ୍ ନାଭିଗେସନ୍ ଏବଂ ଜିପିଏସ୍ ସହିତ କାର୍ଯ୍ୟ କରେ। ଏହା ପରମାଣୁ ଏବଂ ଅନ୍ୟାନ୍ୟ ଅସ୍ତ୍ର ବହନ କରିବାରେ ସମ୍ପୂର୍ଣ୍ଣ ସକ୍ଷମ। ଏହି ସଫଳ ପରୀକ୍ଷଣକୁ ଦୃଷ୍ଟିରେ ରଖି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ ସମେତ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ସମଗ୍ର ଡିଆରଡିଓ ଏବଂ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।









ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ ! -ଶ୍ରୀଅରବିନ୍ଦ



# କଡ଼ା ନିୟମ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଦ୍ୟ ନିର୍ଦ୍ଦେଶନାମା ଜାରି କରିଛି ଯେ, ୨୦୧୧ ଓ ତା'ପର ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ ପଦବୀ ପାଇଁ ତାଲିକାଭୁକ୍ତ ହେବା ସକାଶେ ଏସ୍‌ପି କିମ୍ବା ଡିଜି ସ୍ତରରେ ଅତି କମ୍‌ରେ ଦୁଇ ବର୍ଷ କେନ୍ଦ୍ରୀୟ ଡେପୁଟେଶନର ଦରକାର ପଡ଼ିବ। ଏହା ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରେ। ବର୍ଷ ବର୍ଷ ଧରି ଜିଲା ପୋଲିସ ବ୍ୟବସ୍ଥାକୁ ପ୍ରକୃତ ପ୍ରାମାଣିକ କ୍ଷେତ୍ର ଭାବରେ ଦେଖାଯାଉଥିଲା, ଯେତେବେଳେ କେନ୍ଦ୍ରୀୟ ନିଯୁକ୍ତି ଉପଯୋଗୀ ଅଥଚ ଇଚ୍ଛାଧୀନ ଥିଲା। ସେହି ସମନ୍ୱୟ ଏବେ ଓଲଟିଯାଇଛି। ସରକାରୀ ଭାବେ ଏହାର କାରଣ ପୂରା ସ୍ପଷ୍ଟ। କେନ୍ଦ୍ରୀୟ ବାହିନୀ ଏବଂ ସଂସ୍ଥାଗୁଡ଼ିକରେ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଅଧିକାରୀଙ୍କ ଅଭାବ ରହିଛି। ଖାଲି ପଦବୀ ବୃଦ୍ଧି ପାଉଛି। କେନ୍ଦ୍ର ବିଶ୍ୱାସ କରୁଛି ଯେ, ରାଜ୍ୟଗୁଡ଼ିକ ଅଧିକ ସଂଖ୍ୟକ ଯୋଗ୍ୟ ଅଧିକାରୀ ପଠାଉନାହାନ୍ତି। ତେଣୁ ଏହାର ସମାଧାନ ହେଉଛି ଡେପୁଟେଶନକୁ ଅନିବାର୍ଯ୍ୟ କରିବା। କିନ୍ତୁ ଏହାର ପ୍ରଭାବ କର୍ମଚାରୀଙ୍କ ଅଭାବଠାରୁ ଯଥେଷ୍ଟ ବେଶି। କେନ୍ଦ୍ରୀୟ ଡେପୁଟେଶନକୁ ବାଧ୍ୟତାମୂଳକ କରିବାରେ ବିପଦ ରହିଛି। ପୋଲିସ ବ୍ୟବସ୍ଥାର ଆହ୍ୱାନଗୁଡ଼ିକ କେବଳ ଡେସ୍କକୈନ୍ଦ୍ରିକ ହୋଇ ରହିଥିବା ଏକ ଦେଶରେ ଏହା ଭଲ ହୋଇ ନ ପାରେ । ସିଏପିଏଫ୍‌ରେ ଧୀରେ ଧୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ଏବଂ କ୍ୟାଡର ଅଫିସରଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଏକ ସ୍ପଷ୍ଟ ବିରୋଧାଭାସ ମଧ୍ୟ ରହିଛି। ଅଧିକ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ର ପଠାଇବା ଏବେ ଜଟିଳ ହୋଇଯାଇଛି। ତା'ପରେ ରାଜ୍ୟଗୁଡ଼ିକ ସର୍ବଦା ସେମାନଙ୍କ ଆଇପିଏସ୍ ଅଧିକାରୀଙ୍କୁ ପ୍ରଶାସନିକ ଏବଂ ରାଜନୈତିକ କାରଣରୁ ସୁରକ୍ଷା ଦେଇଆସିଛନ୍ତି। ତେବେ ଅଧିକାରୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଏବେ କେନ୍ଦ୍ରୀୟ ଅଭିଜ୍ଞତା ଦରକାର, କିନ୍ତୁ ପ୍ରକୃତରେ ସେହି ଅଭିଜ୍ଞତା ପାଇବାକୁ ହେଲେ ରାଜ୍ୟ ସରକାରଙ୍କୁ ସେମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ପଡ଼ିବ, ଯାହା କେବେ ବି ନିଶ୍ଚିତ ନୁହେଁ।

### ବିଦେଶରେ ଛୁଟି କାଟିଲେ

ନୂତନ ବର୍ଷ ପୂର୍ବରୁ ବିହାରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କର ଏକ ଦଳ ସରକାରୀ ଭାବେ ଅନୁମୋଦିତ ଛୁଟିରେ ବିଦେଶକୁ ଯାଇ ଆମେରିକା ଏବଂ ବାଲି ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲା। ଏହିସବୁ ଯାତ୍ରା ପାଇଁ ଔପଚାରିକ ଭାବରେ ଅନୁମତି ଦିଆଯାଇଥିଲା ଏବଂ କେତେକ କ୍ଷେତ୍ରରେ ଛୁଟି ୪୨ ଦିନ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହାଯୋଗୁ ଫାଇଲଗୁଡ଼ିକ କାମ ନ ହୋଇ ପଡ଼ି ରହୁଥିଲା। ଛୁଟି ଦେବାରେ କୌଣସି ଆଇନ ଭଙ୍ଗ ହୋଇନାହିଁ, କୌଣସି ପ୍ରକ୍ରିୟାକୁ ଏଡାଇ ଦିଆଯାଇ ନାହିଁ। କାଗଜପତ୍ର ଠିକ୍ ଥିଲା, ଅନୁମତି ମଧ୍ୟ ଦିଆଯାଇଥିଲା ଏବଂ ବ୍ୟବସ୍ଥା ଅନୁଯାୟୀ ଯାହା କରାଯିବା କଥା ତାହା ସବୁ ଠିକ୍ ଭାବରେ ହୋଇଥିଲା। ଏହା ବାବୁମାନଙ୍କ ଜାଣତରେ ହୋଇଥିଲା। ସବୁକିଛି ସ୍ପଷ୍ଟ, ଆଇନଗତ ଏବଂ ତ୍ରୁଟିଶୂନ୍ୟ ଥିଲା। ତଥାପି ବିହାରରେ ସ୍ଥାୟୀ ଭାବେ ପ୍ରଶାସନିକ ଚାପ, ଆଇନଶୃଙ୍ଖଳା ଚ୍ୟାଲେଞ୍ଜ ଏବଂ ନିୟମିତ ଶାସନ ମୁଣ୍ଡବିନ୍ଧାର କାରଣ ହୋଇ ରହିଥିବାବେଳେ ବରିଷ୍ଠ ଅମଲାତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ବିଦେଶରେ ଛୁଟି କାଟିବା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଛୁଟିନେବା ଅଧିକାରକୁ କେହି ବିରୋଧ କରନ୍ତି ନାହିଁ। କିନ୍ତୁ ଯେତେବେଳେ ଅନେକ ବରିଷ୍ଠ ଅଧିକାରୀ ଏକକାଳୀନ କାମରୁ ଦୂରେଇ ରୁହନ୍ତି, ସେତେବେଳେ ତାହାକୁ ସାମୂହିକ ପଳାୟନ ଭାବେ ଦେଖାଯାଏ। ବାବୁମାନେ ଏବେ ଫେରି ଆସିଛନ୍ତି ଏବଂ ସେମାନଙ୍କ ପାସ୍‌ପୋର୍ଟଗୁଡ଼ିକ ସୁରକ୍ଷିତ ହୋଇ ରହିଛି । ଆଶା କରାଯାଉଛି, ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ହୁଏତ ଆର୍କଟିକ୍ କ୍ରୁଜ ହୋଇପାରେ।

### ବୈଷୟିକ ତ୍ରୁଟି

ଆପଣ ସେଲ୍‌ର ନେତୃତ୍ୱ ନେଉଥିବାବେଳେ ଏକ ଛୋଟ ବୈଷୟିକ ତ୍ରୁଟି ମଧ୍ୟ ବଡ଼ ଷଡ଼ଯନ୍ତ୍ର ତତ୍ତ୍ୱକୁ ସାମ୍ନାକୁ ଆଣିପାରେ। ଜାନୁଆରୀ ଶେଷ କାର୍ଯ୍ୟ ଦିବସରେ ଠିକ୍ ଏପରି ଘଟିଥିଲା। ସତେବେଳେ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶଙ୍କ ନାମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ୱେବ୍‌ସାଇଟରୁ କିଛି ସମୟ ପାଇଁ ଗାଏବ ହୋଇଯାଇଥିଲା। ଏହାକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଅମରେନ୍ଦୁଙ୍କୁ ବାହାର କରି ଦିଆଯାଇଛି ନା ତାଙ୍କୁ ବାଦ୍ ଦେବା ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଶ୍ନ ଉଠିଥିଲା। ଦିନର ଅଧିକାଂଶ ସମୟ ଗୁଜବ ଲାଗି ରହିଲା ଏବଂ ଶିଳ୍ପ ପର୍ଯ୍ୟବେକ୍ଷକମାନେ ଏହାକୁ ବ୍ୟାପକ କରିବାରେ ଲିପ୍ତ ରହିଲେ। ବାସ୍ତବ କଥା ହେଉଛି ପ୍ରକାଶଙ୍କ ବିବରଣୀ ସବୁ ସମୟରେ ସେଲ୍‌ର ୱେବ୍‌ସାଇଟରେ ଅପରିବର୍ତ୍ତିତ ରହିଥିଲା। କିନ୍ତୁ ପିଇଏସ୍‌ବି ପୋର୍ଟାଲ, ଯାହାକୁ ପ୍ରାୟତଃ ଶୀର୍ଷ ପିଏସ୍‌ୟୁ ନିଯୁକ୍ତିରେ ଚୂଡ଼ାନ୍ତ କର୍ତ୍ତୃପକ୍ଷ ଭାବରେ ବିବେଚନା କରାଯାଏ, ସେଥିରେ ତ୍ରୁଟି ଦେଖାଦେଇଥିଲା। ସ୍ୱଳ୍ପ ସମୟ ପାଇଁ ୱେବ୍‌ସାଇଟରୁ ତାଙ୍କ ନାମ ଅନ୍ତର୍ଦ୍ଧାନ ହେବା ଘଟଣା ସମାଲୋଚକଙ୍କୁ ଗୁଜବ ପାଇଁ ସୁଯୋଗ ଦେଇଥିଲା, ଯେଉଁମାନେ ଅନେକ ସମୟରେ ପ୍ରକାଶଙ୍କ କାର୍ଯ୍ୟକାଳର ସମୟ ପୂର୍ବରୁ ଶେଷ ହେବାର ସଙ୍କେତ ଦେଇଆସିଛନ୍ତି। ଏହି ସମୟରେ ସମର୍ଥକମାନେ କିଛି ସମୟ ଚିନ୍ତାରେ ପଡ଼ିଗଲେ। ପ୍ରକାଶ ଗତ କିଛି ସପ୍ତାହ ଧରି ଚାପରେ ଥିବାବେଳେ ସାଧାରଣରେ ଚର୍ଚ୍ଚାରେ ଅଛନ୍ତି, ଯାହାଙ୍କ ପାଇଁ ତାଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ସେଲ୍‌ର କିଛି ବ୍ୟକ୍ତି ତାଙ୍କ ନେତୃତ୍ୱ ଉପରେ ସନ୍ଦେହ ସୃଷ୍ଟି କରିବା ସେମାନଙ୍କ ନ୍ୟସ୍ତସ୍ୱାର୍ଥ ମନୋଭାବକୁ ସୂଚିତ କରେ। ସନ୍ଧ୍ୟା ସୁଦ୍ଧା ରହସ୍ୟର ଅନ୍ତ ଘଟିଲା। ନିଖୋଜ ନାମଟି ପୁଣି ସାମ୍ନାକୁ ଆସିଗଲା ଏବଂ ସେଲ୍ ମୁଖ୍ୟାଳୟରେ ପୁଣି କାମ ଆରମ୍ଭ ହୋଇଗଲା।

Email: dilipcherian@gmail.com

# କର୍ପୋରେଟ୍‌ଙ୍କ ସ୍ୱାର୍ଥରେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶର ଦୁର୍ବଳ ହେଉଥିବା ଅର୍ଥନୀତି ଓ ବିଶେଷକରି ଆମେରିକା ପରି ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଭାରି ଚାପ ମଧ୍ୟରେ କେନ୍ଦ୍ର ସରକାର ବଜେଟ ଆଗତ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହରାଇବା ପରେ ମୋଦି ସରକାର ଆୟକର ସୀମା ବଢ଼ାଇବା ଓ କିଛି ସାମଗ୍ରୀରେ ଜିଏସ୍‌ଟି କମାଇବା ମାଧ୍ୟମରେ ଚାହିଦା ବଢ଼ାଇବାକୁ ପଦକ୍ଷେପ ନେଇଥିଲେ। କିନ୍ତୁ ଏବର୍ଷ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନରେ ସଫଳତା ପାଇବା ପରେ ସେହି ପଦକ୍ଷେପଗୁଡ଼ିକ ମଧ୍ୟ ବଜେଟରେ ଦେଖିବାକୁ ମିଳିନାହିଁ। ଏହି ବଜେଟ କେବଳ ଦେଶୀ ଓ ବିଦେଶୀ କର୍ପୋରେଟ୍‌ଙ୍କ ସେବା କରୁଛି, ସପ୍ଲାଇ-ସାଇଡ୍ ନୀତିକୁ ଅନୁସରଣ କରୁଛି ଓ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ସାମାଜିକ କ୍ଷେତ୍ରକୁ ଅବହେଳା କରୁଛି ଏପରି କି କେତେକ କ୍ଷେତ୍ରରେ ବ୍ୟୟବରାଦକୁ କମାଇ ଦେଉଛି।

ଗତ କିଛି ବର୍ଷ ଧରି ବଜେଟ ପ୍ରକ୍ରିୟାର ଗୁରୁତ୍ୱ କ୍ଷୀଣ ହୋଇଛି। ବର୍ଷ ତମାମ ଟିକସ ବଢ଼ାଯାଉଛି ତଥା ବଜେଟରେ ଭ୍ରମାତ୍ମକ ଓ ବିଭ୍ରାନ୍ତିକର ତଥ୍ୟ ଦେବା ଦେଖାଯାଇଛି। ସରକାର ବଜେଟରେ ଆୟ ଅନୁମାନକୁ ବଢ଼ାଇ ଚଢ଼ାଇ ଦେଖାଇବା ସହ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରିବାକୁ ଯାଉଥିବା ଦେଖାଇ ଆସିଛନ୍ତି। କିନ୍ତୁ ବର୍ଷ ଶେଷରେ ଯେତେବେଳେ ପ୍ରକୃତ ଆୟଟି କମ୍ ହୋଇଯାଏ ସେତେବେଳେ ନିଅଣ୍ଟ ଭରଣା ନାଁରେ ସରକାର ସାମାଜିକ କ୍ଷେତ୍ରରେ ବ୍ୟାପକ ବ୍ୟୟ ହ୍ରାସ କରିବା ଦେଖାଯାଇଛି। ପରିତାପର ବିଷୟ ସରକାରଙ୍କ ପରିସଂଖ୍ୟାନକୁ ନେଇ ଏହି ଖେଳ ଓ ଲୋକମାନଙ୍କ ସହ ସ୍ପଷ୍ଟ ଠକେଇକୁ କର୍ପୋରେଟ୍ ମିଡିଆ ଚପେଇ ଦେଇ ଆସିଛି ଏବଂ ଦେଶୀ-ବିଦେଶୀ କର୍ପୋରେଟ୍‌ଙ୍କ ସେବା ପାଇଁ ସରକାରକୁ ପ୍ରଶଂସା କରୁଛି। ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଉପରେ ନିର୍ଭରଶୀଳ ଏହି ବିକାଶ ମଡେଲ ଗଭୀର ସଙ୍କଟରେ ପଡ଼ିଥିଲେ ମଧ୍ୟ ସରକାର ଘୋଡ଼େଇ ରଖିଛନ୍ତି।

ମାକ୍ରୋ-ଅର୍ଥନୈତିକ ସ୍ତରରେ ଅର୍ଥନୀତିର ନାମମାତ୍ର ବୃଦ୍ଧି ଦୁର୍ବଳ ରହିଛି। ମୋଟ ରାଜସ୍ୱ ବୃଦ୍ଧି ମାତ୍ର ୬.୭% ଅନୁମାନ କରାଯାଇଛି। ଆୟକର ଆଦାୟ ଅନୁମାନଠାରୁ ବହୁତ କମ୍ ଓ ଜିଏସ୍‌ଟି ଆଦାୟ କେବଳ ୧.୯% ବଢ଼ିଛି। ଅର୍ଥନୀତିରେ ୭.୪% ବୃଦ୍ଧିର ଦାବି କରାଯାଉଥିବା ବେଳେ କୃଷି କ୍ଷେତ୍ରରେ ଯେଉଁଠି ପ୍ରାୟ ଅଧା ଭାରତୀୟ କାର୍ଯ୍ୟଶକ୍ତି ନିୟୋଜିତ ଓ ଗ୍ରାମାଞ୍ଚଳରେ ରହୁଥିବା ଦେଶର ଦୁଇ ତୃତୀୟାଂଶ ଲୋକଙ୍କ ଜୀବନରେଖା, ସେଠାରେ ବୃଦ୍ଧି ହାର ୩.୧%କୁ ହ୍ରାସ ପାଇଛି। ଏହି ଅଭାବର ପରିଣାମ ସ୍ୱରୂପ, ୨୦୨୫-୨୬ ର ସଂଶୋଧିତ ଅନୁମାନ ଅନୁଯାୟୀ ଗ୍ରାମୀଣ ଉନ୍ନୟନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସହର ଉନ୍ନୟନ, ଆବାସନ ଓ ପାନୀୟଜଳ ଭଳି କ୍ଷେତ୍ରରେ ବ୍ୟୟ କମାଯାଇଛି। ଦଳିତ ଓ ଆଦିବାସୀ କଲ୍ୟାଣ, ଅଙ୍ଗନୱାଡ଼ି ଓ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ମଧ୍ୟ ବ୍ୟୟହ୍ରାସ



ହୋଇଛି। ଏବର୍ଷର ବଜେଟରେ ୨୦ଟି ସାମାଜିକ କ୍ଷେତ୍ର ମଧ୍ୟରୁ ୧୭ଟି ସମେତ ଅଧିକାଂଶ କ୍ଷେତ୍ରରେ ଅନୁଦାନ କମିଛି। ଦେଶରେ ମୁଦ୍ରାସ୍ଫୀତିର ନିମ୍ନ ହାର ପଛରେ ଚାହିଦା ହ୍ରାସ ଅର୍ଥାତ୍ ଲୋକମାନଙ୍କର କ୍ରୟଶକ୍ତି ହ୍ରାସ ପାଇବାର ପରିଣାମ ରହିଛି।

ସରକାରୀ ବ୍ୟୟର ଅଧିକାଂଶ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ ଦିଆଯାଇଛି, ଯେଉଁଠାରେ ସରକାରୀ-ଘରୋଇ ଭାଗୀଦାରି (ପିପିପି) ପଦ୍ଧତିରେ ବହୁ ପରିମାଣର ସରକାରୀ ଧନ ବିଦେଶୀ ଓ ଦେଶୀ କର୍ପୋରେଟ୍‌ଙ୍କ ଲାଭ ପାଇଁ ବ୍ୟୟ ହେବ। ଗତବର୍ଷ ମୋଟ ପୁଞ୍ଜି ବ୍ୟୟ କେବଳ ୪.୧% ଥିଲା, ଯାହାକି ବଜେଟ ଅନୁମାନଠାରୁ ବହୁତ କମ୍। ଏହାର ଅଧିକାଂଶ ଭାଗ ମଧ୍ୟ ଭିତ୍ତିଭୂମି ନିର୍ମାଣକୁ ଯାଇଛି, ଯାହାଫଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରଗୁଡ଼ିକୁ ଅବହେଳା କରାଯାଇଛି। ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ର ସରକାର ଏକ ବିଫଳ ଆର୍ଥିକ ବିକାଶର ମଡେଲ୍‌କୁ ଅନୁସରଣ କରି ଚାଲିଛନ୍ତି।

ସରକାର ଚାହିଦା ବୃଦ୍ଧି ପରି ଅର୍ଥନୀତିର ସବୁଠାରୁ ଜରୁରୀ ସମସ୍ୟାକୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ଗଭୀର ହେଉଥିବା କୃଷି ସଙ୍କଟ ଓ କୃଷକମାନଙ୍କର ଖରାପ ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରୟାସ ହୋଇନାହିଁ। ଏହାସତ୍ତ୍ୱେ ବଜେଟରେ ସାର ଓ ଖାଦ୍ୟ ସବ୍‌ସିଡିକୁ କମାଯାଇଛି। ଅନ୍ୟପଟେ ପ୍ରସ୍ତାବିତ ବିଦ୍ୟୁତ୍ ବିଲ୍ ଓ ବିହନ ବିଲ୍ ମାଧ୍ୟମରେ ସରକାର କୃଷକଙ୍କୁ କର୍ପୋରେଟ୍‌ଙ୍କ ଶୋଷଣର ଜାଲ ଭିତରକୁ ଠେଲିଦେବାକୁ ଯାଉଛନ୍ତି। ଦେଶରେ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ବଢ଼ୁଥିବା ବେକାରି ସମସ୍ୟାର ମୂଳ କାରଣକୁ ମଧ୍ୟ ସରକାର ଠିକ୍ ରୂପେ ସମାଧାନ କରୁନାହାନ୍ତି। ଅନ୍ୟପଟେ ଚାରିଟି ଶ୍ରମ ସଂହିତା ଓ ଭିବି-ଜି ରାମଜୀ ମାଧ୍ୟମରେ ଯଥାକ୍ରମେ ସହରାଞ୍ଚଳର ଶ୍ରମିକ ଓ ଗ୍ରାମୀଣ ଶ୍ରମିକମାନଙ୍କ ଅଧିକାର ଉପରେ ଆକ୍ରମଣ କରାଯାଇଛି, ଯାହା ତାଙ୍କର ମଜୁରିକୁ ଆହୁରି କମାଇଦେବ। ଭିବି-ଜି ରାମଜୀ କେବଳ ଜମିଦାର ଓ ଧନୀ କୃଷକମାନଙ୍କୁ ଲାଭ ଦେବା ପାଇଁ ମଜୁରି କମାଇବା ହିଁ ନୁହେଁ ବରଂ ଗ୍ରାମାଞ୍ଚଳରୁ ସହରକୁ ପଳାୟନ ବଢ଼ାଇ ସେଠାରେ ଶସ୍ତା ଶ୍ରମିକଙ୍କ ଏକ ସଂରକ୍ଷିତ ସେନା (ରିଜର୍ଭ ଆର୍ମି ଅଫ୍ ଲେବର) ବୃଦ୍ଧି କରିବ। ଦେଶର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଯେଉଁଗୁଡ଼ିକ ଶିଳ୍ପ ଶ୍ରମିକଙ୍କର ଏକ ବଡ଼ ଅଂଶକୁ ନିଯୁକ୍ତ କରନ୍ତି ଏବଂ ଏକ ତୃତୀୟାଂଶରୁ ଅଧିକ ରପ୍ତାନି ଏହି କ୍ଷେତ୍ରରୁ ଆସିଥାଏ, ସେମାନଙ୍କ ସଙ୍କଟର ପ୍ରକୃତ କାରଣକୁ ବଜେଟରେ ଅଣଦେଖା କରି କେବଳ ଋଣର ସୀମା ବୃଦ୍ଧି କରାଯାଇଛି। ସଙ୍କଟଗ୍ରସ୍ତ ଦେଶର ବସ୍ତ୍ର ଓ ପୋଷାକ ଶିଳ୍ପକୁ ମଧ୍ୟ ମୁଖ୍ୟତଃ ଉପର ଠାଉରିଆ ରିହାତି ଦିଆଯାଇଛି।

ସରକାର ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତି ବିଶେଷକରି ଆମେରିକାକୁ ଖୁସି କରିବା ପାଇଁ ସମ୍ପୂର୍ଣ୍ଣ ମୁଣ୍ଡ ନୁଆଁଇବା ଦେଖାଯାଉଛି। ନିକଟରେ ସ୍ୱାକ୍ଷରିତ ଇଂଲଣ୍ଡ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଓ ସଦ୍ୟ ଘୋଷିତ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରୁ ଏହି କଥା ପୁଣିଥରେ ପ୍ରମାଣିତ ହୋଇଛି। ଆମେରିକା ଆମର ବସ୍ତୁ ଉପରେ ଶୁଳ୍କକୁ ୧୮%କୁ ହ୍ରାସ କରିଥିବା ବେଳେ ସରକାର ଦେଶକୁ ଆମେରିକୀୟ ବସ୍ତୁର ଆମଦାନୀର ପରିମାଣକୁ ବଢ଼ାଇବା(ବାର୍ଷିକ ଅଧା ଟ୍ରିଲିଅନ୍ ଡଲାର) ସହ ସେସବୁକୁ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ କରି ଦେଇଛନ୍ତି। ଗତବର୍ଷର ବଜେଟରେ ମଧ୍ୟ ଆମେରିକୀୟ କମ୍ପାନୀମାନଙ୍କୁ ଆମଦାନୀ ଶୁଳ୍କ କମାଇ ରିହାତି ଦିଆଯାଇଥିଲା। ଏହି ବଜେଟରେ ଭାରତରେ ଡାଟା ସେଣ୍ଟର ବ୍ୟବହାର କରି କ୍ଲାଉଡ୍ ସେବା ଦେଉଥିବା ବିଦେଶୀ କମ୍ପାନୀମାନଙ୍କୁ ୨୦୪୭ ପର୍ଯ୍ୟନ୍ତ କର ଛାଡ଼ କରିଦିଆଯାଇଛି, ଯାହା ମୁଖ୍ୟତଃ ଆମେରିକୀୟ କମ୍ପାନୀଗୁଡ଼ିକୁ ଲାଭ ଦେବ। ୨୦୩୫ ପର୍ଯ୍ୟନ୍ତ ବିମାନର ଯନ୍ତ୍ରାଂଶ ଓ ପରମାଣୁ ଶକ୍ତି ଉପକରଣ ଉପରେ ମଧ୍ୟ ଶୁଳ୍କ ଛାଡକରି ଦିଆଯାଇଛି, ଯେଉଁ କ୍ଷେତ୍ରରେ ଆମେରିକାର ଏକଚାଟିଆ କାରବାର ରହିଛି। ଯନ୍ତ୍ରପାତି ଉପରେ ୟୁରୋପୀୟ ୟୁନିୟନ ଓ ପୂର୍ବରୁ ଇଂଲଣ୍ଡକୁ ଦିଆଯାଇଥିବା ରିହାତି ମଧ୍ୟ ଏହି ବଜେଟ୍‌ରେ ପ୍ରତିଫଳିତ ହୋଇଛି। ଭାରତର ବଜାରକୁ ବିଦେଶୀ ଶିଳ୍ପ ଉତ୍ପାଦର ଆମଦାନୀକୁ ପ୍ରତିବନ୍ଧକ ଶୂନ୍ୟ କରିଦେବାର ପରିଣାମ ଆମର ଉଚ୍ଚ ପ୍ରଯୁକ୍ତି ଶିଳ୍ପ ବିକାଶ ଓ ତାକୁ ଉତ୍ପାଦିତ କରୁଥିବା କମ୍ପାନୀମାନଙ୍କୁ କ୍ଷତି ପହଞ୍ଚାଇବ। ସେହିପରି ଦେଶର କୃଷି ଓ ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ଶସ୍ତା ବିଦେଶୀ ଉତ୍ପାଦନକୁ ଅନୁମତି ଦେବାର ଅର୍ଥ ହେଲା ଆମର କୃଷି ଓ କୃଷକଙ୍କୁ ବରବାଦ କରିବା।

ବଜେଟରେ ଖଣିଜ କରିଡର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବା ମଧ୍ୟ ଚିନ୍ତାଜନକ। ଭାରତର ଶାସକ ଶ୍ରେଣୀ ଦୀର୍ଘଦିନ ଧରି ଦେଶର ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକୁ କର୍ପୋରେଟ୍ ଲୁଟ ପାଇଁ ଖୋଲିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହା ଆମର ମୂଲ୍ୟବାନ ଖଣିଜ ସମ୍ପଦର ଶୀଘ୍ର ସମାପ୍ତି କରିବା ସହ ପ୍ରକୃତି ଓ ପରିବେଶର ବିନାଶ କରିବ। ଏହା ସହ ସେସବୁ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କ ବଳପୂର୍ବକ ବିସ୍ଥାପନ ବଢ଼ିଯିବ। ବିଶେଷ କରି ଓଡ଼ିଶା ପରି ଖଣିଜ ସମ୍ପଦ ବହୁଳ ରାଜ୍ୟ ସରକାରଙ୍କ ଉପରୋକ୍ତ ନୀତିର ସର୍ବାଧିକ କ୍ଷତି ସହିବ।

ସାଧାରଣତଃ ବଜେଟ ଅର୍ଥନୀତିର ଅବସ୍ଥା ଓ ଦିଗ ଦେଖାଇଥାଏ। ତେବେ ବଜେଟରେ ପ୍ରଦତ୍ତ ତଥ୍ୟ ସବୁ ଅନେକ ସମୟରେ ମିଥ୍ୟା ଓ ଅତିରଞ୍ଜିତ ହେଉଥିବାରୁ ସେଥିରେ ଅର୍ଥନୀତିର ଅବସ୍ଥାଟି ସ୍ପଷ୍ଟ ଭାବେ ଦେଖାଯାଏନି। କିନ୍ତୁ ବଜେଟରୁ ଅର୍ଥନୀତିର ଦିଗଟି ସ୍ପଷ୍ଟ ଜଣାପଡ଼ୁଛି, ଯାହାକି ଭାରତୀୟ ଅର୍ଥନୀତିକୁ ମାନ୍ଦାବସ୍ଥା ଓ ଧୀରେ ଧୀରେ ବିପର୍ଯ୍ୟୟ ଦିଗକୁ ନେଉଛି, ଯାହା ଦେଶର ଅଧିକାଂଶ ଲୋକ ବିଶେଷକରି ଶ୍ରମଜୀବୀ ଲୋକଙ୍କୁ ଧ୍ୱଂସ କରିଦେବ।

ମୋ : ୯୪୩୭୧୬୬୩୯୧

# ଶେଷାନ ଓ ଗାଈଆଳ ପିଲା



ଉପେନ୍ଦ୍ର ବିଶ୍ୱାଳ

ଆଲେଖ୍ୟଟିକୁ ଆରମ୍ଭ କରିବା ସ୍ୱର୍ଗତଃ ଶେଷାନଙ୍କ ଅଙ୍ଗେଲିଭା ଏକ ଘଟଣାରୁ। ତିରୁନେଲାଇ ନାରାୟଣ ଆୟାର ଶେଷାନ ହେଉଛନ୍ତି ସେହି ଭାରତୀୟ ପ୍ରଶାସନିକ ଅଧିକାରୀ, ଯିଏକି ମୁଖ୍ୟ ନିର୍ବାଚନ କମିଶନର ଦାୟିତ୍ୱରେ ଥିଲାବେଳେ ଦୀର୍ଘଦିନରୁ ଭାରତରେ ପ୍ରଚଳିତ ନିର୍ବାଚନ ପଦ୍ଧତିରେ ଅନେକ ସଂସ୍କାର ଆଣି ପାରିଥିଲେ। ଏକଦା ସପତ୍ନିକ ଉତ୍ତରପ୍ରଦେଶ ଗସ୍ତରେ ଥାଆନ୍ତି ସେ। ସଡ଼କପଥରେ ଯାଉଥିବାବେଳେ ପଥପ୍ରାନ୍ତେ ଦୃଷ୍ଟି ଆକର୍ଷଣ କରେ ପ୍ରଲମ୍ବିତ ସୁଶୋଭିତ ଫଳନ୍ତି ଆମ୍ର ଉଦ୍ୟାନମାଳା। ମନକୁ ଆହୁରି ବି ଅଧିକ ମୋହିତ କରୁଥାଏ ଖୁବ୍ ସୁନ୍ଦରଭାବେ ସେଥିରେ ଓହଳିଥିବା ପକ୍ଷୀଙ୍କ ନୀଡ଼, ଯେଉଁଥିରେ ପ୍ରତିବିମ୍ବିତ ହେଉଥିଲା କେଉଁଜଣେ କୁଶଳୀ କାରିଗରଙ୍କ ଅପୂର୍ବ କାରୁକାର୍ଯ୍ୟର ନିପୁଣତା। ଶ୍ରୀମତୀ ଶେଷାନଙ୍କ ମନ ଟଳିଲାନାହିଁ ଆଗକୁ ଆଉ ଯିବା ପାଇଁ। ବାଧହୋଇ ସମସ୍ତେ ଓହ୍ଲାଇଲେ ସେଇଠି ଏବଂ ଦଣ୍ଡେ ନିରୀକ୍ଷଣ କଲେ ପ୍ରକୃତିର ମନଲୋଭା ସେହି ଶୋଭାରାଜିକୁ। ଦୁଇଟି ନୀଡ଼ ଘରକୁ ନେଇଯିବାକୁ ତାଙ୍କର ଆଗ୍ରହ ସୃଷ୍ଟିହୁଅନ୍ତେ, ସାଥିରେ ଥିବା ସୁରକ୍ଷାକର୍ମୀମାନେ ପାଖରେ ଗୋରୁ ଚରାଉଥିବା ଜଣେ ବାଳକକୁ ଡାକି ଦୁଇଟି ନୀଡ଼ ଭାଙ୍ଗି ଆଣିବାକୁ ଦଶ ଟଙ୍କା ଧରାଇଦେଲେ। ବାଳକଟି ନମ୍ରତାର ସହିତ ଏହାକୁ ଅସ୍ୱୀକାର କରନ୍ତେ, ଶେଷାନ ତାକୁ ପଚାଶ ଟଙ୍କା ବି ଯାଚିଲେ। ସେଇଠୁ ବାଳକଟି ସ୍ପଷ୍ଟଭାବେ କହିଲା - ''ସାହେବ, ଆପଣମାନେ ମୋତେ ଯେତେ ଟଙ୍କା ଦେଲେ ବି ମୁଁ କେବେ ଏମିତି କାମ କରିପାରିବି ନାହିଁ। କାରଣ ନୀଡ଼ ଭିତରେ ଅଛନ୍ତି ସୁକୋମଳ ପକ୍ଷୀ ଶାବକମାନେ। ପିଲାଙ୍କ ପାଇଁ ଆହାର ସନ୍ଧାନରେ ଯାଇଥିବା ମାଆପକ୍ଷୀ ନୀଡ଼କୁ ଫେରିଆସି ଯେତେବେଳେ ଦେଖିବ ତା' ନୀଡ଼ ସମେତ ଶାବକମାନେ ନାହାନ୍ତି, ସେତେବେଳେ ତା'ର ଅବସ୍ଥା କ'ଣ ହେବ? ଅତି ବିକଳହୋଇ ବିଳାପ କରିବ ନାହିଁ କି? ଏମିତି ହୃଦୟହୀନ କାମ କେବେ କରିପାରିବି ନାହିଁ।'' ଏହି କେଇପଦ କଥା ସେଦିନର ଦୃଢ଼ ପ୍ରଶାସକ ଶେଷାନଙ୍କ ହୃଦୟକୁ ଦୋହଲାଇ ଦେଇଥିଲା। ଗାଈଆଳ ପିଲାଟିର ଏପରି ଉଚ୍ଚଭାବନା, ଉନ୍ନତ ଚିନ୍ତାଧାରାକୁ ମନେମନେ ପ୍ରଣିପାତ ବାଢ଼ିଥିଲେ ସେ। ଉଚ୍ଚତାରେ ନୁହେଁ ବରଂ ଉଚ୍ଚାପଣରେ ହିଁ ଜଣାପଡ଼େ ବ୍ୟକ୍ତିର ଉଚ୍ଚତା। ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କର ଏକ ଉକ୍ତି ବି ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ, - ''ପ୍ରାଣୀମାନଙ୍କ ପ୍ରତି ଆଚରଣ ହିଁ ଇଙ୍ଗିତ କରାଇଥାଏ ଗୋଟେ ରାଷ୍ଟ୍ର ବା ଜାତିର ଚେତନାର ସ୍ତର ତଥା ନୈତିକତାର ପ୍ରଗତି ସମ୍ବନ୍ଧେ।'' ସେଦିନର ଏହି ଘଟଣାଟି କିନ୍ତୁ ଶେଷାନଙ୍କ ଅଲିଭା ସ୍ମୃତି ହୋଇ ରହିଯାଇଥିଲା ସାରା ଜୀବନ ପାଇଁ। ଉଦାତ୍ତ ବିଚାରର ମଣିଷ, ସଚ୍ଚୋଟ ପ୍ରଶାସକ ଶେଷାନ ବି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଅନୁଭୂତିକୁ ଉଲ୍ଲେଖ କରୁଥିଲେ ଦୁନିଆକୁ ସୁନ୍ଦର ସନ୍ଦେଶ ଦେବାକୁ।



ଜଙ୍ଗଲ (ଅସଜଡ଼ା ବା ଅବହେଳିତ ଇଲାକା) ଅନ୍ଧକାରାଚ୍ଛନ୍ନ, କିନ୍ତୁ ତା'ଭିତରେ ତ ହୀରାର (ଚେତନଶୀଳ ମଣିଷ) ସନ୍ଧାନ ମିଳେ - ଆର୍ଥର ମିଲର। ଏବେ ଆସନ୍ତୁ ତଉଲିବା ଦୁଇଟି ଭିନ୍ନ ଭାବଧାରାକୁ; ସତ୍ୟ ଓ ସଚ୍ଚୋଟତା, ନୀତି ଓ ନୈତିକତାର ନିକିତିରେ। ଗୋଟେପଟେ ପ୍ରତିନିଧିତ୍ୱ କରନ୍ତି ଶେଷାନଶ୍ରେଣୀୟ ଶାସକ-ପ୍ରଶାସକ ତଥା ତାଙ୍କ ସହଯୋଗୀମାନେ, ଯେଉଁମାନେ ଗଣା ହୁଅନ୍ତି ସମାଜର ଜ୍ଞାନୀଗଣ ଏବଂ ଦୁନିଆ ଆଗରେ ଉଭା ହୋଇଥାନ୍ତି ମାନ୍ୟଜନ ଭାବେ। ଅନ୍ୟପଟେ ଅଛନ୍ତି ଗାଈଆଳ ବାଳକ ବା ଅତି ନିମ୍ନଶ୍ରେଣୀର ପ୍ରତିନିଧିମାନେ, ଯେଉଁମାନଙ୍କର ନା ଥାଏ ବିଶେଷ ଶିକ୍ଷା ଅବା ପୂର୍ବୋକ୍ତ ଗୋଷ୍ଠୀଙ୍କ ପରି ସାମାଜିକ ସମ୍ମାନ! କିନ୍ତୁ ଏମାନଙ୍କ ପାଖେ ଯେଉଁ ଚେତନାର ସ୍ତର ଥାଏ, ତାହା କିନ୍ତୁ ନ ଥାଏ ସେହି ମାନ୍ୟଗଣ୍ୟଙ୍କ ନିକଟରେ। ରାସ୍ତାରେ ଗଲାବେଳେ ସାଧାରଣତଃ ଦେଖାଯାଏ, ଦୁର୍ଘଟଣାରେ କ୍ଷତାକ୍ତ ହୋଇ କେହି ପଡ଼ିଥିଲେ ଏହି ବାବୁମାନେ ଯେତେ ପରିମାଣରେ ଦୟା କି ଦରଦଭାବ ପ୍ରକାଶ କରିଥାନ୍ତି, ତା'ଠାରୁ ଅଧିକ କରିଥାନ୍ତି ଦ୍ୱିତୀୟ ବର୍ଗର ମଣିଷମାନେ। ସମ୍ଭ୍ରାନ୍ତ, ସହରୀବାବୁଙ୍କର ଚେତନା ପ୍ରାୟତଃ ଶୋଇ ରହୁଥିବାବେଳେ ଏମାନଙ୍କର ଚେତନା ଚେଇଁ ରହିଥାଏ। ଉଚ୍ଚ ଡିଗ୍ରୀଧାରୀ, ଉଚ୍ଚ ପଦପଦବୀରେ ଆସୀନ ବ୍ୟକ୍ତିମାନଙ୍କ ନଜରରେ ଅତି ମାମୁଲି ମନେ ହେଉଥିବା ବିଶେଷ ଶିକ୍ଷାହୀନ ଏହି ଦରିଦ୍ର ମଣିଷମାନେ ବାସ୍ତବରେ କଦାପି ଛୋଟ ନୁହନ୍ତି। ସେମାନେ ହେଉଛନ୍ତି ମାନବାତ୍ମାର ଏକ ଏକ ଶାଶ୍ୱତ ସତ୍ତା। କ୍ଷମତାସୀନ ଧୃତରାଷ୍ଟ୍ରମାନେ ଏମାନଙ୍କୁ ହୁଏତ ହେୟ ମନେ କରିପାରନ୍ତି, କିନ୍ତୁ ଏମାନେ ହେଉଛନ୍ତି ଜଣେ ଜଣେ ଜୀବନ୍ତ ବିବେକ। କ୍ଷମତାନ୍ଧ ମଣିଷମାନେ ଯେଉଁମାନେ ସ୍ୱାର୍ଥର ଅନ୍ଧାରି ଗହ୍ୱର ମଧ୍ୟରେ ବାରମ୍ବାର ବାଟ ହୁଡ଼ିଥାନ୍ତି, ସେମାନଙ୍କ ପାଇଁ ଏହି ବିଦୂରମାନେ ହେଉଛନ୍ତି ଚିରନ୍ତନ ଅନିର୍ବାଣ ଦୀପଶିଖା। ଯୁଗେ ଯୁଗେ ଏହି ବିଦୂରମାନେ କେତେବେଳେ ଦାସୀଗର୍ଭରୁ ତ ଆଉକେବେ ଗାଈଆଳ, ଚାଷୀ, ମୂଲିଆ, ଅଭାବୀ ପରିବାରରେ ଜନ୍ମ ନେଇଥାନ୍ତି। ଶିକ୍ଷା, ସମ୍ପତ୍ତିରେ ଏମାନେ ଗରିବ ହୋଇପାରନ୍ତି, କିନ୍ତୁ ବିବେକଯୁକ୍ତ ବିଚାର, ମାନବିକତାରେ ଏମାନେ ସମୃଦ୍ଧ। ସତ୍ତାଲୋଭୀ, ଧୂର୍ତ୍ତ ଦୁର୍ଯ୍ୟୋଧନମାନଙ୍କ ପାଇଁ ଏମାନେ ହୁଏତ ଅଲୋଡ଼ା ହୋଇପାରନ୍ତି କିନ୍ତୁ ନ୍ୟାୟବନ୍ତ, ସତ୍ୟନିଷ୍ଠ, ସତପଥୀ ଶ୍ରୀକୃଷ୍ଣମାନଙ୍କ ପାଇଁ ଏମାନେ ଆଦରଣୀୟ। କାରଣ ଏମାନେ ହେଉଛନ୍ତି ସତ୍ୟର ସାରଥି, ପୁଣ୍ୟର ପୂଜକ, ଉଦାତ୍ତଭାବର ଉପାସକ। ସାମାନ୍ୟ ମନେହେଉଥିବା ଗାଈଆଳ ବାଳକ କପିଳାମାନଙ୍କ ଭିତରେ ଛପିକି ରହିଥାଏ ରାଜା କପିଳେନ୍ଦ୍ର ଦେବଙ୍କ ଚେତନା ଓ ଚମକ। ଏଣୁ ଆସନ୍ତୁ, ଅବହେଳିତ ବା ବନ ଇଲାକାରେ ରହୁଥିବା ଏହି ରତ୍ନମାନଙ୍କୁ କେବେ ଅନାଦର କରିବା ନାହିଁ କି ଅଣଦେଖା କରିବା ନାହିଁ।

ଫକୀରମୋହନ ନଗର, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଚାକିରି ବଦଳରେ ଏବେ ମହିଳାମାନେ ଚାଷ କରିବାକୁ ଆଗଭର ହେବା ଲକ୍ଷ୍ୟ କରାଯାଉଛି। ଏଥିରେ ସେମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇପାରୁଛନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଡେରାଡୁନରେ। ସେଠାରେ ଦୁଇ ଭଉଣୀ ମନୀଷା ଗୋସାଁଇ ଓ ନମିତା ରାଓ୍ତ ଚାକିରି ପଛରେ ନ ଧାଇଁ ପ୍ରଥମେ ଜୈବିକ ପଦ୍ଧତିରେ ପନିପରିବା ଚାଷ କରିଥିଲେ। ପରେ ତାଙ୍କ ଫାର୍ମରେ ଅଁଳା ଚାଷ ଆରମ୍ଭ କରିଥିଲେ। ଏବେ ସେମାନେ ଏହି ଚାଷରୁ ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଁଳା ସହ କିଛି ଆମ୍ବ ଗଛ ମଧ୍ୟ ଲଗାଇଛନ୍ତି। ସେମାନେ ଅଁଳାକୁ ମାର୍କେଟକୁ ପଠାଇବା ପରେ ବଳକା ଅଁଳାରୁ ଜୁସ, ଚଟଣି, ଜାମ ଓ ଆଚାର ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ସେଠାକାର ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହାସହ ଏହି ଫାର୍ମରେ ଦୁଇ ଭଉଣୀ ଟମାଟୋ, ବାଇଗଣ ଓ ଲେମ୍ବୁ ଚାଷ ମଧ୍ୟ କରିପାରୁଛନ୍ତି। ଚାଷରେ ସେମାନେ ଜୈବିକ କୀଟନାଶକ ଓ ଗୋବର ଖତ ବ୍ୟବହାର କରୁଛନ୍ତି। କୌଣସି ରାସାୟନିକ ସାର ପ୍ରୟୋଗ କରୁନାହାନ୍ତି। ଏହା ସହ ପରିବା ବର୍ଜ୍ୟ ଓ ଅଣ୍ଡା ଖୋଳରୁ ପ୍ରସ୍ତୁତ ଖତ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଫେବୃଆରୀ ୧୯୭୭

- ଗୁଜରାଟରେ ଦୁଇ କଂଗ୍ରେସ ବିଧାୟକ କେ. ସୋନେରୀ ଓ ଏମ୍. ରଥୱା ଦଳତ୍ୟାଗ କରି ଜନତା ପାର୍ଟିରେ ଯୋଗଦେଇଛନ୍ତି।
- ସୌରଶକ୍ତି ବିନିଯୋଗ ଓ ପରିବେଶ ବିଶୁଦ୍ଧୀକରଣ ଆଦି ବହୁ ବୈଜ୍ଞାନିକ କ୍ଷେତ୍ରରେ ସହଯୋଗିତା ପାଇଁ ଭାରତ ଓ ୟୁରୋପୀୟ ଅର୍ଥନୈତିକ ଗୋଷ୍ଠୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | 9 | | |
| | 9 | | | 6 | 1 | 8 | 5 | |
| | | | | | 3 | 4 | 1 | 7 |
| | | | 8 | | | 3 | 4 | |
| 6 | 8 | | | | | | 7 | 9 |
| 3 | 1 | | | 9 | | 2 | | 8 |
| 7 | 5 | | | 4 | | | | 1 |
| 2 | 3 | 1 | | 8 | 5 | | | 4 |
| | | | | 7 | | 5 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 9 | 1 | 6 | 2 | 5 | 8 |
| 2 | 5 | 1 | 7 | 4 | 8 | 3 | 6 | 9 |
| 8 | 9 | 6 | 3 | 5 | 2 | 1 | 7 | 4 |
| 9 | 2 | 7 | 1 | 8 | 3 | 5 | 4 | 6 |
| 6 | 1 | 8 | 4 | 9 | 5 | 7 | 3 | 2 |
| 4 | 3 | 5 | 6 | 2 | 7 | 8 | 9 | 1 |
| 5 | 6 | 2 | 8 | 7 | 4 | 9 | 1 | 3 |
| 7 | 4 | 9 | 2 | 3 | 1 | 6 | 8 | 5 |
| 1 | 8 | 3 | 5 | 6 | 9 | 4 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ଡ୍ରାଇଭରଙ୍କ ଉତ୍ପାତ

ମହାଶୟ,

ଥରେ କଟକରୁ ଭୁବନେଶ୍ୱର ବିମାନ ବନ୍ଦର ଯାଇ ଓଲା ଡ୍ରାଇଭରଙ୍କୁ ତା'ର ପ୍ରାପ୍ୟ ଫୋନ ପେ ଜରିଆରେ ଦେଇ ପୁନର୍ବାର ଓଲାଠାରୁ ଦେୟ ପୈଠ ନିମନ୍ତେ ବାରମ୍ବାର ତାଗିଦ ପାଇବା ମୋତେ ଥାଇଲାଣ୍ଡରେ ଥାଇ ମାନସିକ ସ୍ତରରେ ଦୁଃଖ ଦେଇଥିଲା। ଏହି ବିଷୟ ଭାରତ ଫେରି ତଦାରଖ କରି ଜାଣିଲି ଯେ ଡ୍ରାଇଭର ପ୍ରାପ୍ୟ ଟଙ୍କା ହଡପ କରିଛି। ଗତ ୩୧ ଜାନୁଆରୀ ୨୦୨୬ ସକାଳେ ଭୁବନେଶ୍ୱର ବିମାନ ବନ୍ଦରଠାରୁ କଟକ ଘରକୁ ଆସିବା ପାଇଁ ଓବେର ବୁକ୍ କଲି । କଟକରେ ପହଞ୍ଚାଇ ଦେଇ ନିର୍ଦ୍ଦିଷ୍ଟ ଭଡ଼ାଠାରୁ ଅଧିକ ନେଇ ଚାଲିଗଲା ପରେ ଅନ୍ୟ ଜଣେ ଓବେର ଡ୍ରାଇଭର ଫୋନ କରି କଟକ ଯିବା ପାଇଁ ବିମାନ ବନ୍ଦରରେ ମୋତେ ଅପେକ୍ଷା କରିଛି ବୋଲି କହିଲା, ଜାଣେନା ଆଉଥରେ କେମିତି ଟ୍ରିପ୍ ବୁକ୍ ହେଲା ? ଏହା ଏକ ଯାନ୍ତ୍ରିକ ତ୍ରୁଟି ହୋଇ ଥାଇ ପାରେ ବୋଲି ମୋର ଧାରଣା। ଅଯଥା ପ୍ରଥମ ଡ୍ରାଇଭରର ଠକାମି ସହିତ ଦ୍ୱିତୀୟ ଡ୍ରାଇଭର ଠାରୁ ଗାଳି ଖାଇବା ସତରେ ଖୁବ୍ କଷ୍ଟଦାୟକ। ଅନେକ ଭଲ ଡ୍ରାଇଭର ଅଛନ୍ତି, କିନ୍ତୁ କିଛି ଠକ ଡ୍ରାଇଭର ଯାତ୍ରୀଙ୍କୁ ଲୁଟିବାରେ ଅଭ୍ୟସ୍ତ । ସରକାର ଏହି ସଂସ୍ଥା ଉପରେ ନିୟନ୍ତ୍ରଣ ରଖନ୍ତୁ।

-ବିଷ୍ଣୁ ପ୍ରସାଦ ଦାସ,ସ୍ନେହ କୁଟୀର.ଝାଞ୍ଜିରୀ ମଙ୍ଗଳ , କଟକ

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୀଟନାଶକ ପିଇ ପିଇଓ ସଙ୍କଟାପନ୍ନ

## ଅତିରିକ୍ତ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

ଚିକିଟି,୬।୨(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଛି। ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ତ୍ରୀ ବି. ଜାନକୀ ଅଭିଯୋଗ କରିଛନ୍ତି। ଦଣ୍ଡପାଣିଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବେ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପକ୍ଷରେ ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଏକ ମିନି ମାରାଥନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅନୁସାରେ ବିଡିଓଙ୍କ ଚିଠି ସଂଖ୍ୟା ୧୩୩, ୨।୨।୨୦୨୬ ଅନୁଯାୟୀ ଗତ ୩ ତାରିଖରେ ପୁନାପୁରଠାରୁ ଜାଗପୁର ପର୍ଯ୍ୟନ୍ତ ଏକ ମିନି ମାରାଥନ କରାଯାଇଥିଲା। ମାରାଥନ ରାସୋଳ ଛକରୁ ବାହାରିଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡପାଣି ପାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରି ପାତ୍ର ସମସ୍ତ ବିଷୟ ସ୍ତ୍ରୀ ବି. ଜାନକୀଙ୍କୁ ଜଣାଇଥିଲେ। ପରେ ୪ ତାରିଖ ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ।

ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଦୁର୍ବ୍ୟବହାର କରିବା ସହ ଅପମାନିତ କରିଛନ୍ତି। ଏହା ସହି ନ ପାରି ତାଙ୍କ ସ୍ୱାମୀ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯଦି ତାଙ୍କ ସ୍ୱାମୀଙ୍କର କିଛି ହୋଇଯାଏ ତେବେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଜାନକୀ କହିଛନ୍ତି ଏ ସମ୍ପର୍କରେ ସେ ଜିଲା ପ୍ରଶାସନଙ୍କୁ ଅବଗତ କରାଇ ଏହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶାଶ୍ୱତୀ କହିଛନ୍ତି, ଦଣ୍ଡପାଣି ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସେ ମଧ୍ୟ ଜିଲା ପ୍ରଶାସନଙ୍କୁ ଜଣାଇଥିବା କହିଛନ୍ତି। ଏପରି କି ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଶାଶ୍ୱତୀ ୪ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି ଏହାକୁ ନେଇ ମାମଲା ରୁଜୁ ହୋଇଥିବା ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

# ନରସିଂହଙ୍କୁ ଭେଟିଲେ ଭକ୍ତ-ଜୟଦେବ

ବଲାଙ୍ଗିର,୬।୨(ବୀରେନ୍ଦ୍ର କୁମାର ଖଣ୍ଡୁଆ)



ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଆଲୋଚନା କରୁଛନ୍ତି।

ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ଶୁକ୍ରବାର ତାଙ୍କ ବଲାଙ୍ଗିରସ୍ଥିତ ବାସଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସାକ୍ଷାତ କରି ଥିବା ଜଣାପଡ଼ିଛି। ଏହି ସମୟରେ ତିନି ବରିଷ୍ଠ ନେତା ସାମ୍ପ୍ରତିକ ରାଜ୍ୟ ରାଜନୀତି, ଆଗାମୀ ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ଦଳର ରଣନୀତି ଏବଂ ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ଜଣିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ପିସିସି ସଭାପତି ଭକ୍ତ ପୂର୍ବାହ୍ନରେ ନରସିଂହଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ଧରି ଉଭୟେ ଆଲୋଚନା କରିଥିଲେ। ଏହାପରେ ସେଠାରେ ଜୟଦେବ ପହଞ୍ଚିଥିଲେ। ତିନି ନେତା ଏକାଠି ହୋଇ ବେଶ୍ କିଛି ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟତଃ ଆଗାମୀ ରାଜ୍ୟସଭା ନିର୍ବାଚନକୁ ନେଇ ସେମାନେ ଆଲୋଚନା କରିଥିବା ଜଣାପଡ଼ିଛି। ଜିଲ୍ଲେଦାର ପୂର୍ବରୁ ଭକ୍ତ ଜଣାଇଥିଲେ ଯେ, ଆଗାମୀ ରାଜ୍ୟସଭା ନିର୍ବାଚନ ସଂଖ୍ୟା ନ ଥିଲେ ମଧ୍ୟ ମର୍ଯ୍ୟାଦା ପାଇଁ କଂଗ୍ରେସ ରାଜ୍ୟ ସଭା ନିର୍ବାଚନ ଲଢ଼ିବ ଏବଂ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ସେ ବିଜେଡି ସଭାପତି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି

## ରାଜ୍ୟ ସଭା ନିର୍ବାଚନକୁ ନେଇ ଅଙ୍କକଷା

ଏନେଇ ଆଲୋଚନା କରିବେ ବୋଲି କହିଥିଲେ। ଏଭଳି ଘୋଷଣା ପରେ ଭକ୍ତ ଏବଂ ଜୟଦେବ ବଲାଙ୍ଗିର ଆସି ନରସିଂହଙ୍କ ବାସଭବନରେ ଆଲୋଚନା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ନରସିଂହଙ୍କୁ ପଚରାଯିବାରୁ ଭକ୍ତ ଓ ଜୟଦେବଙ୍କ ସହ ତାଙ୍କର ଆଲୋଚନା ହୋଇଛି। ନିର୍ବାଚନ ପ୍ରସଙ୍ଗରେ ଆଗାମୀ ରାଜ୍ୟସଭା ନିର୍ବାଚନ ଉପରେ ଆଲୋଚନା ହୋଇଥିଲା। ଚତୁର୍ଥ ଆସନରେ ରାଜ୍ୟର ଜଣେ ଯୋଗ୍ୟ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କୁ କିଭଳି ରାଜ୍ୟ ସଭା ପଠାଯିବ ଏବଂ ଓଡ଼ିଶାର ସ୍ୱାର୍ଥରକ୍ଷା କରାଯିବ ସେନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣଙ୍କୁ ପଚରା ଯିବାରୁ ଦଳର ବରିଷ୍ଠ ନେତା ନରସିଂହଙ୍କୁ ଭେଟିବା ପାଇଁ ସେ ଆସିଥିଲେ। ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର କ'ଣ ରଣନୀତି ହେବ ତାହା ଉପରେ ସେ ନରସିଂହଙ୍କ ସୁପରାମର୍ଶ ପାଇଥିବା କହିଛନ୍ତି। ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସ ଦଳ ଆଗାମୀ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଆଗାମୀ ଏପ୍ରିଲରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନ ଖାଲି ହେବ। ଏହି ଆସନ ପାଇଁ ହେବାକୁ ଥିବା ନିର୍ବାଚନକୁ ଆଖି ଆଗରେ ରଖି ଏବେ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ୪ଟି ଆସନରୁ ୨ଟି ଆସନ ସକାଶେ ବିଜେପି ଏବଂ ଗୋଟିଏ ଆସନ ସକାଶେ ବିଜେଡିର ସଂଖ୍ୟା ରହିଥିବା ବୁଝାଯାଉଛି। ତେବେ ଚତୁର୍ଥ ଆସନ ସକାଶେ ନିର୍ବାଚନ ରୋଚକ ହେବ ବୋଲି ଚର୍ଚ୍ଚା ଚାଲିଛି। ବିଜେଡି ଏବେ ପ୍ରମୁଖ ବିରୋଧୀ ଦଳରେ ରହିଥିବାରୁ ଚତୁର୍ଥ ଆସନ ସକାଶେ କଂଗ୍ରେସ ପକ୍ଷରୁ ବିଜେଡି ସହ ଆଲୋଚନା କରାଯିବ ବୋଲି ପିସିସି ସଭାପତି ଭକ୍ତ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ନରସିଂହ-ଭକ୍ତ-ଜୟଦେବଙ୍କ ମିଳିତ ଆଲୋଚନାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଛି।

# ଟଙ୍କଧର, ବ୍ୟୋମକେଶ, ସାରଦାଙ୍କ ବିରୋଧରେ ଚାଲିବ ମାମଲା

କଟକ,୬।୨(କାର୍ତ୍ତିକ ସାହୁ)

ହାଇକୋର୍ଟରେ ରୁଜୁ ୩ଟି ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ତିନୋଟି ମାମଲାରେ ବିଜୟୀ ବିଧାୟକଙ୍କ ପକ୍ଷରୁ ମାମଲାକୁ ରଦ୍ଦ ପାଇଁ ରୁଜୁ ଅନ୍ତରୀଣ ପିଟିଶନକୁ ହାଇକୋର୍ଟ ଖାରଜ କରିଛନ୍ତି। ଖରଗୁଟୁଡ଼ାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ, ରାଉରକେଲାର ବିଜେଡି ବିଧାୟକ ସାରଦା ନାୟକ ଏବଂ ଚାନ୍ଦବାଲିର ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ବିରୋଧରେ ନିର୍ବାଚନୀ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଛି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ମାମଲାଗୁଡ଼ିକର ଶୁଣାଣି କରି ତିନୋଟିଯାକ ଅନ୍ତରୀଣ ପିଟିଶନକୁ ଖାରଜ କରିଦେଇଛନ୍ତି। ସୂଚନାନୁସାରେ, ଖରଗୁଟୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରତିଦ୍ୱନ୍ଦ୍ୱୀ ଓ ପରାଜିତ ବିଜେଡି ପ୍ରାର୍ଥୀ ଦିପାଳି ଦାସ ତାଙ୍କ ବିରୋଧରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଏହିମାମଲାର ଖାରଜ ପାଇଁ ବିଧାୟକ ତ୍ରିପାଠୀଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ପିଟିଶନ୍ ହାଇକୋର୍ଟରେ ଖାରଜ ହୋଇଯିବାରୁ ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ମାମଲାକୁ ହାଇକୋର୍ଟକୁ ସାରି ବିଚାର ପାଇଁ ପଠାଇ ଦେଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ପୁଣି ପିଟିଶନକୁ ଖାରଜ କରିଛନ୍ତି। ଅନ୍ୟ ପକ୍ଷରେ ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ଚାରୋଟି ନିର୍ବାଚନୀ ମାମଲା ରୁଜୁ ହୋଇଛି। ଏହି ସମସ୍ତ ମାମଲାକୁ ରଦ୍ଦ ପାଇଁ ଶାରଦା ଅନ୍ତରୀଣ ପିଟିଶନ୍ ରୁଜୁ କରିଥିଲେ। ହାଇକୋର୍ଟ ତିନୋଟି ମାମଲାକୁ ଖାରଜ କରିଥିବାବେଳେ ଭାଜପା ପରାଜିତ ପ୍ରାର୍ଥୀ ଦିଲୀପ ରାୟଙ୍କ ପିଟିଶନକୁ ହାଇକୋର୍ଟ କାଏମ୍ ରଖିଛନ୍ତି। ସେହିପରି ଚାନ୍ଦବାଲିର ବିଜେଡିବିଧାୟକ ବ୍ୟୋମକେଶ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଏହି ପିଟିଶନକୁ ଖାରଜ ପାଇଁ ବ୍ୟୋମକେଶ ଏକ ଅନ୍ତରୀଣ ପିଟିଶନ ରୁଜୁ କରିଥିଲେ।

# ମାର୍ଚ୍ଚ ୩୧ ଯାଏ ବଢ଼ିଲା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଟଙ୍କା ଫେରିପାଇବା ସମୟ

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର କ୍ଷୁଦ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ନୂଆ ଖବର ଆଣିଛନ୍ତି। ସେମାନଙ୍କ ଟଙ୍କା ନେବା ଲାଗି ସମୟ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ୮ରୁ ୧୦ ହଜାର ଟଙ୍କାର କ୍ଷୁଦ୍ର ଜମାକାରୀଙ୍କୁ ସରକାର ଟଙ୍କା ଫେରସ୍ତ କରିବା ପ୍ରକ୍ରିୟା ବାକି ରଖିଛନ୍ତି। ସେମାନଙ୍କୁ ଟଙ୍କା ଫେରସ୍ତ କରିବାର ସମୟ ଜାନୁଆରୀ ୩୧ ପର୍ଯ୍ୟନ୍ତ ରହିଥିଲା। ଦେଲେ ସରକାର ଏହି ସମୟ ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। କ୍ଷତିଗ୍ରସ୍ତମାନେ ସେମାନଙ୍କ ପ୍ରମାଣପତ୍ର ଆଗ୍ରାଇଙ୍କୁ ପ୍ରଦାନକରି ଆବେଦନ କରିବେ। ଆବେଦନ କରିବାର ୧୫ଦିନ ଭିତରେ ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ। ଜାନୁଆରୀ ୩୧ ପର୍ଯ୍ୟନ୍ତ ଥିବା ଅବଧିକୁ ନେଇ କେତେକ ଜିଲ୍ଲାରୁ ଜମାକାରୀମାନେ ସମୟ ବୃଦ୍ଧି କରିବାକୁ ନିବେଦନ କରିଥିଲେ। ତେଣୁ କୌଣସି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଯେପରି ଟଙ୍କା ଫେରସ୍ତ ପାଇବାରୁ ବଞ୍ଚିତ ନ ହେବେ, ତାହା ଉପରେ ଧ୍ୟାନଦେଇ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡ଼ିଛି।

# ସରକାରଙ୍କ ନୂଆ 'ଟ୍ରାଭେଲିଂ ଆଲାଉନ୍ସ'

## ସର୍ବନିମ୍ନ ଭଡ଼ା ୩୦ ଟଙ୍କାରୁ କମିବନି

ଭୁବନେଶ୍ୱର,୬।୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କ ଦ୍ୱାରା ନେଇ 'ଟ୍ରାଭେଲିଂ ଆଲାଉନ୍ସ' ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୁରୁବାର ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଉଷା ପାଢ଼ୀ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ, ସରକାରୀ କର୍ମଚାରୀମାନେ ଏଣିକି ସରକାରୀ କାର୍ଯ୍ୟରେ ଯେଉଁ ଗସ୍ତ କରିବେ ସେମାନେ ନୂଆ ଧାର୍ଯ୍ୟ ଦର ଅନୁସାରେ ସରକାରଙ୍କୁ ବିଲ୍ ଦେବାକୁ ହେବ। ଉଷା ପାଢ଼ୀଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ସରକାରୀ କର୍ମଚାରୀମାନେ ତିନି ପ୍ରକାର ଗାଡ଼ି ବ୍ୟବହାର କରିପାରିବେ। ସେଥିମଧ୍ୟରେ ଇ-ରିକ୍ସା, ଅଟୋ ରିକ୍ସା ଓ ବିଭିନ୍ନ ପ୍ରକାର କାର ରହିଛି। ନିର୍ଦ୍ଦେଶନାମା ଅନୁଯାୟୀ, ଇ-ରିକ୍ସା/ବ୍ୟାଟେରୀଚାଳିତ ରିକ୍ସାରେ ପ୍ରତି କିଲୋମିଟର ପିଛା ୮ ଟଙ୍କା ପ୍ରଦାନ କରାଯିବ ଏବଂ ସର୍ବନିମ୍ନ ଭଡ଼ା ୩୦ ଟଙ୍କା ରହିବ। ସେହିପରି ଅଟୋ ରିକ୍ସାର ପ୍ରତି କି.ମି. ୧୫ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ସର୍ବନିମ୍ନ ଭଡ଼ା ୩୦ ଟଙ୍କା, ସାଧାରଣ ମୋଟର କାର (ସୌଖୀନ ଏ/ସି ଓ ପ୍ରିମିୟମ ସୌଖୀନ କାର ବ୍ୟତୀତ)ରେ ପ୍ରତି କି.ମି. ୧୪ଟଙ୍କାରେ ସର୍ବନିମ୍ନ ଭଡ଼ା ୭୫ ଟଙ୍କା, ସୌଖୀନ ଏ/ସି କାର (ବୋଲେରୋ/ନିଓ/ଇର୍ଟିଗା ଇତ୍ୟାଦି)ରେ ପ୍ରତି କି.ମି. ୧୭ଟଙ୍କା ଦରରେ ସର୍ବନିମ୍ନ ଭଡ଼ା ୮୫ ଟଙ୍କା ଏବଂ ପ୍ରିମିୟମ ସୌଖୀନ କାର୍ (ସ୍କର୍ପିଓ/ଏକ୍ସୟୁଭି ୫୦୦/ଇନୋଭା ଇତ୍ୟାଦି)ରେ ପ୍ରତି କି.ମି. ୧୯ଟଙ୍କା ଲେଖାଏ ଏବଂ ସର୍ବନିମ୍ନ ଭଡ଼ା ୧୦୦ ଟଙ୍କା ଟ୍ରାଭେଲିଂ ଆଲାଉନ୍ସ ପ୍ରଦାନ କରାଯିବା ନେଇ ଦର୍ଶାଯାଇଛି। ତେବେ ଏହି ଭଡ଼ା ନିର୍ଦ୍ଦେଶନାମା ଜାରି ହେବା ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ ରହିଛି।

# ରାତିରେ ପାଳିକରି ରାସ୍ତା ଜଗିବେ ଗାଁଲୋକ

## ଚାଙ୍ଗୁଡ଼ିଆ ଗାଁ ଦେଇ ଭାରିଯାନ ଚଳାଚଳ, କୋଇଲା ପରିବହନ ଯୋଜନାକୁ ବିରୋଧ

ଛେଣ୍ଡିପଦା,୬।୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗାଁ ଦେଇ ପୂର୍ତ୍ତ ବିଭାଗ ରାସ୍ତାରେ ଭାରିଯାନ ଚଳାଚଳ ସହ କୋଇଲା ପରିବହନ ଯୋଜନାକୁ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି। ଏପରି କି ଗାଁକୁ ସୁରକ୍ଷା ଦେବା ପାଇଁ ପାଳିକରି ରାତିରେ ମହିଳା ପୁରୁଷମାନେ ରାସ୍ତା ଜଗିବାକୁ ଶୁକ୍ରବାର ଗ୍ରାମ କୋଠରେ ଅନୁଷ୍ଠିତ ଜରୁରୀ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ କହିଛନ୍ତି, ଚାଙ୍ଗୁଡ଼ିଆ ଗ୍ରାମ ଦେଇ କୋଶଳା ଓ ଛେଣ୍ଡିପଦାକୁ କର୍ଣ୍ଣି ଅଞ୍ଚଳକୁ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ଏହାର ଉଭୟ ପାର୍ଶ୍ୱରେ ୫ ହଜାରରୁ ଅଧିକ ଜନବସତି ରହିଥିବା ବେଳେ ଏହି ରାସ୍ତା ଦେଇ ବାଲି ଓ ପାଉଁଶ ବୋଝେଇ ହାଇଭା ଚଳାଚଳ କରୁଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତରେ ଅସୁବିଧା ଦେଖାଦେଉଛି। ଏ ନେଇ ୨୦୨୦ ମସିହାରେ ଗ୍ରାମବାସୀ ତୀବ୍ର ବିରୋଧ କରିବା ପରେ କେତେକାଂଶ ଭାରିଯାନ ଚଳାଚଳ ବନ୍ଦ ହୋଇଥିଲା। ତେବେ କର୍ଣ୍ଣି ଅଞ୍ଚଳରେ ଥିବା କଳକାରଖାନାକୁ ଏହି ରାସ୍ତା ଦେଇ ଛେଣ୍ଡିପଦାରୁ କୋଇଲା ପରିବହନ କରିବା ପାଇଁ ବର୍ତ୍ତମାନ ଯୋଜନା କରାଯାଉଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ଏ ନେଇ ଗ୍ରାମ ସଭାପତି ରତ୍ନାକର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ କୋଠଘରରେ ହୋଇଥିବା ଜରୁରୀ ବୈଠକରେ ଗ୍ରାମରାସ୍ତା ଦେଇ ସମ୍ପୂର୍ଣ୍ଣ ଭାବେ ଭାରିଯାନ ଚଳାଚଳକୁ ବିରୋଧ କରାଯିବ। ପାଳିକରି ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ମହିଳା ପୁରୁଷ ଦିନରାତି ଏହି ରାସ୍ତାକୁ ଜଗିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଆଇନଶୃଙ୍ଖଳା ବିଶୃଙ୍ଖଳା ବୋଲି ସ୍ପଷ୍ଟ କରୁଛି ବୋମା ଧମକ: ବିଜେଡି

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ଆଇନଶୃଙ୍ଖଳା ରକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହେଉଥିବାକୁ ବିଜେଡି ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯାଇଛି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବିଜେଡି ସରକାରଙ୍କ ସମୟରେ ଓଡ଼ିଶାରେ ଶାନ୍ତିର ବାତାବରଣ ଥିଲା ତାହା ଭାଜପା ଶାସନ ସମୟରେ ଅରାଜକତାରେ ପରିଣତ ହୋଇଛି। ବାରମ୍ବାର ବୋମା ଧମକ ଆସିବା ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଖୋଲା ଆହ୍ୱାନ କରୁଛି। ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଥିବାବେଳେ ଧମକ ମିଳିବା ସମ୍ବେଦନଶୀଳ ଘଟଣା। ଆଡଭୋକେଟ ଜେନେରାଲ ପିଠାସୀନ ଆଚାର୍ଯ୍ୟ ଦାବି କରିଛନ୍ତି, ନ୍ୟାୟାଳୟ ପରିସର ସୁରକ୍ଷିତ ଓ ସେ ନିଜେ ମୁଖ୍ୟ ବିଚାରପତିଙ୍କ ସାଙ୍ଗରେ କଥା ହୋଇଛନ୍ତି। ଆତଙ୍କବାଦୀ ଇ-ମେଲ୍ ପଠାଉଥିବା କଥା ମଧ୍ୟ ସେ କହିଛନ୍ତି। କେଉଁଆଧାରରେ ଏକଥା ନେଇ ପଠାଯାଉ ବାଦି କରୁଛନ୍ତି ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି।


## OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com

No. 1625 Date. 05.02.2026

**Quotation Call Notice for Supply of Dustbins / Litter Bins**

No.13001/30/2526 : Quotations are invited from the Authorized Supplier/ Firm/ Manufacturer/ Agency for Supply of Different Sizes of Dustbins / Litter Bins under Rourkela Municipal Corporation. The Bidder should quote the rate in their letter head as per the prescribed format (Annexure-II) on or before 17.02.2026 by 1.00 PM to The Commissioner, Rourkela Municipal Corporation, Rourkela super scribing as "Quotation for Supply of Litter Bins" and should submit their quotation through Speed Post/ Registered Post/ Courier or by Hand. The quotation should be accompanied with the photocopies of valid GST Registration Certificate, PAN Card, Trade License, ISO Certificate, Paper Cost of Rs. 4,720/- including GST (Nonrefundable) and Security deposit of Rs. 50,000/- (Refundable) in shape of DD/ Bankers Cheque security drawn in favour of Commissioner, Rourkela Municipal Corporation payable at Rourkela.
The bidders are also to submit the brand details and illustrative design of the item along with the technical bid. Bidders must quote the product as per specification provided in the NIT. The rate is valid for one year and the selected Agency has to supply all the items within 07 days including installation from the date of issuance of Supply Order. The requirement of items may increase or decrease while placing of work order.
The complete quotation document may be downloaded from RMC website: www.rmc.nic.in .
Authority reserves the right to accept any or all the quotations or negotiate with more than one agency without assigning any reason thereof.

Sd./- Commissioner
OIPR-13001/13131/1/25-26/0030 Rourkela Municipal Corporation



## झारखण्ड राज्य बिवरेजेज कॉरपोरेशन लिमिटेड, राँची
(झारखण्ड सरकार का उपक्रम)
कॉर्पोरेट पहचान सं० –U51228JH2010SGC014519,
TIN No - 20520108277E-mail :- jsbcl.jharkhand@gmail.com
उत्पाद भवन, भूतल, नवीन पुलिस केंद्र के समीप, कॉक रोड, राँची– 834008
E-mail :- jsbcl.jharkhand@gmail.com

अति अल्पकालिन ई–आमंत्रण पत्रांक सं०–JSBCL/05 दिनांक– 06.02.2026

**इच्छा की अभिव्यक्ति हेतु अति अल्पकालिन**
**ई–आमंत्रण सूचना**

झारखण्ड राज्य बिवरेजेज कॉरपोरेशन लिमिटेड, राँची
मदिरा संचयन गोदाम हेतु इच्छा की अभिव्यक्ति हेतु अति अल्पकालिन ई–आमंत्रण सूचना

| क्र०सं० | विवरणी | अनुसूचि |
|---|---|---|
| 1 | इच्छा की अभिव्यक्ति के प्रपत्र को वेबसाईट https://jharkhandtenders.gov.in एवं http://jsbcl.in पर अपलोड करने की तिथि | दिनांक– 06.02.2026 |
| 2 | इच्छा की अभिव्यक्ति को ऑनलाइन https://jharkhandtenders.gov.in के माध्यम से जमा करने की प्रारंभिक तिथि | दिनांक– 07.02.2026 |
| 3 | इच्छा की अभिव्यक्ति को Online रूप से जमा करने की अंतिम तिथि | दिनांक– 13.02.2026 के अपराह्न 06.00 बजे तक |
| 4 | इच्छा की अभिव्यक्ति को ऑनलाईन माध्यम से तकनीकि बिड खोलने की तिथि | दिनांक– 16.02.2026 के अपराह्न 03:00 बजे |

नोटः– (1) इच्छा की अभिव्यक्ति की विस्तृत जानकारी प्राप्त करने हेतु https://jharkhandtenders.gov.in एवं http://jsbcl.in से डाउनलोड किया जा सकता है।
(2) इच्छा की अभिव्यक्ति हेतु आवेदन ऑनलाईन https://jharkhandtenders.gov.in माध्यम से ही स्वीकार की जायेगी।

ह०/–
महाप्रबंधक (वित्त)
झारखण्ड राज्य बिवरेजेज कॉरपोरेशन लिमिटेड, राँची

PR 372464 Excise(25-26)#D



## OFFICE OF THE SR.GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI- 766026, ODISHA, E-mail: sgmuihep@gmail.com
OHPC ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-46/2025-26, DATED 04.02.2026**

No.32001/21/2526: Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers/ channel partners / reputed firm / service provider having similar works experience for the work as mentioned below.

| Description of Work | Cost of tender paper (Non-re-fundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda | 7,080/- (inclusive of GST) | 29,014/- | From 07.02.2026 to 20.02.2026 upto 12.00 Hrs | 20.02.2026 (upto 13.30 Hrs) | 20.02.2026 at 16.30 Hrs |

For details of the tender documents, terms and conditions please visit our website www.ohpcltd.com
OIPR-32001/32352/1/25-26/0021 Sd./- C&P Head, UIHEP, Mukhiguda



## ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
EOI No.3243/OSACS
File No : OSACS-PROC-PROC-0020-2022
No.10001/11/2526 Date : 03.02.2026

**Call for Expression of Interest (EoI)**
**Selection of Chartered Accountant Firms for Statutory Audit of Orissa SACS and Internal Audit of NGOs & periphery units working with Orissa SACS**

The Orissa State AIDS Control Society (OSACS) is responsible for implementing the National AIDS Control Programme (NACP) in the States. OSACS is a registered organisation under the control of the State Government and is the nodal organisation for all the HIV/AIDS prevention and control work that is taken up in the state. OSACS releases fund to peripheral organisations like NGOs and hospitals under the Government sector. Hence it is essential to assess as to conduct an statutory audit under the prevention of the Societies Registration Act, 1860 as applicable in the State.

1. Expressions of Interest (EoI) are invited from CAG empanelled Chartered Accountant firms to conduct the Statutory Audit of OSACS for financial year 2025-26 & may be extendable maximum upto 3 years on yearly basis subject to satisfactory services.
2. Expressions of Interest (EoI) are invited from CAG empanelled Chartered Accountant firms to conduct the Internal Audit of NGOs & Peripheral Units for financial year 2025-26 & may be extendable maximum upto 3 years on yearly basis subject to satisfactory services.

**Eligibility & Assessment Criteria :**
The EoI and capability will be assessed against evidence of skills and experience in providing accountancy services in the State.

**REQUIREMENTS:**
The EoI should be sent along with a Capability Statement & relevant Documents as per Criteria mentioned there in including a profile of the Firm/Organization, relevant technical and geographical coverage along with the financial turnover for the last 3 immediate preceding financial years. The formats of capability statement and criteria is at Annexure-I and available on the website of OSACS i.e. osacs.odisha.gov.in. Individual CVs are not required at this stage. Any EoI with inadequate information, those which do not meet the above criteria, or those received after the closing date will not be short listed. EoI should be as concised and focused as far as possible to give evidence of the above requirements including the capability statement and organisation profiles. Interested CA firms may apply for Sl. No. 1(or) Sl. No. 2 (or) Both (Separately) and submit clearly specifying the nature of Audit i.e. Statutory Audit / Internal Audit on the top of the envelop of EOI.
EoI Should be sent to the Project Director, OSACS, 2nd Floor, Oil Orissa Building, F-Nayapalli, Bhubaneswar-12 on or before 27/02/2026, 5.00PM through Speed Post / Courier only.
Only those Firms/ Organizations will qualify in the pre-selection process, will be contacted and invited to submit detailed proposals.

Sd./- Project Director

Note: Since this EoI stage is initial stage for capability assessment, Audit Fees will be decided at the time of RFP(Request for Proposal).
FOR FURTHER INFORMATION:
For further information, interested firms are requested to follow the website of OSACS (osacs.odisha.gov.in) and contact by using the e-mail id: osacsafu@gmail.com, osacsprocurement@gmail.com
OIPR-10001/10009/1/25-26/0013



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ନିର୍ମାଣ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। [illegible]

www.ireps.gov.in ... www.ireps.gov.in (PR-1157)



सेन्ट्रल माईन प्लानिंग एण्ड डिज़ाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया लिमिटेड की एक अनुषंगी कम्पनी) (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत

सूचना / NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/ सम्बन्धित अनुषंगी कम्पनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଓଡ଼ିଶାର ବିଭିନ୍ନ ଜିଲାରେ ନିଜସ୍ୱ ... କର୍ମଚାରୀ ଆବଶ୍ୟକ। ... 9692566745 ...

See Career Appointment on every Wednesday & Saturday

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher (PCM & CBZ) 01 No. each
03. Retired Lecturer/High School Teacher (English) 01 No.
Age limit should not exceed 65 years
Phone: 8260211012, 7477211012

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
WALK-IN-INTERVIEW
POSITIONS:
ENGINEERS to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijharan Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

# ୮ ବର୍ଷରେ ଗଲାଣି ୧୫ ମଣିଷ, ୩ ହାତୀଙ୍କ ଜୀବନ

## ବେଗୁନିଆରେ ଥମୁନି ହାତୀ ଉପଦ୍ରବ

ବେଗୁନିଆ,୬।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇ ଯୋଗୁ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ଗତ ୮ବର୍ଷ ମଧ୍ୟରେ ୧୫ଜଣଙ୍କ ଜୀବନ ଯାଇଥିବା ବେଳେ ୩ଟି ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟରୁ ହସ୍ତଗତ ହୋଇଛି। ସେହିପରି ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଆହତ ୫ଜଣ ଏବେବି ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ହାତୀ ଏବଂ ମଣିଷଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ଏକପ୍ରକାର ବିଫଳ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି ବର୍ଷକୁ ଥରେ ପାଚିଲା ଧାନ ଫସଲ ଖାଇବାକୁ ଏହି ବ୍ଲକ ଅଞ୍ଚଳକୁ ହାତୀପଲ ଆସୁଥିଲେ। ପଲ ମଧ୍ୟରେ ୪ରୁ ୫ଟି ହାତୀ ଆସି ଖୋର୍ଦ୍ଧା, ଟାଙ୍ଗୀ, ରଣପୁର ଏବଂ ବେଗୁନିଆ ବନ ବିଭାଗ ଅଞ୍ଚଳରେ ବିଚରଣକରି ପୁଣି ଚନ୍ଦକା ଅଭୟାରଣ୍ୟକୁ ଫେରିଯାଉଥିଲେ। ପରେ ସେମାନେ ୨୦୧୭ରୁ ସୁରକ୍ଷିତ ବାସସ୍ଥଳୀ ଭାବେ ବେଗୁନିଆ ବ୍ଲକ୍‌ର ନାରଗୋଦା ଜଙ୍ଗଲରେ ବାସକଲେ। ୮ ବର୍ଷ ପରେ ଏବେ କେତେବେଳେ ୩୦ରୁ ୪୦ ତ ଆଉ କେତେବେଳେ ୧୬ରୁ ୧୮ ଟିକିଆ ହାତୀପଲ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ସେମାନେ ଗାଁମୁହାଁ ହୋଇ ଅନେକ ଧନଜୀବନ ହାନି କରୁଛନ୍ତି। ବ୍ଲକ୍‌ର ୧୦ଟି ପଞ୍ଚାୟତ ଅଧୀନ ୭୦ରୁ ଅଧିକ ଗ୍ରାମରେ ହାତୀପଲ ଆଡ୍ଡା ଜମାଇ ଦେଇଛନ୍ତି। ସିକୋ, ହଜ, ଶଗଡ଼ଭଙ୍ଗା, ବୋତଲମା, ହୀରାପୁର, ଦେଉଳି, ପରିଛଳ, ଗଡ଼ମାଣତୀର ଆଦି ୮ ଟି ପଞ୍ଚାୟତର ଅନେକ ଗ୍ରାମରେ ସଞ୍ଜ ନଇଁଲେ ତାଟି କବାଟ ପଡୁଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ହାତୀ ଆକ୍ରମଣରେ ଗତ ୮ବର୍ଷ ମଧ୍ୟରେ ଗୋଡ଼ା, ଦଲକ, ହଜ, ସିକୋ, ଦେଉଳି, ଓଗାଳପୁର, ପରିଛଳ, ଜାମୁସାହି ଏବଂ ଭୁଆସୁଣୀପାଟଣା ଗ୍ରାମର ୧୫ ଜଣ ଲୋକଙ୍କ ଜୀବନ ଯାଇଛି। ସେହିପରି ହାତୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୩ରେ ପହଞ୍ଚିଛି। ୨୦୨୩ ମସିହାରେ ସରକାରଙ୍କ ପକ୍ଷରୁ 'ହାତୀ ମେରା ସାଥୀ' ଆପ୍ ମାଧ୍ୟମରେ ଜନଜାଗରଣ ସୃଷ୍ଟି ପାଇଁ ଜାରି ହୋଇଥିଲା। ହାତୀ ଏବଂ ମଣିଷଙ୍କ ମଧ୍ୟରେ ଅଘଟଣ ଘଟୁଥିବା ଗାଁକୁ ଯାଇ ବନ ବିଭାଗ ଜନ ସଚେତନତା ସୃଷ୍ଟିକରିବା ପାଇଁ ଏହାର ଉଦ୍ଦେଶ୍ୟ ଥିଲା। ଏହା କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି, ହାତୀପଲ ବିଚରଣ କରିବା ପାଇଁ ନିର୍ଦ୍ଦିଷ୍ଟ କୌଣସି ସ୍ଥାନ ନ ଥାଏ। ସୁହାଇଲା ଭଳି ପରିବେଶ ଏବଂ ଜଳବାୟୁ ଅନୁଭୂତ ଅଞ୍ଚଳ ଭାବେ ବେଗୁନିଆ ବ୍ଲକ ଅଞ୍ଚଳକୁ ସୁରକ୍ଷିତ ବୋଲି ହାତୀପଲ ସ୍ଥିର କରିଛନ୍ତି। ତେଣୁ ବିଭାଗ ପକ୍ଷରୁ ଦୈନିକ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ହାତୀ ଏବଂ ମଣିଷଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି।

### ହାତୀ ଭାଙ୍ଗିଲା ଘର

ବେଗୁନିଆ,୬।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଇନ୍ଦିପୁର ଗ୍ରାମରେ ଗୁରୁବାର ରାତିରେ ଏକ ହାତୀ ରବୀନ୍ଦ୍ର ସୁବୁଦ୍ଧିଙ୍କ ଘର କାନ୍ଥ ଭାଙ୍ଗି ପଶି ହଣ୍ଡା, ଡେକଚି, ଗ୍ୟାସ ଏବଂ ଆସବାବପତ୍ର ଦଳିଚକଟି ନଷ୍ଟ କରିଦେଇଥିବା ବେଳେ ଏକ ନଡ଼ିଆ ଗଛ ଭାଙ୍ଗିଦେଇଛି। ସେହିପରି କାଶୀନାଥ ମାଝୀ ମାଟି ଏବଂ ଚାଳ ଛପର ଘରେ ପିଲାମାନଙ୍କୁ ଧରି ରହିଥିବାବେଳେ ହାତୀଟି ଘର କାନ୍ଥ ଭାଙ୍ଗିଦେବାରୁ ଜୀବନ ରକ୍ଷା କରିବା ପାଇଁ ପରିବାର ଲୋକେ ପିଲାମାନଙ୍କୁ ଧରିପଡିଶା ଘରକୁପଳାଇଯାଇଥିଲେ।

# ଏନ୍‌ଡିଆର୍‌ଏଫ୍ ପକ୍ଷରୁ ରୁଟ୍ ମାର୍ଚ୍ଚ



ବାରଙ୍ଗ, ୬।୨(ଲିଙ୍ଗରାଜ ରାଉତ)

ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ ଏହାର ପ୍ରସ୍ତୁତି ଏବଂ ସହନଶୀଳତା ତାଲିମ୍ କାର୍ଯ୍ୟକଳାପର ଅଂଶ ଭାବେ ଏକ ରୁଟ୍ ମାର୍ଚ୍ଚ ଶୁକ୍ରବାର ସଫଳତାର ସହ ହୋଇଛି। ଏହି ରୁଟ୍ ମାର୍ଚ୍ଚ ଏନ୍‌ଡିଆରଏଫ୍ ପରିସରରୁ ବାହାରି ଗୋଡ଼ିସାହି, ନେତଲ, ଷଣ୍ଢପୁର, ଓମ୍‌ଫେଡ୍, ନରାଜ, ମାର୍ଥାପୁର ରେଳଷ୍ଟେଶନ ହୋଇ ପ୍ରାୟ ୧୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାରେ ଏହି ରୁଟ୍ ମାର୍ଚ୍ଚ କରି ପରିସର ଭିତରକୁ ସଫଳତା ସହିତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ରୁଟ୍ ମାର୍ଚ୍ଚକୁ ଏନ୍‌ଡିଆରଏଫ୍ ୩ୟ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ କମାଣ୍ଡାଣ୍ଟ ଧନଞ୍ଜୟ କୁମାର, ଦ୍ୱିତୀୟ କମାଣ୍ଡର(ଭେଟେରିନାରି) ଡ. ତୀର୍ଥବାସୀ ସାହୁ, ଡେପୁଟି କମାଣ୍ଡର ମେଡିକାଲ ଅଫିସର ଡ. ଜେ. ଆଦିତ୍ୟ ରେଡ୍ଡୀ ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଧାଂଶୁ ଶେଖର ନେତୃତ୍ୱ ନେଇଥିଲେ। ରୁଟ୍ ମାର୍ଚ୍ଚରେ ଯବାନମାନେ ଉଦ୍ଧାର ସମୟରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତି ନେବା ସହିତ ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ଉପକରଣ ବ୍ୟାଗ୍ ଏବଂ ଯୋଗାଯୋଗ ଉପକରଣ ଆଦି ବହନ କରିଥିଲେ। ଏହି ଅଭ୍ୟାସର ଲକ୍ଷ୍ୟ ଉଦ୍ଧାରକାରୀଙ୍କ ଶାରୀରିକ ସହନଶୀଳତା ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ମୂଳଲକ୍ଷ୍ୟ ରହିଥିଲା।

# ଦୀପ୍ତିରଞ୍ଜନ ପରିଡ଼ାଙ୍କୁ 'ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ମାନ'

## ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର,୬।୨(ସୌମ୍ୟରଞ୍ଜନ ରାଉତ)

ହିନ୍ଦୁସ୍ଥାନୀ ସଙ୍ଗୀତ ସଭା ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ଅନୁଷ୍ଠାନର ଉପସଭାପତି ଡ. ସର୍ବେଶ୍ୱର ଶତପଥୀ ଓ ସମ୍ପାଦକ ଡ. ରଘୁନାଥ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସୂଚନା ଭବନ ପ୍ରେକ୍ଷାଳୟ ଅଧିକାରୀ ଦୀପ୍ତିରଞ୍ଜନ ପରିଡ଼ାଙ୍କୁ 'ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ କାଫି ରାଗରେ ଅନୁଷ୍ଠାନର ସମସ୍ତ ଗୁରୁ ଓ ଛାତ୍ରୀଛାତ୍ର ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ଏକକ ଗାୟନରେ ବନଲତା ସାମଲ ରାଗ ପୁରିଆ ଧାନାଶ୍ରୀ, ନର୍ମଦା ରାଉତରାୟ ରାଗ ବାଚସ୍ପତିରେ ବିଲମ୍ବିତ ଓ ଦ୍ରୁତ ପରିବେଷଣ କରିଥିଲେ। ଗୁରୁ ଅମିତ କୁମାର ରଥ ରାଗ ମଧୁସରାବଳିରେ ଖୟାଲ ପରିବେଷଣ କରିଥିଲେ। ଗୁରୁ ଡ. ପ୍ରମୋଦ କୁମାର ପତି ଏକକ ବଂଶୀବାଦନ କରିଥିଲେ। ଗୁରୁ ଡ. ରଘୁନାଥ ନାଥ ସାହୁ ରାଗ କଳାବତି ଆଡାଚୌତାଲ ତାଳରେ ଏବଂ ଗୁରୁ କରୁଣାକର ନାୟକ ରାଗ ବାଗେଶ୍ରୀ କାନ୍ନାଡା ପ୍ରସ୍ତୁତ କରିଥିଲେ। ତବଲାରେ ସହଯୋଗ କରିଥିଲେ ଗୁରୁ ସୁଶାନ୍ତ କୁମାର ଜେନା, ଗୁରୁ ଚିତ୍ତରଞ୍ଜନ ମହାପାତ୍ର। ହାରମୋନିୟମରେ ସହଯୋଗ କରିଥିଲେ କୁଞ୍ଜବିହାରୀ ନାୟକ। କାର୍ଯ୍ୟକ୍ରମକୁ ସୁଦୀପ୍ତା ମହାପାତ୍ର ସଂଯୋଜନା କରିଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସାମ୍ବତ୍ସରିକ ପାଠଚକ୍ର




ଜଟଣୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସାମ୍ବତ୍ସରିକ ପାଠଚକ୍ରରେ ଉପସ୍ଥିତ ଅତିଥି।

ଜଟଣୀ,୬।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସାମ୍ବତ୍ସରିକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡା. ରାଜେନ୍ଦ୍ର କୁମାର ନରେନ୍ଦ୍ର ସିଂ ବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜନତା ମହାବିଦ୍ୟାଳୟ କୁହୁଡିର ଓଡ଼ିଆ ବିଭାଗ ପୂର୍ବତନ ପ୍ରାଧ୍ୟାପକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ରଶେଖର ଦାଶ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ତତ୍ତ୍ୱ ତଥା ଓଡ଼ିଆ ସାହିତ୍ୟର ପରିସରକୁ କିପରି ଶ୍ରୀଜଗନ୍ନାଥଙ୍କ ଭକ୍ତି ସମ୍ବଳିତ କାବ୍ୟ କବିତା ରସାତ୍ମକ କରିପାରିଛି ତା'ର ଆଲୋଚନା କରିଥିଲେ। ମହାବିଦ୍ୟାଳୟ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଅନୁପ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାମଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଆଲୋକ କୁମାର ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଷମାରେ କ୍ୟାମେରା ଲଗାଇ ଧରାପଡ଼ିଲେ ଯୁବକ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ନେବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ଝାଡ଼ଖଣ୍ଡ ହଜାରିବାଗ୍ ଜିଲା ବାଦାମବଗିଚା ଅଞ୍ଚଳର ସାଗର ଖଣ୍ଡେଲୱାଲ(୨୮)। ପୋଲିସର ସୂଚନାନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ସାଗର ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ତାଙ୍କୁ ପୋଲିସ ଯାଞ୍ଚ କରିବା ସମୟରେ ଚଷମା କାଚରେ ଏକ ଗୁପ୍ତ କ୍ୟାମେରା ଥିବା ଦେଖିବାକୁ ମିଳିଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ ବ୍ୟବସ୍ଥାର ସ୍ପଷ୍ଟ ଉଲ୍ଲଂଘନ କରିଥିଲା। ମନ୍ଦିରର ପବିତ୍ରତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆଇନର ଧାରା ୩୦(ଏ)/୪(ସି) ଅନୁଯାୟୀ, ସିଂହଦ୍ୱାର ଥାନା କେସ୍ ନଂ.୨୧/୨୬ରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ହୋଲି ପାଇଁ ଗଡ଼ିବ ୬୨ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୬।୨(ଅନୁରାଧା ମହାରଣା)

ହୋଲି ଉତ୍ସବ ସମୟରେ ଯାତ୍ରୀମାନଙ୍କ ପାଇଁ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ୬୨ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଯୋଜନା କରିଛି। ଏହା ଦେଶର ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ସମ୍ବଲପୁର-ଏରୋଡ, ବିଶାଖାପାଟଣା-ତିରୁପତି, ବିଶାଖାପାଟଣା-ଏସ୍‌ଏମ୍‌ଭିବି ବେଙ୍ଗାଲୁରୁ, ବିଶାଖାପାଟଣା-ଚାର୍ଲାପାଲି, ବିଶାଖାପାଟଣା-ଶାଲିମାର, ପୁରୀ-ପାଟନା, ପୁରୀ-ଉଧନା, ଭୁବନେଶ୍ୱର-ଯଶବନ୍ତପୁର ଏବଂ ଭୁବନେଶ୍ୱର-ଧାନବାଦ ସମେତ ପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବ, ଯାହା ଯାତ୍ରୀଙ୍କ ଚାହିଦାରେ ଆଶା କରାଯାଇଥିବା ବୃଦ୍ଧିକୁ ପୂରଣ କରିବ। ଯାତ୍ରୀମାନେ ଆଇଆର୍‌ସିଟିସି ୱେବ୍‌ସାଇଟ, ରେଲ୍‌ୱାନ ଆପ୍, ପିଆର୍‌ଏସ୍ କାଉଣ୍ଟର କିମ୍ବା ଅନ୍‌ଲାଇନରେ ଟିକେଟ ବୁକ୍ କରିପାରିବେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୋଗାଭ୍ୟାସ ହଲ୍‌ଠାରେ ଡିଗ୍ରୀ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ପ୍ରଶିକ୍ଷଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସଂଯୋଜିକା ପ୍ରାଧ୍ୟାପିକା ସୁଧାଂଶୁମାଳା ରାଉତ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନେ କିପରି ଉପକୃତ ହେବେ, ସେ ସମ୍ବନ୍ଧରେ ବୁଝାଇଥିଲେ। ଉପାଧ୍ୟକ୍ଷ ଡ.ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଏବଂ ପ୍ରାଧ୍ୟାପିକା ଡ. ପୂର୍ଣ୍ଣିମା ନାୟକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଶିବିରରେ ନିଷ୍ଠା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୪ଜଣ ପ୍ରଶିକ୍ଷିକା ଲିପ୍ସା ପ୍ରଧାନ, ମୋନାଲିସା ବେହେରା, ପୂଜା ବେହେରା ଓ ପୂଜା ସେଠୀ ଯୋଗଦେଇଥିଲେ। ପ୍ରଶିକ୍ଷିକାମାନେ ବିଭିନ୍ନ କୌଶଳ ପ୍ରଦର୍ଶନକରି ଛାତ୍ରୀମାନଙ୍କୁ ଏହାର ଉପଯୋଗିତା ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଯୁଗ୍ମ ସଂଯୋଜିକା ଅନିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସହରାଞ୍ଚଳରେ ଭଡ଼ାରେ ଲାଗିବ ସରକାରୀ ଗୃହ

## ଖାଲିଥିବା ଘର ସଂକ୍ରାନ୍ତରେ ସୂଚନା ଦେବାକୁ ଚିଠି ଲେଖିଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୬।୨(ବନ୍ଦନା ସେଠୀ)

ସହରାଞ୍ଚଳର ଗରିବ, ପ୍ରବାସୀ ଶ୍ରମିକ ଓ ଶ୍ରମଜୀବୀ ଜନସାଧାରଣଙ୍କୁ ସୁଲଭ ଆବାସ ସୁବିଧା ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ (ପିଏମ୍‌ଏୱାଇ-ୟୁ ୨.୦) ଅଧୀନରେ ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସୁଲଭ ଭଡ଼ା ଗୃହରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ପତ୍ର ଲେଖି ସେମାନଙ୍କ ଅଧୀନରେ ଥିବା ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନକୁ ପ୍ରଦାନ କରିବା ପାଇଁ ସମସ୍ତ ବିଭାଗକୁ କୁହାଯାଇଛି। ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମାପ୍ତ ପରେ ଚିହ୍ନଟ ଗୃହଗୁଡ଼ିକୁ ପୁନଃନିର୍ମାଣ/ମରାମତି କରି ବାସୋପଯୋଗୀ କରାଯିବ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଭଡ଼ା ଆବାସ ଭାବରେ ଉପଲବ୍ଧ କରାଯିବ। ଯେଉଁମାନେ ତୁରନ୍ତ ଘର କିଣିବା ଅବସ୍ଥାରେ ନାହାନ୍ତି ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସୁଲଭ ଗୃହ ସୁବିଧା ଯୋଗାଇଦିଆଯିବ। ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ ଅନୁଯାୟୀ ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍ କିମ୍ବା ସରକାରୀ ସଂସ୍ଥା ମାଧ୍ୟମରେ ଭଡ଼ା ଘରେ ପରିଣତ କରାଯିବ। ଦ୍ୱିତୀୟ ମଡେଲ ଅନୁଯାୟୀ ଘରୋଇ କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ ଭଡ଼ା ଘର ନିର୍ମାଣ ଓ ପରିଚାଳନା କରିବେ। ଏହି ଯୋଜନା ଅଧୀନରେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବରେ କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ୨ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ବର୍ଷ ମଧ୍ୟରେ ସର୍ବାଧିକ ୨୦%ରୁ ଅଧିକ ହେବ ନାହିଁ। ଏହି ବ୍ୟବସ୍ଥା ବଜାରରେ ଏକ ସ୍ୱଚ୍ଛ ନୀତି ନିର୍ଦ୍ଧାରଣ କରି ସୁଲଭତା ଓ ପାରଦର୍ଶିତା ବଜାୟ ରଖିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ମାଧ୍ୟମରେ ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ଉପଯୋଗୀ କରି ସରକାର ଦୀର୍ଘକାଳୀନ ରାଜସ୍ୱ ସୃଷ୍ଟି କରିପାରିବେ। ଏହାସହ ସହରାଞ୍ଚଳରେ ବସ୍ତି ସମସ୍ୟା ହ୍ରାସ ପାଇବ ଏବଂ ଶ୍ରମିକ ଓ ପ୍ରବାସୀଙ୍କ ଜୀବନଶୈଳୀରେ ସ୍ଥାୟିତ୍ୱ ଆସିବ ବୋଲି ଲକ୍ଷ୍ୟ ରଖାଯିବ।

# ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଜ୍ୟୋତିଷ ବିଭାଗର ମିଳିତ ତତ୍ତ୍ୱାବଧାନରେ 'ଭାରତୀୟ ଜ୍ଞାନ ପରମ୍ପରାରେ ରୋଗ ବିଚାର' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଧିବେଶନରେ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ବାସ୍ତୁ ବିଭାଗର ଅଧ୍ୟକ୍ଷ ତଥା ଉତ୍ତରାଖଣ୍ଡ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବୀପ୍ରସାଦ ତ୍ରିପାଠୀ, ଭାଜପା ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ଚକ୍ରଧର କର ବେଦପାଠ କରିବା ପରେ ରାଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍' କରାଯାଇଥିଲା । ଜ୍ୟୋତିଷ ବିଭାଗର ଅଧ୍ୟକ୍ଷ ପ୍ରଫେସର ବିଶ୍ୱରଞ୍ଜନ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର ସଚିବ ଡକ୍ଟର ସସ୍ମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡକ୍ଟର ଦୀପ୍ତିରଞ୍ଜନ ପଣ୍ଡାଙ୍କ 'ଜ୍ୟୋତିଷାମୃତ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିସହିତ ଜ୍ୟୋତିର୍ବିଜ୍ଞାନୀ ଇଂ. ଜଗଦୀଶ ମିଶ୍ର, ପ୍ରିୟଦର୍ଶିନୀ ବେହେରା, ମୋନାଲିସା ତ୍ରିପାଠୀ, ଅନିନ୍ଦିତା ଦାଶ, କାନ୍ତା ସିଂ, ଇନ୍ଦ୍ରାଣୀ ସରକାର ଓ ବିଷ୍ଣୁ ପ୍ରସାଦ ଗୁରୁ ପ୍ରମୁଖଙ୍କୁ ସ୍ମୃତିଫଳକ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଜ୍ୟୋତିଷ ବିଭାଗର ସହକାରୀ ପ୍ର. ଡକ୍ଟର ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ସୁଦଶା ପଣ୍ଡା ସଞ୍ଚାଳନ କରିଥିଲେ ଦ୍ୱିତୀୟ ଅଧିବେଶନରେ ମାତାଜୀ ଚେତନା ପାଣ୍ଡେ, ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ସାମନ୍ତ ମାଧବ ପୂଜାପଣ୍ଡା ଏବଂ ଡ. ଚକ୍ରଧର କର ମଞ୍ଚାସୀନ ଥିଲେ। ଡକ୍ଟର ଅର୍ଚ୍ଚନା ମିଶ୍ର, ହରପ୍ରଭା ସାହୁ, ସୀତାକାନ୍ତ କର, ପଲ୍ଲବୀ ବରାଳ, ଡାକ୍ତର ଶାଳିନୀ ମିଶ୍ର, ଡକ୍ଟର ଦେବୀଦତ୍ତ ବେହେରା, ରେଣୁ ରଥ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ।




ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ସାରଦା ଯୋରରେ କଲଭର୍ଟ ନିର୍ମାଣକୁ ବିରୋଧ

ବାରଙ୍ଗ, ୬।୨(ଲିଙ୍ଗରାଜ ରାଉତ)



ଚାଷୀମାନଙ୍କ ଜୀବନଧାରା ସାଜିଥିବା ସାରଦା ଯୋର ଉପରେ ଜଣେ ବିଲ୍ଡର ବେଆଇନ ଭାବେ କଲଭର୍ଟ ନିର୍ମାଣ କରିଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିଛି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଚାଷୀଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, କାହିଁ କେଉଁକାଳରୁ କଣ୍ଟାବାଡ଼ ପଞ୍ଚାୟତ ଡେରାସରୁ ବାହାରିଥିବା ସାରଦା ଯୋର ଅନ୍ଧାରୁଆ, ଚନ୍ଦକା, ଦାରୁଠେଙ୍ଗ, ପଥରଗାଡ଼ିଆ ଆଦି ଗ୍ରାମଦେଇ ମଞ୍ଚେଶ୍ୱର ନିକଟ ଦୟାନଦୀରେ ମିଶିଛି। ଫଳରେ ସାରଦା ଯୋର ପାର୍ଶ୍ୱରେ ଥିବା ଗ୍ରାମର ଚାଷୀମାନେ ବର୍ଷତମାମ ଚାଷକାର୍ଯ୍ୟ ପାଇଁ ଏହା ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏବେ ପଥରଗାଡ଼ିଆ ପାଖରେ ଜଣେ ଜମି ବ୍ୟବସାୟୀ ଏହି ଯୋର ଉପରେ ନିଜର ବ୍ୟବସାୟିକ ଉଦ୍ଦେଶ୍ୟରେ ଏକ କଲଭର୍ଟ ନିର୍ମାଣ କରିଛନ୍ତି। ଏହି କଲ୍‌ଭର୍ଟ ଦେଇ ସାଧାରଣ ଲୋକଙ୍କ ଯାତାୟାତକୁ ମଧ୍ୟ ବାରଣ କରିଛନ୍ତି। ଅନ୍ୟପଟେ ଚାଷଜମି ମଧ୍ୟରେ ଆଗରୁ ପାଣିଯିବା ପାଇଁ ରହିଥିବା କେନାଲକୁ ମଧ୍ୟ ଭାଙ୍ଗି ପୋତି ନିଜ ପ୍ଲଟିଂ ସ୍କିମରେ ମିଶାଇ ଦେଇଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ପାଣି ନ ପାଇ ଜୀବିକା ହରାଇଛନ୍ତି। ଅନ୍ୟପଟେ ପ୍ରାକୃତିକ ପ୍ରଭାବିତ ସାରଦା ଯୋର ଉପରେ କଲ୍‌ଭର୍ଟ ନିର୍ମାଣ ଚାଷୀଙ୍କ

### ଜିଲାପାଳଙ୍କ ନିକଟରେ ଅଭିଯୋଗ

ଜୀବନଧାରାରେ ବାଧକ ସାଜିବା ସହ ଚାଷକାର୍ଯ୍ୟ ଉପରୁ ଚାଷୀମାନେ ଆଶା ହରାଇଛନ୍ତି। ଚାଷଜମି ଥାଇ ଚାଷକାର୍ଯ୍ୟ କରି ନ ପାରିବା ଦୁଃଖ ଏବେ ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କଲ୍‌ଭର୍ଟ ନିର୍ମାଣ ଓ ଚାଷଜମିରେ ଥିବା କେନାଲ ଭାଙ୍ଗିବା ପାଇଁ କୌଣସି ଲୋକପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଅନୁମତି ନ ଆଣି ଜବରଦସ୍ତ କରିବା ଘଟଣାକୁ ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗକରି ଚାଷୀଙ୍କ ହିତଦୃଷ୍ଟିରୁ ବେନିୟମ ଭାବେ ନିର୍ମିତ କଲ୍‌ଭର୍ଟକୁ ଭାଙ୍ଗି ସାରଦା ଯୋରର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ନ୍ୟାୟ ଭିକ୍ଷା କରୁଛନ୍ତି।

# ସାରଦା ଯୋରରେ ବେଆଇନ କଲ୍‌ଭର୍ଟ ନିର୍ମାଣକୁ ବିରୋଧ


ସାରଦା ଯୋରକୁ ଜବରଦଖଲ କରାଯାଇ ବେଆଇନ ନିର୍ମାଣ ଚାଲିଛି।


ଚାଷୀମାନେ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।

ବାରଙ୍ଗ, ୬।୨ (ଲିଙ୍ଗରାଜ ରାଉତ)

ଚାଷୀମାନଙ୍କ ଜୀବନଧାରା ସାଜିଥିବା ସାରଦା ଯୋର ଉପରେ ଜଣେ ବିଲ୍ଡର ବେଆଇନ ଭାବେ କଲଭର୍ଟ ନିର୍ମାଣ କରିଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିଛି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଚାଷୀଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି।

## ଜିଲାପାଳଙ୍କ ନିକଟରେ ଅଭିଯୋଗ

ପ୍ରକାଶ ଯେ, କାହିଁ କେଉଁକାଳରୁ କଣ୍ଟାବାଡ଼ ପଞ୍ଚାୟତ ଡେରାସରୁ ବାହାରିଥିବା ସାରଦା ଯୋର ଅନ୍ଧାରୁଆ, ଚନ୍ଦକା, ଦାରୁଠେଙ୍ଗ, ପଥରଗାଡ଼ିଆ ଆଦି ଗ୍ରାମଦେଇ ମଞ୍ଚେଶ୍ୱର ନିକଟ ଦୟାନଦୀରେ ମିଶିଛି। ଫଳରେ ସାରଦା ଯୋର ପାର୍ଶ୍ୱରେ ଥିବା ଗ୍ରାମର ଚାଷୀମାନେ ବର୍ଷତମାମ ଚାଷକାର୍ଯ୍ୟ ପାଇଁ ଏହା ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏବେ ପଥରଗାଡ଼ିଆ ପାଖରେ ଜଣେ ଜମି ବ୍ୟବସାୟୀ ଏହି ଯୋର ଉପରେ ନିଜର ବ୍ୟବସାୟିକ ଉଦ୍ଦେଶ୍ୟରେ ଏକ କଲଭର୍ଟ ନିର୍ମାଣ କରିଛନ୍ତି। ଏହି କଲ୍‌ଭର୍ଟ ଦେଇ ସାଧାରଣ ଲୋକଙ୍କ ଯାତାୟାତକୁ ମଧ୍ୟ ବାରଣ କରିଛନ୍ତି। ଅନ୍ୟପଟେ ଚାଷଜମି ମଧ୍ୟରେ ଆଗରୁ ପାଣିଯିବା ପାଇଁ ରହିଥିବା କେନାଲକୁ ମଧ୍ୟ ଭାଙ୍ଗି ପୋତି ନିଜ ପ୍ଲଟିଂ ସ୍କିମରେ ମିଶାଇ ଦେଇଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ପାଣି ନ ପାଇ ଜୀବିକା ହରାଇଛନ୍ତି। ଅନ୍ୟପଟେ ପ୍ରାକୃତିକ ପ୍ରଭାବିତ ସାରଦା ଯୋର ଉପରେ କଲ୍‌ଭର୍ଟ ନିର୍ମାଣ ଚାଷୀଙ୍କ ଜୀବନଧାରାରେ ବାଧକ ସାଜିବା ସହ ଚାଷକାର୍ଯ୍ୟ ଉପରୁ ଚାଷୀମାନେ ଆଶା ହରାଇଛନ୍ତି। ଚାଷଜମି ଥାଇ ଚାଷକାର୍ଯ୍ୟ କରି ନ ପାରିବା ଦୁଃଖ ଏବେ ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କଲ୍‌ଭର୍ଟ ନିର୍ମାଣ ଓ ଚାଷଜମିରେ ଥିବା କେନାଲ ଭାଙ୍ଗିବା ପାଇଁ କୌଣସି ଲୋକପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଅନୁମତି ନ ଆଣି ଜବରଦସ୍ତ କରିବା ଘଟଣାକୁ ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗକରି ଚାଷୀଙ୍କ ହିତଦୃଷ୍ଟିରୁ ବେନିୟମ ଭାବେ ନିର୍ମିତ କଲ୍‌ଭର୍ଟକୁ ଭାଙ୍ଗି ସାରଦା ଯୋରର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ନ୍ୟାୟ ଭିକ୍ଷା କରୁଛନ୍ତି।

# ନିର୍ଦ୍ଦୋଷରେ ଖଲାସହେଲେ ଅଭିଯୁକ୍ତ ସ୍ପାଇଡର

## ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ୍ ମାମଲା

ଭୁବନେଶ୍ୱର, ୬।୨ (ତ୍ରିନାଥ ମହାନ୍ତି)

ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ୍ ମାମଲାର ଶୁଣାଣି ଶୁକ୍ରବାର ଜେଏମ୍‌ଏଫ୍‌ସି କୋର୍ଟରେ ହୋଇଛି। ଏହି ହାଇପ୍ରୋଫାଇଲ ଲୁଟ୍ ଘଟଣାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ସ୍ପାଇଡର ଲୁଟେରା ସତୀଶ୍। ଆବଶ୍ୟକ ତଥ୍ୟପ୍ରମାଣ ଦାଖଲ କରି ନ ପାରିବାରୁ ଜେଏମ୍‌ଏଫ୍‌ସି-୩ କୋର୍ଟ ପକ୍ଷରୁ ସତୀଶ୍‌ଙ୍କୁ ନଟ୍ ଫାଉଣ୍ଡ ଗିଲ୍ଟି କରି ଖଲାସ କରିଛନ୍ତି। ୨୦୨୫ ଜାନୁଆରୀ ୨୬ରେ ନିରଞ୍ଜନ ପଟ୍ଟନାୟକଙ୍କ ଘରେ କଳାକନା ବୁଲାଇଥିଲେ ଏହି ଲୁଟେରା। ଚୋରି ହେବା ପରେ ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ ରେଡିୟମ ଜୋତା ସହ ସାମ୍ନାକୁ ଆସିଥିଲା ସତୀଶଙ୍କ ଚେହେରା। ଅନେକ ଅନୁଧ୍ୟାନ ପରେ ବିଶାଖାପାଟଣାର ଏକ ଗହଣା ଦୋକାନରୁ ସତୀଶ୍‌ଙ୍କୁ ଧରିଥିଲା ପୋଲିସ। ତାଙ୍କ ନିକଟରୁ ଏକାଧିକ ଚୋରି ସାମଗ୍ରୀ ଜବତ କରିଥିଲା। ଆହୁରି ମଧ୍ୟ ସ୍ପାଇଡର ସତୀଶ୍ ନାମରେ ବିଭିନ୍ନ ରାଜ୍ୟରେ ଏକାଧିକ ମାମଲା ରହିଥିଲା। ସେ ଗୁଗ୍‌ଲରୁ ଏକାଧିକ ମନ୍ତ୍ରୀ, ଏମ୍‌ଏଲ୍‌ଏଙ୍କୁ ଟାର୍ଗେଟ୍ କରି ସେମାନଙ୍କ ଘରେ ପଶି ଏକୁଟିଆ ଚୋରି କରନ୍ତି। ହେଲେ ପୋଲିସ ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ ନ କରିବାଟା ପୋଲିସର ଅସଲ ପାରିବାପଣିଆକୁ ପଦାରେ ପକାଇଥିବା ଚର୍ଚ୍ଚା ହେଉଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଯାଁଳା, ୬।୨ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ଛକରେ ଗୁରୁବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ନୂଆଗାଁ ଅଞ୍ଚଳର ଟିପୁ ଦିଗଲ। ସୂଚନା ମୁତାବକ, ଟିପୁ ବାଇକ୍‌ରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଗଙ୍ଗପଡ଼ା ଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍ ସହିତ ଘୋଷାଡ଼ି ହୋଇ ଡିଭାଇଡରରେ ପିଟିହୋଇଯାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ସେଠାରୁ ପଳାଇଥିଲା। ଗୁରୁତର ଅବସ୍ଥାରେ ଟିପୁଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# କାର୍ଯ୍ୟଭାର ଗ୍ରହଣକଲେ ସୁରେଶ କୁମାର ବଶିଷ୍ଠ



ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଅଭିଯାନର ସୁଦୃଢ଼ୀକରଣ ଏବଂ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆର୍ଥିକ ଦୁର୍ବଳ ଓ ଅସହାୟ ଲୋକମାନଙ୍କ ପାଖକୁ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ସୁଫଳ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ପ୍ରମୁଖଙ୍କ ସହିତ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଏନ୍‌ଡିଆର୍‌ଏଫ୍ ପକ୍ଷରୁ ରୁଟ୍ ମାର୍ଚ୍ଚ

ବାରଙ୍ଗ, ୬।୨ (ଲିଙ୍ଗରାଜ ରାଉତ)


ଏନ୍‌ଡିଆର୍‌ଏଫ୍ ପକ୍ଷରୁ ରୁଟ୍ ମାର୍ଚ୍ଚ କରାଯାଉଛି।

ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ ଏହାର ପ୍ରସ୍ତୁତି ଏବଂ ସହନଶୀଳତା ତାଲିମ୍ କାର୍ଯ୍ୟକଳାପର ଅଂଶ ଭାବେ ଏକ ରୁଟ୍ ମାର୍ଚ୍ଚ ଶୁକ୍ରବାର ସଫଳତାର ସହ ହୋଇଛି। ଏହି ରୁଟ୍ ମାର୍ଚ୍ଚ ଏନ୍‌ଡିଆରଏଫ୍ ପରିସରରୁ ବାହାରି ଗୋଡ଼ିସାହି, ନେତଲ, ଷଣ୍ଢପୁର, ଓମ୍‌ଫେଡ୍, ନରାଜ, ମାର୍ଥାପୁର ରେଳଷ୍ଟେଶନ ହୋଇ ପ୍ରାୟ ୧୦ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତାରେ ଏହି ରୁଟ୍ ମାର୍ଚ୍ଚ କରି ପରିସର ଭିତରକୁ ସଫଳତା ସହିତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ରୁଟ୍ ମାର୍ଚ୍ଚକୁ ଏନ୍‌ଡିଆରଏଫ୍ ୩ୟ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ କମାଣ୍ଡାଣ୍ଟ ଧନଞ୍ଜୟ କୁମାର, ଦ୍ୱିତୀୟ କମାଣ୍ଡର (ଭେଟେରିନାରି) ଡ. ତୀର୍ଥବାସୀ ସାହୁ, ଡେପୁଟି କମାଣ୍ଡର ମେଡିକାଲ ଅଫିସର ଡ. ଜେ. ଆଦିତ୍ୟ ରେଡ୍ଡୀ ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଧାଂଶୁ ଶେଖର ନେତୃତ୍ୱ ନେଇଥିଲେ। ରୁଟ୍ ମାର୍ଚ୍ଚରେ ଯବାନମାନେ ଉଦ୍ଧାର ସମୟରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତି ନେବା ସହିତ ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ଉପକରଣ ବ୍ୟାଗ୍ ଏବଂ ଯୋଗାଯୋଗ ଉପକରଣ ଆଦି ବହନ କରିଥିଲେ। ଏହି ଅଭ୍ୟାସର ଲକ୍ଷ୍ୟ ଉଦ୍ଧାରକାରୀଙ୍କ ଶାରୀରିକ ସହନଶୀଳତା ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ମୂଳଲକ୍ଷ୍ୟ ରହିଥିଲା।

# ଚଷମାରେ କ୍ୟାମେରା ଲଗାଇ ଧରାପଡ଼ିଲେ ଯୁବକ

ପୁରୀ, ୬।୨ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ନେବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ଝାଡ଼ଖଣ୍ଡ ହଜାରିବାଗ୍ ଜିଲା ବାଦାମବଗିଚା ଅଞ୍ଚଳର ସାଗର ଖଣ୍ଡେଲୱାଲ (୨୮)।

ପୋଲିସର ସୂଚନାନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ସାଗର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ତାଙ୍କୁ ପୋଲିସ ଯାଞ୍ଚ କରିବା ସମୟରେ ଚଷମା କାଚରେ ଏକ ଗୁପ୍ତ କ୍ୟାମେରା ଥିବା ଦେଖିବାକୁ ମିଳିଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ ବ୍ୟବସ୍ଥାର ସ୍ପଷ୍ଟ ଉଲ୍ଲଂଘନ କରିଥିଲା। ମନ୍ଦିରର ପବିତ୍ରତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆଇନର ଧାରା ୩୦(ଏ)/୪(ସି) ଅନୁଯାୟୀ, ସିଂହଦ୍ୱାର ଥାନା କେସ୍ ନଂ.୨୧/୨୬ରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।




# ଭାଜପାରେ ମିଶିଲେ ବହୁ ବିଜେଡି କର୍ମୀ

## ନିର୍ବାଚନ ବେଳେ ବିଜେଡିରୁ ବାହାରିଥିଲେ, ଏବେ ଭାଜପାକୁ ଆସିଲେ


ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବ୍ରହ୍ମଗିରିର ନିର୍ବାଚନମଣ୍ଡଳୀର ବିଜେଡି ନେତା ଓ କର୍ମୀ।

ଭୁବନେଶ୍ୱର, ୬।୨ (ସୁନିତ୍ ମିଶ୍ର)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୮ ନମ୍ବର ଜୋନ୍ ଜିଲା ପରିଷଦ ଜୋନ୍ ସଦସ୍ୟ କୈଳାସ ଚନ୍ଦ୍ର ପରିଡ଼ା ତାଙ୍କ ସମର୍ଥକମାନଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ କୈଳାସ ବିଜେଡି ପାଇଁ କାମ କରୁଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଜେଡିରୁ ବିଦାହେବାକୁ ପଡିଥିଲା। ବ୍ରହ୍ମଗିରି ଆସନରେ ବିଜେଡି ପ୍ରାର୍ଥୀ ହୋଇଥିବା ଉମାକାନ୍ତ ସାମନ୍ତରାୟଙ୍କ ଅଭିଯୋଗ ଆଧାରରେ ଦଳ ତାଙ୍କୁ ବିଜେଡିରୁ କାଢ଼ିଥିଲା। ଅନ୍ୟପଟେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ା ପଞ୍ଚାୟତର ସରପଞ୍ଚ କବିତା ଜେନା, ଟିଡିପ ପଞ୍ଚାୟତ ସମିତି ସଭ୍ୟ ସଞ୍ଜୁକ୍ତା ସେଠୀ, ଗୁମୁଣ୍ଡିଆ ସରପଞ୍ଚ ସୁମିତ୍ରା ପୁହାଣ, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଶୁକ୍ରବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ମନମୋହନ ସମସ୍ତ ନୂତନ ସଦସ୍ୟଙ୍କୁ ଦଳକୁ ସ୍ୱାଗତକରି ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବହୁ ବିଜେଡି ନେତା ତାଙ୍କ ଦଳରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବ ଦ୍ୱାରା ନିର୍ବାଚନମଣ୍ଡଳୀରେ ଦଳର ସ୍ଥିତି ସୁଦୃଢ଼ ହେବ। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନକରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଦିଗରେ ସଂକଳ୍ପ ନିଅନ୍ତୁ ବୋଲି ସେ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ଉପସଭାପତି ଜତୀନ ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଧାୟକ ସରୋଜ ପାଢ଼ୀ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଦାୟିତ୍ୱ ନେଲେ ଅରବିନ୍ଦ କୁମାର ପାଢ଼ୀ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ଡ. ଅରବିନ୍ଦ କୁମାର ପାଢ଼ୀ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ପରେ ରାଜସ୍ୱ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରାଇବା ଉପରେ ଡ. ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

# ହୋଲି ପାଇଁ ଗଡ଼ିବ ୬୨ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୬।୨ (ଅନୁରାଧା ମହାରଣା)

ହୋଲି ଉତ୍ସବ ସମୟରେ ଯାତ୍ରୀମାନଙ୍କ ପାଇଁ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ୬୨ ସ୍ୱତନ୍ତ୍ର ଟ୍ରେନ ଚଲାଇବାକୁ ଯୋଜନା କରିଛି। ଏହା ଦେଶର ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ସମ୍ବଲପୁର-ଏରୋଡ, ବିଶାଖାପାଟଣା-ତିରୁପତି, ବିଶାଖାପାଟଣା-ଏସ୍‌ଏମ୍‌ଭିବି ବେଙ୍ଗାଲୁରୁ, ବିଶାଖାପାଟଣା-ଚାର୍ଲାପାଲି, ବିଶାଖାପାଟଣା-ଶାଲିମାର, ପୁରୀ-ପାଟନା, ପୁରୀ-ଉଧନା, ଭୁବନେଶ୍ୱର-ଯଶବନ୍ତପୁର ଏବଂ ଭୁବନେଶ୍ୱର-ଧାନବାଦ ସମେତ ପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବ, ଯାହା ଯାତ୍ରୀଙ୍କ ଚାହିଦାରେ ଆଶା କରାଯାଇଥିବା ବୃଦ୍ଧିକୁ ପୂରଣ କରିବ। ଯାତ୍ରୀମାନେ ଆଇଆର୍‌ସିଟିସି ୱେବ୍‌ସାଇଟ, ରେଲ୍ ୱାନ ଆପ୍, ପିଆର୍‌ଏସ୍ କାଉଣ୍ଟର କିମ୍ବା ଅନ୍‌ଲାଇନରେ ଟିକେଟ ବୁକ୍ କରିପାରିବେ।

# କେୟାର ହସ୍ପିଟାଲ୍‌ସରେ 'ଗ୍ରାଟିଚ୍ୟୁଡ୍ ଆଣ୍ଡ୍ ଏଆଇ'

ଭୁବନେଶ୍ୱର, ୬।୨ (ଅନୁରାଧା ମହାରଣା)



କେୟାର ହସ୍ପିଟାଲ୍ସ ପକ୍ଷରୁ 'ଗ୍ରାଟିଚ୍ୟୁଡ୍ ଆଣ୍ଡ୍ ଏଆଇ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହା ରୋବୋଟିକ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ ପାଳନ କରିଥିବା ରୋଗୀଙ୍କ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ। କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଆଣ୍ଠୁ ଓ ହିପ୍ ପ୍ରତିସ୍ଥାପନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶଧାରାକୁ ଚିହ୍ନିତ କରୁଛି। ରାଜ୍ୟରେ ପ୍ରଚଳନ ହେବାକୁ ଥିବା ପ୍ରଥମ ଏଆଇ-ସକ୍ଷମ ଜଏଣ୍ଟ ରିପ୍ଲେସମେଣ୍ଟ ପ୍ଲାଟ୍‌ଫର୍ମ ମଧ୍ୟରେ ଏହି ପ୍ରଯୁକ୍ତି ବିଦ୍ୟା ଓଡ଼ିଶାର ରୋଗୀମାନଙ୍କୁ ଉନ୍ନତ ଅର୍ଥୋପେଡିକ ପ୍ରକ୍ରିୟା ପାଇଁ ଅଞ୍ଚଳ ବାହାରକୁ ଯାତ୍ରା କରିବାର ଆବଶ୍ୟକତାକୁ ହ୍ରାସ କରିଥାଏ, ଯାହା ବିଶ୍ୱ ସ୍ତରରେ ସମନ୍ୱିତ ନବସୃଜନକୁ ଘର ନିକଟକୁ ଆଣିଥାଏ। ଡା. ସନ୍ଦୀପ ସିଂହ କହିଛନ୍ତି, ପାରମ୍ପରିକ ପଦ୍ଧତି ଏବଂ ଅନେକ ବିଦ୍ୟମାନ ରୋବୋଟିକ ସିଷ୍ଟମ ପରିବର୍ତ୍ତେ ଏଆଇ ପ୍ଲାଟଫର୍ମ ଆଣ୍ଠୁ, ହିପ୍, କାନ୍ଧ ଏବଂ ୟୁନିକଣ୍ଡାଇଲାର୍ ସନ୍ଧି ପ୍ରତିସ୍ଥାପନକୁ ସମର୍ଥନ କରେ, ଏକ ଖୋଲା ଓ ପୋର୍ଟେବଲ ସ୍ଥାପତ୍ୟ ବହନ କରେ। ଏଥିସହ ଉଚ୍ଚ ବ୍ୟବହାରଯୋଗ୍ୟ ଖର୍ଚ୍ଚ ଉପରେ ନିର୍ଭରଶୀଳତାକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରେ, ଯାହା ସମଗ୍ର ଓଡ଼ିଶାରେ ଉନ୍ନତ ଅର୍ଥୋପେଡିକ ଯନ୍ତ୍ରକୁ ଅଧିକ ସୁଲଭ ଓ ସ୍କେଲେବଲ କରିଥାଏ। ବୟସ୍କ ଜନସଂଖ୍ୟା ମଧ୍ୟରେ ଆଣ୍ଠୁ ଗଣ୍ଠିବାତ ବୃଦ୍ଧି ପାଉଥିବାରୁ ଏହି ସମସ୍ୟା ହୋଇଥାଏ। କେୟାର ହସ୍ପିଟାଲ୍ସର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସ୍‌ଲେ ଆନନ୍ଦ କହିଲେ, ଭୁବନେଶ୍ୱରରେ ଏଆଇ ଚାଳିତ ଜଏଣ୍ଟ ରିପ୍ଲେସମେଣ୍ଟର ପ୍ରଚଳନ ଓଡ଼ିଶାର ରୋଗୀଙ୍କ ପାଇଁ ଉନ୍ନତ, ଠିକ୍ ଚାଳିତ ଅର୍ଥୋପେଡିକ ଚିକିତ୍ସା ସୁଲଭ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

# ଦୀପ୍ତିରଞ୍ଜନ ପରିଡ଼ାଙ୍କୁ 'ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ମାନ'

## ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର, ୬।୨ (ସୌମ୍ୟରଞ୍ଜନ ରାଉତ)

ହିନ୍ଦୁସ୍ଥାନୀ ସଙ୍ଗୀତ ସଭା ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ଅନୁଷ୍ଠାନର ଉପସଭାପତି ଡ. ସର୍ବେଶ୍ୱର ଶତପଥୀ ଓ ସମ୍ପାଦକ ଡ. ରଘୁନାଥ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସୂଚନା ଭବନ ପ୍ରେକ୍ଷାଳୟ ଅଧିକାରୀ ଦୀପ୍ତିରଞ୍ଜନ ପରିଡ଼ାଙ୍କୁ 'ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ କାଫି ରାଗରେ ଅନୁଷ୍ଠାନର ସମସ୍ତ ଗୁରୁ ଓ ଛାତ୍ରୀଛାତ୍ର ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ଏକକ ଗାୟନରେ ବନଲତା ସାମଲ ରାଗ ପୁରିଆ ଧାନାଶ୍ରୀ, ନର୍ମଦା ରାଉତରାୟ ରାଗ ବାଚସ୍ପତିରେ ବିଳମ୍ବିତ ଓ ଦ୍ରୁତ ପରିବେଷଣ କରିଥିଲେ। ଗୁରୁ ଅମିତ କୁମାର ରଥ ରାଗ ମଧୁସରାବଳିରେ ଖୟାଲ ପରିବେଷଣ କରିଥିଲେ। ଗୁରୁ ଡ. ପ୍ରମୋଦ କୁମାର ପତି ଏକକ ବଂଶୀବାଦନ କରିଥିଲେ। ଗୁରୁ ଡ. ରଘୁନାଥ ନାଥ ସାହୁ ରାଗ କଳାବତି ଆଡାଚୌତାଲ ତାଳରେ ଏବଂ ଗୁରୁ କରୁଣାକର ନାୟକ ରାଗ ବାଗେଶ୍ରୀ କାନାଡା ପ୍ରସ୍ତୁତ କରିଥିଲେ। ତବଲାରେ ସହଯୋଗ କରିଥିଲେ ଗୁରୁ ସୁଶାନ୍ତ କୁମାର ଜେନା, ଗୁରୁ ଚିତ୍ତରଞ୍ଜନ ମହାପାତ୍ର। ହାରମୋନିୟମରେ ସହଯୋଗ କରିଥିଲେ କୁଞ୍ଜବିହାରୀ ନାୟକ। କାର୍ଯ୍ୟକ୍ରମକୁ ସୁଦୀପ୍ତା ମହାପାତ୍ର ସଂଯୋଜନା କରିଥିଲେ।


ଗୀତଗୋବିନ୍ଦ ସଦନଠାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

# ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ।

ଧୃବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଜ୍ୟୋତିଷ ବିଭାଗର ମିଳିତ ତତ୍ତ୍ୱାବଧାନରେ 'ଭାରତୀୟ ଜ୍ଞାନ ପରମ୍ପରାରେ ରୋଗ ବିଚାର' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଧିବେଶନରେ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ବାସ୍ତୁ ବିଭାଗର ଅଧ୍ୟକ୍ଷ ତଥା ଉତ୍ତରାଖଣ୍ଡ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବୀପ୍ରସାଦ ତ୍ରିପାଠୀ, ଭାଜପା ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ଚକ୍ରଧର କର ବେଦପାଠ କରିବା ପରେ ରାଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍' କରାଯାଇଥିଲା । ଜ୍ୟୋତିଷ ବିଭାଗର ଅଧ୍ୟକ୍ଷ ପ୍ରଫେସର ବିଶ୍ୱରଞ୍ଜନ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର ସଚିବ ଡକ୍ଟର ସସ୍ମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡକ୍ଟର ଦୀପ୍ତିରଞ୍ଜନ ପଣ୍ଡାଙ୍କ 'ଜ୍ୟୋତିଷାମୃତ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିସହିତ ଜ୍ୟୋତିର୍ବିଜ୍ଞାନୀ ଇଂ. ଜଗଦୀଶ ମିଶ୍ର, ପ୍ରିୟଦର୍ଶିନୀ ବେହେରା, ମୋନାଲିସା ତ୍ରିପାଠୀ, ଅନିନ୍ଦିତା ଦାଶ, କାନ୍ତା ସିଂ, ଇନ୍ଦ୍ରାଣୀ ସରକାର ଓ ବିଷ୍ଣୁ ପ୍ରସାଦ ଗୁରୁ ପ୍ରମୁଖଙ୍କୁ ସ୍ମୃତିଫଳକ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଜ୍ୟୋତିଷ ବିଭାଗର ସହକାରୀ ପ୍ର. ଡକ୍ଟର ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ସୁଦଶା ପଣ୍ଡା ସଞ୍ଚାଳନ କରିଥିଲେ ଦ୍ୱିତୀୟ ଅଧିବେଶନରେ ମାତାଜୀ ଚେତନା ପାଣ୍ଡେ, ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ସାମନ୍ତ ମାଧବ ପୂଜାପଣ୍ଡା ଏବଂ ଡ. ଚକ୍ରଧର କର ମଞ୍ଚାସୀନ ଥିଲେ। ଡକ୍ଟର ଅର୍ଚ୍ଚନା ମିଶ୍ର, ହରପ୍ରଭା ସାହୁ, ସୀତାକାନ୍ତ କର, ପଲ୍ଲବୀ ବରାଳ, ଡାକ୍ତର ଶାଳିନୀ ମିଶ୍ର, ଡକ୍ଟର ଦେବୀଦତ୍ତ ବେହେରା, ରେଣୁ ରଥ ପ୍ରମୁଖ ଭିଡି ପ୍ରବନ୍ଧ ଉପସ୍ଥାପନା କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୬।୨।୨୦୨୬

| | |
|---|---|
| ୮,୦୫,୮୪୦ ଟଙ୍କା | |
| ସୁନା | ୮.୪୦୦ ଗ୍ରାମ୍ |
| ରୁପା | ୮ ଗ୍ରାମ୍ |

## ସଂକ୍ଷେପରେ

### ଚଷମାରେ କ୍ୟାମେରା ଲଗାଇ ଧରାପଡ଼ିଲେ ଯୁବକ ଶ୍ରୀମନ୍ଦିରକୁ ପ୍ରବେଶ ଉଦ୍ୟମ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ନେବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ଝାଡ଼ଖଣ୍ଡ ହଜାରିବାଗ୍ ଜିଲା ବାଦାମବଗିଚା ଅଞ୍ଚଳର ସାଗର ଖଣ୍ଡେଲୱାଲ(୨୮)। ପୋଲିସର ସୂଚନାନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ସାଗର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ତାଙ୍କୁ ପୋଲିସ ଯାଞ୍ଚ କରିବା ସମୟରେ ଚଷମା କାଚରେ ଏକ ଗୁପ୍ତ କ୍ୟାମେରା ଥିବା ଦେଖିବାକୁ ମିଳିଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ ବ୍ୟବସ୍ଥାର ସ୍ପଷ୍ଟ ଉଲ୍ଲଂଘନ କରିଥିଲା। ମନ୍ଦିରର ପବିତ୍ରତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆଇନର ଧାରା ୩୦(ଏ)/୪(ସି) ଅନୁଯାୟୀ, ସିଂହଦ୍ୱାର ଥାନା କେସ୍ ନଂ.୨୧/୨୬ରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ମା' ଦକ୍ଷିଣକାଳୀଙ୍କ ପୀଠରେ ହିନ୍ଦୁ ସମ୍ମିଳନୀ

ସାକ୍ଷୀଗୋପାଳ,୬।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ମା' ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ଚନ୍ଦ୍ର ଭୋଇଙ୍କ ଦ୍ୱାରା ରାଷ୍ଟ୍ରୀୟ ସଙ୍ଗୀତ ଗାନ ପରେ ହିନ୍ଦୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ପୁରୀ ଜିଲା ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ମାଝୀ, ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ମଠ ମନ୍ଦିର ଏବଂ ଅର୍ଚ୍ଚକପୁରୋହିତ ବିଭାଗର ପ୍ରମୁଖ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଜିଲା ଉପସଭାପତି ଚିତ୍ତରଞ୍ଜନ ଆଚାର୍ଯ୍ୟ, ସଭାପତି ରଘୁନାଥ ମହାପାତ୍ର, ଜିଲା କାର୍ଯ୍ୟକାରୀ ସମ୍ପାଦକ ଗୌରବ କୁମାର କର, ପ୍ରଖଣ୍ଡ ସଭାପତି ଅମିନ ଚରଣ ପ୍ରଧାନ, କେଦାରନାଥ ସ୍ୱାଇଁ, ବିଜୟାନନ୍ଦ ସ୍ୱାଇଁ, ଭାସ୍କର ନାୟକ, ବିପ୍ରଚରଣ ବିଶ୍ୱାଳ ଏବଂ ନରେନ୍ଦ୍ରପୁରର ପୂର୍ବତନ ସରପଞ୍ଚ ଗୋଲେଖ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୌରବ କୁମାର କର ଧନ୍ୟବାଦ ଦେଇଥିଲେ।

# ପୁରୀ ଜିଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ନେଇ ଶୁକ୍ରବାର କୋର୍ଟ ପରିସରରେ ଭୟର ବାତାବରଣ ଖେଳିଯାଇଥିଲା। ପୂର୍ବାହ୍ନରେ ସ୍ୱାଭାବିକ ଭାବେ କୋର୍ଟ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ଏକ ଅଜଣା ଇ-ମେଲ୍‌ରୁ ଜିଲା ଜଜ୍‌ଙ୍କ ନିକଟକୁ ଏହି ଧମକ ଆସିଥିଲା। ଏହାକୁ ନେଇ ସମସ୍ତେ ଆତଙ୍କିତ ହୋଇପଡ଼ିବା ସହ ଚିନ୍ତାରେ ପଡ଼ିଯାଇଥିଲେ। ଖବର ପାଇ ସଶସ୍ତ୍ର ପୋଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ। କିଏ, କାହିଁକି ଓ କାହା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଇଛି ସେନେଇ ପୋଲିସ ଏବଂ ସାଇବର ସେଲ୍ ପକ୍ଷରୁ ତଦନ୍ତ କରାଯାଇଥିଲା। ତେବେ ଯାଞ୍ଚ ପରେ କୌଣସି ବୋମା ମିଳି ନ ଥିଲା। ଫଳରେ ଅପରାହ୍ନ ୨ଟା ପରେ ପୁଣି କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ପୋଲିସ ପ୍ରଥମେ କୋର୍ଟ ପରିସରକୁ ଖାଲି କରିଥିଲା। ପରେ ପୁରୀ ଏସ୍‌ପି ପ୍ରତୀକ ସିଂ ଏବଂ ୩ ଥାନା ଅଧିକାରୀ ଛାନ୍‌ଭିନ୍ କରିଥିଲେ। କୋର୍ଟ ପରିସରରେ ଥିବା ସମସ୍ତ କୋଠରି ଓ ଯାନବାହନକୁ ଡଗ୍ ସ୍କ୍ୱାଡ୍ ଏବଂ ବମ୍ ସ୍କ୍ୱାଡ୍ ପକ୍ଷରୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। କୋର୍ଟ ପରିସରରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ଏ ନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଖବର ପାଇବା ପରେ ପୋଲିସ କୋର୍ଟ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଛି। ସେହିପରି ସାଇବର ପୋଲିସ ପକ୍ଷରୁ ସମ୍ପୃକ୍ତ ମେଲ୍ ଆଇଡି ଯାଞ୍ଚ କରାଯିବା ପରେ ତାହା ଫେକ୍ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୁରୀ ବାର୍ ଆସୋସିଏଶନ ସମ୍ପାଦକ ଶରତ ରାୟଗୁରୁ କହିଛନ୍ତି, ଫେକ୍ ଆଇଡିରୁ ଏଭଳି ମେଲ୍ ବାରମ୍ବାର ଆସୁଛି। ପୂର୍ବରୁ ହାଇକୋର୍ଟକୁ ଉଡ଼ାଇ ଦେବା ନେଇ ଧମକପୂର୍ଣ୍ଣ ମେଲ୍ ମିଳିଥିବାବେଳେ ଏବେ ପୁରୀ ସମେତ ଅନ୍ୟ କେତେକ କୋର୍ଟକୁ ଏଭଳି ଧମକ ଆସିଛି। ଫଳରେ କୋର୍ଟ କାର୍ଯ୍ୟ ଠପ୍ ହୋଇଯାଉଛି। ଫେକ୍ ମେଲ୍ ଆଇଡି ଦ୍ୱାରା ଅଭିଯୁକ୍ତମାନେ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୋଲିସ କାହିଁକି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିପାରୁନି ବୋଲି ରାୟଗୁରୁ ପ୍ରଶ୍ନ କରିଛନ୍ତି।


ଜିଲା କୋର୍ଟ ପରିସରରେ ଥିବା ଗାଡ଼ିଗୁଡ଼ିକୁ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛି ।

# ପୁରୀକୁ ଆମିଷମୁକ୍ତ କରିବା ପାଇଁ ସଚେତନତା



ଧାନ ଯୋଗ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ପିରାମିଡ୍ ସ୍ପିରିଚୁଆଲ ସୋସାଇଟି ମୁଭ୍‌ମେଣ୍ଟ, ଓଡ଼ିଶା ତରଫରୁ ଆୟୋଜିତ ଶୋଭାଯାତ୍ରା ।

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ଧ୍ୟାନ ଯୋଗ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ପିରାମିଡ୍ ସ୍ପିରିଚୁଆଲ ସୋସାଇଟି ମୁଭ୍‌ମେଣ୍ଟ, ଓଡ଼ିଶା ତରଫରୁ ଗୁଣ୍ଡିଚା ମନ୍ଦିରଠାରୁ ପୁରୀ ଟାଉନ ଥାନା ପର୍ଯ୍ୟନ୍ତ ଏକ ବିଶାଳ ଶାକାହାର ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆନ୍ଧ୍ର ଏବଂ ତେଲଙ୍ଗାନାର ବିଭିନ୍ନ ସ୍ଥାନରୁ ୨ଶହରୁ ଅଧିକ ସଂଖ୍ୟାରେ ଏବଂ କ୍ରିୟାଯୋଗ ଜ୍ଞାନପ୍ରଭା ମିଶନ, ପୁରୀ, ପ୍ରଜ୍ଞାନ ମିଶନ, ଗାୟତ୍ରୀ ଶକ୍ତିପୀଠ, ନିରଞ୍ଜନ ମିଶନ, ଶ୍ରୀ ସତ୍ୟସାଇ ସେବା ସମିତି, ଦିବ୍ୟଜୀବନ ସଂଘ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ, ପିରାମିଡ୍ ମେଡିଟେଶନ ଚ୍ୟାନେଲ, ତେଲୁଗୁ, ଇସ୍କନ, ଭାରତୀୟ ଯୋଗ ସଂସ୍ଥାନ ଆଦି ପୁରୀର ଅନେକ ସଂସ୍ଥାର ସଦସ୍ୟ ଓ ସଦସ୍ୟାମାନେ ଯୋଗଦେଇଥିଲେ। ଅହିଂସା ପରମ ଧର୍ମ, ଜୀବେ ଦୟାର ସ୍ଲୋଗାନ 'ପଶୁ ଆମର ମିତ୍ର, ଖାଦ୍ୟ ନୁହନ୍ତି'ର ପ୍ଲାକାଡ୍ ଧରି ଶୋଭାଯାତ୍ରା ହୋଇଥିଲା। ବିଭିନ୍ନ ଆଧ୍ୟାତ୍ମିକ ସଂଗଠନର ମିଳିତ ପ୍ରୟାସରେ ପୁରୀ ଭଳି ପବିତ୍ର ଧାମକୁ ଆମିଷ ଭକ୍ଷଣରୁ ମୁକ୍ତ କରିବାର ସଚେତନତା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା କରାଯାଇଥିଲା। ନିରାମିଷ ଭୋଜନ ଜଗନ୍ନାଥଙ୍କ ଭୋଜନ, ସବୁ ପ୍ରାଣୀଙ୍କ ଭିତରେ ଜଗନ୍ନାଥ ଅଛନ୍ତି, ତେଣୁ ଆମିଷ ଭୋଜନ ମାନବ ଭୋଜନ ନୁହେଁ ଏବଂ ଜୀବହତ୍ୟା ମହାପାପ ବୋଲି ଶୋଭାଯାତ୍ରାର ସଂଗଠିକା ଇପ୍‌ସିତା ପୂଜାରୀ କହିଥିଲେ।

# ମଣ୍ଡି ବୁଲି ଦେଖିଲେ ଅତିରିକ୍ତ ସଚିବ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଡ. ଚିତ୍ରସେନ ରାଉତ ଶୁକ୍ରବାର ପୁରୀ ଗସ୍ତରେ ଆସି ଜିଲାର ବିଭିନ୍ନ ପାକ୍ସ ବା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ରାଉତ ନିମାପଡ଼ା ବ୍ଲକର କପିଳେଶ୍ୱର ପାକ୍ସ ଓ ଗୋପ ବ୍ଲକର ନୟାହାଟ ପାକ୍ସକୁ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। କୌଣସି ପରିସ୍ଥିତିରେ ଚାଷୀ ଯେପରି ହଇରାଣ ହରକତ ନ ହୁଅନ୍ତି, ମଣ୍ଡିଗୁଡ଼ିକରେ ସେମାନଙ୍କ ପାଇଁ ବିବିଧ ଆନୁଷଙ୍ଗିକ ସୁବିଧା ବ୍ୟବସ୍ଥା କରିବା, ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଧାନ ସଂଗ୍ରହ କରିବାକୁ ଡ. ରାଉତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସମବାୟ ବିଭାଗର ଯୁଗ୍ମ ସଚିବ ଲିଙ୍ଗରାଜ ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଡିଆର୍‌ସିଏସ ସରୋଜିନୀ ଜେନା, ନିମାପଡ଼ା ଯୋଗାଣ ନିରୀକ୍ଷକ, ପାକ୍ସ ସେକ୍ରେଟାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦,୨୧୮ ଚାଷୀଙ୍କଠାରୁ ୩,୯୭,୩୪୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ୭୨,୩୦,୯୬,୦୦୩ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ସରକାରୀ ଯୋଜନାର ସମୀକ୍ଷା କଲେ ଏନ୍‌ଡିସି ଅଧିକାରୀ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ନ୍ୟାଶନାଲ ଡିଫେନ୍ସ କଲେଜ (ଏନ୍‌ଡିସି)ର ୧୭ଜଣିଆ ଟିମ୍ ପକ୍ଷରୁ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରାଯାଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ଯୋଜନାରେ ଜିଲାର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ଯୋଜନାଗୁଡ଼ିକର ସଫଳ ରୂପାୟନ, ମାର୍ଗଦର୍ଶିକା ଆଧାରରେ ହିତାଧିକାରୀ ଚୟନ, କାର୍ଯ୍ୟାନ୍ୱୟନ, କ୍ଷେତ୍ର ପରିଦର୍ଶନ, ତଦାରଖ, ସମୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ଏନ୍‌ଡିସି ଟିମ୍‌କୁ ଅବଗତ କରାଇଥିଲେ। ଟିମ୍‌ର ନେତୃତ୍ୱ ନେଉଥିବା ମେଜର ସି.ପି. ଶର୍ମା ଓ ଅନ୍ୟ ସଦସ୍ୟମାନେ ଯୋଜନାଗୁଡ଼ିକର ରୂପରେଖ, କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ବିବିଧ ପ୍ରଶ୍ନ କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀ ଏସବୁର ଉତ୍ତର ରଖିଥିଲେ। ଏଥିରେ ଜିଲା ଶିଳ୍ପକେନ୍ଦ୍ର, ବ୍ୟାଙ୍କ ସମୂହ, ଜିଲା ସମାଜ କଲ୍ୟାଣ, ଜିଲା ମୁଖ୍ୟ କୃଷି, ପ୍ରାଣୀ ସମ୍ପଦ, ଜିଲା ସ୍ୱାସ୍ଥ୍ୟ ବିଭାଗ, ପର୍ଯ୍ୟଟନ ବିଭାଗ, ଜିଲା ଶିକ୍ଷା ବିଭାଗ, ଟିପିସିଓଡିଏଲ୍, ଗ୍ରାମ୍ୟ ଉନ୍ନୟନ, ଜିଲାପରିଷଦ, ପୁରୀ ପୌରପାଳିକା ଓ ୱାଟ୍‌କୋର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀ ତଥ୍ୟ ରଖିଥିଲେ।

ଶେଷରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ବୈଠକରେ ନୋଡାଲ ଅଫିସର୍ ପିକେଡିଏ ସେକ୍ରେଟାରି ଦିଲୀପ କୁମାର ମହାରଣା, ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ନୀଳାଚଳ ଅର୍ବାନ୍ ହାଟରେ ଶୁକ୍ରବାର ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ଅନୁଗୋଳସ୍ଥିତ ଲାଇଫ୍ କେୟାର ସଂଗଠନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଭାରତ ସରକାରଙ୍କ ହସ୍ତଶିଳ୍ପ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସନ୍ଦୀପ କୁମାର କହିଛନ୍ତି, ଶିଳ୍ପୀଙ୍କ ପ୍ରତିଭାର ପ୍ରଦର୍ଶନ, ଉତ୍ପାଦର ବିକ୍ରି ଓ ଆର୍ଥିକ ସମୃଦ୍ଧି ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। ଅତିରିକ୍ତ ନିର୍ଦ୍ଦେଶକ ଭୁବନ ଭାସ୍କର ଏହି ପ୍ରଦର୍ଶନୀକୁ ବର୍ଷସାରା ଆୟୋଜନ ମାଧ୍ୟମରେ ଶିଳ୍ପୀଙ୍କୁ ଉତ୍ସାହିତ କରିବା, କାର୍ଯ୍ୟକ୍ରମର ଅଧିକ ପ୍ରଚାର ପ୍ରସାର, ଗ୍ରାମାଞ୍ଚଳର ଅଧିକ ଉତ୍ପାଦକୁ ଚିହ୍ନଟକରି ପ୍ରଦର୍ଶନୀରେ ସାମିଲ ପାଇଁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ଏଚ୍‌ପିଓ ବୀର ଭାରତ, ପ୍ରମେନ୍ଦ୍ର ସିହ୍ନା ପ୍ରମୁଖ ଯୋଗଦେଇ କଳା, କଳାକାର ଓ ଶିଳ୍ପୀଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା, ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆୟୋଜକ ଚନ୍ଦନ କୁମାର ଅମାତ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶିଳ୍ପୀ କୃଷ୍ଣଚନ୍ଦ୍ର ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ପରିଡ଼ା ଓ ଅନ୍ୟମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ପ୍ରଦର୍ଶନୀରେ ଲାଗିଥିବା ୪୦ଟି ଷ୍ଟଲ୍ ପରିଦର୍ଶନ କରିଥିଲେ।


ନୀଳାଚଳ ଅର୍ବାନ୍ ହାଟରେ ଅତିଥି ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।

# ଚେତକ ସି୨୫ ଇଲେକ୍ଟ୍ରିକ ସ୍କୁଟିର ପୁରୀ ବଜାର ପ୍ରବେଶ



ଚେତକ ସି୨୫ ଇଲେକ୍ଟ୍ରିକ ସ୍କୁଟିର ପୁରୀ ବଜାର ପ୍ରବେଶ ଅବସରରେ ବଜାଜ ଅଟୋ ଲିମିଟେଡ୍‌ର ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲହୋତ୍ରା, ଏମ୍‌ଏସ୍‌ବି ଅଟୋମେଟିଭ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମନ୍ଦୁର ବକ୍ସ ଏବଂ ଅନ୍ୟ ଅଧିକାରୀ ।

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ବଜାଜ୍‌ର ଇଲେକ୍ଟ୍ରିକ ସ୍କୁଟି 'ଚେତକ ସି ୨୫' ପୁରୀ ବଜାରକୁ ପ୍ରବେଶ କରିଛି। ଶୁକ୍ରବାର ନବକଳେବର ରୋଡ୍‌ସ୍ଥିତ ଏମ୍‌ଏସ୍‌ବି ଅଟୋମେଟିଭ ପ୍ରାଇଭେଟ୍ ଲିମିଟେଡ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବଜାଜ ଅଟୋ ଲିମିଟେଡ୍‌ର ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲହୋତ୍ରା, ଏମ୍‌ଏସ୍‌ବି ଅଟୋମେଟିଭ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମନ୍ଦୁର ବକ୍ସ ଏବଂ ନିର୍ଦ୍ଦେଶିକା ସାଇରା ବାନୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉନ୍ମୋଚନ କରିଥିଲେ। ବର୍ତ୍ତମାନ ବାଇକ୍ ଅପେକ୍ଷା ସ୍କୁଟରର ଚାହିଦା ବଢ଼ିଲାଣି। ବିଶେଷକରି ଯୁବଗୋଷ୍ଠୀ ଇଭି ସ୍କୁଟର ଚଳାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଯୁବଗୋଷ୍ଠୀଙ୍କ ଚାହିଦାକୁ ନଜରରେ ରଖି ବଜାଜ କମ୍ପାନୀ ଜବରଦସ୍ତ ଫିଚର ସହ ଚେତକ ସି୨୫କୁ ବଜାରକୁ ଛାଡିଛି। ଆଧୁନିକ ଜ୍ଞାନକୌଶଳ ସହିତ ଅତୁଳନୀୟ ରେଞ୍ଜ ତଥା ଅବିସ୍ମରଣୀୟ ବିଶ୍ୱସନୀୟତାକୁ ନେଇ ଏହା ବଜାରକୁ ଆସିଛି। ସ୍କୁଟିର ଉଭୟ ଆଗ ଏବଂ ପଛ ଚକ ଟ୍ୟୁବ୍‌ଲେସ ଟାୟାର ସହିତ ଆଗ ଡିସ୍ ବ୍ରେକ ରହିଛି। ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ମଧ୍ୟ ଭଲ ରହିଛି। ଏହାର ବ୍ୟାଟେରି ଥରେ ଚାର୍ଜ ହେଲେ ୯୦ରୁ ୯୫ କି.ମି. ପର୍ଯ୍ୟନ୍ତ ଗଡ଼ିବ। ୨ଘଣ୍ଟା ୨୫ ମିନିଟ୍‌ରେ ୮୦ ପ୍ରତିଶତ ଏବଂ ୩ ଘଣ୍ଟା ୪୫ ମିନିଟରେ ବ୍ୟାଟେରି ଫୁଲ ଚାର୍ଜ ହେବ। ଏହି ସ୍କୁଟର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ।

# ଉତ୍ତମ ଚରିତ୍ର ଗଠନ, ଭଲ ମଣିଷ ହେବାକୁ ପରାମର୍ଶ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ 'ମିଲେଞ୍ଜେ-୨୦୨୬'

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ 'ମିଲେଞ୍ଜେ-୨୦୨୬' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ବ୍ଲକ ଉନ୍ନୟନ ଅଧିକାରୀ ସମ୍ବିତ ଶତପଥୀ ଯୋଗଦେଇ କହିଛନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବର୍ତ୍ତମାନ ସମୟରେ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ନନ୍ଦ, ସ୍ୱତନ୍ତ୍ର ଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଆଶୁତୋଷ ମଲ୍ଲିକ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରିବା ସହ ଉତ୍ତମ ଚରିତ୍ର ଗଠନ ଏବଂ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କର, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି, ବେଲଦଳ ସରପଞ୍ଚ ବିପିନ ଦାସ, ଶାରଦା ବିହାର ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, ଗୋପ ବ୍ଲକ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ ସେନାପତି, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଓ ବ୍ରହ୍ମଗିରି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମୋହନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ କୁମାର ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିବେଦିତା ସାବୁତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପରେ ରାଜ୍ୟ ଏବଂ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଶତପଥୀ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୀର ଖେଳ ପଡିଆ ନ ଥିବା ଜାଣିବା ପରେ ବ୍ଲକ ଉନ୍ନୟନ ଅଧିକାରୀ ସମ୍ବିତ ଶତପଥୀ ଏବଂ ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି ଆଗାମୀ ଦିନରେ ଏକ ଉନ୍ନତ ମାନର ଖେଳପଡ଼ିଆ ପ୍ରସ୍ତୁତ କରିବା ପାଇଁ ସମସ୍ତ ସହାୟତା ପ୍ରଦାନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା/ସଦସ୍ୟଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## କଲେଜରେ ପାରମ୍ପରିକ ଖାଦ୍ୟମେଳା

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର କଲେଜରେ ଓଡ଼ିଆ ଘର ପାରମ୍ପରିକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖାଦ୍ୟମେଳାରେ କଲେଜ ଛାତ୍ରୀଛାତ୍ରମାନେ ଓଡ଼ିଆମାନଙ୍କ ପ୍ରିୟ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ, ଫାଷ୍ଟଫୁଡ୍ ଓ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ମେଳାରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି। କଲେଜ ଅଧାପନା ମଣ୍ଡଳୀ, ଛାତ୍ରୀଛାତ୍ର ଓ ବହୁ ସ୍ଥାନୀୟ ଲୋକେ ମେଳା ବୁଲିବା ସହିତ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତି ଆଗ୍ରହ ଓ ସୃଜନଶୀଳତା ବୃଦ୍ଧି ଲକ୍ଷ୍ୟରେ ଏଭଳି ମେଳା ଆୟୋଜନ କରାଯାଇଥିବା ବରିଷ୍ଠ ଅଧ୍ୟାପକ ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ଅଧ୍ୟାପକ ଅରଣ୍ୟକ ରାଉତରାୟ, ପ୍ରତାପ ଘଡ଼େଇ, କୃଷ୍ଣା କାବେରୀ ଦାସ ପ୍ରମୁଖ ମେଳା ପରିଚାଳନା କରିଥିଲେ।

# ଡିମାଣ୍ଡରେ ବେଙ୍ଗାଲୁରୁ ଗୋଲାପ

**ଭାଲେଣ୍ଟାଇନ୍ସ ସପ୍ତାହ ଆରମ୍ଭ**

କଟକ,୬।୨(ଶିଖା ପ୍ରିୟଦର୍ଶିନୀ)

ଭାଲେଣ୍ଟାଇନ୍ସ ଉଇକ୍ ବା ପ୍ରେମ ସପ୍ତାହ ଶନିବାରଠାରୁ ଆରମ୍ଭ ହେଉଛି। ଏହାକୁ ପାଳନ କରିବା ପାଇଁ ପ୍ରେମୀଯୁଗଳ ଓ ନବଦମ୍ପତିଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଖାସ୍ କରି ଏହି ସପ୍ତାହ ପ୍ରେମୀଯୁଗଳଙ୍କ ପାଇଁ ସ୍ୱତନ୍ତ୍ର ରହିଥାଏ। ଫେବୃଆରୀ ୧୪ରେ ଭାଲେଣ୍ଟାଇନ୍ସ ଦିବସ ପାଳନ କରାଯିବ। ଏହା ପୂର୍ବରୁ ବିଭିନ୍ନ ଦିବସ ପାଳନ କରାଯାଇଥାଏ। ସପ୍ତାହର ପ୍ରଥମ ଦିନ ରୋଜ୍ ଡେ', ଦ୍ୱିତୀୟ ଦିନ ପ୍ରପୋଜ ଡେ', ତୃତୀୟ ଦିନ ଚକୋଲେଟ ଡେ', ଚତୁର୍ଥ ଦିନ ଟେଡି ଡେ', ପଞ୍ଚମ ଦିନ ପ୍ରମିଜ୍ ଡେ', ଷଷ୍ଠ ଦିନ ହଗ୍ ଡେ', ସପ୍ତମ ଦିନ କିସ୍ ଡେ' ଓ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ' ପାଳନ କରାଯାଇଥାଏ। ତେବେ ଏହି ଦିନଗୁଡିକରେ ପ୍ରେମୀଯୁଗଳ ବିଭିନ୍ନ ଉପହାର ପରସ୍ପରଙ୍କୁ ଦେଇଥାନ୍ତି। ଭାଲେଣ୍ଟାଇନ୍ସ ସପ୍ତାହର ପ୍ରଥମ ଦିନ ରୋଜ୍ ଡେ' ଥିବାରୁ ଫୁଲ ବ୍ୟବସାୟୀମାନେ ଦୋକାନରେ ବିଭିନ୍ନ ପ୍ରକାର ଫୁଲ ସଜେଇ ରଖିଛନ୍ତି। ଫୁଲ ମଧ୍ୟରେ ବିଶେଷକରି ବେଙ୍ଗାଲୁରୁ ଓ କୋଲକାତା ଗୋଲାପର ଅଧିକ ଚାହିଦା ରହିଛି। ନାଲି ଗୋଲାପ ଗୋଟିଏ ୫୦ ଟଙ୍କା ଦର ଥିବାବେଳେ ଗୋଲାପି, ହଳଦିଆ, ଧଳା ଗୋଲାପ ଦର ୬୦ ଟଙ୍କା ଲେଖାଏ ରହିଛି। ରୋଜ ଡେ' ପାଇଁ ଖାସ୍ କରି ଷ୍ଟିକ୍ ଗୋଲାପ ଓ ବଞ୍ଚ ଗୋଲାପ ଦୋକାନୀ ତିଆରି କରିଥିବାବେଳେ ଷ୍ଟିକ୍ ଗୋଲାପ ଦର ୪୦ ଟଙ୍କା ଲେଖାଏ ଓ ବଞ୍ଚ ଗୋଲାପ ବା ବୁକେରେ ଗୋଲାପ ସଂଖ୍ୟା ଅନୁଯାୟୀ ଦର ୩୦୦ରୁ ଆରମ୍ଭ ହୋଇ ୮୦୦ ଟଙ୍କା ଯାଏ ରହିଛି। ତେବେ ଏହି ରୋଜ୍ ଡେ' ପାଇଁ ବ୍ୟବସାୟୀଙ୍କୁ ୨ଶହରୁ ଅଧିକ ଅର୍ଡର ଆସିଥିବାବେଳେ ବ୍ୟବସାୟୀ ମାନେ ୨୦ ହଜାରରୁ ଅଧିକ ଟଙ୍କାର ଫୁଲ ମଗାଯାଇଥିବା କହିଛନ୍ତି।



**ଆଜି ରୋଜ୍ ଡେ'**

### ବ୍ୟବସାୟୀ ଯାହା କୁହନ୍ତି...



ପ୍ରତିବର୍ଷ ରୋଜ୍ ଡେ'ରେ ବେପାର ଖୁବ୍ ଭଲ ହୋଇଥାଏ ଏବଂ ଏହା କେବଳ ଗୋଟିଏ ଦିନ ପାଇଁ ନୁହେଁ, ବରଂ ଗୋଲାପ ଭାଲେଣ୍ଟାଇନ୍ସ ଡେ'ରେ ବି ଅଧିକ ବିକ୍ରି ହୋଇଥାଏ। ଗୋଲାପ ମଧ୍ୟରେ ବେଙ୍ଗାଲୁରୁ ଗୋଲାପର ଅଧିକ ଡିମାଣ୍ଡ ରହିଛି। ଗ୍ରାହକଙ୍କ ଆବଶ୍ୟକ ଅନୁଯାୟୀ ଗୋଲାପ ଯୋଗାଇ ଆସୁଛୁ। ବଞ୍ଚ ଗୋଲାପ ଓ ଷ୍ଟିକ୍ ଗୋଲାପ ଗ୍ରାହକଙ୍କ ପସନ୍ଦରେ ତିଆରି କରିଛୁ। ଆଶା ରହିଛି ବେପାର ଖୁବ୍ ଭଲ ହେବ।

**ଧ୍ରୁବଚରଣ ସ୍ୱାଇଁ, ଫୁଲ ବ୍ୟବସାୟୀ**



ପ୍ରଥମ ଦିନରେ ରୋଜ୍ ଡେ' ଥିବାରୁ ସପ୍ତାହର ଆରମ୍ଭ ବେଶ୍ ଭଲ ଭାବେ ହୋଇଥାଏ। ନିଜ ଆତ୍ମୀୟସ୍ୱଜନଙ୍କୁ ଫୁଲ ଦେଇ ଭଲଭାବେ ଏହି ଦିନକୁ ପାଳିବାକୁ ପ୍ରେମୀଯୁଗଳ ଚାହିଁଥାନ୍ତି। ନିଜ ପ୍ରିୟର ମଣିଷ ପାଇଁ ଫୁଲକୁ ଭଳିକି ଭଳି ଢଙ୍ଗରେ ସଜାଇ ନେବାକୁ ପସନ୍ଦ କରିଥାନ୍ତି। କେବଳ ନାଲି ଗୋଲାପ ନୁହେଁ, ବରଂ ରଙ୍ଗିନ ଗୋଲାପର ଚାହିଦା ରହିଛି।

**ବିକାଶ ସାହୁ, ଫୁଲ ବ୍ୟବସାୟୀ**

## ନିମ୍ନମାନର କାମ ପାଇଁ ଯନ୍ତ୍ରୀଙ୍କୁ ତାଗିଦ କଲେ ଜିଲାପାଳ

**ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ନିର୍ମାଣ ପରିଦର୍ଶନ**

କଟକ ସଦର,୬।୨(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ଇଶାଣି ବ୍ରହ୍ମପୁର ପଞ୍ଚାୟତର ଖେଣ୍ଟାଳ ଗ୍ରାମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଚାଲିଛି। ଶୁକ୍ରବାର କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କ୍ଷେତ୍ରସ୍ଥଳ ପରିଦର୍ଶନ କରି ଏହାର ତଦାରଖ କରିଥିଲେ। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଠିକ ଭାବେ କାର୍ଯ୍ୟ କରିବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୀଘ୍ର କାମ ନ ସାରିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତାଗିଦ କରିଥିଲେ। ଏହି ନିର୍ମାଣ କାର୍ଯ୍ୟ ମହାନଦୀ କୂଳରେ ଖେଣ୍ଟାଳ ମୌଜା ଖାତା ନଂ. ୧୯୦, ପ୍ଲଟ ନଂ. ୧୫ରେ କରାଯାଉଛି, ଯାହା କିସମ ଗୋଚର। ଏହି ଗସ୍ତ ସମୟରେ ନିଶ୍ଚିନ୍ତକୋଇଲି ବିଡିଓ ଦିବେନ୍ଦୁ ଦାସ, କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ପରିଦର୍ଶନ କରୁଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଦେବୀ ନଗର ବିଜୟୀ

ଚୌଦ୍ୱାର,୬।୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତ ଅଧୀନ ବନ୍ଧାଳ ଗ୍ରାମ ନେତାଜୀ ସ୍ପୋର୍ଟ୍ସ କ୍ଲବ୍ ପକ୍ଷରୁ ୨୬ତମ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପଦାଗାଁର ମହାବୀର କ୍ରିକେଟ କ୍ଲବ୍ ଓ ଦେବୀ ନଗର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ମହାବୀର ଦଳ ୮ ଓଭରରେ ୧୦୮ ରନ୍ କରିଥିଲା। ଦେବୀ ନଗର ଦଳ ୭.୪ ଓଭରରେ ୧୦୯ ରନ୍ କରି ବିଜୟୀ ହୋଇଥିଲା। ଦେବୀ ନଗରର ବିଜେନ୍ଦ୍ର ସ୍ୱାଇଁ ୯୮ ରନ୍ ସଂଗ୍ରହ କରିଥିଲେ। କ୍ଲବ୍ ଉପଦେଷ୍ଟା ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିବା ବେଳେ ସରପଞ୍ଚ ଦିଲୀପ ଭୋଇ, ଇଂ. ଶିବଶଙ୍କର, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ମ୍ୟାନେଜର ମାନସ ରଞ୍ଜନ ବସନ୍ତିଆ, ଅଭିଷେକ ଘୋଷ, ଶରତ ନାୟକ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିଦିବସୀୟ ଟୁର୍ନାମେଣ୍ଟରେ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। କ୍ଲବ୍‌ର ନିରଞ୍ଜନ ରାଉତ, ସଂଗ୍ରାମ ସ୍ୱାଇଁ, ଅଜୟ ରାଉତ, ଅଜୟ ସାହୁ, ଭରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗୋପାଳ ସ୍ମୃତି ବିଦ୍ୟାପୀଠ ୧୯୭୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

କଟକ ସଦର,୬।୨(ସୁଶାନ୍ତ କୁମାର ଜେନା)

କଟକସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠର ୧୯୭୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ବୁଧବାର ଅନୁଷ୍ଠିତ ହୋଇଥିଲା। ବଳିବାମନ ପୀଠରେ ଅନୁଷ୍ଠିତ ବନ୍ଧୁମିଳନରେ ସପରିବାର ସହ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ସମୟ ଅତିବାହିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ଧୁମିଳନ କମିଟି ସଭାପତି ଇଂ. ଉମେଶ ଚନ୍ଦ୍ର ଜେନା, ସମ୍ପାଦକ ନିରଞ୍ଜନ ପରିଡ଼ା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ଆବାହକ ଅକ୍ଷୟ କୁମାର ଭୂୟାଁ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଭରତ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଇହଲୀଳା ସମ୍ବରଣ କରିଥିବା ସାଥିମାନଙ୍କୁ ପ୍ରଶାନ୍ତ କୁମାର ଜେନା, କବି ପୀତାମ୍ବର ମହାପାତ୍ର, ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ବନ୍ଧୁମିଳନରେ ୫୦ଜଣ ସାଥି ଯୋଗଦେଇଥିଲେ।

### ପଞ୍ଚାୟତ ଭବନ ନିର୍ମାଣ ନ ହେଲେ ଧାରଣା

କଣ୍ଟାପଡା,୬।୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣବାଟି ପଞ୍ଚାୟତରେ ଗତ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ନୂଆ ପଞ୍ଚାୟତ ଭବନ ପାଇଁ ଶିଳାନ୍ୟାସ ଦେଇଥିଲେ। ଏହାପରେ ନିଆଳି ବିଧାୟକ ଛବି ମଲିକ ସାନମୁଳାଇସ୍ଥିତ ହନୁମାନ ମନ୍ଦିର ନିକଟରେ ବିଡିଓ ସ୍ୱପ୍ନିତା ନାୟକ, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଧନଞ୍ଜୟ ସାମଲ ଓ ପଞ୍ଚାୟତର ଶତାଧିକ ଲୋକଙ୍କ ଉପସ୍ଥିତିରେ ଭୂମି ପୂଜନ କରିଥିଲେ। ଅଦ୍ୟାବଧି ୪ ମାସ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ଇଟା ଖଣ୍ଡିଏ ପଡିନାହିଁ। ଏ ସମ୍ବନ୍ଧରେ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ବାରମ୍ବାର ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଏହା ଓଡ଼ିଶା ସରକାରଙ୍କ ଏକ ଫ୍ଲାଗଶିପ କାର୍ଯ୍ୟକ୍ରମ ହୋଇଥିବାବେଳେ ପଞ୍ଚାୟତ ନିର୍ବାଚନ ଆଗକୁଅଛି। ଏପରିସ୍ଥଳେ ବ୍ଲକ କର୍ତ୍ତୃପକ୍ଷଙ୍କ ଉଦାସୀନତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ସରପଞ୍ଚ ରାଉତରାୟ ବିଡିଓଙ୍କୁ ଚିଠି ଲେଖି ଆଗାମୀ ୭ ଦିନ ମଧ୍ୟରେ ଯଦି ପଞ୍ଚାୟତ ଭବନ ନିର୍ମାଣ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ସେକ୍ରେଟାରି, ଆରକ୍ଷୀ ମହାନିର୍ଦ୍ଦେଶକ, କଟକ ଜିଲାପାଳ, ଗ୍ରାମାଞ୍ଚଳ ଏସ୍‌ପି, ଉପଖଣ୍ଡ ପୋଲିସ ଅଧିକାରୀ, ଆଇଆଇସି ଓଲଟପୁରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିକରି ଧାରଣାରତ ଛାତ୍ରୀଙ୍କୁ ସମର୍ଥନ ଜଣାଇଲା କଟକ ମୋଟର କର୍ମଚାରୀ ୟୁନିୟନ। (ଫଟୋ: ରାଜକିଶୋର ମହାନ୍ତି)

## ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ି ଜନସେବାରେ ବ୍ରତୀ ହୁଅ

ଚୌଦ୍ୱାର,୬।୨(ଆଶୁତୋଷ ଦାସ)

ସ୍ଥାନୀୟ ପିଏମଶ୍ରୀ କଳିଙ୍ଗ ନୋଡାଲ ବିଦ୍ୟାପୀଠର ବାର୍ଷିକୋତ୍ସବ ଓ ଅଲମ୍ପିକବାଦ କାର୍ଯ୍ୟକାରିତା (ଓଭିଇପି)ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇମ୍ଫାର ବରିଷ୍ଠ ପ୍ରଶାସକ ସୁନୀଲ ଦାସ, ବିଇଓ ପ୍ରଭାତ ନାୟକ, ପରିଚାଳନା କମିଟି ଅଧ୍ୟକ୍ଷ ବିକାଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଭିଇପି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗଦେଇଥିବା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଓ ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାର୍ଷିକୋତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହିତ ଭଲ ମଣିଷ ହୋଇ ଜନସେବାରେ ବ୍ରତୀ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଥମିକ ଶିକ୍ଷା ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଟେଟ୍ରାହେଡେନ୍ କଲେଜ ମୁଖ୍ୟ ତ୍ରିଦେବ ବେହେରା, ପୌରଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଆଲୁମ୍‌ନି କମିଟି ସଭାପତି ଶୁଭେନ୍ଦୁ ସାମଲ, କାଉନ୍‌ସିଲର ଆଶୁତୋଷ ଦାସ, ପ୍ରଶାନ୍ତ କୁମାର ବରାଳ, ଭାସ୍କର ଚନ୍ଦ୍ର ପ୍ରଧାନ, ଗୋକୁଳି ସାହୁ, ଶିକ୍ଷାବିତ୍ ମେଘମାଳା ବିଶ୍ୱାଳ, ସୁଚିତ୍ରା ବେହେରା, ଉତ୍ତମ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ନାଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ମଙ୍ଗୁଳି-ଜଗତପୁର,୬।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ୩ ଅଗ୍ନିବିପନ୍ନ ପରିବାରଙ୍କୁ କଟକ ଭାଜପା ଜିଲା ସାଙ୍ଗଠନିକ ଉପସଭାପତି ହିମାଂଶୁ ମହାନ୍ତି ଶୁକ୍ରବାର ସହାୟତାର ହାତ ବଢାଇଛନ୍ତି। ବିପନ୍ନ ପରିବାରକୁ ଆର୍ଥିକ, ମାସକର ରାଶନ ସାମଗ୍ରୀ, ନିତ୍ୟଆବଶ୍ୟକ ଜିନିଷ ସହାୟତା ଦେଇଥିବା ଜଣାପଡିଛି। ସୂଚନା ମୁତାବକ, ରାମଚନ୍ଦ୍ରପୁର ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ୩ ପୁଅ ସଦାନନ୍ଦ ସ୍ୱାଇଁ, ହୃଦାନନ୍ଦ ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ କେହି ନ ଥିବା ବେଳେ ହଠାତ୍ ହୃଦାନନ୍ଦଙ୍କ ଚାଳଘରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ଅନ୍ୟ ଘରକୁ ନିଆଁ ବ୍ୟାପି ଯାଇଥିଲା। ୩ ପରିବାରଙ୍କ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଥିଲା। ସହାୟତା ସମୟରେ ଟାଙ୍ଗୀ ଭାଜପା ମଣ୍ଡଳ ସଭାପତି ହୃଷୀକେଶ ସାମଲ, ସମରେନ୍ଦ୍ର ଷଡ଼ଙ୍ଗୀ, ମାଧବ ମହାନ୍ତି, କୁନିଆ ବେହେରା, କୃପାସିନ୍ଧୁ ଦାସ, ଭରତ ସାହୁ, ଶଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାହ୍ମଣଝରିଲୋ କଲେଜ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବ୍ରାହ୍ମଣଝରିଲୋ,୬।୨

ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଯୁକ୍ତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ୟୁନିଭର୍ସିଟିର ଅବସରପ୍ରାପ୍ତ ପ୍ରଫେସର ଡ. ମୋଇନ ମହମ୍ମଦ ଓ ରମାଦେବୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ଡ. ସଚିନ୍ଦ୍ର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷା ଶକୁନ୍ତଳା ସାମଲ ସଭାରେ ସଭାପତିତ୍ୱ କରିଥିଲେ। କଲେଜ ସାଂସ୍କୃତିକ ପରିଷଦ ଉପସଭାପତି ଡ. ବିନୋଦିନୀ ଦାସ ସାଂସ୍କୃତିକ ପରିଷଦର ବାର୍ଷିକ ବିବରଣୀ ପାଠ ଏବଂ କ୍ରୀଡ଼ା ପରିଷଦ ଉପସଭାପତି ଡ. ଗିରିଧାରୀ କ୍ରୀଡ଼ାର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଲୁତ୍‌ନାଷ୍ଟ ପ୍ରଜ୍ଞା ବେହେରା ସଭା ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ସବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୁଣ୍ଟୁଣୀ,୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହେଇଯାଇଛି। ଡ. ଯୁଗୋ ଜ୍ୟୋତି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଏକ ଜରୁରୀ ଆବଶ୍ୟକ ବୋଲି କହିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଇତିହାସ ଓ ପ୍ରାସଙ୍ଗିକତା ସମ୍ପର୍କରେ ମତ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅଧ୍ୟାପିକା କୁନ୍ତଳା ବେହୁରାୟ, ଅଧ୍ୟାପକ ଡ. ମନୋରଞ୍ଜନ ନାୟକ, ଅଧ୍ୟାପକ ଅମିତ ରଞ୍ଜନ ମିଶ୍ର, 'ଆମ କଲେଜ ଆମ ଗୌରବ'ର ସଂଯୋଜକ ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ, ଅଧ୍ୟାପିକା ରୀନାଞ୍ଜଳି ପରିଡା ଓ ମହାବିଦ୍ୟାଳୟର କର୍ମଚାରୀ ପ୍ରିୟଦର୍ଶିନୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ସୁପ୍ରଦୀପ୍ତ ଦାଶ, ପୁଷ୍ପଲତା ସାହୁ, ଜୟନ୍ତୀ ସାହୁ, ପବିତ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷିକା ଲକ୍ଷ୍ମୀପ୍ରିୟା ମହାପାତ୍ର ଛାତ୍ରୀମାନଙ୍କୁ ୮ ଦିନ ଧରି ପର୍ଯ୍ୟାୟକ୍ରମେ ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀଙ୍କୁ ତାଲିମ ଦିଆଯାଉଛି।

## ୮ରେ କଟକ ଜିଲାସ୍ତରୀୟ ନିଯୁକ୍ତିମେଳା

କଟକ,୬।୨(କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ୮ ତାରିଖ (ରବିବାର) ବାଲିଯାତ୍ରା ତଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳା ପୂର୍ବାହ୍ନ ୧୦ଟା ୩୦ ମିନିଟଠାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ଯାଏ ଚାଲିବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, କଟକ ଜିଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲାର ୧୪ଟି ବ୍ଲକର ଆଶାୟୀ ଯୁବତୀଯୁବକ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୩ ପାସ୍, ଆଇଟିଆଇ ଓ ଡିପ୍ଲୋମା ପାସ୍ ଯୋଗ୍ୟତା ରହିଥିବା ବେଳେ ବୟସ ସୀମା ୧୮ରୁ ୩୫ ବର୍ଷ ରହିଛି। ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ନିଯୁକ୍ତିଦାତା ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତି କରିଥିବା ତାଲିମପ୍ରଦାନକାରୀ ସଂସ୍ଥାମାନେ ଏଥିରେ ଯୋଗଦେଇ ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦପଦବୀ ପାଇଁ ପ୍ରାର୍ଥିନୀ ଓ ପ୍ରାର୍ଥୀ ଚୟନ କରିବେ। ନିଯୁକ୍ତିଦାତାମାନଙ୍କ ମଧ୍ୟରୁ କେତେକ ସିଧାସଳଖ ନିଯୁକ୍ତି ଦେବେ ଏବଂ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। ତାଲିମ ସମୟର ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଇଚ୍ଛୁକ ପ୍ରାର୍ଥିନୀ/ପ୍ରାର୍ଥୀ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ ଓ ପାସପୋର୍ଟ ସାଇଜ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ। ପ୍ରାର୍ଥିନୀ/ପ୍ରାର୍ଥୀ କେବଳ କଟକ ଜିଲାର ହେବା ଆବଶ୍ୟକ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ୦୬୭୧-୨୩୦୦୭୭ ଓ ୦୭୬୫୬୮୩୦୧୫୦ ନମ୍ବରରେ ଯୋଗାଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୧ସ୍ୱର୍ଣ୍ଣ ସମେତ ଓଡ଼ିଶାକୁ ୧୧ ପଦକ

**ଜାତୀୟ କାନୋଇ ସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍**

କଟକ,୬।୨(କୁମାରଶ୍ରୀ)

ଜାତୀୟ କାନୋଇସ୍ପ୍ରିଣ୍ଟ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜଳକ୍ରୀଡ଼ାବିତ୍‌ମାନେ ଉଚ୍ଚକୋଟୀର ପ୍ରଦର୍ଶନ ବଜାୟ ରଖିଛନ୍ତି। ଭୋପାଳର ଛୋଟ ହ୍ରଦରେ ଶେଷ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ପଦକ ସମେତ ୧୧ଟି ପଦକ ମିଳିଛି। ୨୦୦ମିଟର ଇଭେଣ୍ଟ କାନୋଇଂ-୧ ମହିଳା ବର୍ଗରେ ସୋଫିଆ ଦେବୀ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର ପୁରୁଷ କାୟାକିଂ-୨ରେ କିଶାନ ସିଂହ ଏବଂ ଦେବ ଚୌଧୁରୀ ବ୍ରୋଞ୍ଜ, ମହିଳା କାନୋଇଂ-୨ରେ ସଞ୍ଜନା କେରକେଟା ଏବଂ ସ୍ମିତା ବେଗ୍ ବ୍ରୋଞ୍ଜ, ମହିଳା କାନୋଇଂ-୪ରେ ସ୍ମିତା ବେଗ୍, ବଂଶିକା ପ୍ରିୟଦର୍ଶିନୀ ବେହେରା, ସଞ୍ଜନା କେରକେଟା, ଆକାଂକ୍ଷା ବ୍ରୋଞ୍ଜ ପଦକ ଜିତିଥିଲେ। ୫୦୦ମିଟର ମହିଳା କାୟାକିଂ-୪ରେ କୋନସମ ଦେବୀ, ଆଞ୍ଚଲ ସାହାରେ, ଜି. ଉର୍ବଶୀ, ଶ୍ରୁତି ଚୌଗୁଲେଙ୍କ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ୫ ହଜାର ମିଟର କାୟାକିଂ-୨ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଥିଲା। ଫୁଲମଣି ଖାଖା ଏବଂ ଏଲିନ ଟପ୍ପୋ ଏହି ସଫଳତା ଦେଇଥିଲେ। ୧ହଜାର ମହିଳା କାୟାକିଂ-୪, ୫ଶହ ମିଟର ମହିଳା କାନୋଇଂ-୨, ୫ଶହ ମିଟର ପୁରୁଷ କାୟାକିଂ-୨, କାୟାକିଂ-୪, ୫୦୦ମିଟର ମହିଳା କାୟାକିଂ-୪ରେ ଓଡ଼ିଶାକୁ ଅବଶିଷ୍ଟ ୫ଟି ବ୍ରୋଞ୍ଜ ପଦକ ମିଳିଥିଲା। ଓଡ଼ିଶା କାୟାକିଂ ଏବଂ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ କାନୋଇ ସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଓଡ଼ିଶା ଦଳର ଖେଳାଳି।

# ଆରମ୍ଭ ହେଲା ପ୍ରେମ ସପ୍ତାହ...
# ଆଜି ରୋଜ୍ ଡେ'



ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ)

ଫେବୃଆରୀ ୧୪, ଭାଲେଣ୍ଟାଇନ୍ସ ଡେ'। ପ୍ରେମ ଓ ପ୍ରେମୀଯୁଗଳଙ୍କ ପାଇଁ ଖାସ୍ ଦିନଟିଏ। ଅନ୍ୟମାନଙ୍କ ପାଇଁ ହୁଏତ ଏହି ଦିନଟି ସାଧାରଣ, ହେଲେ ପ୍ରେମୀମାନଙ୍କ ପାଇଁ ପ୍ରତୀକ୍ଷାର ଦିନ। ବର୍ଷକର ପ୍ରତୀକ୍ଷା ପରେ ପୁଣି ଆସୁଛି ସେହିଦିନ। ଇତିମଧ୍ୟରେ ଶନିବାର ରୋଜ୍ ଡେ'ରୁ ଆରମ୍ଭ ହୋଇଛି ପ୍ରେମ ସପ୍ତାହ। ପ୍ରେମର ମାସ ଫେବୃଆରୀରେ ପ୍ରେମର ସପ୍ତାହକୁ ଅଭୁଲା ଓ ସ୍ମରଣୀୟ କରିବାକୁ ଲାଗିପଡିଛନ୍ତି ଯୁବପିଢ଼ି। ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଭାଲେଣ୍ଟାଇନ୍ସ ୱିକ୍ ବା ପ୍ରେମ ସପ୍ତାହ ଭାବେ ପାଳନ କରିବାକୁ ପ୍ରେମିକା ଓ ପ୍ରେମିକଙ୍କ ମନରେ କାହିଁ କେତେ ଉତ୍କଣ୍ଠା। ପ୍ରତ୍ୟେକ ମୁହୂର୍ତ୍ତ ଓ ଦିନକୁ ନିଜ ମନର ମଣିଷ ପାଇଁ କିଏ କେତେ ସ୍ପେଶାଲ କରିପାରିବ ସେଥିପାଇଁ ଚାଲିଛି ପ୍ରତିଯୋଗିତା।

ଭାଲେଣ୍ଟାଇନ୍ସ ଡେ'ର ସପ୍ତାହ ପୂର୍ବରୁ ଗିଫ୍ଟ ସେଣ୍ଟର୍, ଶପିଂ ମଲ୍,ସିନେମା ହଲ୍ ସବୁ ସବୁଠି ଦେଖିବାକୁ ମିଳୁଛି ପ୍ରେମୀଯୁଗଳଙ୍କ ଗହଳି। କିଏ ଗିଫ୍ଟ ଓ କାର୍ଡରେ କାମ ଚଳାଇ ଦେଉଛି ତ କିଏ ସରପ୍ରାଇଜ୍ ପ୍ଲାନିଂକରି ନିଜ ପ୍ରେମିକା ଓ ପ୍ରେମିକକୁ ଖୁସି କରିବାକୁ ଚାହୁଁଛି। ଏହାକୁ ଦୃଷ୍ଟିରେ ରଖି ସହରରେ ଥିବା ଫୁଲଦୋକାନ, ଗିଫ୍ଟ ସେଣ୍ଟର ଏବଂ ସିଜନ୍ ସେଣ୍ଟରଗୁଡ଼ିକ ମଧ୍ୟ ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ଏହି ୭ଦିନ ଭିତରେ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା କରିଛନ୍ତି। ସୂର୍ଯ୍ୟନଗରସ୍ଥିତ ଜ୍ୟୋତି ଫ୍ଲୋରିଷ୍ଟର ଫୁଲ ବ୍ୟବସାୟୀ ନିମାଇଁ ଗୁରୁ କହିଛନ୍ତି, ଗୋଲାପର ଚାହିଦା ଅଧିକ ଥିବାରୁ ଫୁଲର ଦର ବଢ଼ିଯାଇଛି। ନାଲି ଗୋଲାପ ଗୋଟା ୪୦ରୁ ୫୦ଟଙ୍କା ରହିଥିବାବେଳେ ଅନ୍ୟ ରଙ୍ଗର ଗୋଲାପ ଦର ୫୦ ଟଙ୍କା ରହିଛି। ଅନ୍ୟପଟେ ଫୁଲ ତୋଡ଼ାଗୁଡିକ ୪୫୦ ଟଙ୍କାରୁ ଆରମ୍ଭ ହୋଇ ଭେରାଇଟ୍ ଅନୁଯାୟୀ ଦର ରହିଛି। ଏହି ଫୁଲଗୁଡ଼ିକ ବାଙ୍ଗାଲୋର ଓ ରାଇପୁରରୁ ଆସୁଛି ବୋଲି ବ୍ୟବସାୟୀ କହିଛନ୍ତି।

### ୭ଦିନ ସ୍ପେଶାଲ ଡେ'

ଭାଲେଣ୍ଟାଇନ୍ ୱିକ୍ର ୭ଦିନକୁ ସ୍ପେଶାଲ ଭାବେ ପାଳନ କରାଯିବ। ଶନିବାର ୭ ତାରିଖ ରୋଜ୍ ଡେ', ୮ରେ ପ୍ରପୋଜ୍ ଡେ', ୯ରେ ଚକୋଲେଟ୍ ଡେ', ୧୦ରେ ଟେଡି ଡେ', ୧୧ରେ ପ୍ରମିଜ୍ ଡେ', ୧୨ରେ ହଗ୍ ଡେ', ୧୩ରେ କିସ୍ ଡେ' ଏବଂ ଶେଷରେ ଫେବୃଆରୀ ୧୪କୁ ଭାଲେଣ୍ଟାଇନ୍ ବା ପ୍ରେମ ଦିବସଭାବେ ପାଳନ କରାଯାଇଥାଏ।

# ସହରାଞ୍ଚଳରେ ଭଡ଼ାରେ ଲାଗିବ ସରକାରୀ ଗୃହ

### ଖାଲି ଥିବା ଘର ସଂକ୍ରାନ୍ତରେ ସୂଚନା ଦେବାକୁ ଚିଠି ଲେଖିଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୬।୨(ବନ୍ଦନା ସେଠୀ)

ସହରାଞ୍ଚଳର ଗରିବ, ପ୍ରବାସୀ ଶ୍ରମିକ ଓ ଶ୍ରମଜୀବୀ ଜନସାଧାରଣଙ୍କୁ ସୁଲଭ ଆବାସ ସୁବିଧା ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ (ପିଏମ୍ଏୱାଇ-ୟୁ ୨.୦) ଅଧୀନରେ ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସୁଲଭ ଭଡ଼ା ଗୃହରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ପତ୍ର ଲେଖି ସେମାନଙ୍କ ଅଧୀନରେ ଥିବା ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନକୁ ପ୍ରଦାନ କରିବା ପାଇଁ ସମସ୍ତ ବିଭାଗକୁ କୁହାଯାଇଛି। ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମାପ୍ତ ପରେ ଚିହ୍ନଟ ଗୃହଗୁଡ଼ିକୁ ପୁନଃନିର୍ମାଣ/ମରାମତି କରି ବାସୋପଯୋଗୀ କରାଯିବ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଭଡ଼ା ଆବାସ ଭାବରେ ଉପଲବ୍ଧ କରାଯିବ। ଯେଉଁମାନେ ତୁରନ୍ତ ଘର କିଣିବା ଅବସ୍ଥାରେ ନାହାନ୍ତି ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସୁଲଭ ଗୃହ ସୁବିଧା ଯୋଗାଇଦିଆଯିବ। ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ ଅନୁଯାୟୀ ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍ କିମ୍ବା ସରକାରୀ ସଂସ୍ଥା ମାଧ୍ୟମରେ ଭଡ଼ା ଘରେ ପରିଣତ କରାଯିବ। ଦ୍ୱିତୀୟ ମଡେଲ ଅନୁଯାୟୀ ଘରୋଇ କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ ଭଡ଼ା ଘର ନିର୍ମାଣ ଓ ପରିଚାଳନା କରିବେ। ଏହି ଯୋଜନା ଅଧୀନରେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବରେ କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ୨ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ବର୍ଷ ମଧ୍ୟରେ ସର୍ବାଧିକ ୨୦%ରୁ ଅଧିକ ହେବ ନାହିଁ। ଏହି ବ୍ୟବସ୍ଥା ବଜାରରେ ଏକ ସ୍ୱଚ୍ଛ ନୀତି ନିର୍ଦ୍ଧାରଣ କରି ସୁଲଭତା ଓ ପାରଦର୍ଶିତା ବଜାୟ ରଖିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ମାଧ୍ୟମରେ ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ଉପଯୋଗୀ କରି ସରକାର ଦୀର୍ଘକାଳୀନ ରାଜସ୍ୱ ସୃଷ୍ଟି କରିପାରିବେ। ଏହାସହ ସହରାଞ୍ଚଳରେ ବସ୍ତି ସମସ୍ୟା ହ୍ରାସ ପାଇବ ଏବଂ ଶ୍ରମିକ ଓ ପ୍ରବାସୀଙ୍କ ଜୀବନଶୈଳୀରେ ସ୍ଥାୟିତ୍ୱ ଆସିବ ବୋଲି ଲକ୍ଷ୍ୟ ରଖାଯିବ।

# ସର୍ବନିମ୍ନ ୯୦୦୦ ଟଙ୍କା ପେନ୍ସନ, ମହଙ୍ଗା ଭତ୍ତା ଦାବି

### ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନର କୋର୍ କମିଟି ବୈଠକ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନର କୋର୍ କମିଟି ବୈଠକ ଗୁରୁବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଦୀର୍ଘଦିନ ଧରି ଇପିଏଫ କର୍ତ୍ତୃପକ୍ଷଙ୍କ ନିକଟରେ ପେନ୍ସନ ଭୋଗୀମାନେ ଟଙ୍କା ଜମା କରିଥିଲେ ମଧ୍ୟ ଅନେକ ପେନସନର୍ ଏପର୍ଯ୍ୟନ୍ତ ସଂଶୋଧିତ ପେନ୍ସନ ଓ ଏରିୟର ପାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଇପିଏଫ୍ କର୍ତ୍ତୃପକ୍ଷଙ୍କ ସହ ସଂଘ ପକ୍ଷରୁ ପୁନର୍ବାର ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସର୍ବନିମ୍ନ ମାସିକ ୯୦୦୦ ଟଙ୍କା ପେନସନ, ବର୍ଦ୍ଧିତ ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ ଓ ପେନସନର୍ସଙ୍କ ପାଇଁ ନିଶୁଳ୍କ ଚିକିତ୍ସା ସୁବିଧା ଦେବା ଦାବିକୁ ଆହୁରି ଜୋରଦାର କରାଯିବା ସହିତ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶ୍ରମମନ୍ତ୍ରୀ ଏବଂ ଇପିଏଫ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଦାବିପତ୍ର ପ୍ରେରଣ କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକରେ ସଂଘର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ସଭାପତି ଡ. ସରୋଜ କାନ୍ତ ମଲ୍ଲିକ, ଉପସଭାପତି ବିକ୍ରମ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପ୍ରାସାଦର କରୁଣ କାହାଣୀ 'ରାଜଜେମା'



ଭୁବନେଶ୍ୱର,୬।୨(ସୌମ୍ୟରଞ୍ଜନ ରାଉତ)

### ଲାବଣ୍ୟ ଥିଏଟର ମହୋତ୍ସବର ୨ୟ ସନ୍ଧ୍ୟା

ରାଜପ୍ରାସାଦରେ ବଢୁଥିବା ଅଲିଅଳି ରାଜଜେମାମାନଙ୍କ ଜୀବନ କେବଳ ସୁଖ ସ୍ୱାଚ୍ଛନ୍ଦ୍ୟରେ ବିତିଥାଏ ବୋଲି ଭାବିବା ଭୁଲ୍। ମାତୃଭୂମିର ସମ୍ମାନ ରକ୍ଷା କରିବା ପାଇଁ ରାଜଜେମାମାନେ ବି ଆତ୍ମବଳିଦାନ ଦେବାକୁ ପଛାନ୍ତିନାହିଁ। ପୁରାଣରୁ ଇତିହାସ ପର୍ଯ୍ୟନ୍ତ ଏଭଳି ରାଜଜେମାମାନଙ୍କ ଜଟିଳ ଓ କରୁଣ କାହାଣୀ ରହିଛି। ମହାଭାରତ ଯୁଗର ରାଜଜେମା ମାଧବୀ, ୧୮ଶହ ଶତାବ୍ଦୀର ମେବାର ଉଦୟପୁର ରାଜକୁମାରୀ କୃଷ୍ଣାକୁମାରୀ ଓ ଷୋଡ଼ଶ ଶତାବ୍ଦୀରେ ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜଜେମା ମୁକ୍ତାଦେଇଙ୍କ ବଳିଦାନର କାହାଣୀ ଥିଲା ଚର୍ଚ୍ଚିତ। ରାଜ୍ୟ ଚିତ୍ରଶାଳାର ରାଜଜେମା ଗ୍ୟାଲେରିରେ ୩ ରାଜଜେମାଙ୍କ ଚିତ୍ର ଆଙ୍କିବାକୁ ଚିତ୍ରଶିଳ୍ପୀ ଚିତ୍ରସେନଙ୍କୁ ଦାୟିତ୍ୱ ମିଳିଥାଏ। ୧୫ ଦିନ ବିତିଯାଏ ହେଲେ ଚିତ୍ର ଆଙ୍କି ପାରନ୍ତିନି ଚିତ୍ରସେନ। ଏହି ସମୟରେ ତାଙ୍କ ସହ ଭେଟହୁଏ କଳ୍ପନା। ସେ ଚିତ୍ରସେନଙ୍କୁ ରାଜକନ୍ୟା ମାଧବୀ, ମେବାର ଉଦୟପୁର ରାଜଜେମା କୃଷ୍ଣାକୁମାରୀ ଓ ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମଦେବଙ୍କ ରାଜଜେମା ମୁକ୍ତାଦେଇଙ୍କ କଥା ଶୁଣାନ୍ତି। କାନ୍‌ଭାସ୍ ଭିତରୁ ରାଜଜେମାମାନେ ବାହାରି ଆସନ୍ତି ଓ ପିତାଙ୍କ ସମ୍ମାନ ସହ ମାତୃଭୂମିର ମାନ ରଖିବାକୁ ଯାଇ ସେମାନଙ୍କ ବଳିଦାନର କରୁଣ କାହାଣୀ ଶୁଣାନ୍ତି। ଏମିତି କାହାଣୀ ସବୁକୁ ନେଇ ଶୁକ୍ରବାର ଲାବଣ୍ୟ ଥିଏଟର ମହୋତ୍ସବରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାଜଜେମା'। ଗୌରହରି ଦାସଙ୍କ ରଚିତ ଓ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶିତ ନାଟକରେ ଉତ୍ତର ପୁରୁଷ ଅନୁଷ୍ଠାନର କଳାକାର ଦର୍ଶକମାନଙ୍କୁ ଅଭିନୟ ମାଧ୍ୟମରେ ଶିହରିତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅଭିନେତା ଡ. ପ୍ରସନ୍ନ ମିଶ୍ର ଓ ଅଭିନେତା ମୁକୁନ୍ଦ ଶତପଥୀ ଯୋଗଦେଇଥିଲେ।



ଇଣ୍ଟରନ୍ୟାଶନାଲ ଥିଏଟର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୫୧ତମ ଜାତୀୟ ନାଟକ ମହୋତ୍ସବର ଶୁକ୍ରବାର ଉଦ୍‌ଯାପନ ଅବସରରେ ଭୁବନେଶ୍ୱର କଳାକାର ଥିଏଟରର ଶିଳ୍ପୀଙ୍କ ପକ୍ଷରୁ ପରିବେଷିତ ଡ. ନିବେଦିତ ଜେନାଙ୍କ ହିନ୍ଦୀ ନାଟକ 'ଭରତ ବାକ୍ୟ'ର ଏକ ଦୃଶ୍ୟ।

ଫଟୋ: ବିକାଶ ନାୟକ

# ଶୀଘ୍ର ଉଦ୍‌ଘାଟନ ହେବ ବିକଶିତ ୧୯ ଖେଳପଡିଆ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଏବଂ କଲେଜର ଖେଳପଡ଼ିଆର ଉନ୍ନତିକରଣ ପାଇଁ ଅଣ୍ଟା ଭିଡିଥିଲା ବିଡିଏ। 'ଭୁବନେଶ୍ୱର ଆକ୍ଟିଭ୍' (ବି-ଆକ୍ଟିଭ) ଅନ୍ତର୍ଗତ ଏହି ଯୋଜନାରେ ୧୯ଟି ବିଦ୍ୟାଳୟର ଖେଳପଡ଼ିଆ ବିକାଶ କାମ ଆରମ୍ଭ ହୋଇଥିଲା। ଖେଳପଡିଆର ଉନ୍ନତିକରଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ଉଦ୍‌ଘାଟନ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଏଥିମଧ୍ୟରେ ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ଏକର ବିଶିଷ୍ଟ ବରମୁଣ୍ଡାସ୍ଥିତ ରାଜଧାନୀ କଲେଜ ଖେଳପଡିଆ, ଘାଟିକିଆ ଅଞ୍ଚଳର ୩ଏକର ବିଶିଷ୍ଟ ବଜରଙ୍ଗୀ ଖେଳପଡ଼ିଆ, ୨.୬ ଏକର ବିଶିଷ୍ଟ ୟୁପି ସ୍କୁଲ ଖେଳପଡିଆ, ଡୁମୁଡୁମା ଅଞ୍ଚଳର ୨.୩ ଏକର ବିଶିଷ୍ଟ ଯଦୁପୁର ଫୁଟବଲ ପଡିଆ, ୨.୭ଏକର ବିଶିଷ୍ଟ କପିଳ ପ୍ରସାଦ ହାଇସ୍କୁଲ ପଡିଆ, ୩ ଏକର ବିଶିଷ୍ଟ କୋଳଥିଆ ଖେଳପଡ଼ିଆ, ୪.୫ ଏକର ବିଶିଷ୍ଟ ତମାଣ୍ଡୋ ଖେଳପଡିଆ ଏବଂ ଗୋପବନ୍ଧୁ ନଗର ଅନ୍ତର୍ଗତ ୩ଏକର ବିଶିଷ୍ଟ ୟୁନିଟ-୮ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ ରହିଛି। ସେହିପରି ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୋଇ ନଗର ଅଞ୍ଚଳର ୨.୫ ଏକର ବିଶିଷ୍ଟ ୟୁନିଟ-୯ ବାଳକ ଉଚ୍ଚବିଦ୍ୟାଳୟ, ସହୀଦନଗର ଅନ୍ତର୍ଗତ ୧.୨ଏକର ବିଶିଷ୍ଟ ସରକାରୀ ଉଚ୍ଚବିଦ୍ୟାଳୟ, ୨ଏକର ବିଶିଷ୍ଟ ଲକ୍ଷ୍ମୀସାଗର ଉଚ୍ଚ ବିଦ୍ୟାଳୟ, ଗଙ୍ଗନଗର ଅନ୍ତର୍ଗତ ୨.୫ଏକର ବିଶିଷ୍ଟ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ଅଶୋକ ନଗରସ୍ଥିତ ୩ଏକର ବିଶିଷ୍ଟ ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ଉତ୍ତର ନିର୍ବାଚନ ମଣ୍ଡଳୀର ୨.୮ଏକର ବିଶିଷ୍ଟ ସିବିଏସ୍‌ଇ ରିଜିଓନାଲ ଅଫିସ ପଛପାର୍ଶ୍ୱ ଖେଳପଡିଆ, ନୟାପଲ୍ଲୀସ୍ଥିତ ୭ଏକର ବିଶିଷ୍ଟ ଖେଳପଡିଆ, ୪.୧ ଏକର ବିଶିଷ୍ଟ ନଖରା ଖେଳପଡ଼ିଆ, ୨.୯ ଏକରର ଡମଣା ଉଚ୍ଚ ବିଦ୍ୟାଳୟ ପଡିଆ ଏବଂ ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩.୨ ଏକର ବିଶିଷ୍ଟ କେ-୪ କଳିଙ୍ଗ ନଗର ଖେଳପଡ଼ିଆ ଓ ୩.୪ ଏକର ବିଶିଷ୍ଟ କେ-୯ ବି ଖେଳପଡିଆର ଉନ୍ନତିକରଣ କରାଯିବ। ଏଥି ମଧ୍ୟରୁ ୯ଟି ଖେଳପଡ଼ିଆର ବିକାଶ କାର୍ଯ୍ୟ ବିଡିଏ ଓ ୫ଟିର ଦାୟିତ୍ୱ ଓଏମ୍‌ସି, ୨ଟିର ଦାୟିତ୍ୱ ଓଏଫ୍‌ଡିସି ଏବଂ ୩ଟିର ଦାୟିତ୍ୱ ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେଶନକୁ ଦିଆଯାଇଛି।

# ବିଜେବି ଛାତ୍ରୀ ତମନ୍ନା ଭୋଇଙ୍କୁ ଖଣ୍ଡପଡ଼ା ଟ୍ରଫି



ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଛାତ୍ରୀ ତମନ୍ନା ଭୋଇଙ୍କୁ ଖଣ୍ଡପଡ଼ା ଟ୍ରଫି ସମ୍ମାନ ପ୍ରଦାନ କରାଯାଇଛି। କଲେଜ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ତମନ୍ନାଙ୍କୁ କଲେଜର ଅଧ୍ୟକ୍ଷା ପ୍ରଫେସର ଝୁମକି ରଥ ଏହି ଟ୍ରଫି ପ୍ରଦାନ କରିଛନ୍ତି। ବେଷ୍ଟ ଅଲ୍‌ରାଉଣ୍ଡ ଛାତ୍ରୀ ଭାବେ ତମନ୍ନାଙ୍କୁ ଏହି ଟ୍ରଫି ପ୍ରଦାନ କରାଯାଇଛି। ଶିକ୍ଷାଗତ ଦକ୍ଷତା, ନେତୃତ୍ୱ ଏବଂ ସାମଗ୍ରିକ ଉତ୍କର୍ଷତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଏହି ଟ୍ରଫି ପ୍ରଦାନ କରାଯାଇଥାଏ। ଏହି ଟ୍ରଫିକୁ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ରାଜା ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ଓ ରାଣୀ ଦେବକୀ ଦେବୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ତାଙ୍କ ଆବର୍ତ୍ତମାନରେ ଉତ୍ସବରେ ତାଙ୍କ ପୁଅ ପୂର୍ବତନ ବିଧାୟକ ତଥା ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗଦେଇଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ରସଂଘ ବିଜେବି ଫ୍ରେଣ୍ଡସ ପକ୍ଷରୁ ମଧ୍ୟ ତମନ୍ନାଙ୍କୁ ଏହି ଅବସରରେ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ବିଜେବି ଫ୍ରେଣ୍ଡସର ସମ୍ପାଦକ ସତ୍ୟବ୍ରତ ଧୂପାଳ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍‌ନାଲିଙ୍ଗର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) : 8,83,773.56, EMD (₹): 17,700,00 ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ : କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300,00 ।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1092/Q/25-26


# ଗେଷ୍ଟ ହାଉସ୍ ମ୍ୟାନେଜରଙ୍କୁ ଅପହରଣ, ୫ ଗିରଫ

### ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ କହି ରୁମ୍ ମାଗି ବିଫଳ ହେବାରୁ...

ଭୁବନେଶ୍ୱର, ୬।୨(ତ୍ରିନାଥ ମହାନ୍ତି)



ଗିରଫ ୫ ଅଭିଯୁକ୍ତ।

ନିଜକୁ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ କହି ଗେଷ୍ଟ ହାଉସ୍‌ରେ ରୁମ୍ ଦେବାକୁ ଦାବି କରିଥିଲେ। ମ୍ୟାନେଜର ରୁମ୍ ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତୁମୁଳକାଣ୍ଡ ଘଟାଇଲେ। ଗେଷ୍ଟ ହାଉସ୍‌ରେ ଭଙ୍ଗାରୁଜା କରିବା ସହ କାଉଣ୍ଟରୁ ୧୮ ହଜାର ଟଙ୍କା ଲୁଟିନେଲେ। ଏଥିସହ ମ୍ୟାନେଜରଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ଅପହରଣ କରି ନେଇଥିଲେ। ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡା ଗେଷ୍ଟ ହାଉସ୍‌ରେ ଦେଖିବାକୁ ମିଳିଥିଲା। ଅଭିଯୋଗ ପରେ ପୋଲିସ ତୁରନ୍ତ ତଦନ୍ତ କରି ଚନ୍ଦ୍ରଶେଖପୁର ଅଞ୍ଚଳରୁ ମ୍ୟାନେଜରଙ୍କୁ ଉଦ୍ଧାର କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟଜିତ ବାରିକ, ଅର୍ଜୁନ ମାନା, ମାନସ ରଞ୍ଜନ ପାଇକରାୟ, ଦିପ୍ତୀ ରଞ୍ଜନ ପରିଡା ଓ ରାଧେଶ୍ୟାମ ବାରିକ। ଅଭିଯୁକ୍ତଙ୍କଠାରୁ ୧୪ଟି ମୋବାଇଲ୍ ଏବଂ ଅପରାଧରେ ବ୍ୟବହୃତ ଏକ ସ୍କର୍ପିଓ ଗାଡି ଜବତ ହୋଇଛି। ହୋଟେଲ କର୍ମଚାରୀଙ୍କ କହିବା ଅନୁଯାୟୀ, ଖଣ୍ଡଗିରି ଗଣ୍ଡମୁଣ୍ଡାରେ ଶିବ ପ୍ରସାଦ ମହାରଣା ଏକ ଗେଷ୍ଟହାଉସ୍ ଚଳାଉଥିଲେ। ଗୁରୁବାର ରାତି ୩ଟା ୪୫ରେ ୭/୮ଜଣ ଯୁବକ ଏକ ସ୍କର୍ପିଓରେ ଗେଷ୍ଟହାଉସ୍‌କୁ ଆସିଥିଲେ। ସେମାନେ ନିଜକୁ ସ୍ପୋଶାଲ ସ୍କ୍ୱାଡ୍ ଅଧିକାରୀ କହି ରୁମ୍ ମାଗିଥିଲେ। ହୋଟେଲ ମ୍ୟାନେଜର ରାକେଶ ରୋଶନ ବେହେରା ରୁମ୍ ଦେବାକୁ ମନା କରି ଦେଇଥିଲେ। ଏତିକି କଥାରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ହୋଟେଲରେ ବ୍ୟାପକ ଭଙ୍ଗାରୁଜା କରିବା ସହ ସିସିଟିଭିର ହାର୍ଡଡିସ୍କ ଏବଂ କ୍ୟାସ୍ କାଉଣ୍ଟରରୁ ୧୮ ହଜାର ଟଙ୍କା ଲୁଟି ନେଇଥିଲେ। ଶେଷରେ ମ୍ୟାନେଜରଙ୍କୁ ଗାଡିରେ ଅପହରଣ କରି ନେବା ପରେ ଅନ୍ୟ କର୍ମଚାରୀ ପୋଲିସକୁ ଫୋନ୍ କରିଥିଲେ।

# ୧୪ ସୁଦ୍ଧା ସହରରେ ଜିରୋ ଜିଭିପି କରିବାକୁ ତାଗିଦ୍

### ପରିମଳ ପରିଚାଳନା ସଂପର୍କିତ ସମୀକ୍ଷା ବୈଠକ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ କରାଯାଉଥିବା ପରିମଳ ପରିଚାଳନା କାର୍ଯ୍ୟର ସମୀକ୍ଷା କରାଯାଇଛି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ଏହି ବୈଠକରେ ବର୍ଜ୍ୟ ପରିଚାଳନାରେ କେଉଁ କେଉଁ ସ୍ତରରେ ସମସ୍ୟା ରହୁଛି ତାହା ଉପରେ ଆଲୋକପାତ କରାଯାଇଥିଲା। ଚଳିତ ମାସ ୧୪ ସୁଦ୍ଧା କୌଣସିଠାରେ ଯେପରି ବର୍ଜ୍ୟ ପ୍ରବଣ ସ୍ଥାନ (ଜିଭିପି ବା ଗାର୍ବେଜ୍ ଭନରେଲେବଲ୍ ପଏଣ୍ଟ) ନ ରୁହେ ସେହି ଅନୁସାରେ କାର୍ଯ୍ୟକରିବାକୁ ସମସ୍ତ ଏସ୍ଆଇ, ସ୍ୱଚ୍ଛ ସୁପରଭାଇଜର ଏବଂ ଏଜେନ୍ସିର କର୍ମକର୍ତ୍ତାଙ୍କୁ ତାଗିଦ୍ କରାଯାଇଛି। ସୁପରଭାଇଜରମାନେ ନିଜ ୱାର୍ଡର ମାଲିକାନା ନେଇ କାମ କରିବା ସହିତ ପ୍ରତି ସପ୍ତାହରେ ମେଗା ଗଣସଫେଇ କାର୍ଯ୍ୟକ୍ରମ କରିବାକୁ ସମସ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭୁବନେଶ୍ୱରର ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଆବଶ୍ୟକ ଗାଡି, ଟ୍ରଲି, ଘାସକଟା ମେଶିନ, ବ୍ୟାଗ, ମାନବସମ୍ବଳ ଆଦି ଯୋଗାଇ ଦେବା, ଆବଶ୍ୟକ ପଡିଲେ ଅଧିକ ଲୋକ ଓ ଗାଡି ନିୟୋଜିତ କରିବା, ପ୍ରତି ୱାର୍ଡକୁ ଦୈନିକ ସଫା କରିବା ସହ ମାର୍କେଟ ଅଞ୍ଚଳରେ ଦିନକୁ ଦୁଇଥର ବର୍ଜ୍ୟ ସଂଗ୍ରହ କରିବା ଏବଂ ଶୀଘ୍ର ରାତି ସଫେଇ ଆରମ୍ଭ କରିବା ପାଇଁ ଏଜେନ୍ସିଙ୍କୁ କୁହାଯାଇଛି। ଏଥିସହ ସ୍ୱଚ୍ଛତା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ସପ୍ତାହରେ ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛକର୍ମୀଙ୍କୁ ନେଇ ବୈଠକ ଓ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରିବା ସହ ସେମାନଙ୍କର ଭାଗିଦାରୀ ଏବଂ ଗୋଷ୍ଠୀ ସହଯୋଗ ପାଇଁ ଜୋରଦାର ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପରିମଳ ଉପାୟୁକ୍ତ ଏନ. ଗଣେଶ ବାବୁ, ଜୋନାଲ କମିଶନରଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269

କାର୍ଯ୍ୟର ନାମ : "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର

PR-1090/Q/25-26

# ମହିଳାମାନେ ସ୍ୱୟଂ ରୋଜଗାରୀ ହୋଇ ସମାଜରେ ନିଜ ସ୍ଥାନ ସୃଷ୍ଟି କରୁଛନ୍ତି

## ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା, ସ୍ୱଦେଶୀ ମେଳା ଉଦ୍‌ଘାଟିତ

କଟକ,୬।୨(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା, ସ୍ୱଦେଶୀ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନାରୀ ସଶକ୍ତୀକରଣ, ଆତ୍ମନିର୍ଭରଶୀଳତା ଓ ସ୍ୱଦେଶୀ ଉତ୍ପାଦର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଓ ସ୍ୱଦେଶୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ନାରୀମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେବା ସହିତ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସ୍ୱୟଂ ରୋଜଗାରୀ ହୋଇ ସମାଜରେ ନିଜ ସ୍ଥାନ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ। ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଆତ୍ମନିର୍ଭର ଭାରତ ଗଢ଼ିବାରେ ଏହିଭଳି ମେଳା ସହାୟକ ହେବ ଏବଂ ନାରୀ ସଶକ୍ତୀକରଣରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ବିଧାୟକ ବିଜୟ କୁମାର ଦଳବେହେରା ନାରୀ ସଶକ୍ତ ହେଲେ ସାମୂହିକ ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ କମଳଜିତ୍ ଦାସ ଓ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ୪୦୦ଟି ଷ୍ଟଲ ରହିଛି। ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ଉତ୍ପାଦ, ବସ୍ତ୍ର, ଗୃହୋପକରଣ ଓ ଅନ୍ୟାନ୍ୟ ସ୍ୱଦେଶୀ ସାମଗ୍ରୀ ସ୍ଥାନିତ ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଏନ୍‌ଡିଆରଏଫ୍ ପକ୍ଷରୁ ରୁଟ୍ ମାର୍ଚ୍ଚ

ବାରଙ୍ଗ, ୬।୨(ଲିଙ୍ଗରାଜ ରାଉତ)

ମୁଣ୍ଡଳିସ୍ଥିତ ଏନ୍‌ଡିଆରଏଫ୍ ୩ୟ ବାଟାଲିୟନ ଏହାର ପ୍ରବୃତ୍ତି ଏବଂ ସହନଶୀଳତା ତାଲିମ୍ କାର୍ଯ୍ୟକଳାପର ଅଂଶ ଭାବେ ଏକ ରୁଟ୍ ମାର୍ଚ୍ଚ ଶୁକ୍ରବାର ସଫଳତାର ସହ ହୋଇଛି। ଏହି ରୁଟ୍ ମାର୍ଚ୍ଚ ଏନ୍‌ଡିଆରଏଫ୍ ପରିସରରୁ ବାହାରି ଗୋଡ଼ିସାହି, ନେତଳ, ଛତ୍ରପୁର, ଓମ୍‌ଫେଡ୍, ନରାଜ, ମାର୍ଥାପୁର ରେଳଷ୍ଟେସନ ହୋଇ ପ୍ରାୟ ୧୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାରେ ଏହି ରୁଟ୍ ମାର୍ଚ୍ଚ କରି ପରିସର ଭିତରକୁ ସଫଳତା ସହିତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ରୁଟ୍ ମାର୍ଚ୍ଚକୁ ଏନ୍‌ଡିଆରଏଫ୍ ୩ୟ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ କମାଣ୍ଡାଣ୍ଟ ଧନଞ୍ଜୟ କୁମାର, ଦ୍ୱିତୀୟ କମାଣ୍ଡର(ଭେଟେରିନାରି) ଡ. ପାର୍ଥବାସୀ ସାହୁ, ଡେପୁଟି କମାଣ୍ଡର ମେଡିକାଲ ଅଫିସର ଡ. ଜେ. ଆଦିତ୍ୟ ରେଡ୍ଡୀ ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଧାଂଶୁ ଶେଖର ନେତୃତ୍ୱ ନେଇଥିଲେ। ରୁଟ୍ ମାର୍ଚ୍ଚରେ ଯବାନମାନେ ଉଦ୍ଧାର ସମୟରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତି ନେବା ସହିତ ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ଉପକରଣ ବ୍ୟାଗ ଏବଂ ଯୋଗାଯୋଗ ଉପକରଣ ଆଦି ବହନ କରିଥିଲେ। ଏହି ଅଭ୍ୟାସର ଲକ୍ଷ୍ୟ ଉଦ୍ଧାରକାରୀଙ୍କ ଶାରୀରିକ ସହନଶୀଳତା ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ମୂଳଲକ୍ଷ୍ୟ ରହିଥିଲା।

# ୩ଦିନିଆ ନେଚର କ୍ୟାମ୍ପ୍‌ରେ ୧୭ କଲେଜ ଛାତ୍ରୀଛାତ୍ର

ବାଙ୍କୀ,୬।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ଅଂଶୁପା ନେଚର କ୍ୟାମ୍ପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉତ୍କଳ ୟୁନିଭର୍‌ସିଟି ପକ୍ଷରୁ ଏହି ତିନିଦିନିଆ ଏନ୍‌ଏସ୍‌ଏସ୍ ନେଚର କ୍ୟାମ୍ପ୍ ଆୟୋଜନ କରାଯାଇଥିଲା। ଏଥିରେ ୧୭ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଏକାଠି ହୋଇ ପ୍ରକୃତି ଓ ପରିବେଶ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିରେ ଅତିଥି ଭାବେ ଡେପୁଟି ସେକ୍ରେଟାରି ଡ. ବ୍ରଜ ନାରାୟଣ ପାତ୍ର, ଡ. ରମେଶ ଚନ୍ଦ୍ର ବେହେରା, ଏନ୍‌ଏସ୍‌ଏସ୍ କୋଅର୍ଡିନେଟର ଡ. ସନ୍ଧ୍ୟା ଶୟନ୍ତିନୀ ମହାନ୍ତି, ଜିଲା ସଂଯୋଜକ ରଜତ କୁମାର ମିଶ୍ର, ଯୋଗୀନାଥ ମଲ୍ଲିକ, ଡ. ସରିତା ପଟେଲ, ଡ. ମନୋରଞ୍ଜନ ମହାନ୍ତି, ପରିବେଶବିତ୍ ପ୍ରଦୀପ୍ତ କୁମାର ରଥ ପ୍ରମୁଖ ଯୋଗଦେଇ ପ୍ରକୃତିକୁ କିଭଳି ବର୍ଜ୍ୟବସ୍ତୁରୁ ଉଦ୍ଧାର କରାଯାଇପାରିବ, ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ଅତିଥି ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ଜେନା କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# କଟକ ପ୍ରତି ପ୍ରତାରଣା, ବିକଶିତ କଟକର ସ୍ୱପ୍ନ ଭାଙ୍ଗିଛି: ମେୟର ସୁବାସ


ମେୟର ସୁବାସ ସିଂ।

କଟକ,୬।୨(ଶିଳ୍ପା ପ୍ରିୟଦର୍ଶିନୀ)

- କେନ୍ଦ୍ର ବଜେଟ୍‌ରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ଯୋଡ଼ାଯାଇ ନାହିଁ
- ଫେବୃଆରୀ ୮ରେ ଧାରଣା ଦେବ ବିଜେଡି

ଚଳିତ କେନ୍ଦ୍ର ବଜେଟ୍ ବିକଶିତ କଟକର ସ୍ୱପ୍ନ ଭାଙ୍ଗିଦେଇଛି। କଟକର ବିକାଶ ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ତାହାକୁ ଭଙ୍ଗ କରାଯାଇଛି। ଏପରିକି କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପୁରୁଣା ରାଜଧାନୀକୁ ତାର ଗୌରବ ଫେରାଇବାର ଯେଉଁ ପ୍ରୟାସ ଥିଲା ସେ ସ୍ୱପ୍ନ ମଧ୍ୟ ଭାଙ୍ଗି ଯାଇଛି ବୋଲି ଗଡ଼ଖାଇସ୍ଥିତ ସରକାରୀ କାର୍ଯ୍ୟାଳୟରେ ବିଜେଡି ନେତା ତଥା ସିଏମ୍‌ସି ମେୟର ସୁବାସ ସିଂ ଓ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି, କଟକର ସ୍ୱାଭିମାନ ସହ କେନ୍ଦ୍ର ସରକାର ଖେଳିଛନ୍ତି। ତତ୍କାଳୀନ ସରକାର ଏପ୍ରିଲ ୨୦୨୩ରେ ମେଟ୍ରୋ ପ୍ରକଳ୍ପ ଘୋଷଣା କରିଥିଲେ ଏବଂ ଜାନୁଆରୀ ୨୦୨୪ରେ ତ୍ରିଶୁଳିଆରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିପାଇଁ ତତ୍କାଳୀନ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୬,୨୫,୫୯୪ କୋଟି ଟଙ୍କା ବ୍ୟୟ କରାଯାଇଥିଲା ଏବଂ ତାହା କ୍ୟାବିନେଟରେ ମଞ୍ଜୁରୀ ପାଇ ଏହାର ଟେଣ୍ଡର ମଧ୍ୟ କରାଯାଇଥିଲା। ହେଲେ ହଠାତ୍ ୨୦୨୫ରେ ଏହି କାର୍ଯ୍ୟ ବନ୍ଦ କରାଗଲା। ଭାଜପା ସରକାର ଗଠନ ହେବା ପରେ ଏହି ପ୍ରକଳ୍ପର ପୁନର୍ବିଚାର କରାଗଲା। କୁହାଯାଇଥିଲା କେନ୍ଦ୍ର ବଜେଟ୍‌ରେ ମେଟ୍ରୋ ପ୍ରକଳ୍ପକୁ ଯୋଡ଼ାଯିବ ଓ କେନ୍ଦ୍ରୀୟ ଅନୁଦାନ ଏଥିରେ ସାମିଲ ହେବ। ହେଲେ କେନ୍ଦ୍ର ସରକାରଙ୍କ ଚଳିତ ବଜେଟ୍‌ରେ ମେଟ୍ରୋ ଯୋଜନା ନ ରହିବା ଏକ ବଡ଼ ପ୍ରତାରଣା। ୨୫ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ହେଉଥିବାବେଳେ ଓଡ଼ିଶା ଏଥିରୁ କାହିଁକି ବାଦ୍ ପଡ଼ିବ ତାର ଉତ୍ତର ସରକାର ଦିଅନ୍ତୁ ବୋଲି ସିଂ କହିଛନ୍ତି। କେନ୍ଦ୍ରୀୟ ବଜେଟ୍‌ରେ ମେଟ୍ରୋ ରେଳ ପରିକଳ୍ପନାର ବ୍ୟୟବରାଦ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ତୁରନ୍ତ ଟେଣ୍ଡର କାମ ସାରି କାମ ଆରମ୍ଭ କରନ୍ତୁ। ଏହି ଦାବିକୁ ବିଜେଡି ପକ୍ଷରୁ ଜୋରଦାର ଉପସ୍ଥାପନ କରାଯିବ। ଏଥିପାଇଁ ଫେବୃଆରୀ ୮ରେ ବିଜେଡି ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯିବ ବୋଲି ସିଂ କହିଛନ୍ତି।

# ସମୟାନୁବର୍ତ୍ତିତା, ଏକାଗ୍ରତା ଉପରେ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର



ବାଙ୍କୀ ମୁଣ୍ଡଳୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଙ୍କୀ/ତାଳବସ୍ତ, ୬।୨
(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ)

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଙ୍କୀ ମୁଣ୍ଡଳୀସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ରମାଙ୍କ-୩ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ପ୍ରାଚାର୍ଯ୍ୟ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବହୁମୁଖୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନର ସେକେଣ୍ଡ-ଇନ୍-କମାଣ୍ଡ ବର୍ଦ୍ଧମାନ୍ ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିଶ୍ର ଛାତ୍ରୀଛାତ୍ରମାନଙ୍କ ସମୟାନୁବର୍ତ୍ତିତା ତଥା ଏକାଗ୍ରତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କଟକସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ରମାଙ୍କ-୧ର ପ୍ରାଚାର୍ଯ୍ୟ ଆନନ୍ଦ ବଲ୍ଲଭ ପାଣ୍ଡେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦ୍ରକାନ୍ତ ପାଣ୍ଡେ ଏବଂ ଥୋମାସ୍ ଏକ୍କା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଇନ୍ଦ୍ରାଣୀ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମପଞ୍ଚାୟତର ପୁରାତନ ଶିକ୍ଷା ଅନୁଷ୍ଠାନ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, କୁସୁପଙ୍ଗି ଯୁବ ସରପଞ୍ଚ ନରେଶ ବେଉରା ପ୍ରମୁଖ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବାଶିଷ ପାଣି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତି ଗ୍ରାମରେ ହେଉ ହିନ୍ଦୁ ସମ୍ମିଳନୀ

ବଡମ୍ବା,୬।୨(ମାୟାଧର ମଲ୍ଲିକ )

ବଡମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ସ୍ଥିତ ଗୋପୀନାଥଦେବଙ୍କ ମନ୍ଦିର ପରିସରରେ ଗୋପମଥୁରା ମଣ୍ଡଳର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ହିନ୍ଦୁ ସମ୍ମିଳନୀର ଜିଲା ସଂଯୋଜକ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଏଥିରେ ସଂଯୋଜନା କରିଥିଲେ। ଶଙ୍ଖାମେରୀ ଗ୍ରାମ ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗ ସଂଘ ଚାଳକ ଡ.ଗୌତମ ମହାରଣା ଭାରତର ଇତିହାସକୁ ରୋମନ୍ଥନ କରିଥିଲେ। ଅନ୍ୟତମ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ବିଶିଷ୍ଟ ଅତିଥିଭାବେ ବୈଦେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ କୃପାସିନ୍ଧୁ ପଲ୍ଲାଉ,ସମ୍ମାନିତ ଅତିଥିଭାବେ ମାହାଙ୍ଗାସ୍ଥିତ କେଶବ ଠାକୁରଙ୍କ ଅନୁଗାମୀ ରାମକୃଷ୍ଣ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମଣ୍ଡଳ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବଳଭଦ୍ର ବରାଳ ଯୋଗଦେଇ ହିନ୍ଦୁମାନଙ୍କୁ ଏକଜୁଟ ହୋଇ ରହିବାକୁ ଆହ୍ୱାନ ଦେବାସହ ପ୍ରତି ଗ୍ରାମରେ ହିନ୍ଦୁ ସମ୍ମିଳନୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଗୋପମଥୁରା ମଣ୍ଡଳର ରାଜସ୍ୱ ଗ୍ରାମ ବୃନ୍ଦାବନପୁର, ଗୋପମଥୁରା, ବିଜୁପୁର, କନ୍ତପ ଆଦି ଗ୍ରାମରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ ହୋଇଥିଲେ।

# ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ତିଗିରିଆ,୬।୨ (ଜାଫର ଖାଁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚାର ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ତିଗିରିଆ ବ୍ଲକର ସମସ୍ତ ଛାତ୍ରୀଛାତ୍ର ଦେଖିଥିଲେ। ତିଗିରିଆ ବ୍ଲକଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ଏହାର ସିଧାପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହଶିକ୍ଷା ଅଧିକାରୀ ତଥା ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ ଏବଂ ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ରଙ୍କ ସମେତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱ ରଞ୍ଜନ ଜେନା, ଉମା ଶଙ୍କର ରାଉତ, ଅଶୋକ କୁମାର ଦାସ, ମହେଶ୍ୱର ସେଠୀ, ପ୍ରଶାନ୍ତ କୁମାର ଘଡାଇ ଏବଂ ନିଶାକର ଖଟୁଆ ପ୍ରମୁଖ ଯୋଗଦେଇଥିଲେ।

# ସେମିଫାଇନାଲରେ ଖୁଣ୍ଟକଟା, ଅହମ୍ମଦିୟା କ୍ଲବ

ତିଗିରିଆ, ୬।୨ ( ଜାଫର ଖାଁ)

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଲସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ଦାରା ଆୟୋଜିତ ୧୭ ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକର ରକ୍‌ଷ୍ଟାର କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଅହମ୍ମଦିୟା କ୍ଲବ କେରଙ୍ଗ (ଖୋର୍ଦ୍ଧା) ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ବିଜୟୀ ଅହମ୍ମଦିୟା ଦଳର ୧୦ ନମ୍ବର ଖେଳାଳି ଅବ୍‌ଦୁଲ ରୌଫ ଓ ୨୦ ମିନିଟରେ ୧୧ ନମ୍ବର ଖେଳାଳି ପଞ୍ଚୁ ବଳିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଖେଳ ଶେଷ ସୁଦ୍ଧା କଟକ ଦଳ କୌଣସି ଗୋଲ ସ୍କୋର କରିବାକୁ ସକ୍ଷମ ନ ହୋଇ ପରାଜିତ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଡା. ବିଶ୍ୱବିକାଶ ରାଉତରାୟ, ସମ୍ମାନିତ ଅତିଥିଭାବେ ଜେମାଦେଈପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେବୁବ ଅହମ୍ମଦ ଖାଁ, ପୂର୍ବତନ ଫୁଟ୍‌ବଲ ଖେଳାଳି ଅବଦୁଲ ଓସୀମ ଓ ଅବୁବକର ଖାଁ ପ୍ରମୁଖ ଯୋଗଦେଇ ଉଭୟ ଦଳ ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ଯୁବଜ୍ୟୋତି କ୍ଲବକୁ ଖୁଣ୍ଟକଟା କ୍ରୀଡା ପରିଷଦ ( ଆଠଗଡ) ୧-୦ ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

# ରାଣୀ ଶୁକଦେଈ ମହିଳା ଡିଗ୍ରୀ କଲେଜ ଉପବିଜେତା

ବାଙ୍କୀ,୬।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

## ମହିଳା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଖୋଖୋ

ରମାଦେଈ ମହିଳା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋ ଖୋ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱରସ୍ଥିତ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଣୀ ଶୁକଦେଈ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଉପବିଜେତା ଭାବେ ଟ୍ରଫି ହାସଲ କରିଛି। ମହାବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ଗୋଛି ଶ୍ରେଷ୍ଠ ଖେଳାଳି ଭାବେ ସ୍ୱତନ୍ତ୍ର ପୁରସ୍କାର ପାଇବା ସହ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ରୀ ରୂପାଲି ସ୍ୱାଇଁ ଓ ପ୍ରତିମୟୀ ପ୍ରିୟଦର୍ଶିନୀ ରାଜ୍ୟସ୍ତରୀୟ ଖେଳାଳି ଭାବେ ଚୟନ ହୋଇଛନ୍ତି। ଏହି ସଫଳତା ପାଇଁ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ପଟ୍ଟନାୟକ, କ୍ରୀଡା ଉପସଭାପତି ଅଧ୍ୟାପିକା ସୁଧାଂଶୁ ମାଳି ଦେବତା ଓ କ୍ରୀଡା ଅଧ୍ୟାପକ ନିରଞ୍ଜନ ସାହୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସାରଦା ଯୋରରେ କଲ୍‌ଭର୍ଟ ନିର୍ମାଣକୁ ବିରୋଧ

## ଜିଲାପାଳଙ୍କ ନିକଟରେ ଅଭିଯୋଗ

ବାରଙ୍ଗ, ୬।୨(ଲିଙ୍ଗରାଜ ରାଉତ)


ସାରଦା ଯୋରକୁ ଜବରଦଖଲ କରାଯାଇ ବେଆଇନ ନିର୍ମାଣ ଚାଲିଛି।

ଚାଷୀମାନଙ୍କ ଜୀବନଧାରା ସାଜିଥିବା ସାରଦା ଯୋର ଉପରେ ଜଣେ ବିଲ୍ଡର ବେଆଇନ ଭାବେ କଲଭର୍ଟ ନିର୍ମାଣ କରିଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିଛି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଚାଷୀଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, କାହିଁ କେଉଁକାଳରୁ କଣ୍ଟାବାଡ଼ ପଞ୍ଚାୟତ ଡେରାସରୁ ବାହାରିଥିବା ସାରଦା ଯୋର ଅନ୍ଧାରୁଆ, ଚନ୍ଦକା, ଦାରୁଠେଙ୍ଗ, ପଥରଗାଡ଼ିଆ ଆଦି ଗ୍ରାମଦେଇ ମଞ୍ଚେଶ୍ୱର ନିକଟ ଦୟାନଦୀରେ ମିଶିଛି। ଫଳରେ ସାରଦା ଯୋର ପାର୍ଶ୍ୱରେ ଥିବା ଗ୍ରାମର ଚାଷୀମାନେ ବର୍ଷତମାମ ଚାଷକାର୍ଯ୍ୟ ପାଇଁ ଏହା ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏବେ ପଥରଗାଡ଼ିଆ ପାଖରେ ଜଣେ ଜମି ବ୍ୟବସାୟୀ ଏହି ଯୋର ଉପରେ ନିଜର ବ୍ୟବସାୟିକ ଉଦ୍ଦେଶ୍ୟରେ ଏକ କଲଭର୍ଟ ନିର୍ମାଣ କରିଛନ୍ତି। ଏହି କଲ୍‌ଭର୍ଟ ଦେଇ ସାଧାରଣ ଲୋକଙ୍କ ଯାତାୟାତକୁ ମଧ୍ୟ ବାରଣ କରିଛନ୍ତି। ଅନ୍ୟପଟେ ଚାଷଜମି ମଧ୍ୟରେ ଆଗରୁ ପାଣିଯିବା ପାଇଁ ରହିଥିବା କେନାଲକୁ ମଧ୍ୟ ଭାଙ୍ଗି ପୋତି ନିଜ ପ୍ଲଟିଂ ସ୍କିମରେ ମିଶାଇ ଦେଇଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ପାଣି ନ ପାଇ ଜୀବିକା ହରାଇଛନ୍ତି। ଅନ୍ୟପଟେ ପ୍ରାକୃତିକ ପ୍ରଭାବିତ ସାରଦା ଯୋର ଉପରେ କଲ୍‌ଭର୍ଟ ନିର୍ମାଣ ଚାଷୀଙ୍କ ଜୀବନଧାରାରେ ବାଧକ ସାଜିବା ସହ ଚାଷକାର୍ଯ୍ୟ ଉପରୁ ଚାଷୀମାନେ ଆଶା ହରାଇଛନ୍ତି। ଚାଷଜମି ଥାଇ ଚାଷକାର୍ଯ୍ୟ କରି ନ ପାରିବା ଦୁଃଖ ଏବେ ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କଲ୍‌ଭର୍ଟ ନିର୍ମାଣ ଓ ଚାଷଜମିରେ ଥିବା କେନାଲ ଭାଙ୍ଗିବା ପାଇଁ କୌଣସି ଲୋକପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଅନୁମତି ନ ଆଣି ଜବରଦସ୍ତ କରିବା ଘଟଣାକୁ ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିପାଇଁ ପଥରଗାଡ଼ିଆ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗକରି ଚାଷୀଙ୍କ ହିତଦୃଷ୍ଟିରୁ ବେନିୟମ ଭାବେ ନିର୍ମିତ କଲ୍‌ଭର୍ଟକୁ ଭାଙ୍ଗି ସାରଦା ଯୋରର ପୂର୍ବସ୍ଥିତି ଫେରାଇ ଆଣିବାକୁ ନ୍ୟାୟ ଭିକ୍ଷା କରୁଛନ୍ତି।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) :** 8,83,773.56, EMD (₹): 17,700,00 ।
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25
**କାର୍ଯ୍ୟର ବିବରଣୀ :** କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,40,61,147.39, EMD (₹): 2,20,300,00 ।
ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍
PR-1092/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269
**କାର୍ଯ୍ୟର ନାମ :** "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.02.2026 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର
PR-1090/Q/25-26

## ସଂକ୍ଷେପରେ

### ୬୬ କେଜି ଗଞ୍ଜେଇ, କାର୍ ଜବତ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା–ଜଟଣୀ ବାଇପାସ୍ ବଡ଼ତୋଟା ହାଇସ୍କୁଲ ନିକଟରୁ ଜଟଣୀ ଅବକାରୀ ବିଭାଗ ଶୁକ୍ରବାର ସକାଳେ ଏକ କାର୍‌ରୁ ୬୬କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆର ସଦାନନ୍ଦ ପୃଷ୍ଟି(୪୨) ଏବଂ ଚୈତନ୍ୟ ଦିଗାଲ(୩୨)। ଏମାନଙ୍କ ନିକଟରୁ କାର୍ ଏବଂ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ସେମାନେ ଫିରିଙ୍ଗିଆରୁ ପୁରୀ ଜିଲା ପିପିଲିକୁ ଗଞ୍ଜେଇ ଚାଲାଣ କରୁଥିଲେ। ସୂଚନା ମୁତାବକ, କନ୍ଧମାଳ ପଟୁ ଏକ କାର୍ (ଓଡି ୧୫ଏସ୍ ୦୦୧୬)ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ ଟିମ୍ ବଡ଼ତୋଟା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ କାର୍ ଉପରେ ସନ୍ଦେହ ହେବାରୁ ଯାଞ୍ଚ କରିଥିଲା। କାର୍ ଭିତରୁ ୩ଟି ବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ଜବତକରିବା ସହ ସଦାନନ୍ଦ ଏବଂ ଚୈତନ୍ୟଙ୍କୁ ଧରିଥିଲେ।

### ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗିରଫ

ବେଗୁନିଆ,୬।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗୁରୁବାର ରାତିରେ ଗଣ୍ଡଗୋଳ ହୋଇଛି। ଏନେଇ ଜାପାନୀ ଦଳେଇ ବାଘମାରୀ ଥାନାରେ ଅଜୟ ଦାସଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୬/୨୬)ରୁଜୁ ହୋଇଛି। ଥାନା ଅଧିକାରିଣୀ ସୁଚିତ୍ରା ଜେନା ଉକ୍ତ ଘଟଣାର ତଦନ୍ତ ପାଇଁ ପୁଷ୍ପଲତା ଲେଙ୍କାଙ୍କୁ ଦାୟିତ୍ୱ ଦେଇଥିଲେ । ଏହି ଘଟଣାରେ ପୋଲିସ ଶୁକ୍ରବାର ଅଜୟ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଆଶୀର୍ବାଦ ଉତ୍ସବ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ଚଳିତ ମାସରେ ଆରମ୍ଭ ହେବ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା। ଏହି ଅବସରରେ ଖୋର୍ଦ୍ଧା ସିଗ୍‌ମା ପବ୍ଲିକ ସ୍କୁଲ ପକ୍ଷରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଆଶୀର୍ବାଦ ଉତ୍ସବ ଡେରାସ ଫାର୍ମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ କରିବା ଅବସରରେ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିବା ପାଇଁ ଶୁଭ ମନାସିଥିଲେ। ୧୦ମ ଶ୍ରେଣୀ ଛାତ୍ରୀ କାଜଲ ପୃଷ୍ଟି ସ୍କୁଲରେ ଶିକ୍ଷାଦାନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗାଇଡ୍ ଏବଂ ସହପାଠୀଙ୍କ ସହଯୋଗକୁ ସ୍ମରଣ କରିବା ସହ ନିଜର ଅନୁଭୂତି ସମ୍ପର୍କରେ ସ୍ୱରଚିତ କବିତା ଉପସ୍ଥାପନ କରିଥିଲେ। ନବମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବଡ଼ ଭଉଣୀଭାଇଙ୍କ ପରାମର୍ଶ ଗ୍ରହଣ କରିବା ସହ ଉପହାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ଦେଇ ଆଗାମୀ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।

# ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟିତ

ନିରାକାରପୁର/ରଣପୁର,୬।୨
(ମାନସ ଚନ୍ଦ୍ର ପଟ୍ଟନାୟକ/ସୁକାନ୍ତ ଚନ୍ଦ୍ର ଡାକୁଆ)



ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଖବରଦାତା ସଂଘ ଆନୁକୂଲ୍ୟରେ ଶୁକ୍ରବାର ଚାନ୍ଦପୁର ଦଶଦୋଳ ପଡ଼ିଆରେ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ, ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମା'ରାମଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା, ଅନୁରୂପ ଭାବେ ଚାନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ମଶାଲ ଶୋଭାଯାତ୍ରା, କନ୍ଧନୟାଗଡ଼ ଇଶାନେଶ୍ୱର ଦେବଙ୍କ ନିକଟରୁ ମଶାଲ ଶୋଭାଯାତ୍ରା ପୃଥକ୍ ଭାବେ ଦଶଦୋଳ ପଡ଼ିଆରେ ପହଞ୍ଚିଥିଲା। ସନ୍ଧ୍ୟାରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ପୌରୋହିତ୍ୟରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥିଭାବେ ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର, ନାଥମଲ୍ଲ ମହାରାଜ, ବରିଷ୍ଠ ନାଗରିକ ଧନେଶ୍ୱର ଅଗ୍ରୱାଲ, ପୂର୍ବତନ ସମିତିସଭ୍ୟ ମନୋଜ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସମ୍ପାଦକୀୟ ତଥ୍ୟ ଉପସ୍ଥାପନ କରିଥିବା ବେଳେ ସଂଘ ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧନୟାଗଡ, ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର, ରିଦିମ ଡ୍ୟାନ୍ସ ଏକାଡେମୀ ଚାନ୍ଦପୁର, କଳିଙ୍ଗ ଭାରତୀ ବିଦ୍ୟାନିକେତନ, ନଟରାଜ ଡ୍ୟାନ୍ସ ଏକାଡେମୀ ଚାନ୍ଦପୁର, ଦେବ ନୃତ୍ୟମ ଚାନ୍ଦପୁର, ଏଜିମିଶନ ବିଦ୍ୟାଳୟ ଚାନ୍ଦପୁର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ନୟାଗଡ଼ ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥା, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, ଦୀପକ କୁମାର ସେନାପତି, କନ୍ଧନୟାଗଡ଼ ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, କନ୍ଧନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ସଂଘ କୋଷାଧ୍ୟକ୍ଷ ଦାମୋଦର ସାହୁ, ବରିଷ୍ଠ ସଭ୍ୟ ଉମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ରଜନୀକାନ୍ତ ମିଶ୍ର, ଆଲୋକ ମହାରଣା, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦର୍ଶକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।




ଟାଙ୍ଗୀ ବ୍ଲକ ଖବରଦାତା ସଂଘ ଆନୁକୂଲ୍ୟରେ ଶୁକ୍ରବାର ଚାନ୍ଦପୁର ଦଶଦୋଳ ପଡ଼ିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଯାଁଳା,୬।୨(ବୁଲା ବାରିକ)

ଇନ୍‌ଫୋସିଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ଛକରେ ଗୁରୁବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ନୂଆଗାଁ ଅଞ୍ଚଳର ଟିପୁ ଦିଗଲ। ସୂଚନା ମୁତାବକ, ଟିପୁ ବାଇକ୍‌ରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଗଙ୍ଗପଡ଼ା ଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍ ସହିତ ଘୋଷାଡ଼ି ହୋଇ ଡିଭାଇଡରରେ ପିଟିହୋଇଯାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ସେଠାରୁ ପଳାଇଥିଲା। ଗୁରୁତର ଅବସ୍ଥାରେ ଟିପୁଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ସାଇବର ଅପରାଧ, ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ସାଇବର ଅପରାଧ ଓ ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟବିବାହ ଦିନକୁ ଦିନ ବଢ଼ିଚାଲିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଶୁକ୍ରବାର ବିଜେବି ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ଉପରେ କହିଥିଲେ। ୧୪ରୁ ୧୮ବର୍ଷର ପିଲାମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି, ଏହାକୁ ରୋକିବା ପାଇଁ ପୋକ୍ସୋ ଆଇନ ଥିଲେ ମଧ୍ୟ ପିଲାମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ପିଲା ଏହାର ଶିକାର ହେଉଛନ୍ତି। କୌଣସି ସମସ୍ୟାରେ ପଡ଼ିଲେ ଅଭିଭାବକଙ୍କୁ ଜାଣନ୍ତୁ, ଶିଶୁ ସୁରକ୍ଷା ୟୁନିଟ୍ ସହଯୋଗ ନେଇପାରିବେ। ସାମାଜିକ କର୍ମୀ ଅମିତା ସିଂହ ସାଇବର ଅପରାଧ କବଳରୁ ପିଲାମାନେ କିପରି ନିବୃତ୍ତ ହେବେ ତାହା ଉପରେ ସଚେତନ କରାଇଥିଲେ। ଶିବିରରେ ବିଦ୍ୟାଳୟର ଏକାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେସନ ଅଧିକାରୀ ସୌମେନ୍ଦ୍ର ନାୟକ ଏବଂ ୟୁନିଟ୍‌ର ସାମାଜିକ କର୍ମୀ ତଥା ଏସ୍‌ଜେପିୟୁର ସଭ୍ୟ ରଞ୍ଜନ କୁମାର ଗୋଚ୍ଛାୟତ, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ସାମାଜିକ କର୍ମୀ ମଧୁସ୍ମିତା ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସିପିଆଇ ପକ୍ଷରୁ ଗଣପାଣ୍ଠି ସଂଗ୍ରହ

ବୋଲଗଡ଼/ ବେଗୁନିଆ, ୬।୨(ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଗଣପାଣ୍ଠି ଆଦାୟ ଡାକରାକ୍ରମେ ପାର୍ଟିର ବେଗୁନିଆ ଜୋନ୍ ସାନପଦର ଶାଖା ପକ୍ଷରୁ ପାର୍ଟି ଫଣ୍ଡ ସଂଗ୍ରହ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ, ଶ୍ରମିକ, ଆଦିବାସୀ ଓ ଗରିବ ଶ୍ରେଣୀ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ସିପିଆଇର ଲକ୍ଷ୍ୟ। ଏହାକୁ ପୂରଣ କରିବାକୁ ଶାଖା ପକ୍ଷରୁ ସାନପଦରଠାରେ ସିପିଆଇ ସମ୍ପାଦକ ମଣ୍ଡଳୀ ସଦସ୍ୟ ରମଣୀରଞ୍ଜନ ରାଉତରାୟ,କେନ୍ଦ୍ରୀୟ କମିଟି ଅଧ୍ୟକ୍ଷ ବସନ୍ତ କୁମାର ପାଇକରାୟ,ଉତ୍କଳ ମହିଳା ସମିତି ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ବେଗୁନିଆ ଜୋନ୍ ସହସମ୍ପାଦକ ବସନ୍ତ କୁମାର ସେଠୀ, ପୂର୍ବତନ ଜୋନ୍ ସମ୍ପାଦକ ଲକ୍ଷ୍ମଣ ସେଠୀ, ଶାଖା ସମ୍ପାଦକ ଶ୍ରୀନିବାସ ମାନସିଂହ, ଶାଖା ସହସମ୍ପାଦକ ଭୁବନେଶ୍ୱର ମହାନ୍ତି, ରମାକାନ୍ତ ମହାରଣା, ସିଦ୍ଧେଶ୍ୱର ପାତ୍ର, ଯୁବନେତା କୃପାସିନ୍ଧୁ ସ୍ୱାଇଁ ପ୍ରମୁଖ ଗଣପାଣ୍ଠି ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ। ଗ୍ରାମର ବିଭିନ୍ନ ସାହି ପରିକ୍ରମାକରି ୩୦୦ରୁ ଊର୍ଦ୍ଧ୍ୱ ପରିବାର ନିକଟରେ ପହଞ୍ଚି ପାର୍ଟିର ଲକ୍ଷ୍ୟ ଓ ଆଦର୍ଶ ପ୍ରଚାର କରିବା ସହ ପାଣ୍ଠି ସଂଗ୍ରହ କରିଥିଲେ।

## ୮ରୁ ସର୍ବଭାରତୀୟ ରାତ୍ରିକାଳୀନ କଳିଙ୍ଗ ପାଇକ କପ୍

### ଟ୍ରଫି ଉନ୍ମୋଚିତ, ୮ ଟିମ୍ ଅଂଶଗ୍ରହଣ କରିବେ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଷ୍ଟାଡିୟମରେ ଆସନ୍ତା ୮ରୁ ୧୧ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ରାତ୍ରକାଳୀନ କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶୁକ୍ରବାର ଷ୍ଟାଡିୟମ ପରିସରରେ ଟ୍ରଫି ଉନ୍ମୋଚନ ହୋଇଥିଲା। ଏଥିସହ ମାସ୍କଟ ସହର ପରିକ୍ରମା କରିଥିଲା। ଖୋର୍ଦ୍ଧାର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ କ୍ଲବ ମର୍ନିଂଷ୍ଟାରର ୬ଷ୍ଠ ସଂସ୍କରଣ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟର ଭେଟେରାନ ଟିମ୍ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟି ତଥା ଅନୁଷ୍ଠାନର ସମ୍ପାଦକ ଶୁଭେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି। ଏହି ଟୁର୍ନାମେଣ୍ଟରେ ଆଫ୍ରିକାନ୍–୧୧, ଆରଡୋନ ଦିଲ୍ଲୀ, କେଏଲ୍‌ଏମ୍‌ଏସ୍‌ସିସି ବିଶାଖାପାଟଣା, ମଙ୍ଗଳା କ୍ଲବ କଟକ, କଳିଙ୍ଗ ସ୍ପୋର୍ଟିଂ ଏବଂ କିଶୋର କ୍ଲବ ଭୁବନେଶ୍ୱର, ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଆୟୋଜକ ଟିମ କ୍ଲବ ମର୍ନିଂ ଷ୍ଟାର ଖୋର୍ଦ୍ଧା ପ୍ରମୁଖ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରେ ମ୍ୟାଚ୍ ହେବ। କଳିଙ୍ଗ ପାଇକ କପ୍‌ର ମୁଖ୍ୟ ଉପଦେଷ୍ଟା ତଥା ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ ସହ ଶୋଭାଯାତ୍ରାକୁ ଉଦ୍‌ଘାଟନକରି ଫୁଟ୍‌ବଲ ଖେଳରେ ଖୋର୍ଦ୍ଧା ମାଟିର ଅବଦାନ ସମ୍ପର୍କରେ କହିଥିଲେ। ଚଳିତ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାର ବହୁ କ୍ରୀଡ଼ାବିତ୍ ଯୋଗଦେବା ସହ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଅନୁଷ୍ଠାନର ଦେବଦତ୍ତ ମହାନ୍ତି, ସଞ୍ଜୟ ଦାସ, ସୌମ୍ୟ ପଟ୍ଟନାୟକ, ଚନ୍ଦ୍ରକାନ୍ତ ପଣ୍ଡା, କୃଷ୍ଣ ବାଘସିଂହ, ଅବିନାଶ ମହାପାତ୍ର, କରିମ୍ ଖାନ, ବଦ୍ରି ନାରାୟଣ ରାମ, ଦୀପକ କୁମାର ରାମ ପ୍ରମୁଖ ପରିଚାଳନା କରିଥିଲେ। ଏକାଧିକ କ୍ରୀଡ଼ାପ୍ରେମୀ, କ୍ରୀଡ଼ାବିତ୍, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।



ସର୍ବଭାରତୀୟ ରାତ୍ରିକାଳୀନ କଳିଙ୍ଗ ପାଇକ କପ୍ ଟ୍ରଫି ଉନ୍ମୋଚନ ଅବସରରେ ଆୟୋଜକ କମିଟିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ରୋଜଗାର ମାଧ୍ୟମ ସାଜିଛି ଔଷଧୀୟ ବୃକ୍ଷ

ବୋଲଗଡ଼,୬।୨(ଦେବବ୍ରତ ହୋତା)

ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ବୋଲଗଡ଼ ବ୍ଲକ ଟୀକାତାଳ ସ୍ଥିତ ମା' ଶାରଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଔଷଧୀୟ ଚାରା ରୋପଣ ଓ ଏଥି ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ନିହାରିକା ମିଶ୍ରଙ୍କ ସଭାପତିତ୍ୱରେ ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ଓ ପରିବେଶ ବିଭାଗର ପରିବେଶ ଶିକ୍ଷଣ ପଠନକେନ୍ଦ୍ରର କ୍ଷେତ୍ର ଅଧିକାରୀ ଭରତ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଡା.ବିଜୟ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥିଭାବେ ରେଣୁବାଳା ନର୍ସିଂ କଲେଜ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମିଶ୍ର, ପୂର୍ବତନ ଅଧ୍ୟକ୍ଷା ନଳିନୀ ସାହୁ, ଖବରଦାତା ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇ ଔଷଧୀୟ ବୃକ୍ଷର ଚାହିଦା ବୃଦ୍ଧି ସହ ରୋଜଗାର ମାଧ୍ୟମ ସାଜିଛି ବୋଲି କହିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ସସ୍ମିତା ମଞ୍ଜରୀ ପଣ୍ଡାଙ୍କ ବେଦପାଠ ମଧ୍ୟରେ ମା'ଶାରଦା ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟକ୍ଷା ମିଶ୍ର ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ ଶୁଭେନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଔଷଧୀୟ ନର୍ସରି ବଗିଚାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ପାଇଁ ଗୋଟିଏ ଗୋଟିଏ ଲେମ୍ବୁଗଛ ଚାରା ବଣ୍ଟନକରି ପ୍ରମାଣପତ୍ର ପ୍ରଦାନ କରିଥିଲେ। କଲେଜ ସହକାରୀ ଗ୍ରନ୍ଥାଗାରିକ ବାବାଜୀ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସରସ୍ୱତୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ଘର, ଆସବାବପତ୍ର

ବାଘମାରୀ,୬।୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ତହସିଲ ଅଧୀନ ପଣସବସ୍ତ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ମନୋଜ ବେହେରାଙ୍କ ଘରେ ନିଆଁ ଲାଗି ଧାନ, ଚାଉଳ, ଆଧାରକାର୍ଡ, ଜମିପଟ୍ଟା ଏବଂ ଆସବାବପତ୍ର ପୋଡ଼ିଯାଇଛି। ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଏବଂ ବାଘମାରୀ ରାଜସ୍ୱ ନିରୀକ୍ଷକ ସାଗର ଦାସ ପହଞ୍ଚିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରାଥମିକ ତଦନ୍ତ ପରେ ସରକାରୀ ସହାୟତା ଦିଆଯିବ ବୋଲି ତହସିଲଦାର ଷଡ଼ଙ୍ଗୀ କହିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍‌ନାଲିଙ୍ଗର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) : 8,83,773.56, EMD (₹): 17,700,00 ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ : କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300,00 ।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍

PR-1092/Q/25-26


## 'ପୁରସ୍କାର ଆଗକୁ ବଢ଼ିବାକୁ ପ୍ରେରଣା ଦିଏ'



ବେଗୁନିଆ,୬।୨(ସନ୍ଧ୍ୟାରାଣୀ ମିଶ୍ର)

ସିକୋସ୍ଥିତ ପିଏମ୍‌ଶ୍ରୀ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଏବଂ ବାର୍ଷିକ ଉତ୍ସବ ୨ଦିନ ବ୍ୟାପୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମନୋଜ ମଙ୍ଗରାଜ, ରୂପକାନ୍ତି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶଶୀରେଖା ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ଜନ୍ମେଜୟ ଛୋଟରାୟ, ଦୀପିକା ବାରିକ ଏବଂ ଅର୍ଚ୍ଚିତା ଦାସ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସାମାଜିକ କର୍ମୀ ଅରବିନ୍ଦ ରାୟ, ପୂର୍ବତନ ପ୍ରଧାନଶିକ୍ଷକ ଯୋଗେଶ୍ୱର ଛୋଟରାୟ, ଦୁର୍ଯ୍ୟୋଧନ ଛୁଆଳସିଂହ, ମହମ୍ମଦ ଇଲିୟାସ ହୋସେନ ଖାଁ ଏବଂ ବାଜପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ରାଉଳ, ସିକୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବେଣୁଧର ବଳିଆରସିଂହ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହ ଓ ପ୍ରେରଣା ଦେଇଥାଏ ବୋଲି ମତପ୍ରକାଶ ପାଇଥିଲା। ଜନ୍ମେଜୟ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା କଂଗ୍ରେସ କମିଟିର ବିକ୍ଷୋଭ

### କେନ୍ଦ୍ର ବିରୋଧରେ ଗର୍ଜିଲେ, ଦାବି ଜଣାଇଲେ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)



ୟୁପିଏ ସରକାର ଗରିବଙ୍କୁ କାମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବେ ପାଇବାର ପ୍ରାବଧାନ ରହିଥିଲା। ଏଥିରେ ଭାରତବର୍ଷର ବହୁ କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ। ଭାଜପା ସରକାର ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରି ଭିବି ଜି ରାମ ଜି ନାମ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ୍‌ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। ଏହି ନୂଆ ଆଇନ ବହୁ କୋଟି ଶ୍ରମିକଙ୍କ ଅଧିକାରକୁ ଛଡ଼ାଇ ନେଇଛି। ଏସ୍‌ସି,ଏସ୍‌ଟି, ଓବିସି ସମାଜର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରିବାକୁ ଚକ୍ରାନ୍ତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକାଧିକ କଂଗ୍ରେସ ନେତା, କର୍ମୀ ଜଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୂର୍ବ ଯୋଜନାକୁ ପ୍ରଣୟନ କରିବା ପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ଶିଶିର ପରିଡ଼ା, ଜୟଶ୍ରୀ ପଟ୍ଟନାୟକ, ଅମିତ୍ ମହାନ୍ତି, ଜୟନ୍ତ ଭୋଇ, ଅଶୋକ ମଙ୍ଗରାଜ, ରଞ୍ଜିତ ମହାପାତ୍ର, ଶୈଳେନ୍ଦୁ ଦାସ, ପ୍ରଦୋଷ ହରିଚନ୍ଦନ, ରମେଶ ପଟ୍ଟନାୟକ, ତାପସ ମିଶ୍ର, ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ଜିତେନ୍ଦ୍ର ଚମ୍ପତି, ଶିବୁ ନାୟକ, ଦେବିପ୍ରସାଦ ଦାସ, କାଳନ୍ଦୀ ମହାପାତ୍ର, ସଞ୍ଜୟ ସୁବୁଦ୍ଧି, ବିଜୟ ମହାନ୍ତି, ଭାସ ମଙ୍ଗରାଜ, ମାନସ ବାହୁବଳେନ୍ଦ୍ର, ପ୍ରଦୀପ ପଟ୍ଟନାୟକ, ରିଚାର୍ଡସନ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269

କାର୍ଯ୍ୟର ନାମ : "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର

PR-1090/Q/25-26

**କାଡ଼ା କେନାଲ ମରାମତି କାର୍ଯ୍ୟ ଜାରି**

କାକଟପୁର/ଅସ୍ତରଙ୍ଗ, ୬।୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦାକ୍ଷିତ)- ଚାଷର ଉନ୍ନତି ନିମନ୍ତେ ସରକାରଙ୍କ ଦ୍ୱାରା କାଡ଼ା କେନାଲ ମରାମତି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଏନେଇ ସ୍ଥାନୀୟ ଚାଷୀ ଖୁସି ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ା ଜଳସେଚନ ବିଭାଗ ଅଧୀନ ଅସ୍ତରଙ୍ଗ ବ୍ଲକରେ ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ କେନେଇ କମିଟି ଗଠାଯାଇ ବିଭାଗ ଦ୍ୱାରା କାଡ଼ା କେନାଲ ମରାମତି କରାଯାଉଛି। ଅସ୍ତରଙ୍ଗ ବ୍ଲକର ୩ଟି ପାଣି ପଞ୍ଚାୟତରେ ଚାଷୀଙ୍କୁ ନେଇ ବୈଠକ କରାଯିବା ପରେ ସରିସୁର, ମାଣ୍ଡୁକି ଦେଇ ବିଭିନ୍ନ ଗାଁକୁ ସଂଯୋଗ କରିଥିବା କାଡ଼ା କେନାଲର ମରାମତି ଓ ନିର୍ମାଣ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ୧୨ରେ ଭାରତ ବନ୍ଦ ଡାକରା ସଫଳ କରିବାକୁ ଆହ୍ୱାନ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ଶ୍ରମିକ ଓ କୃଷକ ସଂଗଠନ ସହିତ ପ୍ରଧାନ ଫେଡେରେସନ ପକ୍ଷରୁ ଆସନ୍ତା ୧୨ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏନେଇ ଗୁରୁବାର ପୁରୀ ଟ୍ରେଡ୍ ସଂଗଠନ ପକ୍ଷରୁ କୁଳମଣି ଭବନରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମ କୋଡ୍, ବିହନ ବିଲ୍ ଓ ବିଦ୍ୟୁତ ବିଲ୍ ପ୍ରତ୍ୟାହାର, ଫସଲର ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ଟ୍ରମ୍ପ ଟାରିଫ ୫୦% ଉଚ୍ଛେଦ କେଇ ଲୋକେ ଆନ୍ଦୋଳନକୁ ଆଗେଇ ଆସିବା ପାଇଁ ବାମପନ୍ଥୀ ନେତୃବୃନ୍ଦ ଏବଂ କୃଷକ ନେତା ଆହ୍ୱାନ ଦେଇଥିଲେ। ସେଥିପାଇଁ ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ସମ୍ମିଳନୀରେ ଏଆଇଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଏଆଇସିସିଟିୟୁର ଅଶୋକ ପ୍ରଧାନ, ସତ୍ୟମଣ୍ଟୁ ପ୍ରଧାନ, ଏନ୍‌ଏମ୍‌ଏସ୍‌ର ଜ୍ଞାନରଞ୍ଜନ ଦାସ, ଏଆଇଏଫ୍‌ଟିୟୁର ମୋହନ୍‌ରାଉତ୍, ଆଇଫ୍‌ଟୁସିର ରାଜକିଶୋର ଜେନା, ଏଆଇକେଏସ୍‌ର ଭୀମସେନ ସ୍ୱାଇଁ, କୃଷକ ନେତା କୃଷ୍ଣ ରାଉତ, ପାତବାସ ବେହେରା, ବନବାସିନୀ ମହାପାତ୍ର, ଗୁନା ନାୟକ, ହରିହରସେନାପତି, ପୁଲାତ ବିଶ୍ୱାସ, ମୋଟର କର୍ମଚାରୀ ନେତା ଅଭୟ ମିଶ୍ର, ସୁଶିଲ ମହାରଣା, ମନୋରଞ୍ଜନ ମହାରଣା, ବିଦ୍ୟୁତ ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ଟି-୧୦ ଖାନପୁର ଲିଗ୍: ଫାଇନାଲରେ ଏନ୍‌ସିଟି ପିପିଲି

କାକଟପୁର,୬।୨(ଶୁଭଦର୍ଶନ ମିଶ୍ର)

ଖାନପୁର ଟି-୧୦ କ୍ରିକେଟ ପ୍ରିମିୟର ଲିଗର ସେମିଫାଇନାଲ ମ୍ୟାଚ୍ ଏନ୍‌ସିଟି ପିପିଲି ଓ ବଜରଙ୍ଗୀ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାଟ୍ କରି ଏନ୍‌ସିଟି ପିପିଲି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୯୯ ରନ କରିଥିଲା। ଦଳ ପକ୍ଷରୁ ରାଜେଶ କର ୫୮ ଓ ନବୀନ ବଳିୟାରସିଂହ ୪୦ ରନ କରିଥିଲେ। ଜବାବରେ ବଜରଙ୍ଗୀ-୧୧ ମାତ୍ର ୧୭୦ କରି ସମସ୍ତ ଉଇକେଟ ହରାଇ ପରାଜୟ ସ୍ୱୀକାର କରିଥିଲା। ଦଳ ପକ୍ଷରୁ ଅଭୁ ୫୫ ରନ କରିଥିଲେ। ଏନ୍‌ସିଟି ପିପିଲି ପକ୍ଷରୁ ନବୀନ ବଳିୟାରସିଂ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଶନିବାର ଏନ୍‌ସିଟି ପିପିଲି ଏବଂ କେସିସି ଖାନପୁର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କ୍ଲବ ପକ୍ଷରୁ ଜଣାଯାଇଛି।

# ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ



ମଞ୍ଚରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀ କଳାକାର ସଙ୍ଗୀତ ପରିବେଷଣ କରୁଛନ୍ତି।

## ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସାକ୍ଷୀଗୋପାଳ,୬।୨(ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଐତିହାସିକ ବକୁଳବନ ପଞ୍ଚସଖା ପୁଣ୍ୟକାଶ ରଙ୍ଗମଞ୍ଚରେ ଚାଲିଥିବା ଦଶମ ସତ୍ୟବାଦୀ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଫିଏମ୍ କ୍ରିଏଟିଭ୍ ଅନୁଷ୍ଠାନର କଳାକାରମାନେ ବାରାଣସୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ରାମହରି ଦାସ ଓଡ଼ିଶୀ ଗୁରୁକୁଳର କଳାକାର ଓଡ଼ିଶୀ ନୃତ୍ୟ, ଡାଇନାମିକ ଡ୍ୟାନ୍ସ ଏକାଡେମୀର କଳାକାର ନାରୀ ସଶକ୍ତିକରଣ ସଚେତନତା ନୃତ୍ୟ ଏବଂ ଭୁବନେଶ୍ୱରର ସାରସ୍ୱତ କଳା କେନ୍ଦ୍ରର ନୃତ୍ୟ ଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଓଲିଉଡ୍ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଗ୍ରୁପ୍ ଏବଂ କୁଳଦୀପ ପଟ୍ଟନାୟକ ଓ ଗ୍ରୁପ୍ ଦ୍ୱାରା ମନଛୁଆଁ ସଙ୍ଗୀତର ତାଳେ ତାଳେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଆତ୍ମା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ଏବଂ ଆଇଆଇସି ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଦୀପକ ଶତପଥି, ସହସମ୍ପାଦକ ଭବାନୀ ଶଙ୍କର ନନ୍ଦ, କୋଷାଧ୍ୟକ୍ଷ ପ୍ରିୟରଞ୍ଜନଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାରରେ ସତ୍ୟବାଦୀ ମହୋତ୍ସବ କମିଟି ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ରେଡ୍‌କ୍ରସ୍ ପକ୍ଷରୁ ପରିଚାଳିତ ଏହି କାର୍ଯ୍ୟକ୍ରମରେ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

# ଫାଇନାଲରେ ଘାଟିକିଆ ଭୁବନେଶ୍ୱର

ନିମାପଡ଼ା,୬।୨(ଚିତ୍ତରଞ୍ଜନ ସାହୁ)

### ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜରଙ୍ଗୀ ଫୁଟବଲ କ୍ଲବ ଘାଟିକିଆ ଭୁବନେଶ୍ୱର ୨-୦ ଗୋଲରେ କେରଙ୍ଗ ଇଲେଭେନ ଖୋର୍ଦ୍ଧାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରି ଭାବେ ଅବିନାଶ ପଟ୍ଟନାୟକ, ସେକ୍ ଆଲାମ, ପ୍ରଦୀପ୍ତ କୁମାର ମହାନ୍ତି, ସମର କୁମାର ବରାଳ ପ୍ରମୁଖ ପରିଚାଳନା କରିଥିଲେ। ବଜରଙ୍ଗୀ ଦଳର ଦୋଫାନ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ସସ୍ମିତା ସାହୁ, ଭାଜପା ନେତା ସମୀର ରଞ୍ଜନ ଦାଶ, ଏସ୍‌ବିଆଇ ଲାଇଫ୍‌ର ମ୍ୟାନେଜର ସତ୍ୟନାରାୟଣ ଦାଶ, ନିମାପଡ଼ା ପ୍ରେସ୍ କ୍ଲବ ଉପଦେଷ୍ଟା ଖରଦବାତା ଚିତ୍ତରଞ୍ଜନ ସାହୁ, ଖରଦବାତା ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆଥ୍‌ଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଫୁଟବଲ ସମ୍ପାଦକ ପ୍ରକାଶ ବରାଳ, ସ୍ପୋର୍ଟ୍ସ ମ୍ୟାନେଜର ବିଶ୍ୱଜିତ ମଲ୍ଲିକ, କ୍ରୀଡ଼ାବିତ୍ ରଶ୍ମିରଞ୍ଜନ ପଣ୍ଡା, ଅକ୍ଷୟ ପାତ୍ର, ଜିତେନ କାନୁନଗୋ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସଂଯୋଜନା ଓ ପରିଚାଳନା କରିଥିଲେ। ଆସନ୍ତା ରବିବାର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱରକୁ ବଜରଙ୍ଗୀ ଘାଟିକିଆ ଭୁବନେଶ୍ୱର ଦଳ ଭେଟିବ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

କୋଣାର୍କ,୬।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟ ମହଳପଡ଼ା ପଞ୍ଚାୟତର ଓରେଇ ଜାଗେଶ୍ୱରୀ ବିଦ୍ୟାପୀଠ ଖେଳପଡ଼ିଆରେ ଶୁକ୍ରବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହଳପଡ଼ା ସରପଞ୍ଚ ଶର୍ମିଷ୍ଠାରଞ୍ଜନ ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟ, ସମ୍ମାନିତ ଅତିଥି ଭାବେ ଆଇଆର୍‌ସି ସୁଚିରେଖା ବରାଳ, ଓରେଇ ଜାଗେଶ୍ୱରୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅନିଲ କୁମାର ଷଡ଼ଙ୍ଗୀ, ମହଳପଡ଼ା ବାଳିକା ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସିଂ ପ୍ରମୁଖ ଯୋଗ ଦେଇଥିଲେ। ମହଳପଡ଼ା ପ୍ରାଥମିକ ବିଦ୍ୟାଳୟ, ଆମ୍ବିଳିଗାଁ ୟୁ.ପି. ବିଦ୍ୟାଳୟ, ଓରେଇ ହରିଜନ ସାହି ପ୍ରକଳ୍ପ ବିଦ୍ୟାଳୟ, ମାଣ୍ଡୁପଦା ପ୍ରାଥମିକ ବିଦ୍ୟାଳୟ, ଟେଲ୍ଗୁଆ ପ୍ରାଥମିକ ବିଦ୍ୟାଳୟ, କୁଣ୍ଡେଇ ପ୍ରାଥମିକ ବିଦ୍ୟାଳୟ ଏବଂ ବଡ଼କୁସୁରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉମେଶ ଚନ୍ଦ୍ର ବିଶ୍ୱାଳ, ଗୋପିନାଥ ମୁଦୁଲି, ଆମୁଲାବାସିନୀ ପ୍ରିୟଦର୍ଶିନୀ, ଅନିଲ୍ କୁମାର ବେହେରା ଏବଂ ସଦାଶିବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପାରେ ମିଶିଲେ ବହୁ ବିଜେଡି କର୍ମୀ




ଭାଜପାରେ ସାମିଲ ହୋଇଥିବା ନୂତନ ସଦସ୍ୟମାନଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ନେତୃବୃନ୍ଦ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର, ୬।୨(ସୁନିତ୍ ମିଶ୍ର)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୮ ନମ୍ବର ଜୋନ୍ ଜିଲା ପରିଷଦ ଜୋନ୍ ସଦସ୍ୟ କୈଳାସ ଚନ୍ଦ୍ର ପରିଡ଼ା ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ କୈଳାସ ବିଜେଡି ପାଇଁ କାମ କରୁଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଜେଡିରୁ ବିତାଡ଼ିତ କରାଯାଇଥିଲା। ବ୍ରହ୍ମଗିରି ଆସନରେ ବିଜେଡି ପ୍ରାର୍ଥୀ ହୋଇଥିବା ଉମାକାନ୍ତ ସାମନ୍ତରାୟଙ୍କ ଅଭିଯୋଗ ଭିତ୍ତିରେ ଦଳ ତାଙ୍କୁ ବିଜେଡିରୁ ବହିଷ୍କାର କରିଥିଲା। ଅନ୍ୟପଟେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ନୂଆପଡ଼ା ପଞ୍ଚାୟତର ସରପଞ୍ଚ କବିତା ଜେନା, ତିପିପଦା ପଞ୍ଚାୟତର ସମିତି ସଭ୍ୟ ସଞ୍ଜିକା ସେଠୀ, ଗୁରୁଭିଆଁ ସରପଞ୍ଚ ସୁମିତ୍ରା ପୁହାଣ, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଶୁକ୍ରବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ମନମୋହନ ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ଜତିନ ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଧାୟକ ସରୋଜ ପାଢ଼ୀ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

### ବାଲି ଚୋରା ଚାଲାଣ: ୨ ହାଇୱା ଓ ୧ ଜେସିବି ଜବତ, ଜଣେ ଗିରଫ

କୋଣାର୍କ,୬।୨(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ବଡ଼ଗାଁ ପଞ୍ଚାୟତସ୍ଥିତ ଏକ ସରକାରୀ ଜମିରୁ ବାଲି ଚୋରା ଚାଲାଣବେଳେ ପୋଲିସ ୨ ହାଇୱା ଓ ଏକ ଜେସିବି ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବଡ଼ଗାଁ ମୌଜାର ଜଣେ ବ୍ୟକ୍ତି ଭଡ଼ା ସୂତ୍ରରେ ହାଇୱା ଓ ଏକ ଜେସିବି ଆଣି ନିଜ ଗ୍ରାମର ସରକାରୀ ଜମିରୁ ବାଲି ଚୋରା ଚାଲାଣ କରି ଆସୁଥିଲେ। ଶୁକ୍ରବାର ଭୋର ସମୟରେ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଚିତ୍ତରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ସେଠାରୁ ୨ ହାଇୱା ଓ ଏକ ଜେସିବି ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଏନେଇ ଏକ ମାମଲା (ନଂ. ୨୮/୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପରିଡ଼ା କହିଛନ୍ତି।

# ଗୁରୁ ରବି ଦାସଙ୍କ ଜୟନ୍ତୀ ସମାରୋହ

ଡେଲାଙ୍ଗ,୬।୨(ରଶ୍ମିରଞ୍ଜନ ପ୍ରଧାନ)




ଗୁରୁ ରବିଦାସଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଡେଲାଙ୍ଗ ବ୍ଲକ ସୁଜନପୁର ପଞ୍ଚାୟତର ବାଲିପଦର ଗ୍ରାମରେ ଗୁରୁ ରବି ଦାସଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଭାଜପା ଅନୁସୂଚିତ ବର୍ଗ ମୋର୍ଚ୍ଚାର ପ୍ରାକ୍ତନ ସଭାପତି ଶିବ ମଲ୍ଲିକଙ୍କ ଅଭିଭାଷଣରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ ଅନୁସୂଚିତ ବର୍ଗ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ବାଉଧର ମଲ୍ଲିକ, ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନ୍ଧ୍ରପ୍ରଦେଶ ପ୍ରଭାରୀ ସୁଶାନ୍ତ ମଲ୍ଲିକ, ପୁରୀ ଜିଲା ମୋର୍ଚ୍ଚା ସଭାପତି ଅନିଲ କୁମାର ସେଠ, ରାଜ୍ୟ ସମ୍ପାଦକ ମଧୁସ୍ମିତା ବଳିୟାରସିଂହ, କାର୍ଯ୍ୟକ୍ରମ ସଂଯୋଜକ ବିଜୟ କେତନ ଦାସ, ଭାଜପା ପୁରୀ ଜିଲା କାର୍ଯ୍ୟକାରିଣୀ ଶ୍ୱେତ କୁମାର ନାୟକ, ଡେଲାଙ୍ଗ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଲକ୍ଷ୍ମୀଧର ରାୟ, ଘୋରଡ଼ିଆ ମଣ୍ଡଳ ସଭାପତି ବାସୁଦେବ ବେହେରା, ବେରବୋଇ ମଣ୍ଡଳ ସଭାପତି ଅଭୟ ମଲ୍ଲିକ, ଭାଲୁ ବେହେରା, ଜୟକୃଷ୍ଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୁସ୍ଥ ସମାଜ ଓ ସମାନତାର ସମାଜ ଗଠନ ପାଇଁ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ମାର୍ଗଦର୍ଶନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଳିଷ୍ଠ ନେତୃତ୍ୱରେ ସନ୍ଥ ରବି ଦାସଙ୍କ କଳ୍ପିତ ସାମାଜିକ ସମାନତା ପ୍ରତିଷ୍ଠା ହୋଇପାରିବ ବୋଲି ବକ୍ତାମାନେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ କବି ବୀରେନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଘାଟିକିଆ ବଜରଙ୍ଗୀ ଫୁଟ୍‌ବଲ କ୍ଲବ୍ ସେମିରେ

ନିମାପଡ଼ା,୬।୨(ଚିତ୍ତରଞ୍ଜନ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତାର ପଞ୍ଚମ ଦିବସରେ ଗୁରୁବାର ରାଉରକେଲା ସ୍ପିରିଟ୍ ଫୁଟ୍‌ବଲ କ୍ଲବ୍‌କୁ ୪-୩ଗୋଲରେ ପରାସ୍ତକରି ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ ଫୁଟ୍‌ବଲ କ୍ଲବ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଅମୀମାଂସିତ ଭାବେ ଶେଷହୋଇଥିବାବେଳେ ଟ୍ରାଇବେକର ତଥା ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ ଦଳ ୪-୩ଗୋଲରେ ଜିତିଥିଲା। ରେଫରି ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ଏସ୍.କେ. ଆଲାମ, ବିବେଶ ନାୟକ, ସମର କୁମାର ବରାଳ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ବଜରଙ୍ଗୀ ଦଳର ଅନିଲ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବ୍ରଜମୋହନ ବରାଳ, ଡ. ନେତ୍ରାନନ୍ଦ ଭୋଇ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ରଞ୍ଜନ ସେନାପତି, ବିଶ୍ୱଜିତ କାନୁନଗୋ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆଥ୍‌ଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଧୀରେନ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଫୁଟ୍‌ବଲ ସମ୍ପାଦକ ପ୍ରକାଶ ବରାଳ, ସ୍ପୋର୍ଟ୍ସ ମ୍ୟାନେଜର ବିଶ୍ୱଜିତ ମଲ୍ଲିକ, ଅକ୍ଷୟ ପାତ୍ର, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କେରଙ୍ଗ ଏକାଦଶ ଖୋର୍ଦ୍ଧା ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ ଦଳକୁ ଭେଟିବ।


## ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ: ... ମାଙ୍କଡ଼ାପାଟପୁର(MLT)-ପୁରୀ ... MSDAC ... ବ୍ରି-ଦିଶାତ୍ମକ(Bi-Directional) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 8,83,773.56, EMD (₹): 17,700.00

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ: ... (KDJR) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300.00

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 25.02.2026 ଦିନ 1500 ଘଣ୍ଟାରେ ...

... www.ireps.gov.in ...

PR-1092/O/25-26 ... ଖୋର୍ଦ୍ଧା ରୋଡ

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2026-T-269

କାର୍ଯ୍ୟର ନାମ: ... (MEA) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ରାଶି (₹): 12,100.00 ...

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା.24.02.2026 ଦିନ 1530 ଘଣ୍ଟାରେ ...

... www.ireps.gov.in ... IREPS ...

PR-1090/O/25-26 ... ସମ୍ବଲପୁର


## ଜ୍ୟୋତିବ୍ରହ୍ମ ଆଡ୍‌ଭାନ୍ସିଂ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

କାକଟପୁର/ଅସ୍ତରଙ୍ଗ, ୬।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦାକ୍ଷିତ)

କାକଟପୁର ବ୍ଲକ ପାଟସୁନ୍ଦରପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜ୍ୟୋତିବ୍ରହ୍ମ ଆଡ୍‌ଭାନ୍ସିଂ କ୍ଲବ ପକ୍ଷରୁ ବାବା ସୁରେଶ୍ୱରଙ୍କ ମହୋତ୍ସବ ନବମ ବାର୍ଷିକ ମହୋତ୍ସବ ଅବସରରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅତିଥି ଭାବେ କାର୍ତ୍ତିକ ସ୍ୱାଇଁ, କ୍ଲବ ସଭାପତି ସନ୍ତୋଷ ମହାନ୍ତି, ସୁବାସ ସ୍ୱାଇଁ, ସୁବାସ ମହାନ୍ତି, ସୁଶାନ୍ତ ମହାନ୍ତି ଏବଂ ରଞ୍ଜନ ସ୍ୱାଇଁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ହେଉଛି ଜୀବନ ଦାନ। ତେଣୁ ରକ୍ତ ଅଭାବରୁ କାହାରିକୁ ମୃତ୍ୟୁବରଣ କରିବାକୁ ଦେବାନାହିଁ ବୋଲି ଅତିଥିମାନେ କହିଥିଲେ। ଏହି ଶିବିରରେ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ଲବ ସଦସ୍ୟ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# କୋଣାର୍କ-ଗୋପ ଉନ୍ନୟନ ଟ୍ରଷ୍ଟର ସାଂଗଠନିକ ବୈଠକ

କୋଣାର୍କ,୬।୨(ଜ୍ୟୋତିରାଜ ମହାନ୍ତି)




କୋଣାର୍କ – ଗୋପ ଉନ୍ନୟନ ଟ୍ରଷ୍ଟର ସାଂଗଠନିକ ବୈଠକରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

ଚନ୍ଦ୍ରଭାଗାସ୍ଥିତ ସତ୍ୟବଗିଚାରେ କୋଣାର୍କ – ଗୋପ ଉନ୍ନୟନ ଟ୍ରଷ୍ଟର ସାଂଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସଭାପତି ଭାସ୍କର ଚନ୍ଦ୍ର ସେଠ ଅଧ୍ୟକ୍ଷତା କରିଥିଲେ। କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ଶ୍ରୀମତୀ ସଂଯୁକ୍ତା ତ୍ରିପାଠୀ, ମିଲ୍କ ମନ୍ତ୍ର ସାଧାରଣ ସମ୍ପାଦକ ରବିନ୍ଦ୍ର ମହାରଣା, ପୂର୍ବତନ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ବେହେରା ଏବଂ କୃଷକ ଓ ଶ୍ରମିକ ନେତା ମନୋରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କୋଣାର୍କର ଜମିଜମା ସମସ୍ୟାର ସମାଧାନ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା, ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରି ଥଇଥାନ କରିବା, କୋଣାର୍କକୁ ବ୍ଲକ ଓ ତହସିଲ ମାନ୍ୟତା ପ୍ରଦାନ, କୋଣାର୍କ-ଗୋପ ନିର୍ବାଚନମଣ୍ଡଳୀ ଗଠନ ସମେତ କୋଣାର୍କ ଓ ଗୋପର ସାମଗ୍ରିକ ବିକାଶ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ କୋଣାର୍କ ଓ ଗୋପ ଅଞ୍ଚଳରେ ଉଲ୍ଲେଖନୀୟ ଅବଦାନ ପାଇଁ ଖରଦବାତା ଓ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଣାର୍କ-ଗୋପ ଉନ୍ନୟନ ଟ୍ରଷ୍ଟର ସଦସ୍ୟ ସଦସ୍ୟା, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ। ଚିତ୍ତରଞ୍ଜନ ଜେନା, ଶିଶିରକାନ୍ତ ବିଶ୍ୱାଳ, ବିନାୟକ ସ୍ୱାଇଁ, ଶିବ ପ୍ରସାଦ ପରିଡ଼ା, ବିଜୟ କୁମାର ପାଢ଼ୀ, ବିଷ୍ଣୁଚରଣ ବେହେରା, ଜିତେନ୍ଦ୍ର କୁମାର ସାହୁ, କାମଦେବ ବିଶ୍ୱାଳ, ସବିତା ରଥ, ସୌଦାମିନୀ ସେଠ ଓ କଳ୍ପନା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଶୁକ୍ରବାର ଉଦ୍‌ଘାଟିତ ୨୨ତମ ଧଉଳି କଳିଙ୍ଗ ମହୋତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ଓ ଫୁଲୁରିଆ ଛଉ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶୀ, ଫୁଲୁରିଆ ଛଉନୃତ୍ୟରେ ଦର୍ଶକ ଅଭିଭୂତ

**୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ**

**୪ଜଣଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ**

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)



ମହୋତ୍ସବର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୨୨ତମ ଧଉଳି କଳିଙ୍ଗ ମହୋତ୍ସବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ୍ ପକ୍ଷରୁ ଆୟୋଜିତ ଏହି ଐତିହ୍ୟ ମହୋତ୍ସବକୁ ମୁଖ୍ୟ ଅତିଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, କଳିଙ୍ଗ ହସ୍ପିଟଲର ଅଧ୍ୟକ୍ଷ ସୀତାକାନ୍ତ ଦାସ, କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ ଏବଂ ଏକାଡେମୀ ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ନୃତ୍ୟାଙ୍ଗନା ସିକତା ଦାସ, ସାଂସ୍କୃତିକ ପୁନରୁଦ୍ଧାରବାଦୀ ମନ୍ମଥ କୁମାର ଶତପଥୀ, କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତ ଏବଂ ନୃତ୍ୟ ଗବେଷକ ଡ. ଚିତ୍ତରଞ୍ଜନ ମଲ୍ଲିଆଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ କୋଲକାତା ମୟୂର ଲଳିତ ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଦେବମିତ୍ରା ସେନଗୁପ୍ତଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକାରେ ପରିବେଷିତ ହୋଇଥିଲା 'ସ୍ନେହମୟୀ ଗଙ୍ଗା'। ଏହାର ସଙ୍ଗୀତ ସଂଯୋଜନା ଗୁରୁ ସୁକାନ୍ତ କୁଣ୍ଡୁ କରିଥିବାବେଳେ ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ସଂରଚନା ଗୁରୁ ଦେବମିତ୍ର ସେନଗୁପ୍ତଙ୍କ ଦ୍ୱାରା କରାଯାଇଥିଲା। ସେହିପରି ସୁଶାନ୍ତ ମହାତୋ ଓ କାଳିପଦା ଛଉନୃତ୍ୟ ସମିତିଙ୍କ ଦ୍ୱାରା ପୁରୁଲିଆ ଛଉନୃତ୍ୟ ପରିବେଷଣ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା ମହିଷାସୁର ବଧ, ଯେଉଁଥିରେ ଦେବୀ ଦୁର୍ଗା ଓ ରାକ୍ଷସ ରାଜା ମହିଷାସୁରଙ୍କ ମଧ୍ୟରେ ପୌରାଣିକ ଯୁଦ୍ଧକୁ ବର୍ଣ୍ଣନା କରାଯାଇଥିଲା। ବରପ୍ରାପ୍ତି ଦ୍ୱାରା ଶକ୍ତିଶାଳୀ ହୋଇଥିବା ରାକ୍ଷସ ସ୍ୱର୍ଗ ଏବଂ ପୃଥିବୀରେ ଆତଙ୍କ ବିସ୍ତାର କରିଥିଲା। ମହାଜାଗତିକ ସନ୍ତୁଳନ ପୁନଃ ସ୍ଥାପିତ କରିବା ପାଇଁ ଦେବୀ ଦୁର୍ଗା ତାଙ୍କ ସାମ୍ନା କରିବାକୁ ଦିବ୍ୟଶକ୍ତି ସହିତ ଆବିର୍ଭୂତା ହୋଇଥିଲେ। ଏହାକୁ ପୁରୁଲିଆ ଛଉ ପରମ୍ପରାରେ ଶିଳ୍ପୀମାନେ ନିଆରା ଢଙ୍ଗରେ ଉପସ୍ଥାପନ କରିବା ସହିତ ପ୍ରଦର୍ଶନରେ ଶକ୍ତିଶାଳୀ ଗତିବିଧି, ଡେଇଁବା ଏବଂ ନାଟକୀୟ ମୁଖାଧାରୀ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏହି ନୃତ୍ୟ-ନାଟିକାଟି ମହିଷାସୁର ବଧ ସହିତ ଶେଷ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ ଓ ଡ. ନାଜିଆ ଆଲାମ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ହର୍ଷିତ୍



@ ଆର. ଶୁଭମ୍



@ ଅଦ୍ୱୈତ



@ ସରସ୍ୱତୀ



@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍‌ଏଲ୍‌ୟୁରେ ଏମ୍‌ବିଏ ହେଲ୍‌ଥକେୟାର ମ୍ୟାନେଜମେଣ୍ଟ ଆଣ୍ଡ୍ ଲ' ପାଠ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟ ଅତିଥିମାନେ ପାଠ୍ୟକ୍ରମ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି। (ବିକାଶ ନାୟକ)

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

**ସ୍ୱାସ୍ଥ୍ୟସେବାକୁ ମୌଳିକ ସାର୍ବଜନୀନ କର୍ତ୍ତବ୍ୟ ଭାବେ ଦେଖିବା ଆବଶ୍ୟକ: ଉପମୁଖ୍ୟମନ୍ତ୍ରୀ**

ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡ଼ିଶା (ଏନ୍‌ଏଲ୍‌ୟୁ) ପକ୍ଷରୁ ନୂତନ ଭାବେ ଏମ୍‌ବିଏ ହେଲ୍‌ଥକେୟାର୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଲ' ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଏହି ନୂତନ ପାଠ୍ୟକ୍ରମର ଶୁଭାରମ୍ଭ କରିବା ସହ 'ହେଲ୍‌ଥ, ହସ୍ପିଟାଲ ଆଣ୍ଡ୍ ଲ' ଉପରେ ଆୟୋଜିତ ଆଲୋଚନାଚକ୍ରର ଉଦ୍‌ଘାଟନ କରିଥିଲେ। ଏନ୍‌ଏଲ୍‌ୟୁ କୁଳପତି ପ୍ରଫେସର ୱେଦ କୁମାରୀ, ବରିଷ୍ଠ ଅଧ୍ୟାପକ, ସ୍ୱାସ୍ଥ୍ୟକର୍ମୀ ଓ ନୀତିନିର୍ଦ୍ଧାରକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ସ୍ୱାସ୍ଥ୍ୟସେବାକୁ ଏକ ମୌଳିକ ସାର୍ବଜନୀନ କର୍ତ୍ତବ୍ୟ ଭାବେ ଦେଖିବା ଆବଶ୍ୟକ। ଓଡ଼ିଶା ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଲଗାତର ବିନିଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଆୟୁଷ୍ମାନ ଭାରତ ପିଏମ୍‌ଜେଏୱାଇ ସହ ସମ୍ମେଳନ, ହସ୍ପିଟାଲ ଢାଞ୍ଚାର ସୁଧାର ଏବଂ ପ୍ରାଥମିକ ଓ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟସେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ୱେଦ କୁମାରୀ କହିଲେ, ଏହି ପାଠ୍ୟ କାର୍ଯ୍ୟକ୍ରମ ଆଇନ ଶିକ୍ଷା ସହିତ ସ୍ୱାସ୍ଥ୍ୟ ପରିଚାଳନାକୁ ସମନ୍ୱୟ କରି ଅନୁଶାସନ ଅନ୍ତର୍ଗତ ଶିକ୍ଷାକୁ ଶକ୍ତିଶାଳୀ କରିବାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ କ୍ଷେତ୍ରରେ ନେତୃତ୍ୱ ଦେବାକୁ ସକ୍ଷମ ମାନବ ସମ୍ପଦ ତିଆରି କରିବା, ଯେଉଁମାନେ ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ଓ କୁଶଳତା ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ପ୍ରଫେସର ଡ. ଆର୍ଯ୍ୟାଲୋପା ମିଶ୍ର କହିଲେ, ଏହି ପାଠ୍ୟକ୍ରମ ରଣନୀତିମୂଳକ ପରିଚାଳନା, ସ୍ୱାସ୍ଥ୍ୟ ଆଇନ, ଶାସନ, ନୀତିଶାସ୍ତ୍ର ଓ ପ୍ରାୟୋଗିକ କ୍ଷେତ୍ର ଅଭିଜ୍ଞତାକୁ ସମନ୍ୱୟ କରି ବହୁ ଦକ୍ଷତାସମ୍ପନ୍ନ ବୃତ୍ତିଜୀବୀ ତିଆରି କରିବାକୁ ଲକ୍ଷ୍ୟ ରଖିଛି।

## 'ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ଜରିଆରେ ବ୍ୟବହୃତ ଗାଡ଼ି କିଣାବିକା କରନ୍ତୁ'

କଟକ,୬।୨(କାର୍ତ୍ତିକ ସାହୁ)

**ମୋଟର ଯାନ କିଣାବିକା ବେଳେ ସତର୍କ ରହିବାକୁ ଏସ୍‌ଟିଏର ପରାମର୍ଶ**

ବ୍ୟବହୃତ (ପୁରୁଣା) ଯାନବାହନ କିଣାବିକା ଦିନକୁ ଦିନ ବୃଦ୍ଧି ପାଉଛି। ବଢୁଥିବା ଏହି ଚାହିଦା ଦୃଷ୍ଟିରୁ କ୍ରେତା ଓ ବିକ୍ରେତାଙ୍କ ସୁବିଧା ଦୃଷ୍ଟିରୁ ରାଜ୍ୟ ପରିବହନପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେଉଁ ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣାବିକା କରିବା ମୋଟର ଯାନ ଆଇନ ଅନୁଯାୟୀ ବେଆଇନ। ଗାଡ଼ି ବିକ୍ରୟ ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମଡ୍ ଓନରଶିପ ହେବା ଆବଶ୍ୟକ। ଏହା ଗାଡ଼ି ବିକ୍ରୟ ଅବଧିରେ ଘଟୁଥିବା କୌଣସି ଅଘଟଣ ପାଇଁ ମୂଳ ଗାଡ଼ି ବିକ୍ରେତାଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ଠକେଇ ସମ୍ବନ୍ଧୀୟ କୌଣସି ଅଭିଯୋଗ ଆସିଲେ ତଦନ୍ତ ପ୍ରକ୍ରିୟାରେ ସହାୟକ ହୁଏ। ସେହିପରି ବ୍ୟବହୃତ ଗାଡ଼ି କିଣିବା ବେଳେ ସମ୍ପୃକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ କି ନୁହେଁ, ନିଶ୍ଚୟ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ପରିବହନ ବିଭାଗର ପୋର୍ଟାଲରେ ପ୍ରତ୍ୟେକ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ତାଲିକା ଉପଲବ୍ଧ ରହିଛି। ଏହାସହ ପୁରୁଣା ଗାଡ଼ିର ମାଲିକାନା ହସ୍ତାନ୍ତର, ନୂଆ ଗାଡ଼ି ପଞ୍ଜୀକରଣ, ପୁନଃପଞ୍ଜୀକରଣ ସହିତ ସମସ୍ତ ପରିବହନ ସେବା ପାଇଁ କେବେ ବି କୌଣସି ଦଲାଲ କିମ୍ବା ଏଜେଣ୍ଟଙ୍କୁ ବେଆଇନ ଭାବେ ଟଙ୍କା ଦିଅନ୍ତୁ ନାହିଁ। କୌଣସି ପ୍ରକାର ଠକାମିର ଶିକାର ହେଲେ, ପୋଲିସ କିମ୍ବା ଆର୍‌ଟିଓଙ୍କ ନିକଟରେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଛି। ଯାନବାହନ କିଣାବିକା କାର୍ଯ୍ୟରେ ନିଯୁକ୍ତ ଡିଲରମାନଙ୍କୁ ମଧ୍ୟ ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବାକୁ ସତର୍କତା ଜାରି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, କୌଣସି ଡିଲର ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି।

# ୫ ଜିଲାର ୭.୪ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ

ଭୁବନେଶ୍ୱର, ୬।୨(ବନ୍ଦନା ସେଠୀ)

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଆସନ୍ତା ୧୦ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ମୋଟ ୭ଲକ୍ଷ ୪୦ ହଜାର ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ବଲାଙ୍ଗୀର, ବରଗଡ, ଢେଙ୍କାନାଳ, ଯାଜପୁର ଓ ଗଞ୍ଜାମ ଜିଲାରେ ୧୯ ତାରିଖ ପର୍ଯ୍ୟନ୍ତ ଏହି ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲ୍‌ବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧକୁ ଖାଇବାକୁ ବାରଣ କରାଯାଇଛି। କାର୍ଯ୍ୟକ୍ରମରେ ୨୨୦୦ଜଣ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୨୧୦ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ଶୁକ୍ରବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଡ୍ରଗ ଆଡ୍‌ମିନିଷ୍ଟ୍ରେଟରମାନେ ପ୍ରତ୍ୟେକ ଘରକୁ ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଏଥିରେ ସହଯୋଗ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ, ଶିଳ୍ପ, ଇସ୍ପାତ ଓ ଖଣି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ନଗର ଉନ୍ନୟନ ଆଦି ବିଭାଗକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି। ସମ୍ମିଳନୀରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଜିତେନ୍ଦ୍ର ମୋହନ ବେବର୍ତ୍ତା , ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁସ୍, ଜନସାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. କିରଣ କୁମାର ରଥ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଶକ୍ତି ପ୍ରକାଶ ମିଶ୍ର, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମାଲକର ପ୍ରମୁଖ ଉପସ୍ଥିତ ଥିଲେ।

# 'ସ୍ୱପ୍ନ ସାକାର ପାଇଁ ଧୈର୍ଯ୍ୟର ସହ ପ୍ରୟାସ ଆବଶ୍ୟକ'

**ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ**

- ମିଳନ ଦାଶଙ୍କୁ ସ୍ୱର୍ଣ୍ଣ ପଦକ, ଗାୟତ୍ରୀ ବରାଳ ଓ ସ୍ୱାତୀ ସୁମନ ମହାପାତ୍ରଙ୍କୁ ବିଶେଷ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୬।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଅତିଥିଙ୍କ ଗହଣରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ ଏବଂ ବାର୍ଷିକ ଉତ୍ସବ ପୃଥକ ଭାବେ ଦୁଇଟି ପର୍ଯ୍ୟାୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଡିଗ୍ରୀ କେବଳ ଜୀବିକା ପାଇଁ ନୁହେଁ ବରଂ ଭଲ ମଣିଷ ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବାକୁ ଉଦ୍ଦିଷ୍ଟ ବୋଲି କହିଥିଲେ। ସମାବର୍ତ୍ତନ ସମାରୋହ ଓ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯଥାକ୍ରମେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇ ସ୍ୱପ୍ନ ଦେଖିବା ଓ ତାହାକୁ ସଫଳତାର ସହ ହାସଲ କରିବା ପାଇଁ ଧୈର୍ଯ୍ୟ ସହ ପ୍ରୟାସ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବେଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର କାନୁନଗୋ, ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ମଞ୍ଚାସୀନ ଥିବାବେଳେ ବିଶ୍ୱବିଦ୍ୟାଳୟର ବିଓଏସ୍ ସଦସ୍ୟ ଡ. ସଞ୍ଜୟ ବାଗ୍ ଏବଂ ପ୍ରଫେସର ମନମୋହନ ମିଶ୍ର ଉପସ୍ଥିତ ଥିଲେ। ସମାବର୍ତ୍ତନ ଉତ୍ସବରେ ୨୦୨୩-୨୫ ଶିକ୍ଷାବର୍ଷରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାହିତ୍ୟ ବିଭାଗର ଛାତ୍ର ମିଳନ କୁମାର ଦାଶ ବିଶ୍ୱବିଦ୍ୟାଳୟର ତିନୋଟି ଯାକ ବିଭାଗରେ ପ୍ରଥମ ହୋଇଥିବାରୁ ତାଙ୍କୁ ସ୍ୱର୍ଣ୍ଣ ପଦକ, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗର ଛାତ୍ରୀ ଗାୟତ୍ରୀ ବରାଳ, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗର ଛାତ୍ରୀ ସ୍ୱାତୀ ସୁମନ ମହାପାତ୍ର ନିଜ ବିଭାଗରେ ପ୍ରଥମ ହୋଇଥିବାରୁ ଉଭୟଙ୍କୁ ବିଶେଷ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଅନ୍ୟ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କୁଳସଚିବ ରଶ୍ମିରେଖା ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଉତ୍କଳମଣି ଗୋପବନ୍ଧୁଙ୍କ ସେବା, ତ୍ୟାଗ ଓ ଆଦର୍ଶରେ ଉଦବୁଦ୍ଧ ହୋଇ ଛାତ୍ରୀଛାତ୍ରମାନେ ଓଡ଼ିଆ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଗ୍ରସର ହେଲେ ହିଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇପାରିବ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସମେତ ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ କ୍ରୀଡ଼ା ଓ ସଂସ୍କୃତି ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ସଂଯୋଜକ ଡ. ରାଧାଗୋବିନ୍ଦ କୁଇଲା ଓ ସଂସ୍କୃତି ଅଧିକାରିଣୀ ଡ. ଲିପିକା ନାୟକ ବିବରଣୀ ପ୍ରଦାନ କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଟ୍ରେଡ୍ ନୁହେଁ, ଟ୍ରାପ୍ ଡିଲ୍: କଂଗ୍ରେସ

## ପାର୍ଲାମେଣ୍ଟ ପରିସରରେ ବିରୋଧୀ ଏମ୍‌ପିଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୬।୨(ପି.ଟି.)

ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା, ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକର ବିବାଦୀୟ ପ୍ରସଙ୍ଗ ଏବଂ ବିରୋଧୀ ଦଳର ୮ ଏମ୍‌ପିଙ୍କ ନିଲମ୍ବନକୁ ବିରୋଧ କରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ଜୋର୍‌ଦାର ବିକ୍ଷୋଭ କରିଛନ୍ତି। ଲୋକ ସଭାକୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯିବା ପରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟର ମକର ଦ୍ୱାର ନିକଟରେ ଏକାଠି ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଏକଛତ୍ରବାଦ ଆଉ ଚଳିବ ନାହିଁ, ଗଣତନ୍ତ୍ରର ହତ୍ୟାକୁ ବନ୍ଦକର ଆଦି ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ନିଲମ୍ବିତ




ଏମ୍‌ପିଙ୍କ ସମେତ ଅନେକ ବିରୋଧୀ ଦଳ ସଦସ୍ୟ ସାମିଲ ହୋଇଥିଲେ। ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ସେମାନେ ବ୍ୟାନରରେ 'ଟ୍ରାପ୍ ଡିଲ୍' ଲେଖିଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ସେନାମୁଖ୍ୟ ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକରେ ଉଲ୍ଲେଖ ଥିବା ୨୦୨୦ର ଭାରତ-ଚାଇନା ସଂଘର୍ଷ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉତ୍ତରଦାୟୀ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଫଳତା ପ୍ରସଙ୍ଗକୁ ନେଇ ଲଢ଼େଇ ଜାରି ରହିବ ବୋଲି ଲୋକ ସଭାରେ କଂଗ୍ରେସର ମୁଖ୍ୟ ହ୍ୱିପ୍ ତଥା ନିଲମ୍ବିତ ଏମ୍‌ପି ମନିକମ୍ ଟାଗୋର କହିଥିଲେ। ଅନ୍ୟ ଦେଶର ଚାପରେ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଁଇଛନ୍ତି ଓ ପାର୍ଲାମେଣ୍ଟକୁ ଆସିବା ପାଇଁ ଭୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା ଏବଂ ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ସୋମବାରଠାରୁ କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହରେ ଅଚଳାବସ୍ଥା ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ଗୁରୁବାର ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା।

## ଆମେରିକାର 'ବେଆଇନ ବିଦେଶୀ' ତାଲିକାରେ ୮୯ ଭାରତୀୟ

ନୂଆଦିଲ୍ଲୀ,୬।୨

ବେଆଇନ ବିଦେଶୀ ଅପରାଧୀଙ୍କ ତାଲିକା ଶେୟାର କରିବା ପାଇଁ ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ପକ୍ଷରୁ 'ଆରେଷ୍ଟେଡ୍: ଓ୍ୱର୍ଷ୍ଟ ଅଫ୍ ଓ୍ୱର୍ଷ୍ଟ' ନାମରେ ଏକ ପବ୍ଲିକ୍ ଡାଟାବେସ୍ ଆରମ୍ଭ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଆପ୍ରବାସନ ପ୍ରବର୍ତ୍ତନ ଅଭିଯାନରେ ଗିରଫ ହୋଇ ଦୋଷୀସାବ୍ୟସ୍ତ ହୋଇଥିବା ଅପରାଧୀମାନଙ୍କ ନାମ ଉକ୍ତ ତାଲିକାରେ ରହିଛି। ଆପ୍ରବାସନ ଏବଂ ସୀମାଶୁଳ୍କ ପ୍ରବର୍ତ୍ତନ (ଆଇସିଇ) ପକ୍ଷରୁ ୨୦୨୫ରେ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନରେ ଏପର୍ଯ୍ୟନ୍ତ ୨୫,୦୦୦ ଆପ୍ରବାସୀ ଗିରଫ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୮୯ ଜଣ ଭାରତୀୟ ରହିଛନ୍ତି। ଏହି ଡାଟାବେସ୍‌ରୁ ଆମେରିକୀୟମାନେ ଗିରଫ ହୋଇଥିବା ବିଦେଶୀ ଅପରାଧୀ, ସେମାନଙ୍କ ଅପରାଧ ଏବଂ ସମ୍ପ୍ରଦାୟ ସମ୍ପର୍କରେ ଜାଣିପାରିବେ। ତାଲିକାରେ ଥିବା ୮୯ ଭାରତୀୟଙ୍କ ମଧ୍ୟରୁ ଅନ୍ୟୂନ ୨୨ ଜଣ ଟିକସ ଫାଙ୍କି, ଚୋରି, ଆର୍ଥିକ ଜାଲିଆତି ଆଦି ଅପରାଧରେ ସମ୍ପୃକ୍ତ ଥିବାବେଳେ ୨୧ ଜଣ ଆକ୍ରମଣ, ଡକାୟତି ଆଦି ହିଂସାତ୍ମକ ଅପରାଧରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୧୭ ଜଣ ଯୌନ ଅପରାଧରେ ଦୋଷୀ ହୋଇଥିବାବେଳେ ହିଟ୍ ଆଣ୍ଡ ରନ୍ ଘଟଣାରେ ଜଣେ ନରହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି।

## 'ଘୁସ୍‌ଖୋର ପଣ୍ଡିତ'କୁ ନେଇ ବିବାଦ

**ନିର୍ଦ୍ଦେଶକଙ୍କ ବିରୋଧରେ ଏତଲା**
**ନେଟ୍‌ଫ୍ଲିକ୍ସ ଟ୍ରେଲର ହଟିଲା**

ନୂଆଦିଲ୍ଲୀ,୬।୨

ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବାକୁ ଥିବା ମନୋଜ ବାଜପେୟୀଙ୍କ ଅଭିନୀତ ଚଳଚ୍ଚିତ୍ର 'ଘୁସ୍‌ଖୋର ପଣ୍ଡିତ'କୁ ନେଇ ଉତ୍ତରପ୍ରଦେଶରେ ରାଜନୈତିକ ବିବାଦ ଦେଖାଦେଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ନୀରଜ ପାଣ୍ଡେଙ୍କ ବିରୋଧରେ ଏତଲା ଦାଏର କରିବା ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ଚଳଚ୍ଚିତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରୁ ଏହାର ଟ୍ରେଲର ହଟାଇବାକୁ ନେଟ୍‌ଫ୍ଲିକ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳଚ୍ଚିତ୍ର ନାମକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହା ତୁରନ୍ତ ରାଜନୈତିକ ବିବାଦରେ ପରିଣତ ହୋଇଛି। ନିର୍ଦ୍ଦେଶକ ନିଜେ ବ୍ରାହ୍ମଣ ହୋଇଥିବାବେଳେ ଚଳଚ୍ଚିତ୍ରରେ ବ୍ରାହ୍ମଣ ଜାତିକୁ ଟାର୍ଗେଟ କରାଯାଇଥିବା ଅଭିଯୋଗ ହୋଇଛି। ସାମାଜିକ ବିବାଦ ବଢ଼ାଇବା ଉଦ୍ୟମ ଅଭିଯୋଗରେ ଘୁସ୍‌ଖୋର ପଣ୍ଡତର ନିର୍ଦ୍ଦେଶକ ନୀରଜଙ୍କ ନାମରେ ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ଏତଲା ଦାଏର ହୋଇଛି।


ମନୋଜ ବାଜପେୟୀ

## ଏନ୍‌କାଉଣ୍ଟରରେ ୭ ମାଓବାଦୀ ନିହତ

ଗଡ଼ଚିରୋଲି,୬।୨

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ମାଓବାଦୀ ନେତା ପ୍ରଭାକରଙ୍କ ସମେତ ୭ ମାଓବାଦୀ ନିହତ ହୋଇଛନ୍ତି। ଗୁଳିବିନିମୟ ବେଳେ ଆହତ ଜଣେ ପୋଲିସ ପ୍ରାଣ ହରାଇଛନ୍ତି। ଗଡ଼ଚିରୋଲିରେ ୩ ଦିନ ହେଲା ମାଓବାଦୀ ନିରୋଧୀ ଅଭିଯାନ ଜାରି ରହିଥିଲା। ପ୍ରଭାକର ଓରଫ ଲୋକେଟି ଚନ୍ଦର ମାଓବାଦୀ ଗଡ଼ଚିରୋଲି ଡିଭିଜନ କମିଟିର ପ୍ରଭାରୀ ଥିଲେ। ତାଙ୍କୁ ଧରାଇଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା।

## 'ରାଇଟ୍ ଟୁ ଫରଗଟନ୍': ବିଚାର କରିବେ ସୁପ୍ରିମକୋର୍ଟ

**ଦୋଷମୁକ୍ତ ହେବା ପରେ ଖବର ପ୍ରକାଶନକୁ ନେଇ ପ୍ରଶ୍ନ**

ନୂଆଦିଲ୍ଲୀ,୬।୨

ସମ୍ବିଧାନର ଧାରା ୨୧ ଅନୁସାରେ 'ରାଇଟ୍ ଟୁ ଫର୍ଗଟନ୍' ଅଧିକାର ଉପରେ ବିଚାର କରିବାକୁ ସୁପ୍ରିମକୋର୍ଟ ସହମତ ହୋଇଛନ୍ତି। ଯଦି କୌଣସି ବ୍ୟକ୍ତି କିଛି ଆପରାଧିକ ଘଟଣାରେ ଦୋଷମୁକ୍ତ ହୁଅନ୍ତି ତେବେ ତାଙ୍କ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ କିମ୍ବା ପ୍ରକାଶ ହେଉଥିବା ଖବରକୁ ବନ୍ଦ କରାଯାଇପାରିବ(ରାଇଟ୍ ଟୁ ଫର୍‌ଗଟନ୍)କି ନା ସେ ସମ୍ପର୍କରେ ବିଚାର କରାଯିବ ବୋଲି ଏ ସମ୍ପର୍କିତ ଏକ ମାମଲାର ଶୁଣାଣିକରି ଜଷ୍ଟିସ୍ ଭି.ବି. ନାଗରତ୍ନ ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜଣେ ବ୍ୟକ୍ତି ଦୋଷମୁକ୍ତ ହେବା ପରେ ଏକ ଦୈନିକ ଇଂରାଜୀ ଖବରକାଗଜର ଡିଜିଟାଲ୍ ପ୍ଲାଟ୍‌ଫର୍ମ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଖବର ପ୍ରକାଶନ କରିବା ବନ୍ଦ କରି ନଥିଲା। ଏହାକୁ ଚ୍ୟାଲେଞ୍ଜ କରି ବ୍ୟକ୍ତି ଜଣକ ଉକ୍ତ ଡିଜିଟାଲ୍ ପ୍ଲାଟଫର୍ମ ବିରୋଧରେ ମାନହାନି ମାମଲା ଦାଏର କରିବା ସହିତ ତୁରନ୍ତ ଖବର ପ୍ରକାଶନ ବନ୍ଦ କରିବାକୁ ତଳ କୋର୍ଟରେ ଆବେଦନ କରିଥିଲେ। ତଳ କୋର୍ଟ ସେହି ବ୍ୟକ୍ତିଙ୍କ ସପକ୍ଷରେ ରାୟ ଦେବା ପରେ ଏହାକୁ ଉକ୍ତ ସଂସ୍ଥା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ତଳ କୋର୍ଟଙ୍କ ରାୟକୁ କାଏମ ରଖିବା ସହିତ ଉକ୍ତ ମିଡିଆ ସଂସ୍ଥା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଖବର ପ୍ରକାଶନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା ଉକ୍ତ ମିଡିଆ ସଂସ୍ଥା। ତେବେ ସୁପ୍ରିମକୋର୍ଟ ଏହାର ବିଚାର ପାଇଁ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ସମ୍ବିଧାନର ଧାରା ୧୯ ଅନୁସାରେ ପ୍ରେସ୍ ସ୍ୱାଧୀନତା ଏବଂ ଧାରା ୨୧ ଅନୁସାରେ ବ୍ୟକ୍ତିଗତ ଗରିମା ଓ ଗୋପନୀୟତାକୁ ବିଚାରକରି ସମତୁଲତା ରକ୍ଷା କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି।

## ଅଢ଼େଇ ବର୍ଷର ଝିଅାରୀଙ୍କୁ ବଳାତ୍କାର କରି ଦାଦାଙ୍କ ଆତ୍ମହତ୍ୟା

ପିଲିଭିଟ୍(ୟୁପି),୬।୨

ଉତ୍ତରପ୍ରଦେଶର ପିଲିଭିଟ୍ ଜିଲାରେ ୨୫ ବର୍ଷର ଦାଦା ନିଜର ଅଢ଼େଇ ବର୍ଷର ଝିଅାରୀକୁ ବଳାତ୍କାର କରିବା ପରେ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ରାତି ପ୍ରାୟ ୮ଟା ବେଳେ ଘରେ କେହି ନ ଥିବାବେଳେ ଯୁବକ ରାଜେନ୍ଦ୍ର ଓରଫ ନାନୁ ନିଜର ଅଢ଼େଇ ବର୍ଷର ଝିଅାରୀ ବାହାରେ ଖେଳୁଥିବା ଦେଖିଥିଲେ। ଏହାପରେ ସେ ତାକୁ ଡାକି ବଳାତ୍କାର କରିଥିଲେ। ପରେ ପରେ ସେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି।

**ରାଜ୍ୟ ଖବର**

## ଇଣ୍ଟରନେଟ୍ ସହ ଯୋଡ଼ିହେଲେ ଶିମିଳିପାଳବାସୀ


ମଞ୍ଚ ତଳକୁ ଆସି ରାଷ୍ଟ୍ରପତି ଜଣେ ଛାତ୍ରୀଙ୍କ ସହ ଭାବ ବିନିମୟ କରୁଛନ୍ତି।

ବାରିପଦା,୬।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳବାସୀ ନିରନ୍ତର ଇଣ୍ଟରନେଟ୍ ସେବା ସହ ଯୋଡ଼ି ହୋଇଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଜାତୀୟ ଉଦ୍ୟାନ ଗୁଡ୍ଡୁଗୁଡ଼ିଆଠାରେ ବିଏସ୍‌ଏନ୍‌ଏଲ୍‌ର ୪-ଜି ଟାୱାର ଲୋକାର୍ପଣ କରିବା ପରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିଛି। ଏଣିକି ଅଞ୍ଚଳରେ ପାଠପଢୁଥିବା ଛାତ୍ରୀଛାତ୍ରମାନେ ଇଣ୍ଟରନେଟ୍ ସେବାର ସୁବିଧା ନେଇ ଆଗକୁ ବଢ଼ିବେ ଓ ଶିକ୍ଷିତ ତଥା ଯୁବବର୍ଗଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଥିଲେ। ଗୁରୁବାର ରାଷ୍ଟ୍ରପତି ଶିମିଳିପାଳ ଜାତୀୟ ଉଦ୍ୟାନର ଗୁଡ୍ଡୁଗୁଡ଼ିଆଠାରେ ରାତ୍ରିଯାପନ କରିଥିଲେ। ଶିମିଳିପାଳରେ ରହଣି ଅବସରରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ.ଗଣେଶ ରାମସିଂ ଖୁଣ୍ଟିଆ ଏହି ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ପ୍ରଭୃତି ଜନଜାତିର ଲୋକମାନେ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଆଦିବାସୀଙ୍କ ଭୂମିକାକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିବା ସହ ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରୋଟୋକଲ ଭାଙ୍ଗି ମଞ୍ଚରୁ ତଳକୁ ଓହ୍ଲାଇ ଆସି ଆଦିବାସୀ ମହିଳା ଓ ଯୁବବର୍ଗଙ୍କ ସହ ଭାବ ବିନିମୟ କରିଥିଲେ।

## ଦେଶର ପୁନଃନିର୍ମାଣରେ ଶ୍ରମଶକ୍ତିର ଅବଦାନ ସର୍ବାଧିକ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ଦେଶର ପୁନଃନିର୍ମାଣରେ ଶ୍ରମଶକ୍ତି ଏବଂ ଯୁବଶକ୍ତିର ଅବଦାନ ସର୍ବାଧିକ। କେବଳ ଶ୍ରମଶକ୍ତି ଏବଂ ଯୁବଶକ୍ତି ମାଧ୍ୟମରେ ହିଁ ଦେଶକୁ ଏକ ବିକଶିତ ରାଷ୍ଟ୍ର କରିବାର ସ୍ୱପ୍ନ ସାକାର ହୋଇପାରିବ ବୋଲି କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ କହିଛନ୍ତି। ଭାରତୀୟ ମଜ୍‌ଦୁର ସଂଘର ୩ଦିନିଆ ୨୧ତମ ତ୍ରିବାର୍ଷିକ ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଡ. ମାଣ୍ଡବ୍ୟ କହିଛନ୍ତି, ଭାରତ ଏକ ଶକ୍ତିଶାଳୀ ଦେଶ ହୋଇଛି, କିନ୍ତୁ ଦୀର୍ଘ ସମୟ ପରାଧୀନତା ଯୋଗୁ ଏହାର ଚମକ ହ୍ରାସ ପାଇଛି। ଶ୍ରମିକ ଏବଂ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ବିଏମ୍‌ଏସ୍ କେନ୍ଦ୍ର ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି। ବିଏମ୍‌ଏସ୍ କେବଳ ଭାରତର ସର୍ବବୃହତ୍ ଶ୍ରମିକ ସଂଗଠନ ନୁହେଁ, ବରଂ ବିଶ୍ୱର ସର୍ବବୃହତ୍ ସଂଗଠନ ମଧ୍ୟରୁ ଗୋଟିଏ। ଉଦ୍‌ଘାଟନୀ ଅଧିବେଶନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ବି. ଭଗୈୟା, ଏଫ୍‌ଏନ୍‌ଆରପି, ଋଷର ସଭାପତି ସେର୍ଗେଇ ଚେର୍ନୋଗାଏଭ, ଆଇଏଲ୍‌ଓ ପ୍ରତିନିଧି ମିସିକୋ ମିୟାମୋଟୋ ଏବଂ ଭାରତୀୟ ମଜ୍‌ଦୁର ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ବି. ସୁରେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅଖିଳ ଭାରତୀୟ ସଭାପତି ହିରଣ୍ମୟ ପାଣ୍ଡ୍ୟା ଅଧ୍ୟକ୍ଷତା କରିଥିଲେ। ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ହିମାଟେ କାର୍ଯ୍ୟ ପରିଚାଳନା କରିଥିଲେ। ଦେଶର ୨୮ଟି ରାଜ୍ୟରୁ ପ୍ରାୟ ୨୫୦୦ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଉଛନ୍ତି। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ବିକାଶ ଦ୍ୱାରା ଶ୍ରମିକ କଲ୍ୟାଣ ହେବା ସହ ଦେଶର ଭବିଷ୍ୟତ ଅଭିବୃଦ୍ଧିକୁ ସଶକ୍ତ କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରି ଭାରତୀୟ ସଂସ୍କୃତିରେ ଶ୍ରମର ସର୍ବାଧିକ ମର୍ଯ୍ୟାଦା ରହିଛି। ଏବେ ରାଜ୍ୟରେ ଶିଳ୍ପକୁ ଯଥେଷ୍ଟ ପ୍ରୋତ୍ସାହନ ମିଳୁଛି। ଗତ ୨୦ ମାସ ମଧ୍ୟରେ ୨.୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇସାରିଛି। ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୨୦ଲକ୍ଷ କୋଟି ଟଙ୍କାର ବିନିଯୋଗ ଆଶା କରାଯାଉଛି। ଏହି ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଏକ ପ୍ରଶିକ୍ଷିତ ଏବଂ ଦକ୍ଷ କର୍ମଚାରୀ ଜରୁରୀ ହେବ। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ସଭାପତି ହିରଣ୍ମୟୀ ପାଣ୍ଡ୍ୟା, ଡେପୁଟି ଜେନେରାଲ୍ ସେକ୍ରେଟାରି ସୁରେନ୍ଦ୍ର କୁମାର ପାଣ୍ଡେ, ସାଧାରଣ ସମ୍ପାଦକ ରବୀନ୍ଦ୍ର ହିମେତେ, ଶ୍ରମ ବିଶେଷଜ୍ଞ ୟୁକି ଓଟସୁଜିଙ୍କ ସମେତ ବିଭିନ୍ନ ଦେଶର ଶ୍ରମିକ ସଂଘର ପ୍ରତିନିଧି ଯୋଗଦେଇଥିଲେ।



୨୧ତମ ଅଖିଳ ଭାରତୀୟ ସମ୍ମିଳନୀରେ ମଜ୍‌ଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

**୨୧ତମ ଅଖିଳ ଭାରତୀୟ ସମ୍ମିଳନୀ ଉଦ୍‌ଘାଟିତ**

**■ ଦେଶର ଭବିଷ୍ୟତ ଅଭିବୃଦ୍ଧିକୁ ସଶକ୍ତ କରିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ**

## ବର୍ଷିଆନ ରାଜନେତା କୃତ୍ତିବାସ ପାତ୍ରଙ୍କ ପରଲୋକ



ରାଜନଗର, ୬।୨
( ଭାସ୍କର ରାଉତରାୟ)

ବର୍ଷିଆନ ସଂଗ୍ରାମୀ ରାଜନେତା, ରାଜନଗରର କୃତ୍ତିବାସ ପାତ୍ର(୮୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପାତ୍ର ୧୯୮୫ରେ ରାଜନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷ ହୋଇଥିଲେ। ଏହାପରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ସାକ୍ଷାତ୍ ପରେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୫ରେ କଂଗ୍ରେସ ଟିକେଟରେ ଓ ୨୦୦୪ରେ ବିଜେଡି ଟିକେଟରେ ରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ୨୦୦୪ରୁ ୨୦୦୯ ଯାଏ ଫିଶ୍‌ଫେଡର ଅଧ୍ୟକ୍ଷ, ୨୦୦୯ରେ ଆଗ୍ରୋ ଏଣ୍ଡଷ୍ଟ୍ରି କର୍ପୋରେଶନର ଅଧ୍ୟକ୍ଷ, ୨୦୧୦ରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱରେ ଥିଲେ। ୨୦୧୮ରେ ଆପିକଲ ଅଧ୍ୟକ୍ଷ, ୨୦୨୧ରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ମୃତଦେହକୁ ଶଙ୍ଖ ଭବନକୁ ନିଆଯାଇଥିଲା। ସେଠାରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, କିଶୋର ଚନ୍ଦ୍ର ତରାଇ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତଦେହକୁ ଶଙ୍ଖଭବନରୁ କେନ୍ଦ୍ରାପଡ଼ା ଜିଲା ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ପରେ ପଟ୍ଟାମୁଣ୍ଡାଇ, ରାଜନଗର ପଞ୍ଚାୟତ ସମିତି ଓ ଶେଷରେ ଜନ୍ମମାଟି ମଧପଡା ଗାଁକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁଅ ଦେବାଶିଷ ଓ ଝିଅ, ଜ୍ୱାଇଁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ରାଜ୍ୟ ପ୍ରାକ୍ ବଜେଟ: ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଆଜି

**ଫୋକସରେ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ**

ଭୁବନେଶ୍ୱର, ୬।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ଲାଗି କରାଯାଇଥିବା ବଜେଟରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଆସନ୍ତା ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ବଜେଟର ସମୀକ୍ଷା ନେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଶନିବାର ଅପରାହ୍ନ ୩ଟାରେ ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମୀକ୍ଷା ବୈଠକରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଉଭୟ ବର୍ଷର ବଜେଟ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବେ। ସମୀକ୍ଷା ପ୍ରାୟ ୨ଘଣ୍ଟା ୧୦ ମିନିଟ ଧରି ଚାଲିବ। ୨୦୨୫-୨୬ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟର ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ଆଲୋଚନା ହେବ। ତେଣୁ ଏହି ବୈଠକରେ ଯୋଗଦେବା ପାଇଁ ଅର୍ଥବିଭାଗ ପ୍ରମୁଖ ସଚିବ ପତ୍ରଲେଖି ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୧୭ରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୦ରେ ରାଜ୍ୟ ବଜେଟ ଆସିବ। ଏଥିପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ଅର୍ଥ ବିଶାରଦମାନଙ୍କଠାରୁ ମତାମତ ଲୋଡ଼ିଛନ୍ତି। ବଜେଟର ବ୍ୟୟ ଅଟକଳ ୩ଲକ୍ଷ କୋଟି ଟଙ୍କାରୁ ବଢ଼ିବାକୁ ଲକ୍ଷ୍ୟ ରହିଛି। ୨୦୨୪-୨୫ ଆର୍ଥିକବର୍ଷରେ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ ଅଣାଯାଇଥିବା ବଜେଟ୍‌ରେ ପ୍ରଶାସନିକ ବ୍ୟୟ ବାବଦକୁ ୯୭ହଜାର ୭୨୫କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବାବଦକୁ ୧ଲକ୍ଷ ୫୫ହଜାର କୋଟି ଟଙ୍କା ରହିଥିଲା। ଏହାସହିତ ୩ହଜାର ୯୦୦କୋଟି ଟଙ୍କା ବିପର୍ଯ୍ୟୟ ପ୍ରଶମନ ପାଇଁ ରହିଥିବାବେଳେ ୮ହଜାର ୩୭୫କୋଟି ଅନ୍ୟାନ୍ୟ ବ୍ୟୟ ବାବଦକୁ ରହିଥିଲା। ସେହିପରି ୨୦୨୫-୨୬ ଆର୍ଥିକବର୍ଷ ଲାଗି ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୧ଲକ୍ଷ ୮ହଜାର କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧ଲକ୍ଷ ୭୦ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୪ହଜାର କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ଲାଗି ୮ହଜାର କୋଟି ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ରେ ରାଜ୍ୟର ବିକାଶକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହିତ ଚଳିତବର୍ଷ ୨୮ଟି ନୂତନ ଏନ୍‌ଏସି ଓ ୭ଟି ପୌରପାଳିକା ନିର୍ବାଚନ ସାଙ୍ଗକୁ ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ନିର୍ବାଚନ ହେବାକୁ ରହିଛି। ଏହି ଦୃଷ୍ଟିରୁ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ବିଭାଗକୁ ଅଧିକ ଗୁରୁତ୍ୱ ଦିଆଯାଇପାରେ।

## ସ୍କୁଲ ନିକଟ ମଦ ଦୋକାନ ଭାଙ୍ଗିଦେଲେ

ତିହିଡ଼ି,୬।୨(ସଞ୍ଜିତ ବଳ)

ସ୍କୁଲ ନିକଟରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ। ଏପରିକି ମଦ ଦୋକାନ ବନ୍ଦ କରିବାକୁ ପ୍ରଶାସନ ନିକଟରେ ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକେ ଗୁହାରି କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଲୋକଙ୍କ ପ୍ରତିବାଦ ଶେଷରେ ଉଗ୍ରରୂପ ଧାରଣ କରିଛି। ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ନିକଟରେ ଲୁଚାଛପା ଭାବେ ଖୋଲିଥିବା ବିଦେଶୀ ମଦ ଦୋକାନକୁ ଭାଙ୍ଗି ଦେଇଛନ୍ତି। ଦୋକାନ ଭିତରେ ଥିବା ବିଦେଶୀ ମଦ ସହ ଚେୟାର, ବେଞ୍ଚ ଓ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଛନ୍ତି। ଉକ୍ତ ହାଇସ୍କୁଲ ନିକଟରେ ୨୦୧୯ରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଉଦ୍ୟମ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ବିରୋଧରୁ ଏହା ବନ୍ଦ ରହିଥିଲା। ନିକଟରେ ଦୋକାନ ଖୋଲାଯିବାକୁ ପୁଣିଥରେ ଉଦ୍ୟମ କରାଯିବାରୁ ସ୍ଥାନୀୟ ଲୋକେ ଏବଂ ହାଇସ୍କୁଲର ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ଏହାକୁ ବିରୋଧ କରିଥିଲେ।


ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ନିକଟରେ ଖୋଲିଥିବା ମଦ ଦୋକାନ ଭାଙ୍ଗୁଛନ୍ତି ଉତ୍ତ୍ୟକ୍ତ ଲୋକେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓସାଫିର ୭ମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଓଡ଼ିଶାର ଅପହଞ୍ଚ ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ବିଭିନ୍ନ ଆର୍ଥିକ ସେବା ଯୋଗାଇ ରାଜ୍ୟର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ରଖିପାରିଛନ୍ତି। ଋଣସେବା ସହ ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ସାମାଜିକ ସୁରକ୍ଷା ଇତ୍ୟାଦି ସେବା ପ୍ରଦାନ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଓସାଫି ପକ୍ଷରୁ ଅନୁଷ୍ଠିତ ଏକ କର୍ମଶାଳାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରି ଏହି ବିଷୟ ଉଲ୍ଲେଖ କରିଥିଲେ। ସେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକର ଅବଦାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଓସାଫିର ସଭାପତ ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତାକରି କହିଥିଲେ, ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧିପାଇଁ ବିଭିନ୍ନ କ୍ଷୁଦ୍ରବ୍ୟବସାୟ, ଘରୋଇ ଉଦ୍ୟୋଗ, ଜଳପରିମଳ ଓ ଗୃହନିର୍ମାଣ ଭଳି କ୍ଷେତ୍ରରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ମୋଟ ୧୮ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନ ଏହି ସଂସ୍ଥାଗୁଡ଼ିକରେ ୧୫ହଜାରରୁ ଅଧିକ ଯୁବତୀଯୁବକ କର୍ମନିଯୁକ୍ତି ପାଇଛନ୍ତି। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ କହିଥିଲେ, ଓସାଫି ରାଜ୍ୟରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଡିବି, ନାବାର୍ଡ ଆଦି ସଂସ୍ଥା ସହ ମିଳିତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଚଳାଇ ଆସୁଛି। ଅନ୍ୟମାନଙ୍କ ମଧ୍ୟରେ ଆକ୍ୱିଅନର ସଭାପତି ମାଇକେଲ ସ୍କଲେନ, ମିଶନ ଶକ୍ତିରୁ ପଦ୍ମଲୋଚନ ରାଉତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କେ. ବାଲାଜୀ, ସିଡିବିରୁ ପ୍ରଦ୍ୟୁମ୍ନ କୁମାର ଚୌଧରୀ, ସାଧନରୁ ଚନ୍ଦନ ଠାକୁର, କ୍ରେଡିଟ ଏକ୍ସେସ୍ ଗ୍ରାମୀଣରୁ ଗଣେଶ ନାରାୟଣ, ୟୁଏନ୍‌ଡିପି ଆଭା ମିଶ୍ର, ଇସାଫ ସ୍ମଲଫାଇନାନ୍ସ ବ୍ୟାଙ୍କରୁ ସାଇବୁ, ଜନକଲ୍ୟାଣସଂସ୍ଥାରୁ ଏସ୍.କେ. ମିଶ୍ର, କିଟରୁ ଡା. ଦେବାଶିଷ ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ।



# ବେଦାନ୍ତର ବିଲେଟ ଉତ୍ପାଦନ କ୍ଷମତା ୮୩୦ କେଟିପିଏକୁ ବୃଦ୍ଧି



**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ବିଲେଟ ଉତ୍ପାଦନ କ୍ଷମତାକୁ ୮୩୦ କେଟିପିଏକୁ ବୃଦ୍ଧି କରିବା ସହିତ ବିଶ୍ୱସ୍ତରରେ ସର୍ବବୃହତ୍ ବିଲେଟ ଉତ୍ପାଦନ କାର୍ଯ୍ୟ ମଧ୍ୟରେ ସ୍ଥାନିତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସ୍କେଲ-ଅପ କମ୍ପାନୀର ବିଶ୍ୱବ୍ୟାପୀ ଗ୍ରାହକମାନଙ୍କୁ ଉଚ୍ଚ-ଗୁଣବତ୍ତା ଉତ୍ପାଦ ଯୋଗାଣ କରିବାର କ୍ଷମତାକୁ ସୁଦୃଢ଼ କରିବା ସହିତ ମୂଲ୍ୟଯୁକ୍ତ ଉତ୍ପାଦ (ଭିଏପି) ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାରକରେ ଏବଂ ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ଏକ୍ସଟ୍ରୁସନ ଏବଂ ଡାଉନଷ୍ଟ୍ରିମ କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରିଛି। ୫ରୁ ୧୨ ଇଞ୍ଚ ବ୍ୟାସରେ ଉପଲବ୍ଧ ବେଦାନ୍ତ ଆଲୁମିନିୟମର ବିଲେଟ ହେଉଛି ପ୍ରମୁଖ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଯାହା ସଠିକ ଇଞ୍ଜିନିୟର୍ଡ ପ୍ରୋଫାଇଲ ସୃଷ୍ଟି କରିବା ପାଇଁ ଏକ୍ସଟ୍ରୁସନ ପ୍ରକ୍ରିୟାରେ ବ୍ୟବହୃତ ହୁଏ। କମ୍ପାନୀର ସମ୍ପ୍ରସାରଣ ବିଦ୍ୟମାନ ୫୮୦ କେଟିପିଏ ବିଲେଟ ଭିତ୍ତିଭୂମି ସହ ଅତିରିକ୍ତ ଭାବରେ ୨୫୦ କେଟିପିଏକୁ ନୂତନ କ୍ଷମତା ସହିତ ଯୋଡିଛି, ଯାହାକି ମୋଟ ୮୩୦ କେଟିପିଏକୁ ପହଞ୍ଚାଇଛି। ବିଲେଟ ସୁବିଧା ବିଶ୍ୱସ୍ତରୀୟ ନେତା ୱାଗଷ୍ଟାଫ (ଯୁକ୍ତରାଷ୍ଟ୍ର) ଏବଂ ହର୍ଟୱିଚ (ଅଷ୍ଟ୍ରିଆ)ଠାରୁ ଉନ୍ନତ କାଷ୍ଟିଂ ଏବଂ ସମନ୍ୱୟ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ । ଏହାସହ ଏହି ସ୍ଥାନରେ ଏକ ନୂତନ ୧୨୦ କେଟିପିଏ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ସୁବିଧା ସ୍ଥାପନ କରାଯାଇଛି, ଯାହା କମ୍ପାନୀର ପିଏଫ୍‌ଏ ଉତ୍ପାଦନ କ୍ଷମତାକୁ ଆହୁରି ବିସ୍ତାର କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆତ୍ମନିର୍ଭରଶୀଳ ଆଲୁମିନିୟମ ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରତିବଦ୍ଧ।

# 'ଭାବିଜୀ ଘର୍ ପର୍ ହେଁ' ସହ ପେଟ୍‌ସଫାର ସହଭାଗିତା

**ଭୁବନେଶ୍ୱର,୬।୨**

ଲୋକପ୍ରିୟ ଟେଲିଭିଜନ ଶୋ 'ଭାବିଜୀ ଘର୍ ପର୍ ହେଁ' ଉପରେ ଆଧାରିତ ଏକ ଚଳଚ୍ଚିତ୍ର ଦର୍ଶକଙ୍କୁ ହସ ଏବଂ ମଜା ସହିତ ମନୋରଞ୍ଜନ କରିବାକୁ ପ୍ରସ୍ତୁତ। ଏହି ଚଳଚ୍ଚିତ୍ରଟି ଶଶାଙ୍କ ବାଲି ଏବଂ ରାଜନ ୱାଘଧାରେଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏଥିରେ ପ୍ରସିଦ୍ଧ ଅଭିନେତା ରବି କିଶନ, ଆସିଫ ଶେଖ, ରୋହିତାଶ୍ୱ ଗୌର, ଶୁଭାଙ୍ଗୀ ଆତ୍ରେ ଏବଂ ବିଦିଶା ଶ୍ରୀବାସ୍ତବ ଅଭିନୟ କରିଛନ୍ତି। ଉଦ୍ୟୋଗୀ ଏବଂ ନିବେଶକ ଡ. ସଞ୍ଜୀବ ଜୁନେଜା 'ଭାବିଜୀ ଘର୍ ପର୍ ହେଁ' ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ଦଳକୁ ଏହାର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅଭିନେତାମାନେ ଏହା ମଧ୍ୟ କହିଛନ୍ତି, ମନ ଖୁସି ହେଲେ ଏବଂ ଶରୀର ହାଲୁକା ଏବଂ ସୁସ୍ଥ ଅନୁଭବ କଲେ ହିଁ ପ୍ରକୃତ ଉପଭୋଗ ଏବଂ ମନୋରଞ୍ଜନ ଅନୁଭୂତ ହୋଇପାରିବ। ଏହି ଚିନ୍ତାଧାରାକୁ ମନରେ ରଖି, ଡିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ମୁଖପାତ୍ର କହିଛନ୍ତି, ଫିଲ୍ମର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ଫିଲ୍ମର ପ୍ରଚାର ପାଇଁ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟ୍ୟାବଲେଟ୍ସ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଆପଣଙ୍କୁ ଆରାମ ଏବଂ ଖୁସି ସହିତ ଜୀବନ ଉପଭୋଗ କରିବାକୁ ଅନୁମତି ଦିଏ। ପେଟ୍ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟାବ୍‌ଲେଟ୍ସ ସୋନାମୁଖୀ, କଳା ଲୁଣ, ଜୁଆଣି ଆଦି ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରୁ ପ୍ରସ୍ତୁତ।

# ଯଖପୁରାରେ ରହଣି କରିବନି ୩ ମେମୁ ଟ୍ରେନ୍

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯଖପୁରା-ଯାଜପୁର କେନ୍ଦୁଝର ରୋଡ୍ ମଧ୍ୟରେ ତୃତୀୟ ରେଳ ଲାଇନର କାର୍ଯ୍ୟକ୍ଷମତା ସହିତ ଯଖପୁରା ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ଏବଂ କାର୍ଯ୍ୟାନୁଷ୍ଠାନଗତ ପ୍ରତିବନ୍ଧକ ହେତୁ କିଛି ଯାତ୍ରୀବାହୀ ଟ୍ରେନ ସୀମିତ ସମୟ ପାଇଁ ଯଖପୁରା ଷ୍ଟେଶନରେ ରହଣି କରିବନାହିଁ। ଶନିବାରରୁ ୧୨ ତାରିଖ ପର୍ଯ୍ୟନ୍ତ ୬୮୪୪୩/୬୮୪୪୪ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ୬୮୪୦୭/୬୮୪୦୮ ବାଲେଶ୍ୱର-ଭୁବନେଶ୍ୱର-ବାଲେଶ୍ୱର ମେମୁ, ୬୮୪୪୭/୬୮୪୪୮ କେନ୍ଦୁଝରଗଡ଼-ପାରାଦୀପ-କେନ୍ଦୁଝରଗଡ଼ ମେମୁ ଏହି ଷ୍ଟେଶନରେ ରହଣି କରିବ ନାହିଁ।

# ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏସ୍‌ଏଲ୍‌ବିସିର ଦାବିପତ୍ର

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏକ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର କଳିଙ୍ଗ ସେନା ପକ୍ଷରୁ ପ୍ରଦାନ କରାଯାଇଛି। ଓଡ଼ିଆ ଯୁବକମାନେ ସହଜ ଓ ସରଳ ଉପାୟରେ କିଭଳି ଋଣ ପାଇପାରିବେ ସେ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ବ୍ୟାଙ୍କମାନେ ଓଡ଼ିଶାରୁ ୫ବର୍ଷରେ ୩୦ ଲକ୍ଷ କୋଟି ଟଙ୍କା ଜମା ସଂଗ୍ରହ କରିଛନ୍ତି ବୋଲି ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି । ଦାବିପତ୍ରରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି, ଓଡ଼ିଶାରୁ ଜମା ଅନୁପାତରେ ବେକାର ଯୁବତୀଯୁବକଙ୍କୁ ଋଣ ଦିଆଯାଉନାହିଁ । ପ୍ରତି ପଞ୍ଚାୟତର ୧୦୦ଜଣଙ୍କୁ ଋଣ ପ୍ରଦାନ, ବିନା ବନ୍ଧକ ଏବଂ ବିନା ଆଇଟିଆରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବାକୁ , ଜମା ସଂଗ୍ରହ ଓ ଋଣ ଯୋଗାଣ ଉପରେ ପଞ୍ଚାୟତୱାରି ଶ୍ୱେତପତ୍ର ପ୍ରକାଶ କରିବା, ଓଡ଼ିଶା ଜମାକୁ ଅନ୍ୟ ରାଜ୍ୟରେ ବିନିଯୋଗ ନ କରିବା, ଶିଳ୍ପ ନାମରେ ଟଙ୍କା ନେଇ ଶିଳ୍ପ ବନ୍ଦ କାରି ଚାଲି ଯାଇଥିବା ଶିଳ୍ପପତିଙ୍କ ନାମରେ ଏତଲା ଦେବା, କୃଷି ଋଣ ଅଧିକ ପରିମାଣରେ ପ୍ରଦାନ କରିବା, ସମସ୍ତ ଋଣ ପାଇଁ ଯୁବତୀଯୁବକମାନେ କିଭଳି ସହଜରେ ଓ ସରଳ ଭାବେ ଋଣ ପାଇବେ ବ୍ୟାଙ୍କ ସେଥିପାଇଁ ବ୍ୟବସ୍ଥା କରିବା ଏବଂ ଗତ ୫ବର୍ଷ ମଧ୍ୟରେ ରାଜ୍ୟର କେଉଁ ବ୍ୟାଙ୍କ କେଉଁ ଜିଲାର କେତେ ଯୁବତୀଯୁବକଙ୍କୁ ଋଣ ପ୍ରଦାନ କରିଛନ୍ତି ତାହା ଉପରେ ବ୍ୟାଙ୍କର୍ସ କମିଟି ଏକ ଶ୍ୱେତପତ୍ର ଜାରି କରିବା ସହ ଓଡ଼ିଶାରୁ ସଂଗ୍ରହ ପୁଞ୍ଜି କେଉଁ କେଉଁ ରାଜ୍ୟରେ ବିନିଯୋଗକରାଯାଉଛି ରାଜ୍ୟବାସୀଙ୍କୁ ତାହା ବ୍ୟାଙ୍କର୍ସ କମିଟ ଜଣାଇବା ସହ ସରକାରୀ ସ୍କିମ୍ ମୁଦ୍ରା ଯୋଜନା ସମେତ ବିନା ବନ୍ଧକରେ ଋଣ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଦଳ ପକ୍ଷରୁ ଉପ ସଭାପତି ସବ୍ୟସାଚୀ ମହାପାତ୍ର, ତୁଳସୀ ନାରାୟଣ ଦାସ, ଅବଦୁଲ କୟୁମ ଖାନ, ସାଧାରଣ ସମ୍ପାଦକ ବିଜୟ ରାଜ, ଅମୂଲ୍ୟ ନାୟକ, ସୁମନ୍ତ ସ୍ୱାଇଁ, ରାଧାମୋହନ ପଟ୍ଟନାୟକ, ଅଶୋକ ସାହୁ, ମଧୁସୂଦନ ସାହୁ ଏବଂ ନାରୀ ନେତ୍ରୀ ମୋନାଲିସା ବିଶ୍ୱାଳ ପ୍ରମୁଖ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ୟୁକୋ ବ୍ୟାଙ୍କରେ ଥିବା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟରେ ଦାବିପତ୍ର ପ୍ରଦାନ କରିଥିଲେ ।


# Classified Everyday
0674-2580101, 9692975378


REAL ESTATE
**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271


CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190



3BHK with car parking, ground floor and second floor for residential office, godown at Gangotrinagar near Nuagan petrolpump. Contact: 6370641665. D-3308



Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Newly open Jyoti SPA positively health benefits (Expert therapist). Contact- 8458067955. D-76955

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit, I Jyotsnarani Nanda, D/o- Raghunath Nanda of Kaitha, Mahanga, Cuttack, declare that in Aadhaar Card bearing No. xxxx xxxx 7602 my name has been recorded as Jyotsna Nanda instead of Jyotsnarani Nanda. That Jyotsnarani Nanda and Jyotsna Nanda is one and same person. Hence this declaration. D-3322

By virtue of an affidavit sworn before the Executive Magistrate, Boudh, No.114, Dtd.- 05.02.26, I Rajeev Biswal, S/o. Raghupati Biswal, R/o. Village- Rengalpali, P.O.- Sarasara, Dist.- Bargarh, Odisha, PIN- 768028 declare that I have changed my name from Rajib Biswal to Rajeev Biswal. Henceforth, I shall be known as Rajeev Biswal for all purposes.
Rajeev Biswal D-3319

I, Santosh Kumar Khandelwal, previously known as Santosh Kumar Khandelwalla have changed my name to Santosh Kumar Khandelwal and my father's name from Sambhu Nath Khandelwalla to Sambhu Dayal Khandelwal, via affidavit dated 24.12.2025 at Baripada for all purposes. D-3318

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

Before the Executive Magistrate, Bhawanipatna, Kalahandi, I, Ashok Kumar Achary, S/o. S.S. Achary, R/o. Ward No. 09, Jagannathpada, Kesinga, P.O./P.S.- Kesinga, Dist.- Kalahandi declared that I have changed my son's name from Sai Krishna to Saridevi Swastik. Henceforth, he shall be known as Saridevi Swastik for all future purposes. D-3317

Before the Executive Magistrate, Kesinga, Kalahandi, I, Lila Bai Agrawal, w/o. Bishwanath Agrawal formerly called Liladevi Agrawal, At- Kesinga, Ward No.12, P.O./P.S.- Kesinga, Dist.- Kalahandi declared that I have changed my name from Liladevi Agrawal to Lila Bai Agrawal. Henceforth, I shall be known as Lila Bai Agrawal for all future purposes. D-3316

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ ।



# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ**
ଓଡ଼ଶିଙ୍ଗା, ନରସିଂହପୁର, କଟକ
ଆବିର୍ଭାବ : ୦୪।୧୦।୧୯୪୭
ତିରୋଧାନ : ୨୮।୦୧।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୩୨୦

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ**



**୰ସୁଷମା ଦେବୀ**
ଆବିର୍ଭାବ: ୦୪।୦୧।୧୯୨୦
ତିରୋଧାନ: ୧୮।୦୨।୨୦୨୫
ସେରପୁର, ଦେଓଦା, ଧର୍ମଶାଳା
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆଜି ସେଇଦିନ ଯେଉଁଦିନ ଆମ ଜୀବନର ଆଲୋକ ନୀରବରେ ଅନ୍ଧକାର ହୋଇଗଲା। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ଦିଅର- ରାମଚନ୍ଦ୍ର ପାଣିଗ୍ରାହୀ, ପୁତ୍ର-ପୁତ୍ରବଧୂ: ନିରଞ୍ଜନ- ଅଜନ୍ତା, କିଶୋର କୁମାର-ରଞ୍ଜିତା, କ୍ଷୀରୋଧ-ପ୍ରଭାତୀ, ଦିଲ୍ଲିପ-ସ୍ୱାଗତିକା, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୩୩୨୧



# LEGAL NOTICE

IN THE COURT OF JUDGE FAMILY COURT, SAMBALPUR
CIVIL PETITION CASE NO. 61 OF 2025

Abhipsha Mishra ......Petitioner
Versus
Lokesh Kumar Purohit ....Respondent

TO
Lokesh Kumar Purohit, aged about 37 years, Son of Late Jagadish Chandra Purohit, Resident of Patarpada (Near Hanuman Mandir), Dist.- Sundargarh- 770001.

NOTICE U/O 5 RULE 20 OF C.P.C.

The above petitioner has filed the above case against you for dissolution of marriage and you are avoiding to receive the notices.

You are hereby directed to appear in this court in person or by a pleader duly instructed on the 27th day of February 2026 at 10.30 A.M. in the fore noon to show cause against the said petitioner failing which the said petition will be heard and determined exparte.

Given under my hand and seal of the court this the 28th day of January 2026.

Sd./- Judge
D-3323

Letter No.- 60, Date- 04.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୨, ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍. (ଏସ୍.ଏ.ଜି) ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା, ଓଡ଼ିଶା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୧୦୪୯/୨୦୨୧

ସ୍ୱୟଂପ୍ରଭା ସ୍ୱାଇଁ ...........ବାଦୀ/ଦରଖାସ୍ତକାରୀ
ବନାମ
ରାଜ୍ୟ ସରକାର ଓ ଅନ୍ୟମାନେ ........ପ୍ରତିବାଦୀମାନେ/ ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର- ୫, ରୁଲ୍- ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧. ସଞ୍ଜୟ କୁମାର ସାହୁ, ମ୍ୟାନେଜିଙ୍ଗ୍ ଡିରେକ୍ଟର, କୋଣାର୍କ ହାଉସିଂ ସୋସାଇଟି, ଏସ୍‌ଡି- ୨, ଭିଏସ୍‌ଏସ୍ ନଗର, ପୋ- ବାଣୀବିହାର, ଥାନା- ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା-ଖୋର୍ଦ୍ଧା। ୨. ନୃସିଂହନାଥ ବିଜେ, ଜଳିପାଟଣା, ହାଲ୍- ଜରିପାଟଣା, ପୋ- ବରିମୁଣ୍ଡ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର- ୭୫୧୦୩୧, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ୍

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା. ୦୬.୦୩.୨୦୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା - ଭୁବନେଶ୍ୱର, ସହର ୟୁନିଟ୍ ନଂ. ୩୯ ଗାଡ଼କଣ, ହାଲ୍ ଖାତା- ୪୫୭୩, ହାଲ୍ ପ୍ଲଟ୍ ନଂ. ୩୮୯୩/୯୯୭୨, ରକବା ଏ ୦.୧୦୦ ଡେସିମିଲ ଯାହାର ସେଟେଲମେଣ୍ଟ ଖାତା ନଂ.୪୦୨୮, ପ୍ଲଟ୍ ନଂ.- ୩୮୯୩/୯୯୭୩, ରକବା - ଏ୦.୦୩୦ ଡେସିମିଲ ଓ ଯାହାର ସାବିକ ଖାତା ନଂ.୨୨, ସାବିକ ପ୍ଲଟ୍ ନଂ.୧୧୨୬ (ପି), ଏରିଆ ଏ.୦.୨୯୦ ଡେସିମିଲ ସ୍ଥଳରୁ ଏ.୦.୧୦୦ ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୭୪୮୭୨

# ତୁଳସୀ ଗଣନାଟ୍ୟ ମାଲିକଙ୍କ ନାଁରେ ନିର୍ଯାତନା ଅଭିଯୋଗ

**ମଞ୍ଚରେ ପଡ଼ିଗଲେ ସାଇ ସତ୍ୟଜିତ୍**

- ପୁଅର ଜୀବନ ପ୍ରତି ବିପଦ ଥିବା ନେଇ ଏତଲା ଦେଲେ ମାଆ
- ପୋଲିସର ଡାକରାରେ ଖଣ୍ଡଗିରି ଥାନାରେ ହାଜର ହେଲେ ନାଣ୍ଟୁ


ମା' ପଦ୍ମିନୀ ଦାଶ ଅଭିଯୋଗପତ୍ର ଦାଖଲ କରୁଛନ୍ତି।


ଅନନ୍ତ ଧଳ ଓରଫ ନାଣ୍ଟୁ।

ଭୁବନେଶ୍ୱର/ବାଲିପାଟଣା, ୬।୨ (ତ୍ରିନାଥ ମହାନ୍ତି/ଅଭିମନ୍ୟୁ ନାୟକ)

ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ଧଳ ଓରଫ ନାଣ୍ଟୁ ବାବୁଙ୍କ ନାମରେ ବାଲିପାଟଣା ଥାନାରେ ନିର୍ଯାତନା ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି ଯାତ୍ରାଜଗତର ଲୋକପ୍ରିୟ ଖଳନାୟକ ସାଇ ସତ୍ୟଜିତ ପଣ୍ଡାଙ୍କ ମା'। ପୁଅକୁ ମାନସିକ ନିର୍ଯାତନା ଦିଆଯାଉଥିବା ବେଳେ ତାଙ୍କ ଜୀବନପ୍ରତି ବିପଦ ଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ଘଟଣା ଖଣ୍ଡଗିରି ଅଞ୍ଚଳରେ ହୋଇଥିବାରୁ ବାଲିପାଟଣା ଥାନା ପୋଲିସ ମାମଲାକୁ ଖଣ୍ଡଗିରି ଥାନାକୁ ହସ୍ତାନ୍ତର କରିଛି। ଖଣ୍ଡଗିରି ପୋଲିସ ଡାକରାରେ ଶୁକ୍ରବାର ନାଣ୍ଟୁ ବାବୁ ଓ ସାଇ ସତ୍ୟଜିତ୍ ଥାନାରେ ହାଜର ହୋଇଥିଲେ। ପୋଲିସ ଉଭୟଙ୍କୁ ପଚରାଉଚରା କରିବା ପରେ ଛାଡ଼ି ଦେଇଥିଲେ। ଗୁରୁବାର ରାତିରେ ଖଣ୍ଡଗିରିରେ ତୁଳସୀ ଗଣନାଟ୍ୟ ନାଟକ ପରିବେଷଣ କରୁଥିବାବେଳେ ଅଭିନୟ କରୁଥିବା ସାଇ ସତ୍ୟଜିତ ହଠାତ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ଏହି ଘଟଣା ସମ୍ପର୍କରେ ତାଙ୍କ ପରିବାର ବର୍ଗଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ପରେ ସାମାଜିକ ଗଣମାଧ୍ୟମରୁ ଖବର ପାଇ ସାଇ ସତ୍ୟଜିତଙ୍କ ମା' ପଦ୍ମିନୀ ଦାଶ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କ ସହିତ ପରାମର୍ଶ କରିଥିଲେ। ସାଇ ସତ୍ୟଜିତ୍‌ଙ୍କର ବିଶ୍ରାମ ଆବଶ୍ୟକ ବୋଲି ଡାକ୍ତର କହିବାରୁ ପଦ୍ମିନୀ ତାଙ୍କୁ ବାଲିପାଟଣାସ୍ଥିତ ସରାଟ ଗାଁକୁ ନେଇଯାଇଥିଲେ। ତେବେ ଏହି ଘଟଣା ଯାତ୍ରା କଳାକାରଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ହେଉଥିବା ଅବହେଳାକୁ ପୁନର୍ବାର ସାମ୍ନାକୁ ଆଣିବା ସହ ସାଇ ସତ୍ୟଜିତ୍ ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ସତ୍ୟଜିତଙ୍କ ମା' ପଦ୍ମିନୀ ବାଲିପାଟଣା ଥାନାରେ ଦ୍ୱାରସ୍ଥ ହୋଇ ପୁଅର ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଦାବି କରି ଲିଖିତ ଏତଲା ଦେଇଥିଲେ। ଏତଲାରେ ସେ ଅଭିଯୋଗ କରିଛନ୍ତି ଯେ, ଗତ କିଛିଦିନ ଧରି କେତେଜଣ ଅସାମାଜିକ ବ୍ୟକ୍ତି ସତ୍ୟଜିତଙ୍କୁ ବାଟରେ ଅଟକାଇ ଧମକ ଚମକ ଦେଉଛନ୍ତି। ଫଳରେ ସତ୍ୟଜିତ ନିଜକୁ ଅସୁରକ୍ଷିତ ମଣିବା ସହ ମାନସିକ ଚିନ୍ତାରେ ରହୁଛନ୍ତି। ଏସବୁ ଘଟଣା ପଛରେ ତୁଳସୀ ଗଣନାଟ୍ୟର ମାଲିକ ନାଣ୍ଟୁ ବାବୁଙ୍କ ପ୍ରରୋଚନା ଥାଇପାରେ ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। ପଦ୍ମିନୀ କହିଛନ୍ତି, ଯଦି ପ୍ରଶାସନ ପକ୍ଷରୁ ସତ୍ୟଜିତଙ୍କୁ ଯଥୋଚିତ ସୁରକ୍ଷା ଓ ନ୍ୟାୟ ନ ମିଳେ, ତେବେ ସେ ଆଗାମୀ ଦିନରେ ପୁଅଙ୍କୁ ଯାତ୍ରା ଅଭିନୟ ପାଇଁ ଛାଡ଼ିବେ ନାହିଁ। ଏତଲା ଦାଖଲ ସମୟରେ ସତ୍ୟଜିତଙ୍କ ପିତା ସୁକାନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ବାଲିପାଟଣା ଥାନା ଅଧିକାରୀ ଶୁଭାଂଶୁ ଶେଖର ପାଢ଼ୀ କହିଛନ୍ତି, ଏତଲା ଅନୁଯାୟୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମାମଲା ଖଣ୍ଡଗିରି ଥାନା ଅଞ୍ଚଳରେ ହୋଇଥିବାରୁ ସ୍ଥାନାନ୍ତର କରାଯାଇଛି। ଏପଟେ ନାଣ୍ଟୁ ବାବୁ କହିଛନ୍ତି, ଯଦି ସତ୍ୟଜିତ ମଞ୍ଚକୁ ନ ଚଢ଼ନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ ଆକ୍ସନ ନେବି। ତାଙ୍କ ପାଖରେ ଯାହା ଦସ୍ତାବିଜ ରହିଛି ପୋଲିସ ଓ କୋର୍ଟକୁ ଦେଖାଇବି ବୋଲି ସେ କହିଛନ୍ତି।

# ବନ୍ଧାହେଲେ ନକଲି ଡାକ୍ତର

**ମହିଳା ମେଡିକାଲ ଅଫିସରଙ୍କଠାରୁ ୧.୩୦ ଲକ୍ଷ ଠକିଥିଲେ**


ସରୋଜ କୁମାର ମିଶ୍ର

ଭୁବନେଶ୍ୱର, ୬।୨ (ତ୍ରିନାଥ ମହାନ୍ତି)

ନିଜକୁ ଡାକ୍ତର ପରିଚୟ ଦେଇ ବିବାହ ବାହାନାରେ ସମ୍ପର୍କ ସ୍ଥାପନ କରିବା ପରେ ଟଙ୍କା ଠକିନେଉଥିବା ଜଣେ ଠକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଗିରଫ ନକଲି ଡାକ୍ତର ହେଲେ ଅନୁଗୋଳ ଜିଲା ଖଲରୀ ଅଞ୍ଚଳର ସରୋଜ କୁମାର ମିଶ୍ର ଓରଫ ଭବାନୀ ସିଦ୍ଧାର୍ଥ ଶଙ୍କର। ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଓ ୬୭୦୦ ଟଙ୍କା ଜବତ କରାଯାଇଛି। ସରୋଜ ପୁଣେରେ ଡାକ୍ତର ଥିବା କହି ଲୋକଙ୍କ ମନରେ ବିଶ୍ୱାସ ଜମାଉଥିଲେ। ବିଶେଷକରି ମାଟ୍ରିମୋନିଆଲ ସାଇଟ୍‌ରୁ ନମ୍ବର ଓ ତଥ୍ୟ ନେଇ ବିବାହ ପାଇଁ ସମ୍ପର୍କ ଯୋଡ଼ି ଯୁବତୀମାନଙ୍କୁ ଫସାଉଥିଲେ। ପରେ ବିଭିନ୍ନ ବାହାନାରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିଲେ। ସରୋଜଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଜଣେ ମହିଳା ମେଡିକାଲ ଅଫିସର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ଅଭିଯୋଗକାରିଣୀ ମହିଳା ଜଣକ ପେସାରେ ଜଣେ ଡାକ୍ତର। ସେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ କଲେଜରେ ମେଡିକାଲ ଅଫିସର ଭାବରେ କାର୍ଯ୍ୟରତ ଅଛନ୍ତି। ବିବାହ ପାଇଁ ଏକ ବ୍ରାହ୍ମଣ ବିବାହ ଓ୍ୱେବସାଇଟ୍‌ରେ ନାମ ପଞ୍ଜୀକୃତ କରିଥିଲେ। ଗତ ଡିସେମ୍ବର ୮ରେ ସେ ଉକ୍ତ ଓ୍ୱେବସାଇଟ୍‌ରେ ଅଭିଯୁକ୍ତ ସରୋଜଙ୍କ ସଂସ୍ପର୍ଶରେ ଆସିଥିଲେ। ସରୋଜ ନିଜ ପ୍ରକୃତ ନାମ ଲୁଚାଇ ଅଭିଜିତ ମିଶ୍ର ନାମରେ ମିଥ୍ୟା ପରିଚୟ ଦେଇ ପୁଣେରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା କହିଥିଲେ। ସେ ତାଙ୍କ ପିତାଙ୍କ ନାମ ସରୋଜ ମିଶ୍ର ବୋଲି କହିବା ସହ ଡାକ୍ତରାଣୀଙ୍କ ପରିବାର ସଦସ୍ୟଙ୍କ ସହ ବିବାହ ବିଷୟରେ କଥା ହୋଇ ବିଶ୍ୱାସ ଜଗାଇ ଥିଲେ। ଏଥିସହ ମୋବାଇଲ କଲ ଓ ହ୍ୱାଟ୍ସଆପ ମେସେଜ ମାଧ୍ୟମରେ ସେ ଅଭିଯୋଗକାରିଣୀ ଡାକ୍ତରାଣୀଙ୍କ ସହ ନିରନ୍ତର ଯୋଗାଯୋଗ ରଖି ନାନା ପ୍ରଲୋଭନ ଓ ବିଶ୍ୱାସ ସୃଷ୍ଟି କରିଥିଲେ। ଡିସେମ୍ବର ୧୯ରେ ଅଭିଯୁକ୍ତ ସରୋଜ ତାଙ୍କ ବନ୍ଧୁଙ୍କ ମାଆଙ୍କ ଅନ୍ତିମ ସଂସ୍କାର ପାଇଁ ଜରୁରୀ ଖର୍ଚ୍ଚ ବାହାନାରେ ଅଭିଯୋଗକାରିଣୀଙ୍କୁ ଦେଢ଼ ଲକ୍ଷ ଟଙ୍କା ମାଗିଥିଲେ। ଡାକ୍ତରାଣୀ ଜଣକ ଫୋନ ପେ ମାଧ୍ୟମରେ ତିନୋଟି କିସ୍ତିରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ଦେଇଥିଲେ। ଜାନୁଆରୀ ୬ରେ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ସରୋଜ ତାଙ୍କୁ ଖରାପ ଭାଷାରେ ଗାଳିଦେବା ସହ ହତ୍ୟା ଧମକ ଦେଇଥିଲେ। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ। ଏପରି ମିଥ୍ୟା ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନି ପ୍ଲାଟଫର୍ମରେ କେତେବେଳେ ନିଜକୁ ଡାକ୍ତର ପୁଣି ଆଉ କେତେବେଳେ ବଡ଼ ଅଫିସର ପରିଚୟ ଦେଇ ଯୁବତୀ ଓ ସେମାନଙ୍କ ପରିବାର ସହ ସମ୍ପର୍କ ଯୋଡ଼ି ଟଙ୍କା ଠକିନେଉଥାନ୍ତି। ତେବେ ସିଇଟିଏଚ୍‌ଏସ୍ ଯାଞ୍ଚରୁ ତାଙ୍କ ନାମରେ ପୂର୍ବରୁ ଛତ୍ରପୁର ଥାନାରେ ସମାନ ପ୍ରକାରର ଏକ ମାମଲା ରହିଥିବା ଜଣାପଡ଼ିଛି।

# ଯାତ୍ରା କଳାକାର ନିଶା ମହାରଣାଙ୍କୁ ଆଗୁଆ ଜାମିନ

କଟକ,୬।୨ (କାର୍ତ୍ତିକ ସାହୁ)

ଯାତ୍ରା କଳାକାର ନିଶା ମହାରଣାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ମଞ୍ଜୁର କରିବା ପରେ ନିଶା ଯାତ୍ରା ମଞ୍ଚରେ ପୁଣି ନୃତ୍ୟ ପରିବେଷଣ କରିବାର ରାସ୍ତା ଉନ୍ମୁକ୍ତ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ସୂଚନାନୁସାରେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟିଠାରେ ଆୟୋଜିତ ଏକ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବାରୁ ନିଶାଙ୍କ ନାମରେ ବଲାଙ୍ଗୀର ସଦର ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ଘଟଣାରେ ସମ୍ଭାବ୍ୟ ଗିରଫକାରିକୁ ଏଡ଼ାଇବା ଲାଗି ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଯୋଗୁ ମଞ୍ଚ ତଳେ ବସିଥିବା ଦର୍ଶକମାନେ ଚେୟାର ପିଙ୍ଗିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ବଲାଙ୍ଗୀର ସଦର ଥାନା ପୋଲିସ ନିଜଆଡୁ ଏତଲା ରୁଜୁ କରିଥିଲା।

# ଚିକିତ୍ସାଧୀନ ଅବସ୍ଥାରେ ୨ ଆଖି ବୁଜିଲେ

**ବରଗଡ଼ ଗୋଷ୍ଠୀ ସଂଘର୍ଷ ଘଟଣା**

**ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**


ଦିଲୀପ ଲୁହା


ସୁରଜ ବାରିକ

ବରଗଡ଼, ୬।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନାଠାରୁ କିଛି ଦୂରରେ ଥିବା ହାଟପଦା ସାଇ ମନ୍ଦିର ପାଖ ରାସ୍ତା ଉପରେ ଗୁରୁବାର ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ କଲେଜ ରୋଡ୍ ବାସିନ୍ଦା ଦିଲୀପ ଲୁହା(୨୪) ଏବଂ ଗୋଭିନ୍ଦପାଲିର ନିବାସୀ ସୁରଜ ବାରିକ(୨୪)। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଦିଲୀପଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସୁରଜଙ୍କ ମଧ୍ୟ ମୃତ୍ୟୁ ଘଟିଛି। ରଉିକ୍ ନାମକ ଜଣେ ଆହତ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ଟାଉନ ଥାନା ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାହେବା ସୁଦ୍ଧା(ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ) ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ସେହିପରି କେଉଁ କାରଣରୁ ଏଭଳି ହତ୍ୟାକାଣ୍ଡ ଘଟିଲା, ତାହା ଜଣାପଡ଼ି ନାହିଁ। ପୂର୍ବ ଶତ୍ରୁତା କିମ୍ବା ନିଶା କାରବାର ଏହାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଦିଲୀପ, ସୁରଜ, ରଉିକ୍ ହାଟପଦା ସାଇ ମନ୍ଦିର ପାଖରେ ଥିଲେ। ସେଠାକୁ ଅନ୍ୟ ଏକ ଗୋଷ୍ଠୀର ସଦସ୍ୟ ହଠାତ୍ ଭୁଜାଲି, ଛୁରି ଆଦି ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ସେଠାରେ ସାମାନ୍ୟ ବଚସା ଆରମ୍ଭ ହେବା ପରେ ଅଭିଯୁକ୍ତମାନେ ଲୋକ ଗହଳି ସତ୍ତ୍ୱେ ଜଣେ ପରେ ଜଣଙ୍କୁ ଭୁଜାଲି, ଛୁରିରେ ଆକ୍ରମଣ କରି ଚାଲିଥିଲେ। ପରେ ଅଭିଯୁକ୍ତମାନେ ନିର୍ଭୟରେ ସେଠାରୁ ଖସି ଯାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଦିଲୀପଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ୨ଜଣଙ୍କୁ ରାତାରାତି ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସକାଳେ ବୁର୍ଲାରେ ସୁରଜଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଆଇନ ଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ପାଇଁ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବ୍ରହ୍ମପୁରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫକଲା ସିବିଆଇ

**ପୋଲିସ ଏସ୍‌ଆଇ ଜାଲିଆତି ମାମଲା**

ଭୁବନେଶ୍ୱର,୬।୨ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ଜାଲିଆତି ମାମଲାରେ ସିବିଆଇ (ସିବିଆଇ) ପୁଣି ଆକ୍ସନ ମୁଡ୍‌କୁ ଆସିଛି। ଶଙ୍କର ପୃଷ୍ଟିଙ୍କ ଘନିଷ୍ଠ କୁହାଯାଉଥିବା ଇପିଲି ସୀତାରାମଙ୍କୁ ବ୍ରହ୍ମପୁରରୁ ଗିରଫ କରିଛି ସିବିଆଇ। ରାଜ୍ୟ ବାହାରକୁ ପଠାଇଥିବା ଅଭିଯୁକ୍ତଙ୍କ ମୋବାଇଲ ରିପୋର୍ଟରେ ଇପିଲିଙ୍କ ଲିଙ୍କ୍ ଜଣାପଡ଼ିଥିଲା। ତାଙ୍କୁ ସିବିଆଇ ନଜରରେ ରଖି ପଚରାଉଚରା କରିଥିଲା। ଏହି ଜାଲିଆତିରେ ଇପିଲିଙ୍କ ଲିଙ୍କ୍ ସ୍ପଷ୍ଟ ହେବା ପରେ ସିବିଆଇ ତାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇଛି। ଶନିବାର କୋର୍ଟରେ ହାଜର ପରେ ରିମାଣ୍ଡରେ ଆଣାଯିବ ବୋଲି ସିବିଆଇ ପକ୍ଷରୁ କୁହାଯାଉଛି। କାରଣ ଶଙ୍କର ପୃଷ୍ଟି ସମ୍ପର୍କରେ ଇପିଲି ଜାଣିଥିବାରୁ ତାଙ୍କୁ ସିବିଆଇ ଜେରା କରିବା ନିହାତି ଜରୁରୀ ହୋଇପଡ଼ିଛି। ତାଙ୍କୁ ଜେରା ପରେ ଆହୁରି ଅନେକେ ଗିରଫ ହେବେ ବୋଲି ଅନୁମାନ କରାଯାଉଛି। ତେବେ ଏହି ଘଟଣାରେ ଗିରଫଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ପୂର୍ବରୁ ୧୬ ଜଣଙ୍କ ନାମରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଥିଲା ସିବିଆଇ। ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୋମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନା ମହାନ୍ତିଙ୍କ ନାମ ଚାର୍ଜଶିଟ୍‌ରେ ରହିଥିଲା। ନଭେମ୍ବର ୨୦ରେ ସିବିଆଇ ଏସ୍‌ଆଇଆରରେ ଏକ ମାମଲା ରୁଜୁକରି ପ୍ରାରମ୍ଭିକ ଭାବେ ମାମଲାର ତଦନ୍ତ କରିଥିବା କ୍ରାଇମ୍‌ବ୍ରାଞ୍ଚରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ଲାଗି ଆବେଦନ କରିବା ସହ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନକୁ ବିରୋଧ କରିଥିଲା। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁପାରିସ ପରେ କେନ୍ଦ୍ର ସରକାର ପୋଲିସ ସବ୍-ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତକୁ ଅନୁମୋଦନ କରିଥିଲେ। ଏକ ଆନ୍ତଃରାଜ୍ୟ ସଂଗଠିତ ସିଣ୍ଡିକେଟ୍ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସିବିଆଇଙ୍କୁ ତଦନ୍ତ ପାଇଁ ସୁପାରିସ୍ କରିଥିଲେ।

# ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ବୃଦ୍ଧ ଗିରଫ

ଖୁଣ୍ଟୁଣୀ,୬।୨ (ସଚ୍ଚିଦାନନ୍ଦ ପଣ୍ଡା)

ଜଣେ ନାବାଳିକା ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ଖୁଣ୍ଟୁଣୀ ଥାନା ପୋଲିସ ଶୁକ୍ରବାର ରାଧାଦାମୋଦରପୁର (କଣ୍ଡାବନ୍ଧ) ଗ୍ରାମର ଗଗନ ବିହାରୀ ଦାସ (୭୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଗୁରୁବାର ନାବାଳିକା ଛାତ୍ରୀ ପାଠପଢ଼ିବା ପାଇଁ ନିକଟସ୍ଥ ସ୍କୁଲକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ସମୟରେ ସ୍କୁଲ ପାଖରେ ଗଗନ ରହି ନାବାଳିକାଙ୍କୁ କୁରକୁରେ ଓ ଚକଲେଟ ଦେଖାଇ ଏକ ନିଛାଟିଆ ସ୍ଥାନକୁ ଡାକି ନେଇ ଅସଦାଚରଣ ଉଦ୍ୟମ କରୁଥିଲେ। ଛାତ୍ରୀ ଜଣକ ପାଟି କରିବାରୁ ବୃଦ୍ଧ ପଳାଇଯାଇଥିଲେ। ପରେ ଛାତ୍ରୀ ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ପରିବାର ଓ ମା'ଙ୍କୁ କହିଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ମା' ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୩୪/୨୬) ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଗଗନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଏସ୍‌ଆଇ ଶକୁନ୍ତଳା ଦାସ ସୂଚନା ଦେଇଛନ୍ତି।

# ଇଡିରେ ହାଜର ହେଲେ ସନ୍ତୋଷ ଦଳେଇ

**ବାଲିମାଫିଆଙ୍କ ଘରେ ଇଡି ଚଢ଼ାଉ ମାମଲା**

ଭୁବନେଶ୍ୱର, ୬।୨ (ତ୍ରିନାଥ ମହାନ୍ତି)

ବ୍ରହ୍ମପୁରରେ ବାଲିମାଫିଆଙ୍କ ଘରେ ଇଡି ଚଢ଼ାଉ କରି କୋଟି କୋଟି ଟଙ୍କା ଏବଂ ଦାମୀ ଗାଡ଼ି ଜବତ ହେବା ମାମଲାରେ ଇଡି ଏକାଧିକ ବ୍ୟକ୍ତିଙ୍କୁ ଡାକି ପଚରାଉଚରା କରୁଛି। ଇଡିର ସମନ ପାଇ ଶୁକ୍ରବାର ହାଜର ହୋଇଥିଲେ ସନ୍ତୋଷ ଦଳେଇ। ବାଲିମାଫିଆଙ୍କ ମାମଲା ନେଇ ତାଙ୍କୁ ଜେରା କରାଯାଇଛି ବୋଲି ଚାଲାଣର ମୁଖ୍ୟ ଥିବା କୃପାସିନ୍ଧୁ ମୁଦୁଲିଙ୍କ ଘନିଷ୍ଠ ଥିଲେ ସନ୍ତୋଷ। ସୂଚନାଯୋଗ୍ୟ, ଚଢ଼ାଉ ବେଳେ ଦୁଇଟି ଟ୍ରଙ୍କ୍‌ରେ ଟଙ୍କା ଜବତ କରିଥିଲା ଇଡି। ନକଲି ଓ୍ୱାଲ ଫର୍ମ ଓ କାଗଜପତ୍ର ମଧ୍ୟ ଜବତ କରାଯାଇଥିଲା। ୩ ଦିନ ପୂର୍ବରୁ ସୁନୀଲ ପାତ୍ରଙ୍କଠିରେ ହାଜର ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କୁ ଜେରା କରିସାରିଛି ଇଡି।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖୋର୍ଦ୍ଧା**
ବେଗୁନିଆ, ଓଡ଼ିଶା - 752062
19001/12/2526
**OSRTC ଅଟଳ ବସ୍‌ଷ୍ଟାଣ୍ଡ ଦୋକାନ ଘର ଆବଣ୍ଟନ ସମ୍ବନ୍ଧୀୟ ବିଜ୍ଞପ୍ତି**
ପତ୍ର ସଂଖ୍ୟା : 319 ତାରିଖ : ୨୮.୦୧.୨୦୨୬
ବେଗୁନିଆ ପଞ୍ଚାୟତ ସମିତି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବେଗୁନିଆ ବ୍ଲକ OSRTC ଅଟଳ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ୮ଟି (ଆଠଗୋଟି) ଦୋକାନ ଘର ଭଡ଼ାଭିତ୍ତିରେ ବିଧିବଦ୍ଧ ନିଲାମ ହେଉଅଛି। ଏହି ଆବଶ୍ୟକ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅଫଲାଇନ ମାଧ୍ୟମରେ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବେଦନ କରିପାରିବେ।
ଆବେଦନ ଫର୍ମ ମିଳିବା ସ୍ଥାନ : ବ୍ଲକ କାର୍ଯ୍ୟାଳୟ, (କାର୍ଯ୍ୟ ଦିବସରେ)
ଆବେଦନ ଦାଖଲ କରିବାର ଶେଷ ତାରିଖ : ୧୬.୦୨.୨୦୨୬ (ସମୟ : ୪ ଘଟିକା)
ଲଟେରି ଉଠାଣ ତାରିଖ : ୧୮.୦୨.୨୦୨୬
ଯୋଗ୍ୟତା ଓ ସର୍ତ୍ତାବଳୀ : ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ସମସ୍ତ ଗ୍ରାମପଞ୍ଚାୟତ ଓ ଅଟଳ ବସ୍‌ଷ୍ଟାଣ୍ଡ ବିଜ୍ଞପ୍ତି ବୋର୍ଡରେ ଉପଲବ୍ଧ।
ବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :
ଲୁଗାରା କନିଷ୍ଠ ପ୍ରଶାସକ OSRTC ବ୍ଲକ ପର୍ଯ୍ୟବେକ୍ଷକ। ମୋ - 91 7978769433
OIPR-19001/19302/1/25-26/0012 ସ୍ୱା./- ବ୍ଲକ ଉନ୍ନୟନ ଅଧିକାରୀ, ବେଗୁନିଆ, ଖୋର୍ଦ୍ଧା



# ରାୟଗଡ଼ା, କନ୍ଧମାଳରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

**ଟପ୍ ମାଓବାଦୀ ଦମ୍ପତି ନିଖିଲ, ଇନ୍ଦୁ ବନ୍ଧୁକ ଛାଡ଼ିଲେ**


ମାଓବାଦୀ ନିଖିଲ ଓ ତାଙ୍କ ସ୍ତ୍ରୀ ଇନ୍ଦୁଙ୍କଠାରୁ ପୋଲିସ ତଥ୍ୟ ସଂଗ୍ରହ କରୁଛି।

ଭୁବନେଶ୍ୱର/ରାୟଗଡ଼ା/ଫୁଲବାଣୀ, ୬।୨ (ତ୍ରିନାଥ ମହାନ୍ତି/ଆଶିଷ ରଞ୍ଜନ ପଣ୍ଡା/ରାକେଶ କୁମାର ରାଉତ)

ମାଓବାଦୀ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସକୁ ବଡ଼ ସଫଳତା ମିଳିଛି। ଟପ୍ ମାଓବାଦୀ ନେତା ତଥା ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ ନିରଞ୍ଜନ ରାଉତ ଓ ତାଙ୍କ ସ୍ତ୍ରୀ ଅଙ୍କିତା ଓରଫ ରଶ୍ମିତା ଲେଙ୍କା ଓରଫ ଇନ୍ଦୁଙ୍କ ସମେତ ରାୟଗଡ଼ା ଓ କନ୍ଧମାଳରେ ୧୯ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଡିଜିପି କ୍ୟାମ୍ପ ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାୟଗଡ଼ା ଜିଲା ପୋଲିସ ସମ୍ମୁଖରେ ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ) ଡିଭିଜନର ମୋଟ ୧୫ଜଣ ମାଓବାଦୀ କ୍ୟାଡର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମାଓବାଦୀ ଦମ୍ପତି ତଥା ରାଜ୍ୟ କମିଟି ସଦସ୍ୟ ନିଖିଲଙ୍କ ଘର ଜଗତସିଂହପୁରରେ ହୋଇଥିବାବେଳେ ଅଙ୍କିତା ଓରଫ ରଶ୍ମିତାଙ୍କ ଘର କଟକ ଟାଙ୍ଗୀରେ। ଉଭୟଙ୍କ ନାମରେ ୫୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ନିଖିଲ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି, କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ। ତେବେ ସମସ୍ତଙ୍କଠାରୁ ମୋଟ ୧୪ଟି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି। ଏଥିମଧ୍ୟରେ ୨ ଏକେ-୪୭, ୫ ଏସ୍‌ଏଲଆର, ଗୋଟିଏ ଷ୍ଟେନ୍, ଗୋଟିଏ ଇନ୍‌ସାସ୍, ଗୋଟିଏ ୩୦୩ ରାଇଫଲ ଏବଂ ୪ଟି ସିଙ୍ଗଲ ଶଟ୍ ବନ୍ଧୁକ ରହିଛି। ସେହିପରି କନ୍ଧମାଳ ଜିଲା ପୋଲିସ ସମ୍ମୁଖରେ କଳାହାଣ୍ଡି- କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନ ପାର୍ଟି ମେମ୍ବର(ପିଏମ୍) ପଦରେ ଅବସ୍ଥାପିତ ଥିବା ୪ଜଣ ମାଓବାଦୀ କ୍ୟାଡର ହିଂସାର ପଥ ତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ସମୟରେ ସେମାନେ ଅସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜିମା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା (କେକେବିଏନ୍) ଡିଭିଜନ୍‌ର ପାର୍ଟି ମେମ୍ବରମାନେ ହେଲେ ଗଙ୍ଗା କୁଞ୍ଜାମି ଓରଫ ଜିତେନ, ମୁଚାକି ମାସେ ଓରଫ ସୁମିତ୍ରା, ଟୋମାଲି କୁଞ୍ଜମ ଓରଫ ଶାନ୍ତିଲା, ବନ୍ଦୀ ମାଡ଼ଭି ଓରଫ ମାଳତୀ। ସେମାନଙ୍କ ନିକଟରୁ ଏନ୍‌ଏଲ୍‌ଆର ୧ଟି, ୧୨ ବୋର ଗନ୍ ୧ଟି, ୩୦୩ ରାଇଫଲ ୨ଟି ସମେତ ବିପୁଳ ଗୁଳିଗୋଳା ଜବତ କରାଯାଇଛି। ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଡିଜିପି ଖୁରାନିଆ କହିଛନ୍ତି, ଆସନ୍ତା ମାର୍ଚ୍ଚ ୩୧ ପୂର୍ବରୁ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପକୁ ସମୂଳେ ନିପାତ କରିବା ଦିଗରେ ଓଡ଼ିଶା ପୋଲିସର ଟାର୍ଗେଟ ରହିଛି। ଅପରପକ୍ଷେ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ମାଓବାଦୀଙ୍କୁ ଡିଜିପି ଆହ୍ୱାନ ଦେଇଛନ୍ତି।

**Government of Odisha, "e"-Procurement Notice**
**WORKS DEPARTMENT**
E-mail : ceworldbankprojects@gmail.com
Bid Identification No. CE-BRIDGES-15/2025-26 No.34001/29/2526
1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge Work
3. No. of work : 01 No.
4. Tender paper cost : Rs.10,000.00 (on-line)
5. Class of Contractor : A/Special Class Contractor
6. Available of bid document in the website : From 10.00 A.M. of 10.02.2026 to 5.00 P.M of 26.02.2026
7. Date of opening of Bid : Dt.27.02.2026 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Engineer, Bridges, Odisha, Bhubaneswar
OIPR-34001/34174/1/25-26/0029

**OFFICE OF THE MUNICIPAL COUNCIL, BELPAHAR**
Ph. : 06645-356292, Fax : 06645-250236, Email : municipalitybelpahar@gmail.com
**NOTICE INVITING EXPRESSION OF INTEREST (EOI)**
No.13001/37/2526 EOI Notice No.299 Dt.05.02.2026
The details may be accessed and the EOI can be seen & downloaded from www.belpaharmunicipality.co.in & Jharsuguda District website i.e. www.jharsuguda.odisha.gov.in

| | |
|---|---|
| Name of the Work | Expression of Interest (EOI) for Arrival of rates of Vehicles & Machineries Required for Belpahar Municipality |
| Submission of Rates by Regd. Post/Speed Post only | On or before dt.12.02.2026 upto 5.00 P.M. on working days |
| Name & address of the officer inviting EOI | Executive Officer, Belpahar Municipality |

Sd./- Executive Officer
Belpahar Municipality
OIPR-13001/13050/1/25-26/0037

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
ଜିଲ୍ଲା-ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୧୬
**NOTIFIED AREA COUNCIL, TARBHA**
Dist.- Subarnapur, Odisha-767016
nactarbha@gmail.com
No.144/Date 03.02.2026
**TENDER CALL NOTICE**
No.13001/35/2526: The Executive Officer, NAC, Tarbha, Dist-Subarnapur inviting sealed Tenders in conformity with Detailed Tender Called Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No.04 drawn in favour of Executive Officer, NAC Tarbha payable at Tarbha on working days during office hours as mentioned below. Other terms & conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 21 (Twenty One) Nos. |
| Value of Works | Rs.0.78 Lakhs to 04.23 Lakhs |
| Last date & time of sale of Tender Paper | Upto 05.00 P.M. of 19.02.2026 |
| Last date & time of Receipt of BID | Upto 05.00 P.M. of 20.02.2026 |
| Date & Time of Opening BID | At 11.30 A.M. of 21.02.2026 |

OIPR-13001/13199/1/25-26/0035 Sd./- Executive Officer, N.A.C., Tarbha

**ODISHA LIVESTOCK RESOURCES DEVELOPMENT SOCIETY (OLRDS),**
OBPI Campus, Bhubaneswar-751003
Email: olrdsahd@gmail.com, Website:olrds.odisha.gov.in
Invitation for Expression of Interest
For
**LIVESTOCK INSURANCE UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS) for the year 2026-27**
No.6001/5/2526: Odisha Livestock Resources Development Society (OLRDS) invites Expression of Interest from eligible IRDAI approved Insurance Companies for the implementation of Livestock Insurance Scheme for the year 2026-27. Last date of receipt of EOI is 16.02.2026 upto 5.00 PM. The details in this regard can be downloaded from the OLRDs website: olrds.odisha.gov.in Directorate of Animal Husbandry & Veterinary Services, Odisha: dahvs.odisha.gov.in and NIC, Khordha: khordha.odisha.gov.in
The tender will open on 17.02.2026 at 11 AM.
Sd./-
OIPR-6001/6061/1/25-26/0005 Chief Executive Officer, OLRDS

# ରେକର୍ଡ ବୁକ୍‌ରେ ବୈଭବ ସୂର୍ଯ୍ୟବଂଶୀ

**ବୈଭବ**
**୧୭୫ ରନ**
**୮୦ ବଲ**
**୧୫ ଚୌକା**
**୧୫ ଛକା**




ବୈଭବ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ଟୁର୍ନାମେଣ୍ଟରେ ମୋଟ ୪୩୯ ରନ କରିବା ସହ ଗୋଟିଏ ଉଇକେଟ ନେଇଥିଲେ।

**୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ୮୦ ବଲ୍‌ରୁ ୧୭୫ ରନର ଇନିଂସ ଖେଳିଛନ୍ତି। ଏହା ମଧ୍ୟରେ ୧୫ ଚୌକା ଓ ୧୫ ଛକା ସାମିଲ। ଭାରତ-ଇଂଲଣ୍ଡ ଫାଇନାଲ ଅବସରରେ କେତେକ ରେକର୍ଡକୁ ନେଇ ଉପସ୍ଥାପନା...**

● **୧୭୫:** ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲ କିମ୍ବା ୟୁଥ୍ ଦିନିକିଆ ନକ୍‌ଆଉଟ ଗେମ୍‌ରେ ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୫ ଏସିଆ କପ୍ ଫାଇନାଲରେ ପାକିସ୍ତାନର ସମୀର ମିନହାସ ଭାରତ ବିପକ୍ଷରେ ସର୍ବାଧିକ ୧୭୨ ରନକରି ରେକର୍ଡର ଅଧିକାରୀ ଥିଲେ। କୌଣସି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ମଧ୍ୟ ୧୭୫ ରନ ସର୍ବାଧିକ ସ୍କୋର। ଏହା ୧୯ ବର୍ଷରୁ କମ୍ ହେଉ କି ସିନିୟର ସ୍ତରର। ୨୦୨୨ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ଇଂଲଣ୍ଡର ଆଲିସା ହିଲି ସ୍କୋର କରିଥିବା ୧୭୦ ରନ ସର୍ବାଧିକ ଥିଲା।

● **୧:** ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦୨୨ରେ ଭାରତର ରାଜ ବାୱା ଉଗାଣ୍ଡା ବିପକ୍ଷରେ ୧୬୨ ରନରେ ଅପରାଜିତ ରହି ରେକର୍ଡର ଅଧିକାରୀ ଥିଲେ।

● **୧୫:** ନିଜର ୧୭୫ ରନର ଇନିଂସ ମଧ୍ୟରେ ସୂର୍ଯ୍ୟବଂଶୀ ୧୫ ଛକା ମାରିଛନ୍ତି। କୌଣସି ୟୁଥ୍ ଦିନିକିଆ ଇନିଂସରେ ଏହା ସର୍ବାଧିକ। ଗତ ଡିସେମ୍ବରରେ ସେ ୟୁଏଇ ବିପକ୍ଷରେ ୧୪ ଛକା ମାରିଥିଲେ। ଏବେ ସେ ନିଜ ରେକର୍ଡ ଭାଙ୍ଗିଛନ୍ତି।

● **୧୫୦:** ସୂର୍ଯ୍ୟବଂଶୀ କେବଳ ବାଉଣ୍ଡରି (୧୫ ଚୌକା, ୧୫ ଛକା)ରୁ ୧୫୦ ରନ ସ୍କୋର କରିଥିଲେ। ୟୁଥ୍ ଦିନିକିଆରେ ଏହା ହେଉଛି ଅନ୍ୟ ଏକ ରେକର୍ଡ। ପୂର୍ବରୁ ଶ୍ରୀଲଙ୍କାର ହସିଥା ବୋୟାଗୋଦା ୨୦୧୮ରେ କେନିୟା ବିପକ୍ଷରେ ବାଉଣ୍ଡରିରୁ ସର୍ବାଧିକ ୧୨୪ ରନ ସଂଗ୍ରହ କରିଥିଲେ। ସେ ଏହି ମ୍ୟାଚରେ ୧୯୧ ରନ କରିଥିଲେ। ହସିଥା ସେତେବେଳେ ୨୮ ଚୌକା ଓ ୨ ଛକା ମାରିଥିଲେ।

● **୭୧:** ସୂର୍ଯ୍ୟବଂଶୀ ୧୫୦ ରନ ପୂରଣଲାଗି ୭୧ଟି ବଲ୍‌ର ସହାୟତା ନେଇଥିଲେ। ଏହା ୟୁଥ୍ ଦିନିକିଆରେ ଦ୍ରୁତତମ। ନିକଟରେ ସେ ଏସିଆ କପ୍‌ରେ ୟୁଏଇ ବିପକ୍ଷରେ ୮୪ ବଲ୍‌ରୁ ୧୫୦ ରନ ପୂରଣ କରିଥିଲେ। ଏଥର ସେ ନିଜ ରେକର୍ଡ ଭାଙ୍ଗିଛନ୍ତି। ୟୁଥ୍ ଦିନିକିଆରେ ଏକାଧିକଥର ୧୫୦+ ସ୍କୋର କରିବାରେ ସେ ଶ୍ରୀଲଙ୍କାର ପୁଲିନ୍ଦୁ ପେରେରା ଓ ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍କୱିକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି।

● **୨:** ସୂର୍ଯ୍ୟବଂଶୀଙ୍କ ୫୫ ବଲ୍ ଶତକ ୧୯ ବର୍ଷରୁ କମ୍ ବିଶ୍ୱକପରେ ଦ୍ୱିତୀୟ ଦ୍ରୁତତମ। ଅଷ୍ଟ୍ରେଲିଆର ୱିଲ୍ ମାଲାଜୁକ୍ ଜାପାନ ବିପକ୍ଷରେ ୫୧ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।

● **୧୧୦:** ୟୁଥ୍ ଦିନିକିଆର ଶେଷ ୨୫ଟି ଇନିଂସରେ ସୂର୍ଯ୍ୟବଂଶୀ ୧୧୦ ଛକା ମାରି ନିଜ ରେକର୍ଡକୁ ଅଧିକ ମଜବୁତ କରିଛନ୍ତି। ବାଂଲାଦେଶର ଜୱାଦ ଆର୍ବାର ତାଙ୍କ ଅଧା ଅର୍ଥାତ୍ ୫୫ଟି ଛକାମାରି ଦ୍ୱିତୀୟରେ ରହିଛନ୍ତି।



୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ରେକର୍ଡ

**▶▶ ଗୋଟିଏ ଇନିଂସରେ ସର୍ବାଧିକ ଛକା**
**୧୫:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୧୨:** ମାଇକେଲ ହିଲ୍ (ଅଷ୍ଟ୍ରେଲିଆ) ବନାମ ନାମ୍ବିୟା, ପେନାଙ୍ଗ, ୨୦୦୮
**୧୧:** କ୍ରେଗ୍ ସିମନ୍ସ (ଅଷ୍ଟ୍ରେଲିଆ), ବନାମ କେନିୟା, ଡୁନେଡିନ, ୨୦୦୨

**▶▶ ଫାଇନାଲରେ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର**
**୧୭୫:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୧୧୫:** କାଲେବ ଫାଲ୍କନର (ଇଂଲଣ୍ଡ) ବନାମ ଭାରତ, ହରାରେ, ୨୦୨୬
**୧୧୧*:** ଉନ୍ମୁକ୍ତ ଚାନ୍ଦ (ଭାରତ), ବନାମ ଅଷ୍ଟ୍ରେଲିଆ, ଟାଉନ୍ସଭିଲେ, ୨୦୧୨
**୧୦୮:** ବ୍ରେଟ୍ ୱିଲିୟମ୍ସ (ଅଷ୍ଟ୍ରେଲିଆ), ବନାମ ପାକିସ୍ତାନ, ଆଡିଲେଡ, ୧୯୮୮

**▶▶ ଦ୍ରୁତତମ ୧୫୦**
**୭୧ ବଲ୍:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୯୮ ବଲ୍:** ବେନ୍ ମାୟେସ (ଇଂଲଣ୍ଡ), ବନାମ ସ୍କଟଲାଣ୍ଡ, ହରାରେ, ୨୦୨୬

## ଭାରତ-ଇଂଲଣ୍ଡ ଫାଇନାଲ ସଂକ୍ଷିପ୍ତ ସ୍କୋର

**ଭାରତ:** ୫୦ ଓଭରରେ ୪୧୧/୯ (ବୈଭବ ସୂର୍ଯ୍ୟବଂଶୀ-୧୭୫, ଆୟୁଷ ମାହାତ୍ରେ- ୫୩, ଅଭିଜ୍ଞାନ କୁଣ୍ଡୁ-୪୦, କନିଷ୍କ ଚୌହାନ-୩୭*, ବେଦାନ୍ତ ତ୍ରିବେଦୀ-୩୨, ଭିହାନ ମାଲହୋତ୍ରା-୩୦, ଜେମ୍ସ ମିଣ୍ଟୋ-୩/୬୩, ସେବାଷ୍ଟିଆନ ମୋର୍ଗାନ-୨/୭୪, ଆଲେକ୍ସ ଗ୍ରୀନ୍-୨/୪୯, ମାନି ଲୁମ୍ସଡେନ-୧/୮୧)। **ଇଂଲଣ୍ଡ:** ୪୦.୨ ଓଭରରେ ୩୧୧/ଅଲ୍‌ଆଉଟ (କାଲେବ ଫାଲ୍କନର-୧୧୫, ବେନ୍ ଡକିନ୍ସ-୬୬, ବେନ୍ ମାୟେସ-୪୫, ଥୋମାସ ରିଉ-୩୧, ଆର.ଏସ. ଆମ୍ବ୍ରିସ-୩/୫୬, ଦୀପେଶ ଦେବେନ୍ଦ୍ରନ-୨/୬୪, କନିଷ୍କ ଚୌହାନ-୨/୬୩, ଖିଲାନ ପଟେଲ-୧/୬୬, ଆୟୁଷ ମାହାତ୍ରେ-୧/୩୧)।

# ଭାରତୀୟ ଦଳକୁ ଅଭିନନ୍ଦନର ସୁଅ

"ରେକର୍ଡ ୬ଷ୍ଠଥର ପାଇଁ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟ ପାଇଁ ଖେଳାଳିମାନଙ୍କୁ ଆନ୍ତରିକ ଅଭିନନ୍ଦନ। ଏହା ପ୍ରକୃତରେ ଐତିହାସିକ ଓ ପ୍ରେରଣାଦାୟକ ସଫଳତା।
**-ନୀତା ଅମ୍ବାନୀ (ଚେୟାରପର୍ସନ ରିଲାଏନ୍ସ ଫାଉଣ୍ଡେସନ)**

"ବିଜୟୀ ଦଳକୁ ଅଭିନନ୍ଦନ। ବାସ୍ତବିକ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଆମର ପ୍ରାଧାନ୍ୟ ଜାରି ରହିଛି। ସହାୟକ କର୍ମଚାରୀମାନଙ୍କୁ ଶୁଭେଚ୍ଛା।
**-ବିରାଟ କୋହଲି (ବ୍ୟାଟିଂ ଷ୍ଟଲୱାର୍ଟ)**

"ବାଳକମାନେ ତୁମମାନଙ୍କ ପାଇଁ ମୁଁ ଗର୍ବିତ। ଆଗକୁ ଉଜ୍ଜ୍ୱଳ ଭବିଷ୍ୟତ ରହିଛି।
**-ଗୌତମ ଗମ୍ଭୀର (ଭାରତ ସିନିୟର ଦଳର କୋଚ୍)**

"ନିର୍ଭୀକ ଆଧୁନିକ ହ୍ୱାଇଟ୍‌ବଲ କ୍ରିକେଟର ଏହା ଏକ ପ୍ରତିଫଳନ।
**-ଆର୍. ଅଶ୍ୱିନୀ (ପୂର୍ବତନ ସ୍ପିନର)**

"ବାସ୍ତବିକ ଏକ ପ୍ରଭାବଶାଳୀ ପ୍ରଦର୍ଶନ। ଅଭିନନ୍ଦନ ଟିମ୍ ଇଣ୍ଡିଆ।
**-ହରଭଜନ ସିଂ (ପୂର୍ବତନ ସ୍ପିନର)**

"ସ୍କୁଲ ପାଠ୍ୟକ୍ରମ ଶେଷ କରିବା ପୂର୍ବରୁ ବୈଭବ ଏକ ଆଇପିଏଲ୍ ଜିତିବାକୁ ଯାଉଛନ୍ତି।
**-ଡେଲ୍ ଷ୍ଟେଇନ୍ (ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର)**

"ସେମାନେ କଠିନ ପରିଶ୍ରମ କରିଥିଲେ ଏବଂ ବୁଦ୍ଧିମାନ ଭଳି ଖେଳିଥିଲେ। ସେମାନେ ବିଜୟ ପାଇଁ ଯୋଗ୍ୟ।
**-ଇଆନ ବିଶପ (ୱେଷ୍ଟଇଣ୍ଡିଜର ପୂର୍ବତନ ଫାଷ୍ଟ ବୋଲର)**

# ଓଡ଼ିଶାର ବିଜୟ ଅଭିଯାନ

**କଟକ,୬।୨(କୁମାରଶ୍ରୀ)**

ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଲିଟ ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ରାଜକୋଟର ସନୋସାରା କ୍ରିକେଟ ଗ୍ରାଉଣ୍ଡ-ବି'ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରିଥିବା ଓଡ଼ିଶା ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ସରିତା ମେହେରଙ୍କ ୮୪ରନ ଏବଂ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫୭ରନ ସହାୟତାରେ ଦଳ ୯ ଉଇକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ୨୫୮ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମଧ୍ୟପ୍ରଦେଶର ଇନିଂସ୍ ୨୨୨ରନରେ ସୀମିତ ରହିଥିଲା। ଅନନ୍ୟା ଦୁବେ ସର୍ବାଧିକ ୮୫ରନ କରିଥିଲେ। ଅଧିନାୟିକା ସୁଶ୍ରୀ ଏବଂ ଏସ୍‌ବି ଲରେନ୍ସ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୁଶ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ସୁଶୀଲଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୬।୨ (ପି.ଟି.)**



ସ୍ଥାନୀୟ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜାତୀୟ ଜୁନିୟର କୁସ୍ତି ଚାମ୍ପିୟନ ସାଗର ଧନକରଙ୍କ ହତ୍ୟା ମାମଲାରେ ଗିରଫ ଅଲିମ୍ପିଆନ ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ କୋର୍ଟ ଖାରଜ କରିଦେଇଛନ୍ତି। ସେଲିବ୍ରିଟି ଅଲିମ୍ପିଆନ ରେସ୍‌ଲରଙ୍କ ଜାମିନ ଆବେଦନର ଶୁଣାଣି କରୁଥିଲେ ଅତିରିକ୍ତ ସେସନ ଜଜ୍ ସୁଶୀଲ କୁମାର। ୨୦୨୧ ମେ ମାସରେ ଏକ ସମ୍ପତ୍ତି ବିବାଦକୁ ନେଇ କୁମାର ଓ ତାଙ୍କ ସହଯୋଗୀମାନେ ଧନକର ଓ ତାଙ୍କ ସାଥୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ଆକ୍ରମଣରେ ଧନକରଙ୍କ ମସ୍ତିଷ୍କ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କର ଅନ୍ୟ ଦୁଇ ସାଥୀ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲେ। କୁମାର ୨୦୨୧ ମେ'ରେ ଗିରଫ ହୋଇଥିଲେ। ୨୦୨୩ ଜୁଲାଇ ୧୯ରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପାଇଁ ଏକ ସେସନ କୋର୍ଟ କୁମାରଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ଧମକ ଓ ମାରାତ୍ମକ ଅସ୍ତ୍ର ସହ ହଙ୍ଗାମା କରିବା ଆଦି ଅଭିଯୋଗରେ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ର ଧାରା ଅନୁସାରେ କୁମାରଙ୍କ ବିରୋଧରେ ୨୦୨୨ ଅକ୍ଟୋବରରେ ଏକ ଟ୍ରାଏଲ୍ କୋର୍ଟ ଚାର୍ଜଫ୍ରେମ୍ କରାଯାଇଥିଲା। ଅସ୍ତ୍ରଶସ୍ତ୍ର ଆଇନ ଅନୁସାରେ ମଧ୍ୟ ଚାର୍ଜଫ୍ରେମ୍ କରାଯାଇଥିଲା। ଟ୍ରାଏଲ କୋର୍ଟ ଉଲ୍ଲେଖ କରିଥିଲେ ଯେ, ଧନକର ଓ ତାଙ୍କ ସାଥୀମାନଙ୍କୁ ଅପହରଣ କରି ସେମାନଙ୍କୁ ଷ୍ଟାଡିୟମ ଭିତରକୁ ଅଣାଯାଇଥିଲା। ବେସ୍‌ବଲ୍ ଏବଂ ହକି ଷ୍ଟିକ୍‌ରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା।

# ସେମିରେ ଆକାଶ, ଅନୁଜ, ନିଶାନ୍ତ

**କଟକ,୬।୨(କୁମାରଶ୍ରୀ):** ସିଡିଏସ୍ଥିତ ଗୋଲ୍‌ଡେନ କ୍ୟୁ ସ୍ନୁକର କାଫେରେ ଚାଲିଥିବା ଗୋଲ୍‌ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହେବ। ଆଜି ପ୍ରତିଯୋଗିତାର ୫ମ ଦିନରେ କ୍ୱାର୍ଟର ଫାଇନାଲ ମୁକାବିଲା ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆକାଶ ମହାପାତ୍ର ୪-୨ ଫ୍ରେମରେ ଚିରାଗ ଅରୋରାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅନୁଜ ପଣ୍ଡା ୪-୦ ଫ୍ରେମରେ ସୁଦୀପ୍ତ ଦାଶଙ୍କୁ ଏବଂ ତୃତୀୟ ମ୍ୟାଚ୍‌ରେ ନିଶାନ୍ତ ବିଶ୍ୱାଳ ୪-୧ ଫ୍ରେମରେ ସୁବ୍ରତ ଦାଶଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଆଶୁତୋଷ ପାଢ଼ୀ ଏବଂ ଡ. ରାକେଶ ରୋଶନ ପ୍ରଧାନଙ୍କ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜାରି ରହିଥିଲା।

# ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

**କଟକ,୬।୨(କୁମାରଶ୍ରୀ)**

ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ କେବଳ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଖେଳାଯାଇଥିଲା।

୨୩ବର୍ଷରୁ କମ୍ ପୁରୁଷ ୫୭ କେଜି ବର୍ଗରେ ଅମିତ କୁମାର ପ୍ରଧାନ, ୬୧ କେଜି ବର୍ଗରେ ଅଜିତ ଭୂୟାଁ, ୬୫ କେଜି ବର୍ଗରେ ଦୀପକ ନାୟକ, ୭୦ କେଜି ବର୍ଗରେ ଅଭିଷେକ ଗୁରୁ, ୭୫ କେଜି ବର୍ଗରେ ଆର୍ଯ୍ୟନ ସାହୁ, ୭୯ କେଜି ବର୍ଗରେ ଦେବାଶିଷ ପାଣିଗ୍ରାହୀ, ୮୬ କେଜି ବର୍ଗରେ ସାହିଲ ସୁନ୍ଦର ବେହେରା, ୯୨ କେଜି ବର୍ଗରେ ଶୁଭଙ୍କର ଷଡ଼ଙ୍ଗୀ, ମହିଳା ୫୩କେଜି ବର୍ଗରେ ଶୁଭଲକ୍ଷ୍ମୀ ପାଲ, ୫୫କେଜି ବର୍ଗରେ ସୋନିଆ ନାୟକ, ୫୭ କେଜି ବର୍ଗରେ ଶାନ୍ତିଲତା ସୁବୁଦ୍ଧି, ୫୯ କେଜି ବର୍ଗରେ ରୋଜାଲିନ ଜେନା, ୬୨କେଜି ବର୍ଗରେ ଗାୟତ୍ରୀ ପାଣି, ୬୫ କେଜି ବର୍ଗରେ ରୋନାଲି ଗିରି, ୬୮କେଜି ବର୍ଗରେ ଭବାନୀ ସେନାପତି, ୫୦କେଜି ବର୍ଗରେ ଶୁଭଶ୍ରୀ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ସିନେ କଳାକାର ତଥା ଭାଜପା ନେତା ଶ୍ରୀତମ ଦାସ, ଓଡ଼ିଶା ଆଥଲେଟିକ ସଂଘ ସଭାପତି ଜିଏସ୍ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମୀରଞ୍ଜନ ସାମନ୍ତରାୟ, କଟକ ସ୍ପୋର୍ଟସ ହଷ୍ଟେଲ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

# ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)**

ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୨ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୨୧ ଜିଲାରୁ ୨୬୦ ପ୍ରତିଯୋଗୀ ଓ ୫୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ପୁରୁଷ ୫୩, ୫୯ ଓ ୬୬ କେଜି ବର୍ଗରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀମାନେ ହେଲେ ନେମାଲ ପୁରୀ ତରୁନ, ବିଶ୍ୱଜିତ ମହାପାତ୍ର, ଅବିନାଶ ହିମିରିକା, ଏସ.କେ. ସାହିଲ, ତେଜାବ କୁମାର ସୁନା, ହରେକୃଷ୍ଣ ମହାନ୍ତି, ସୁଜିତ କୁମାର ଗିରି, ବିକ୍ରମ କୁମାର ସିଂ, ସୌମେନ ସେନାପତି, ପ୍ରଦ୍ୟୁମ୍ନ ବେଉରା, ଭୀମ ମାଝି ଓ ଜୟରାମ ମଲିକ।



ପ୍ରଥମ ଦିବସରେ ଜଣେ ପ୍ରତିଯୋଗୀ ଶକ୍ତି ଉତ୍ତୋଳନ କରୁଛନ୍ତି।

# କୁନ୍ତଳା କୁମାରୀ ଥିଲେ ଅସଲରେ 'ଭାରତ-ଭାରତୀ'

ରୀତା ସ୍ୱାଇଁ

୮ ଫେବୃଆରୀ ୧୯୦୦ ମସିହାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲାର ଜଗଦଳପୁରଠାରେ ପିତା ଦାନିଏଲ୍ ସାବତ ଓ ମାତା ମନିକା ସାବତଙ୍କର ଜ୍ୟେଷ୍ଠା କନ୍ୟାଭାବେ ଜନ୍ମଗ୍ରହଣ କରିଥିଲେ କୁନ୍ତଳା କୁମାରୀ। କୁନ୍ତଳାଙ୍କ ଜନ୍ମର ବର୍ଷେ ନ ପୂରୁଣୁ ପିତା ଦାନିଏଲ୍ ବୃତ୍ତି ଦାୟରେ ସପରିବାର ବର୍ମାକୁ ଚାଲିଯାଇଥିଲେ। ବର୍ମାରେ କୁନ୍ତଳାଙ୍କର ଚଉଦବର୍ଷର ରହଣି ପରେ ୧୯୧୫ରେ ସେ ଖୋର୍ଦ୍ଧାରେ ରହୁଥିବା ତାଙ୍କ ଜେଜେବାପା ଓ ଜେଜେମା'ଙ୍କ ପାଖକୁ ଚାଲିଆସିଥିଲେ। ସ୍କୁଲ ଶିକ୍ଷା ପରେ କୁନ୍ତଳା ୧୯୧୮ରେ କଟକ ମେଡିକାଲ ସ୍କୁଲରେ ନାମ ଲେଖାଇଥିଲେ। ମେଡିକାଲ ସ୍କୁଲର ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଲାଭ କରିବା ସହ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କୁନ୍ତଳା 'ଉତ୍କଳ ସାହିତ୍ୟ' ପତ୍ରିକାର ୧୯୨୨, ୨୫/୩ ସଂଖ୍ୟାରେ 'ତାରା ପ୍ରତି' ପ୍ରଥମ କବିତା ଲେଖି ଓଡ଼ିଆ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପରେ 'ଶେଫାଳି ପ୍ରତି', 'କମଳ ପ୍ରତି', 'ପୂଜା', 'ଛଳନା', 'ମଣିକାଞ୍ଚନ', 'ପୌଷମାସେ', 'ସ୍ୱାଗତ', 'ଜାତୀୟ ସଂଗୀତ', 'ଯୌବନ', 'ନବବର୍ଷେ', 'ତରୁଣର ଆବାହନ' ପ୍ରଭୃତି କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ଲଭି ତାଙ୍କୁ କବି ଭାବରେ ପରିଚୟ ପ୍ରଦାନ କରିଥିଲା।



[୧୯୦୦ - ୧୯୩୮]

ମଧ୍ୟ ନିଜର କର୍ମପ୍ରବଣତା ଓ ସାରସ୍ୱତ କୃତି ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଦିଲ୍ଲୀ ପ୍ରାଦେଶିକ ହିନ୍ଦୀ ପ୍ରଚାରିଣୀ ସଭାର ସେ ଥିଲେ ସଭାନେତ୍ରୀ। ଆଲାହାବାଦର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତଥା ଉତ୍ତର ଭାରତର ଅନ୍ୟ କେତେକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କ ଅଭିଭାଷଣ ଖୁବ୍ ପ୍ରଭାବୀ ଥିଲା। ୧୯୨୪ରେ ସେ କେଶବ ଚନ୍ଦ୍ର ସେନ୍‌ଙ୍କ ପ୍ରତିଷ୍ଠିତ 'ନବବିଧାନ' ବ୍ରାହ୍ମ ସମାଜର ସଭ୍ୟପଦ ଗ୍ରହଣ କରିଥିଲେ। ୧୯୨୫ରେ ମହିଳାବନ୍ଧୁ ସମିତି ଦ୍ୱାରା ସେ 'ଉତ୍କଳ ଭାରତୀ' ପଦବୀରେ ଭୂଷିତା ହୋଇଥିଲେ। ସେହିବର୍ଷ ସେପ୍ଟେମ୍ବର ୧୧ରେ ପୁରୀ ମୁକ୍ତିମଣ୍ଡପ

ସାବ୍ୟସ୍ତ ହୋଇଥିଲା। ଦିଲ୍ଲୀଠାରେ ହିନ୍ଦୀ ପ୍ରଚାରିଣୀ ସଭା ତାଙ୍କୁ 'ଭାରତ କବୟିତ୍ରୀ' ଉପାଧି ପ୍ରଦାନ କରିଥିଲେ। 'ସହକାର'ରେ ପ୍ରକାଶିତ ତାଙ୍କର ୯ଟି 'ଦିଲ୍ଲୀ ଚିଠି' ଓଡ଼ିଆଙ୍କୁ ଦେଶାତ୍ମବୋଧରେ ଅନୁପ୍ରାଣିତ କରିଥିଲା। ଓଡ଼ିଆ ନରନାରୀ ନିଜକୁ 'ବୀରଶ୍ରୀ' ଓ 'ବୀରଶ୍ରୀମତୀ' ଭାବେ ସମ୍ବୋଧିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ତାଙ୍କର ଏହି ଉଦ୍‌ବୋଧନ 'ଓଡ଼ିଶା ପ୍ରଦେଶ ଗଠନ'ରେ ବିଶେଷ ସହାୟକ ହୋଇଥିଲା। କେବଳ କବି ନୁହନ୍ତି, ବରଂ ଜଣେ ଦେଶହିତୈଷୀ ମାନବବାଦୀ ଓ ଅଧ୍ୟାତ୍ମବାଦୀ ଲେଖିକା ଭାବେ ସେ ସମଗ୍ର ଭାରତରେ ପରିଚିତ ଥିଲେ।

୨୩ ଅଗଷ୍ଟ ୧୯୩୮ରେ ତାଙ୍କର ପରଲୋକ ହୋଇଥିଲା। ସେ ଥିଲେ ଏକାଧାରରେ ପ୍ରେମିକା, ଗୃହିଣୀ ଓ ବିପ୍ଳବିଣୀ। ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱ ଆଧୁନିକ

## ଅବଲୋକନ

୧୯୨୭ରେ କଟକଠାରେ ନିଜସ୍ୱ ପ୍ରଚେଷ୍ଟାରେ 'ଭାରତୀ ତପୋବନ' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଢ଼ିବା ସହ କୁନ୍ତଳା ଚାକିରିରୁ ଇସ୍ତଫା ଦେଇଥିଲେ। ୧୯୨୮ ଜୁଲାଇରେ ସେ ଓଡ଼ିଶା ଛାଡ଼ି ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ସେହିବର୍ଷ ଅଗଷ୍ଟ ୮ରେ ଶ୍ରୀ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ସେ ବିବାହ କରିଥିଲେ। ଅନାବିଳ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟ ସ୍ରୋତରେ ଭାସିଭାସି ସେ ୧୯୨୮ ପରେ ଲେଖିଥିଲେ 'ପ୍ରେମ ଚିନ୍ତାମଣି'।

କୁନ୍ତଳା ଓଡ଼ିଆ ସାହିତ୍ୟରେ ମାନବବାଦ ଓ ବିପ୍ଳବର କବି ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ କବିତା ସଂକଳନଗୁଡ଼ିକ ହେଉଛି ଅଞ୍ଜଳି (୧୯୨୨), ଉଚ୍ଛ୍ୱାସ (୧୯୨୩), ଅର୍ଚ୍ଚନା (୧୯୨୭), ସ୍ଫୁଲିଙ୍ଗ (୧୯୨୯), ଆହ୍ୱାନ (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୯) ଓ ମଣିକାଞ୍ଚନ କାବ୍ୟ। ଉପନ୍ୟାସଗୁଡ଼ିକ ହେଉଛି 'ଭ୍ରାନ୍ତି', ପରଶମଣି (୧୯୨୪), ନଅତୁଣ୍ଡୀ (୧୯୨୫), କାଳୀବୋହୂ (୧୯୨୭), ରଘୁ ଅରକ୍ଷିତ (୧୯୨୮)। ଅନ୍ୟ ଦୁଇଟି ଅସମ୍ପୂର୍ଣ୍ଣ ଉପନ୍ୟାସ 'ଚିତ୍ରପଟ' କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର୍ସ ଦ୍ୱାରା ଏବଂ 'ମାଆ ଓ ପୁଅ' ଭାରତୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ।

ତାଙ୍କ ସାହିତ୍ୟ କର୍ମପ୍ରବଣତା ଓ ପରୋପକାରୀ ଜୀବନର ଯଥାର୍ଥ ପ୍ରତିଛବି। ପ୍ରାରମ୍ଭିକ ପର୍ଯ୍ୟାୟର କବିତାରେ ବିଭୁଚେତନା, ପ୍ରେମ ଓ ଆତ୍ମୋତ୍ସର୍ଗର ଭାବ ବିଶେଷଭାବେ ସବଳିତ। ପ୍ରେମ ଓ ସତ୍ୟରେ ହିଁ ସୃଷ୍ଟିର ସଫଳତା ନିହିତ। ତାଙ୍କ ରଚନାରେ ପ୍ରେମ, ପ୍ରକୃତି, ଆଶା, ନିରାଶା, ଦେଶାତ୍ମବୋଧ, ସ୍ୱାଧୀନତାବୋଧ, ସାମାଜିକ ଚେତନା, ଧର୍ମୀୟ ଉଦାରତା ଓ ନାରୀ ପ୍ରତି ସମ୍ବେଦନଶୀଳତାର ସ୍ୱର ପ୍ରତିଫଳିତ। ସେ 'ଶେଫାଳି ପ୍ରତି' କବିତାରେ କହନ୍ତି- "ତୋହ ପରି ତୁଚ୍ଛ ମୁହିଁ ତୋହ ପରି କ୍ଷଣିକ/ ହସେ ବାସେ ରସେ ମାତ୍ର ଫୁଟିଅଛି ଘଡ଼ିକ/ ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ/ ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି/ ଏଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି।" ହିନ୍ଦୀରେ ସେ ଦୁଇଟି କବିତା ବହି ରଚନା କରିଥିଲେ- 'ବରମାଳା' ଓ 'ସପନା'।

ସତ୍ୟବାଦୀ ବନ ବିଦ୍ୟାଳୟରେ ତାଙ୍କ ରଚିତ 'ପୂଜା ପଦ୍ଧତି' ପ୍ରାର୍ଥନା ସଂଗୀତ ରୂପେ ବୋଲାଯାଉଥିଲା।

ବୃତ୍ତିଗତ ସମସ୍ତ ବ୍ୟବସ୍ଥା ମଧ୍ୟରେ ବ୍ୟସ୍ତ ଥାଇ ବି 'ମହାବୀର', 'ଜୀବନ', 'ମନମୌଜି', 'ନାରୀ' ଓ 'ଭାରତୀ' ଆଦି ହିନ୍ଦୀ ପତ୍ରିକାର ସେ ସାମୟିକ ସମ୍ପାଦନା କରିଥିଲେ। କଲିକତାରୁ ପ୍ରକାଶିତ 'ପ୍ରବାସୀ ଓଡ଼ିଆ' ପତ୍ରିକା ଓ ହିନ୍ଦୀ ସାପ୍ତାହିକ 'ସ୍ତ୍ରୀ ଭୂଷଣ' ପତ୍ରିକାର ସେ ଥିଲେ ସମ୍ପାଦିକା। ହିନ୍ଦୀ ସାହିତ୍ୟ ସଭାର କର୍ମକର୍ତ୍ତାବୃନ୍ଦ ତାଙ୍କୁ ସଭାର ଉପସଭାପତି ଭାବେ ମନୋନୀତ କରିଥିଲେ। ପରେ ସେ ହିନ୍ଦୀ ନାଟ୍ୟ ପରିଷଦର ସଭାପତି ଆସନ ଲାଗି ମନୋନୀତ ହୋଇଥିଲେ। ହିନ୍ଦୀରେ ଉଚ୍ଚକୋଟୀର ଲେଖା ଲେଖି ସେ ହିନ୍ଦୀ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ତାଙ୍କର ଜୀବନ ଓ ସାହିତ୍ୟର ବୈଚିତ୍ର୍ୟମୟ ରୂପ ସନ୍ଦର୍ଶନ କରି ହିନ୍ଦୀ ଔପନ୍ୟାସିକ ଜୈନେନ୍ଦ୍ର ତାଙ୍କ ଜୀବନୀ ଆଧାରରେ 'କଲ୍ୟାଣୀ' (୧୯୩୯) ଉପନ୍ୟାସ ରଚନା କରିଥିଲେ।

କୁନ୍ତଳା କୁମାରୀ କେବଳ ପ୍ରାଦେଶିକ ସ୍ତରରେ ନୁହେଁ, ଜାତୀୟ ସ୍ତରରେ





ପଣ୍ଡିତସଭା ତରଫରୁ ତାଙ୍କୁ ଭ୍ରାନ୍ତି, ପରଶମଣି, ଅଞ୍ଜଳି ଓ ଉଚ୍ଛ୍ୱାସ ଗ୍ରନ୍ଥ ପାଇଁ ସ୍ୱତନ୍ତ୍ର ପ୍ରଶଂସାପତ୍ର ମିଳିଥିଲା। ୧୯୩୧ରେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ସେ ଯୋଗଦେଇଥିଲେ। ବାଲେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ଅଧିବେଶନରେ ପୌରୋହିତ୍ୟ କରିଥିଲେ। ୧୯୩୨ରେ ବରେଲି ସମ୍ମିଳନୀରେ ୪୦ପୃଷ୍ଠା ସମ୍ବଳିତ 'ନାରୀ ସ୍ୱରାଜ୍ୟ' ସମ୍ପର୍କରେ ତାଙ୍କ ହିନ୍ଦୀ ବକ୍ତବ୍ୟ ଚିନ୍ତା ଉଦ୍ରେକକାରୀ

ଓଡ଼ିଆ ନାରୀର ମାର୍ଗ ପ୍ରଦର୍ଶକ ଥିଲା। ଜୀବନକୁ ବୁଝିବା, ନିଜକୁ ବୁଝିବା, ନିଜର ମୂଲ୍ୟ ଉପଲବ୍ଧି କରିପାରିବାର ସାମର୍ଥ୍ୟ ସମ୍ପର୍କରେ ପ୍ରଥମେ ସେ ହିଁ ନାରୀମାନଙ୍କୁ ସଚେତନ କରିଥିଲେ। ସେ କେବଳ 'ଉତ୍କଳ-ଭାରତୀ' ନ ଥିଲେ, ଅସଲରେ ଥିଲେ 'ଭାରତ-ଭାରତୀ'। ପବିତ୍ର ଜନ୍ମଦିନ ଅବକାଶରେ ତାଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

- ଖଜୁରା, କସର୍ଦା, କଟକ
ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ

### ଅମନ ମନ୍ଦିରେ ବାସ



**ଲେଖକ:** କ୍ଷୀରୋଦ ପରିଡ଼ା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/-

ବହିର ଆଦ୍ୟାଂଶ (ଇନର)କୁ ବାଦ୍ ଦେଲେ ୧/୮ ଡିମେଇ ସାଇଜ୍‌ରେ ଆଲୋଚ୍ୟ 'ଚରିତ ଉପନ୍ୟାସ'ଟିର ମୁଖ୍ୟ ପାଠ୍ୟାଂଶ ୨୩୯ ପୃଷ୍ଠାର। ଏହି ଧରଣର ଅନ୍ୟ ଦୁଇଟି ଉପନ୍ୟାସ 'ଅଭିନବ ଚୈତନ୍ୟ' ଓ 'ଅବଧୂତିକା' ପ୍ରକାଶ ପାଇବା ପରେ ଏହା ହେଉଛି ଲେଖକଙ୍କର ତୃତୀୟ ଉପନ୍ୟାସ, ଯାହା ମହାକବି ଭୀମଭୋଇଙ୍କ ଜୀବନ ଓ ରଚନାକୁ ଆଧାର କରି ପରିକଳ୍ପିତ। ଏହି ଉପନ୍ୟାସ ରଚନାର ପ୍ରେରଣା ସେ ନିଜ ପିତାଙ୍କଠାରୁ ପାଇଥିବା କଥା 'ପ୍ରାକ୍‌କଥନ'ରେ କହିଛନ୍ତି। ଉପନ୍ୟାସଟି ସମ୍ପର୍କରେ ଲେଖକଙ୍କର ବକ୍ତବ୍ୟ: "କବି ତାଙ୍କ ଜୀବନକଥା ବା ବୃତ୍ତାନ୍ତ ଲେଖି ନାହାନ୍ତି, ଯାହା କେତେ ଧାଡ଼ି ରହିଛି, ତାହା ତାଙ୍କ ପରଲୋକର ମାତ୍ର ୩ ବର୍ଷ ପୂର୍ବରୁ ରଚିତ 'ସ୍ତୁତି ଚିନ୍ତାମଣି' କବିତା ସଂକଳନରେ ରହିଛି- ଯାହାର ବହୁ ପୂର୍ବରୁ ତାଙ୍କ ଗୁରୁଙ୍କର ପରଲୋକ ହୋଇଯାଇଛି। ସେହି କେତୋଟି 'ବୋଲି'ର ଅଳ୍ପ କେତୋଟି ପଦ ହିଁ ଆମ ପାଇଁ ତାଙ୍କ ଜୀବନ ଚରିତ। ବାକି ସବୁ କବିଙ୍କ ମୃତ୍ୟୁପରେ ବର୍ଣ୍ଣିତ ଜନଶ୍ରୁତି ଆଧାରରେ ଲିଖିତ। ଗଢ଼ିଉଠିଛି ଅନେକ କିମ୍ବଦନ୍ତୀ- ତାଙ୍କ ସପକ୍ଷରେ କମ୍, ବିପକ୍ଷରେ ବେଶି। ଏଇ ଚରିତ ଉପନ୍ୟାସରେ ମୁଁ ଯଥାସମ୍ଭବ କିମ୍ବଦନ୍ତୀଗୁଡ଼ିକୁ ବାଦ ଦେଇଛି ବା ସାମାନ୍ୟ ସୂଚନା ପ୍ରାୟ ବ୍ୟବହାର କରିଛି।" ଏହି ଉଲ୍ଲେଖକୁ ସ୍ମରଣରେ ରଖି ପାଠିକାପାଠକମାନଙ୍କୁ ଉପନ୍ୟାସଟି ପଢ଼ିବାକୁ ହେବ। ଭୀମ ଭୋଇଙ୍କ ସ୍ୱରଚିତ ଗୀତ, ଭଜନ, ଜଣାଣ ଓ ତତ୍ତ୍ୱବଖାଣକୁ ଆଧାର କରି ଲେଖକ କାହାଣୀ କଥନ ଭଙ୍ଗୀରେ କହିଚାଲିଛନ୍ତି କବି ଚରିତ ; ତାହା ପୁଣି ମିଥ୍ୟା ନୁହେଁ, ସତ୍ୟ ଆଧାରିତ। ଭୀମ ଭୋଇଙ୍କ ଆବିର୍ଭାବରୁ ବ୍ରହ୍ମଲୀନ ପର୍ଯ୍ୟନ୍ତ ବୃତ୍ତାନ୍ତ ରୂପ ଘେନିଛି ଉପନ୍ୟାସରେ। ଏହା ଉପନ୍ୟାସ ନା ଗଦ୍ୟରେ ଲେଖା ହେଇଥିବା କବିତା ? - ଏପରି ଏକ ଅନୁଭବ ବହିଟି ପଢ଼ିସାରିଲା ପରେ ଅନୁଭୂତ ହୁଏ। ଭୀମ ଭୋଇଙ୍କ ୧୭୫ତମ ଜନ୍ମବର୍ଷ ଓ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରୂପ ନେବାର ଶତବର୍ଷରେ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସର ପରିପ୍ରକାଶ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ।

### ଆଦ୍ୟାକ୍ଷର





**କବି:** ତ୍ରିଲୋଚନ ବେହେରା
**ପ୍ରକାଶକ:** ଅନୁପମା ମିଡିଆ ହାଉସ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ମୋଟ ୭୩ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ। ଆରମ୍ଭରେ "ନିଜ କଥା ଦି'ପଦ" ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି ତାଙ୍କ କବିତା ରଚନାର ଆରମ୍ଭ ଓ କ୍ରମ ପରିଣତ ଦିନଗୁଡ଼ିକର କଥା। ଜୀବନର ନାନା ଘାତ ପ୍ରତିଘାତ, ସଫଳତା ବିଫଳତା ଆଦି ମଧ୍ୟ ଦେଇ ତାଙ୍କ କବି ହେଇ ଉଠିବାର ଅନୁଭୂତି ସେ ବଖାଣିଛନ୍ତି। କବି ଆଶୁତୋଷ ପରିଡ଼ା ଲେଖିଛନ୍ତି ବହିର ପ୍ରଚ୍ଛଦଲେଖ ଓ କହିଛନ୍ତି: "କାବ୍ୟ ରଚନା ପାଇଁ ଯେକୌଣସି ଉଚ୍ଚଶିକ୍ଷା ଅପରିହାର୍ଯ୍ୟ ନୁହେଁ, ଏହା କବି ତ୍ରିଲୋଚନ ବେହେରା ପ୍ରମାଣିତ କରିଛନ୍ତି ନିଜ କବିତା ମାଧ୍ୟମରେ। ନିଜ ଜୀବନର ଦୁଃଖ, ହତାଶା ଓ ବିଡ଼ମ୍ବନାକୁ ସେ ଭୋଗିଛନ୍ତି x x ଏସବୁ ଅନୁଭବ ଖୁବ୍ ମର୍ମସ୍ପର୍ଶୀ ଭାଷାରେ ତାଙ୍କ କବିତାରେ ରୂପାୟିତ ହୋଇଛି। x x ସମାଜରେ କାୟା ବିସ୍ତାର କରିଥିବା ଧନ-ଲାଳସା, କ୍ଷମତା- ଆଧିପତ୍ୟ, ଶୋଷଣ ଓ ପ୍ରତାରଣା ବିରୋଧରେ ସେ କେବଳ ପ୍ରତିବାଦ କରିନାହାନ୍ତି, ଅଧିକନ୍ତୁ ବିପ୍ଳବର ଆହ୍ୱାନ ମଧ୍ୟ ଦେଇଛନ୍ତି।" କବିଙ୍କ କବିତାରୁ ଗୋଟିଏ ଯୋଡ଼ିଏ ଉଦାହରଣ ନେବା ତାଙ୍କ କବିତାର ଭାଷା ଓ ଭାବରୂପକୁ ଚିହ୍ନିବା ପାଇଁ: ୧. "ଜୀବନ ଆକାଶରେ/ ମୁଁ ଏକ ଏମିତି ଖଣ୍ଡି କାକର ଯେ/ ନା ଦେଇହୁଏ କାହାକୁ ଟିକେ ବୋଲି ଭିଜାପଣ/ ନା କାହାର ହେଇପାରିଲି ଏ ଯାଏ/ ଆସ୍ଥାର ଭାଜନ ?" (ଖଣ୍ଡି କାକର, ପୃ: ୧୩୪), ୨. "ତୁମ ମନକୁ ଛୁଇଁଲା ଭଳି ଗାଇପାରିନାହିଁ/ ପଦେହେଲେ ମଧୁଗୀତି/ ବଖାଣି ନାହିଁ ପ୍ରେମ ଗପ/ କିନ୍ତୁ ନିତି ପଢ଼େ ଜୀବନ କବିତା x x କବିତା ଆଉ କ'ଣ କି ?" (ଜଗତେ ମହତ, ପୃ: ୧୮୦)। ବହିର ପୃଷ୍ଠବନ୍ଧ ଲେଖିଛନ୍ତି କବି ଅକ୍ଷୟ ବେହେରା ଏବଂ ତ୍ରିଲୋଚନଙ୍କୁ ସେ 'ସତ୍ୟନିଷ୍ଠ କବି'ର ଆଖ୍ୟା ଦେଇଛନ୍ତି। ମାତ୍ର ସପ୍ତମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିବା ଏହି ଗ୍ରାମୀଣ କବିଙ୍କ କାବ୍ୟ-ସ୍ୱାକ୍ଷର ପାଠିକାପାଠକଙ୍କୁ ବିସ୍ମୟ ଓ ଆନନ୍ଦ ଦେବ ବୋଲି ଆଶା।

## କାଳକାଳକୁ



"ମୋର ଏପରି ଲୋକ ପସନ୍ଦ ନୁହନ୍ତି,
ଯେଉଁମାନେ କେବେ ପତନ ବା
ପ୍ରତାରଣାର ସ୍ୱାଦ ଚାଖିନାହାନ୍ତି।
ଏପରି ଜୀବନର କିଛି ଖାସ୍ ମୂଲ୍ୟ ନାହିଁ।
ଜୀବନ ଏମାନଙ୍କ ନିକଟରେ
ତା'ର ସୌନ୍ଦର୍ଯ୍ୟ ଉନ୍ମୋଚନ କରିନାହିଁ।"
- ବୋରିସ୍ ପାସ୍ତରନାକ୍

**ବୋରିସ୍ ପାସ୍ତରନାକ୍‌ଙ୍କ** ଜନ୍ମ ୧୦ ଫେବୃଆରୀ ୧୮୯୦ରେ ରୁଷ୍‌ର ମସ୍କୋରେ ଓ ପରଲୋକ ୩୦ ମେ ୧୯୬୦ରେ ରୁଷ୍‌ର ପେରେଡେଲକିନୋରେ। ସେ ଏକାଧାରରେ କବି, ଔପନ୍ୟାସିକ ଓ ଅନୁବାଦକ। ୧୯୨୨ରେ ବର୍ଲିନ୍‌ରୁ ପ୍ରକାଶିତ ତାଙ୍କର ପ୍ରଥମ କବିତା ବହି 'My Syster, Life'। ପ୍ରକାଶ ମାତ୍ରେ ବହିଟିକୁ ମିଳେ ସୋଭିଏଟ୍ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କବିତାଗ୍ରନ୍ଥର ମାନ୍ୟତା। ୧୯୫୭ରେ ପ୍ରକାଶ ପାଏ ତାଙ୍କର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ 'Doctor Zhivago' ଇଟାଲିରୁ ଏବଂ ୧୯୫୮ରେ ତାଙ୍କୁ ମିଳେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର, ଯାହା ସୋଭିଏଟ୍ ରୁଷ୍ କମ୍ୟୁନିଷ୍ଟ ପାର୍ଟିର ବିରାଗକୁ ଏଡ଼ାଇବା ପାଇଁ ସେ ଗ୍ରହଣ କରନ୍ତି ନାହିଁ। ମୃତ୍ୟୁ ପରେ ତାଙ୍କ ପୁଅ ୧୯୮୯ରେ ପିତାଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରନ୍ତି। ଗ୍ୟେଟେ ଓ ସେକ୍ସପିୟରଙ୍କ ସାହିତ୍ୟର ସବୁଠୁଁ ଜନପ୍ରିୟ ଅନୁବାଦକ ଏହି ଲେଖକ।

## କବିତା

### ପ୍ରୀତି-ପଦାର୍ଥ

ସୂର୍ଯ୍ୟ ମିଶ୍ର

ଜଳିବା ପାଇଁ ସାରାଜୀବନ,
ସେତକ ଯଥେଷ୍ଟ।

ଛାଇ ଓ ଛତା ମୁକାଳିଦେଲେ
ଗୁଣୁଗୁଣଉଥାଏ ପକ୍ଷୀ ପରି ଛାତି ଭିତରେ,
ମହାକାଳର ସ୍ପନ୍ଦନ ହୋଇ
ହଜାର ଥର ଭାଙ୍ଗେ, ଗଢ଼େ ?

ପାଦ ତଳର ମାଟି ପାଲଟେ ମହିମାନ୍ୱିତ ଆକାଶ ତ
ଦେହର ପଳପଳ ମାଉଁସରୁ ନିଗିଡ଼େ
ମୋକ୍ଷର ଗୋପନ ଆକୁତି।

ଝାଳ, ଲୁହ, ରକ୍ତ, କ୍ରୋଧ, କାରୁଣ୍ୟ, କାମନା
ସବୁରିଙ୍କୁ ଆଉଟି ପାଉଟି
ଶୁଦ୍ଧ ସୁବର୍ଣ୍ଣ ପରି ଠିଆ କରାଏ ସଂସାର,
କରିନିଏ ଅମର।

ନାଇଁ ନାଇଁ ଏଥିରେ ମିଛ ଉତ୍ତାପ
କୁମ୍ଭୀରକାନ୍ଦଣା କି ପ୍ରତାରଣାର ପ୍ରଲେପ
ନିଆଁ, ପବନ, ପାଣି ପରି ଶୋହେ ଶରୀରେ
ଦୋ'ଦୋ'ପାଞ୍ଚ ନ୍ୟାୟରେ
ସମ୍ଭାଳି ହୁଏନି ତା'ର ପ୍ରତାପ।

ନଥାଏ ମୁଖମଣ୍ଡଳ କି ନାଭିମଣ୍ଡଳରେ,
ଦେଖିହୁଏନା, ସେ ଚାହିଁ ରହେ
ସଂସାରଯାକର କୋଳାହଳକୁ,
କାନରେ ଦେଖେ ତ ଆଖିରେ ଶୁଣେ,
ପାପ ପୁଣ୍ୟର ପାଚେରି ହାଣେ।

ଇଙ୍ଗିତେ ତା'ର ଚଳପ୍ରଚଳ
ସାରା ସଂସାର ଅବିରଳ:
ସାଇତି ରଖିବା ସ୍ୱପ୍ନ
ନିହାତି ଜଟିଳ।

- ୧୦୯, ବି ବ୍ଲକ୍, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର
ମୋ: ୬୩୭୧୪୩୫୨୮

### ବାମନ

ଗୌରୀଶଙ୍କର ସାହୁ

ଆଜିଯାଏ ଦେଖିପାରିଲିନି ତାଙ୍କ ତାଳୁରୁ ତଳିପା
ଛୋଟ, ଅତି ଛୋଟ
ଯେମିତି ଅଣୁ, ପରମାଣୁ, ଇଲେକ୍‌ଟ୍ରନ, ଆଲୋକ
ବାମନ ବାପୁଡ଼ା।

ଏଇତ ମାୟା, ମିଛ ଦୁନିଆ
ସତ ନୁହଁ ଗୋଟିପଣେ
ତମେ ଦେଖୁଛ, ଯାହା।

ଆଖି ଆଗରେ ପୃଥିବୀ
ମୁଣ୍ଡ ଉପରେ ଆକାଶ
ବେଶିରେ ବେଶି ଏତିକି ହେବ
ସ୍ରଷ୍ଟାଙ୍କ ସାମ୍ରାଜ୍ୟ
ତାଙ୍କ ରାଜ୍ୟ ତାଙ୍କର ଦେଶ।

ମୋର ବା କ'ଣ ଅଛି ସେଥିରେ
ମୁଁ ଦେହ, ଦେହାତୀତ।
ତିନି ପାଦ ଜମି ଦାନ ଦେବାବେଳେ
ପ୍ରଥମେ ମପାଗଲା ଦୁଇ ପାଦ ଭୂମି
ମୁଣ୍ଡ ଉପରେ ବାମନର ପାଦ
ପାତାଳ ପାଦତଳେ
ଭାଙ୍ଗି ଚୂରମାର୍ ଦୁନିଆର ସବୁ
ଡେଙ୍ଗା ପୁରୁଷ।

ଏବେ ଦେଖାଯାଉଛନ୍ତି ପରିଷ୍କାର
ଆଗରେ, ପଛରେ, ନଭ ମଣ୍ଡଳରେ
ପାଣିରେ, ପାହାଡ଼ ଶିଖରେ
ଈଶ୍ୱର, ସର୍ବବ୍ୟାପୀ- ସର୍ବୋଚ୍ଚ।

ମୋ: ୭୯୭୮୪୨୧୮୩୫

ଗୀତି-କବିତା

### କେହି ତ ଆସୁଛି ଫେରି

ମଞ୍ଜୁଲତା ସିଂହ

ସପନ ବୋଇତ ଭାସି ଭାସି ଆସେ
ପ୍ରୀତିର ବଣିଜ ସାରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବେଳା ବୁକେ କେହି ଗଢ଼େ ନିତି ବସି
ସପନର ବାଲିଘର
ସଜାଇବା ପାଇଁ ସେ ବାଲିଘରକୁ
ଆଣେ କେ ପ୍ରୀତିର ଭାର
କା' ଉଦାସୀ ଆଖି ଚାହିଁଛି ତା' ବାଟ
କେହି ଜଣେ ଆସେ ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବୋଇତରେ ଭରା ପ୍ରୀତିର ସଉଦା
ଆଣିଛି ସେ ମନ ଜାଣି
ସାଗର ସେପାରି ଲବଙ୍ଗ ଦ୍ୱୀପର
ବାସ୍ନା ଦେଉଅଛି ବୁଣି
ଆଞ୍ଜୁଳା ଆଞ୍ଜୁଳା ଅନୁରାଗ ନେଇ
କେହି ତ ଆସୁଛି ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ମୋ: ୮୮୪୭୮୫୨୯୧୭

## କଥାଟିଏ

# କାନ୍ଦୁଥିବା ଝିଅର ଠିକଣା

ଶିବ ମିଶ୍ର

ବେଳ ବୁଡ଼ିନଥିଲା, ବୁଡ଼ିବ ବୁଡ଼ିବ ହେଉଥିଲା। ଚିଲିକାକୂଳର ସେହି ଦୀପ ମୁଣ୍ଡିଆ ତଳେ ଖଣ୍ଡେ ପଥର ଉପରେ ବସିଥିଲି ମୁଁ। କିଛି ଦୂରରେ ଥିବା ଭାଲେରି ପାହାଡ଼ର ମଥାନରେ ମେଲାଣି ନେଉଥିବା ସୂର୍ଯ୍ୟ ତା'ର ଲୋହିତ କିରଣ ପସରା ମେଲି ଦେଇଥିଲା ନୀଳାମ୍ବୁ ଚିଲିକାର ଏ ମୁଣ୍ଡରୁ ସେ ମୁଣ୍ଡ। ମୁଁ ଦେଖୁଥିଲି, କୁନି କୁନି ଲହରିଗୁଡ଼ିକର ମନ ଉଲୁସିଆ ନୃତ୍ୟ। ଅତି ସୁନ୍ଦର ଥିଲା ସେଇ ଦୃଶ୍ୟ। ମନ ଡାକିଲା କବିତାଟିଏ ଲେଖିବା ପାଇଁ। କାନ୍ଧ ଝୁଲାମୁଣିରୁ କାଗଜକଲମ ବାହାରକଲାବେଳକୁ ହଠାତ୍ ଅନ୍ଧାର ଘୋଟିଗଲାଆକାଶରୁ ମାଟିଯାଏଁ। ବଡ଼ ଆଚମ୍ବିତ କଥା! ସଞ୍ଜ ନଇଁ ନାହିଁ, ନିତି ବେଳବୁଡ଼ିବା ପରେ ସେ କାଳର ରାଜା ମହାରାଜାଙ୍କ ଭାଟ ପରି ଯେଉଁ ଗୋଟିକିଆ ତାରାଟି ରାତି ଆସୁଥିବା ଖବର ନେଇ ସବା ଆଗ ଆସୁଥିଲା, ତା'ର ଦେଖାନାହିଁ। ଏମିତି ଅନ୍ଧାର ଘୋଟିଲା କେମିତି! ମୁଁ ଚକିତ ଅବାକ୍ ହୋଇ ଚାହୁଁଥିଲି ଚତୁର୍ଦ୍ଦିଗକୁ। ଏତିକିବେଳେ ଶୁଭିଲା ଜଣେ ମହିଳାର ବିକଳ କାନ୍ଦଣା। ସେଇ ପାଖରେ କୋଉଠି କାନ୍ଦୁଥିଲା ସିଏ।

କିଏ ସେ ମହିଳା, କାହିଁକି କାନ୍ଦୁଛି ଜାଣିବା ପାଇଁ ସେଇ ଶବ୍ଦକୁ ଲକ୍ଷ୍ୟ କରି ମୁଁ ଅନ୍ଧାର ଭିତରେ ସତର୍କରେ ଆଗେଇଲି। ଚାରି ଛଅ ପାହୁଣ୍ଡ ଯିବା ପରେ ଲାଗିଲା ଚିଲିକା ପାଣିରେ ଗୋଡ଼ ରଖି ପନ୍ତା ବାଲିରେ ବସିଥିଲା କିଏ ଜଣେ। ଅନ୍ଧାରରେ ତା'ର ଚେହେରା ସ୍ପଷ୍ଟ ଦେଖାଯାଉ ନ ଥିଲେ ବି ମୁଁ ଅନୁମାନ କରିନେଲି ଯେ, ସିଏ ଜଣେ ଝିଅ। ପଚାରିଲି- ତମେ କାହିଁକି କାନ୍ଦୁଛ? ମୋ' କଥାର ଉତ୍ତର ଦେଲାନି କି କାନ୍ଦ ବନ୍ଦ କଲାନି ସେ ଝିଅ। ମୁଁ ତା' ପାଖକୁ ଯାଇ ପୁଣି ପଚାରିଲି- କ'ଣ ହୋଇଛି ତୁମର ? ସିଏ ଚଟ୍‌କିନା ଠିଆ ହୋଇପଡ଼ି କହିଲା- ମୋର କିଛି ହୋଇନାହିଁ, ଯାହା ହୋଇଛି ତମର ହୋଇଛି। ମୁଁ ପଚାରିଲି- ତମେ ମୋତେ ଜାଣିଛ ? ଚିହ୍ନିଛ ? ଝିଅଟି କହିଲା- ହଁ, ମୁଁ ତମକୁ ଚିହ୍ନିଛି ଆଉ ଜାଣିଛି ଯେ ତମର ଆଖି ଥାଇ ତମେ ଦେଖିପାରୁନ, କାନ ଥାଇ ଶୁଣିପାରୁନ ଆଉ ମୁଣ୍ଡରେ ମଗଜ ଥାଇ ବି କିଛି ବୁଝିପାରୁନ।

ମୁଁ କହିଲି- ତମେ ଏମିତି କ'ଣ କହୁଛ ? ଏଇ ଅନ୍ଧାରରେ ତମ ଚେହେରା ଠିକ୍ ଦେଖାଯାଉ ନ ଥିଲେ ମଧ୍ୟ ମୁଁ ଜାଣିପାରୁଛି ତମେ ଜଣେ ଝିଅ, ମାନେ ତମେ ଜଣେ ଯୁବତୀ। ମୋ' କଥା ଉପରେ କଥା ମଡ଼େଇ ସିଏ କହିଲା- ପୁଣି ତମେ ଜାଣିପାରୁଥିବ ମୁଁ ଖୁବ୍ ସୁନ୍ଦରୀ, ମୋ' ଚେହେରାରେ ଚମକ ଅଛି, ଚାହାଣିରେ ମାଦକତା ଅଛି। ଆହୁରି ବି ଜାଣିପାରୁଥିବ ଯେ, ମୁଁ ହସିଲାବେଳେ ଜେଜୀମା' କାହାଣୀର ସେଇ ରାଜକୁମାରୀ ପରି ମୋ' ଓଠରୁ ଫୁଲ ଝରୁଥିବ।

ମୁଁ କହିଲି- ତମେ ଏ ସବୁ କାହିଁକି କହୁଛ ? ସିଏ କହିଲା- କାହିଁକି କହୁଛି ନା ଆଗରୁ ଯେତେବେଳେ ତମେ ମୋ' ପାଖକୁ ଆସିଛ, ମୋତେ ଦେଖିଛ, ସେତେବେଳେ ଏମିତି କେତେ କ'ଣ ସାଉଁଟିବା ପାଇଁ ମୋ' ଦେହସାରା ତମ ମୁନିଆଁ ନଜର ଘୂରେଇଛ ଆଉ ତମ ମନ ବୋଧ ହୋଇଗଲା ପରେ ମୋ' ପାଖରୁ ଦୂରେଇଯାଇଛ। କିନ୍ତୁ ଯେଉଁମାନେ ତାଙ୍କ ସ୍ୱାର୍ଥର ଶାଣଦିଆ ନଖରେ ମୋ' ଦେହକୁ ବିଦାରି ଖିନ୍‌ଭିନ୍ କରି, ମୋ' ରକ୍ତ ଶୋଷି, ମାଂସ ଝୁଣି, ମୋତେ କଙ୍କାଳସାର, କଦାକାର, ବୀଭତ୍ସ କରିବାରେ ଲାଗିଛନ୍ତି ; ସେମାନଙ୍କୁ ଦେଖିପାରୁନାହିଁ ତମ ଆଖି। ଶୁଣି ପାରୁନାହିଁ ତମ କାନ ମୋର ବୁକୁଫଟା ବିକଳ ଆର୍ତ୍ତନାଦ।

ମୁଁ କହିଲି- ତମେ କ'ଣ କହୁଛ ବୁଝି ହେଉନାହିଁ। ତମେ ପ୍ରଥମେ କୁହ ତମ ନାଁ କ'ଣ ? ତମ ଘର କେଉଁଠି ? ସେ ଝିଅ କିଛି ନ କହି ପୁଣି କାନ୍ଦିବା ଆରମ୍ଭ କରିଦେଲା। ଏଥର ସିଏ ଏତେ ଜୋର୍‌ରେ କାନ୍ଦିଲା ଯେ, ମୋ' ଆଖି ବୁଜି ହୋଇଗଲା। ଟିକିଏ ପଛକୁ ଠେଲି ହୋଇଗଲା ପରି ଲାଗିଲା ମୋତେ।

କ୍ଷଣକ ପରେ ମୋର ମୁଦାଆଖି ଖୋଲିଲା ବେଳକୁ ସେ ଅନ୍ଧାର ରାତି ନ ଥିଲା। ଭାଲେରି ପାହାଡ଼ ଶିଖରରେ ଥାଇ ଅସ୍ତଗାମୀ ସୂର୍ଯ୍ୟ ସେମିତି ବିଞ୍ଚୁଥିଲା ନାରଙ୍ଗୀ ଆଲୁଅ। ଦୀପ ମୁଣ୍ଡିଆ ତଳର ସେଇ ପଥର ଖଣ୍ଡ ଉପରେ ମୁଁ ବସିଥିଲି ସେମିତି ଏକୁଟିଆ। ସେ ଝିଅ ନଥିଲା କି ସେ ଆଖପାଖରେ ଆଉ କେହି ବି ନ ଥିଲେ। କେଜାଣି କୁଆଡ଼େ ଗଲା ସେ ଝିଅ! ମୁଁ ମୁହଁ ଫେରାଇ ଚିଲିକା ଆଡ଼କୁ ଚାହିଁଲାବେଳକୁ ମୋତେ ଲାଗିଲା ସତେ ଯେମିତି ଚିଲିକା କାନ୍ଦୁଥିଲା ସେଇ ଝିଅପରି ବିକଳ କାନ୍ଦଣା। ସେତେବେଳେ ସେଇ ବାଟ ଦେଇ ଯାଉଥିବା ସୁଲୁସୁଲିଆ ପବନ ଟିକିଏ ଅଟକି ଯାଇ ମୋ' କାନ ପାଖରେ କହିଲା- ବୋଧହୁଏ ଏବେ ତୁମକୁ ମିଳି ଯାଇଥିବ ସେଇ କାନ୍ଦୁଥିବା ଝିଅର ଠିକଣା।



- ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

# ଧରିତ୍ରୀ
DHARITRI
ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ Bhubaneswar, Saturday, February 7/ 2026







# ଭାରତ ପ୍ରଥମେ ଆମେରିକାକୁ ଭେଟିବ

ମୁମ୍ବାଇ, ୬।୨ (ପି.ଟି.)

ଆଇସିସି ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ଭାରତ ନିଜର ପ୍ରଥମ ମ୍ୟାଚରେ ଆମେରିକାକୁ ଭେଟିବ। ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବା ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ରହିଛି। ଗ୍ରୁପ୍ 'ଏ'ରେ ଭାରତ ଓ ଆମେରିକା ବ୍ୟତୀତ ନାମିବିଆ, ନେଦରଲାଣ୍ଡ୍ସ ଓ ପାକିସ୍ତାନ ସ୍ଥାନ ପାଇଛି।

୨୦୨୪ରେ ଭାରତ ଚାମ୍ପିୟନ ହେବାବେଳେ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦଳର ସଦସ୍ୟ ଥିଲେ। ଏଥର ଯଦିଓ ଏହି ଦୁଇ ଖେଳାଳି ନାହାନ୍ତି ତେବେ ପ୍ରମୁଖ ଟାଇଟଲ ଦାବିଦାର ରହିଛି ଟିମ୍ ଇଣ୍ଡିଆ। ୨୦୨୪ ପରଠାରୁ ଭାରତ ଓଭରଅଲ୍ ୯ଟି ସିରିଜ ଜିତିଥିବାବେଳେ ଗତବର୍ଷ ଏସିଆ କପ୍ ଚାମ୍ପିୟନ ହୋଇଛି। ୨୦୨୫ରେ ଖରାପ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ଏବେ ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ବିସ୍ଫୋରକ ବ୍ୟାଟିଂ ମାଧ୍ୟମରେ ଇଶାନ କିଶନ ଭାରତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହ ଓପନର ସ୍ଥାନ ଦଖଲ କରିଛନ୍ତି। ଇଶାନଙ୍କ ଓପନିଂ ପାର୍ଟନର ହେବେ ଅନ୍ୟତମ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା। ସୂର୍ଯ୍ୟକୁମାର ଫର୍ମକୁ ଫେରିବା ସହ ମିଡିଲ ଅର୍ଡରରେ ତିଲକ ବର୍ମା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଉପ ଅଧିନାୟକ ଅକ୍ଷର ପଟେଲ ଓ ଶିବମ ଦୁବେଙ୍କୁ ନେଇ ଗଠିତ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ଫିନିଶର ଭୂମିକା ତୁଲାଇବାକୁ ପ୍ରସ୍ତୁତ ଥିବା ଅନ୍ୟତମ ଧୂଆଁଧାର ବ୍ୟାଟର ହେଲେ ରିଙ୍କୁ ସିଂ।

## ଆଜିଠୁ ଟି୨୦ ବିଶ୍ୱକପ୍

ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂ ବିଭାଗର ନେତୃତ୍ୱ ନେବେ। ଇଞ୍ଜୁରି ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ତାଙ୍କ ଯତ୍ନ ନିଆଯାଉଛି। ଅର୍ଶଦୀପ ସିଂ ତାଙ୍କ ସହ ନୂଆବଲ ପାର୍ଟନର ହେବା ଆଶା କରାଯାଉଛି। ଆହତ ସମସ୍ୟା ଦୃଷ୍ଟିରୁ ଅନ୍ୟତମ ଦ୍ରୁତ ବୋଲର ହର୍ଷିତ ରାଣା ଖେଳିବେ ନାହିଁ ବୋଲି ସୂଚନା ମିଳିଛି। ଦଳରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ରୂପରେ ବିଶ୍ୱର ଦୁଇ ଶ୍ରେଷ୍ଠ ସ୍ପିନର ଅଛନ୍ତି। ତେବେ ପିଚ୍ କଣ୍ଡିଶନକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ଏକାଦଶରେ କିଏ ସ୍ଥାନ ପାଇବେ କିମ୍ବା ଦୁଇଜଣ ଖେଳିବେ ତାହା ନିର୍ଭର କରିବ। ଦଳରେ ଶୁବମନ ଗିଲ୍ କିମ୍ବା ଯଶସ୍ୱୀ ଜୟସ୍ୱାଲ ନ ଥିବାରୁ ସଞ୍ଜୁ ସାମସନଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିପାରେ।


ଅଭ୍ୟାସ ଅବସରରେ ଅର୍ଶଦୀପ ସିଂ।

ଆଗାମୀ ମ୍ୟାଚରେ ୟୁଏସ ଜର୍ସି ପରିହିତ କେତେକ ପରିଚିତ ଖେଳାଳିଙ୍କୁ ସମ୍ମୁଖୀନ ହେବେ ସୂର୍ଯ୍ୟକୁମାର। ଏକଦା ସୂର୍ଯ୍ୟକୁମାର ୱାଙ୍ଖେଡେ ଷ୍ଟାଡିୟମରେ ଶୁଭମ୍ ରଞ୍ଜାନେ, ହରମିତ ସିଂ ଓ ସୌରଭ ନେତ୍ରାଭଲକରଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ପଡ଼ିଆ ଓ ପିଚ୍ ସମ୍ପର୍କରେ ଅଭିଜ୍ଞତା ଥିବାରୁ ଏହି ତିନି ଭ୍ରମଣକାରୀ 'ମୁମ୍ବାଇକର'ଙ୍କୁ ଆମେରିକା ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିପାରେ। ଆମେରିକା ବିପକ୍ଷ ମ୍ୟାଚକୁ ଭାରତ ହାଲ୍‌କାଭାବେ ନେଇ ପାରିବନି। କାରଣ ଏହି ଦଳ ଗତବର୍ଷ ଖେଳିଥିବା ୯ ମ୍ୟାଚରୁ ୮ଟି ବିଜୟ ସହ ବିଶ୍ୱକପ ଖେଳିବାକୁ ଆସିଛି। ଶ୍ରୀଲଙ୍କାରେ ଏହି ଦଳ ୩ ସପ୍ତାହଧରି କ୍ୟାମ୍ପ ମଧ୍ୟ କରିଛି। ଅଧିନାୟକ ମୋନାଙ୍କ ପଟେଲ ଦଳର ମୁଖ୍ୟ ବ୍ୟାଟର ହୋଇଥିବାବେଳେ ସାଇତେଜା ମୁକ୍କାମାଲ୍ଲା ଓ ମିଲିନ୍ଦ କୁମାର ତାଙ୍କୁ ସହଯୋଗ କରିବେ। ନେତ୍ରାଭଲକର, ହରମିତ ଓ ରଞ୍ଜାନେ ବୋଲିଂ ବିଭାଗର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୱାଙ୍ଖେଡେ ଷ୍ଟାଡିୟମ ଶର୍ଟ ବାଉଣ୍ଡରି ବିଶିଷ୍ଟ ହୋଇଥିବାରୁ ଭାରତକୁ ହରାଇ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହିବ ଆମେରିକା।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଇଶାନ କିଶନ, ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ।

ଆମେରିକା ଦଳ: ମୋନାଙ୍କ ପଟେଲ (ଅଧିନାୟକ), ଆନ୍ଦ୍ରେସ ଗୋଉସ, ସାଇତେଜା ମୁକ୍କାମାଲ୍ଲା, ଶାୟନ ଜାହାଙ୍ଗୀର, ହରମିତ ସିଂ, ଶୋହାନ ଜୟସୂରିୟା, ସଞ୍ଜୀୟ କ୍ରିଷ୍ଣାମୂର୍ତ୍ତୀ, ମିଲିନ୍ଦ କୁମାର, ମହମ୍ମଦ ମୋହସିନ, ଶୁଭମ ରଞ୍ଜାନେ, ଶେଡଲେ ଭାନ୍ ଶାଲକୱିକ, ଅଲି ଖାଁ, ଯଶଦୀପ ସିଂ, ନୋସ୍ଥୁଶ କେଞ୍ଜିଗେ, ସୌରଭ ନେତ୍ରାଭଲକର।

### ଆଜିର ମ୍ୟାଚ

**ପାକିସ୍ତାନ ବନାମ ନେଦରଲାଣ୍ଡ୍ସ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**ୱେଷ୍ଟଇଣ୍ଡିଜ ବନାମ ସ୍କଟଲାଣ୍ଡ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଆମେରିକା**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ହର୍ଷିତ ରାଣା

ମୁମ୍ବାଇ, ୬।୨ (ପି.ଟି.)

ଏକ ଏକ ଅଭ୍ୟାସ ମ୍ୟାଚରେ ଆଣ୍ଠୁରେ ଆଘାତ ଲାଗିଥିବାରୁ ଭାରତର ଯୁବ ସ୍ୱିଡଷ୍ଟର ହର୍ଷିତ ରାଣା ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ମଅପ୍ ଗେମ୍‌ରେ ମାତ୍ର ଗୋଟିଏ ଓଭର ବୋଲିଂ କରିପାରିଥିଲେ ଏବଂ ୧୬ ରନ ଦେଇଥିଲେ। ସେ ଆଣ୍ଠୁରେ ଆଘାତପାଇ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ହର୍ଷିତଙ୍କର ୯ଟି ଅନ୍ତର୍ଜାତୀୟ ଦିନିକିଆରେ ୧୦.୬୦ ଇକୋନୋମି ରେଟ୍ ରହିଛି। ତାଙ୍କ ସ୍ଥାନରେ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି। ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୂଚନା ଦେଇଥିଲେ ଯେ, ହର୍ଷିତ ଟୁର୍ନାମେଣ୍ଟ ସମୟରେ ଆଘାତଜନିତ ସମସ୍ୟାରୁ ମୁକୁଳିବା ଭଳି ମନେ ହେଉ ନାହାନ୍ତି। ହର୍ଷିତଙ୍କର ଯଦିଓ ପ୍ରଥମ ଏକାଦଶରେ ସ୍ଥାନ ପାଇବା ଗ୍ୟାରେଣ୍ଟି ନ ଥିଲା କେତେକ କଣ୍ଡିଶନରେ ତାଙ୍କର ଆବଶ୍ୟକତା ରହିଥାଏ। ତାଙ୍କ ସ୍ଥାନ ପୂରଣ ଲାଗି ଦୌଡ଼ରେ ସିରାଜଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ରହିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ